# ଧରିତ୍ରୀ
DHARITRI

ବାଲେଶ୍ୱର, ଶନିବାର, ଜୁନ୍ ୧/୨୦୧୯ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Balasore, Saturday, June 1/2019 | (Career & Appointment) | ★★★★

୪୫ଶ ଭାଗ ୧୮୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




## ମାର୍ଟିକ ଚତୁର୍ଥ ରାଉଣ୍ଡରେ

ଦ୍ୱିତୀୟ ସିଡ୍ କାରୋଲିନା ପ୍ଲିସ୍‌କୋଭାଙ୍କୁ ହରାଇ କ୍ରୋଏସିଆର ପେଟ୍ରା ମାର୍ଟିକ ଫ୍ରେଞ୍ଚ୍ ଓପନ୍ ଟେନିସ ମହିଳା ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

୧୫

୦୨

## ଭିନ୍ନ ଅବତାରରେ ସାୟାନୀ

ଅଭିନେତ୍ରୀ ସାୟାନୀ ଗୁପ୍ତା ଅନୁଭବ ସିହ୍ନାଙ୍କ 'ଆର୍ଟିକିଲ୍ ୧୫'ରେ ଏକ ଭିନ୍ନ ଅବତାରରେ ଦେଖିବାକୁ ମିଳିବେ।








■ କେନ୍ଦ୍ର କ୍ୟାବିନେଟ୍‌ର ଦାୟିତ୍ୱ ବଣ୍ଟନ

# ଶାହଙ୍କୁ ସ୍ୱରାଷ୍ଟ୍ର, ରାଜନାଥଙ୍କୁ ପ୍ରତିରକ୍ଷା

**ନୂଆଦିଲ୍ଲୀ,୩୧।୫(ଆଇଏଏନ୍ଏସ୍)**

ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ଦ୍ୱିତୀୟ ପାଳି ଆରମ୍ଭ ହେବା ପରେ କେନ୍ଦ୍ର କ୍ୟାବିନେଟ ସଦସ୍ୟଙ୍କୁ ଶୁକ୍ରବାର ଦାୟିତ୍ୱ ବଣ୍ଟନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଶପଥ ନେଇଥିବା ସମସ୍ତ ୫୭ ମନ୍ତ୍ରୀଙ୍କୁ ସେମାନଙ୍କ ଦକ୍ଷତା ଅନୁସାରେ ଭିନ୍ନ ଭିନ୍ନ ଦାୟିତ୍ୱ ଦିଆଯାଇଛି। ମୋଦିଙ୍କ ଘନିଷ୍ଠତମ ସହଯୋଗୀ ଅମିତ ଶାହଙ୍କୁ କ୍ୟାବିନେଟରେ ୨ ନମ୍ବର ସ୍ଥାନ ମିଳିଛି। ତାଙ୍କ ତଳକୁ ରହିଛନ୍ତି ରାଜନାଥ ସିଂ ଓ ନିର୍ମଳା ସୀତାରାମନ୍। ମନ୍ତ୍ରିମଣ୍ଡଳରେ ପ୍ରଥମ ଥର ପାଇଁ ସାମିଲ ହୋଇଥିବା ଶାହଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମିଳିଥିବାବେଳେ ପୂର୍ବରୁ ଏହି ଦାୟିତ୍ୱରେ ଥିବା ରାଜନାଥଙ୍କୁ ଏଥର ପ୍ରତିରକ୍ଷା ମନ୍ତ୍ରଣାଳୟର ଭାର ଦିଆଯାଇଛି। ସେହିପରି ଏନ୍‌ଡିଏ-୧ରେ ପ୍ରତିରକ୍ଷା ମନ୍ତ୍ରୀ ଥିବା ସୀତାରାମନ୍ ଏହି କ୍ୟାବିନେଟରେ ଅର୍ଥମନ୍ତ୍ରୀ ଭାବେ ସ୍ଥାନ ପାଇଛନ୍ତି।

ସାଧାରଣ ନିର୍ବାଚନରେ ଏନ୍‌ଡିଏ ବିପୁଳ ବିଜୟ ସହ ପୁନର୍ବାର କ୍ଷମତାକୁ ଫେରିବା ପରେ ଗୁରୁବାର ରାତିରେ ପ୍ରଧାନମନ୍ତ୍ରୀଙ୍କ ସହ ୨୪ କ୍ୟାବିନେଟ, ୯ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଏବଂ ୨୪ ରାଷ୍ଟ୍ରମନ୍ତ୍ରୀଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ପ୍ରଧାନମନ୍ତ୍ରୀଙ୍କ ପରାମର୍ଶକ୍ରମେ ଶୁକ୍ରବାର କ୍ୟାବିନେଟର ସମସ୍ତ ସଦସ୍ୟଙ୍କୁ ମନ୍ତ୍ରଣାଳୟର ଦାୟିତ୍ୱ ବଣ୍ଟନ କରାଯାଇଥିବା ରାଷ୍ଟ୍ରପତି ଭବନ ପକ୍ଷରୁ ସୂଚନା ଦିଆଯାଇଛି। କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ ସହ ଅଣୁ ଶକ୍ତି ଓ ମହାକାଶ ବିଭାଗ ଭଳି ସମ୍ବେଦନଶୀଳ ମନ୍ତ୍ରଣାଳୟ ପ୍ରଧାନମନ୍ତ୍ରୀଙ୍କ ନିକଟରେ ରହିଛି। ନିର୍ବାଚନରେ ଭାଜପା ୩୦୩ ଆସନ ଦଖଲ କରିବାରେ ସକ୍ଷମ ହୋଇଥିବାରୁ ଏହାର ଶ୍ରେୟ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କୁ ଦିଆଯିବା ସହ ତାଙ୍କୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଦାୟିତ୍ୱ ପ୍ରଦାନ କରାଯାଇଛି। ବିଦାୟୀ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କୁ ଏଥର କ୍ୟାବିନେଟରେ ହାଇପ୍ରୋଫାଇଲ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ଦିଆଯାଇଛି। ପୂର୍ବରୁ ଏହି ଦାୟିତ୍ୱରେ ଥିବା ନିର୍ମଳା ସୀତାରାମନ୍‌ଙ୍କୁ ନୂଆ କ୍ୟାବିନେଟରେ ଅର୍ଥ ଓ କମ୍ପାନୀ ବ୍ୟାପାର ମନ୍ତ୍ରୀ କରାଯାଇଛି। ସେହିପରି ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବହିର୍ବ୍ୟାପାର ମନ୍ତ୍ରଣାଳୟର ଦାୟିତ୍ୱ ସୁବ୍ରମଣ୍ୟମ୍ ☞ପୃଷ୍ଠା-୪

### କାହାକୁ କ'ଣ

- ସୀତାରାମନ୍‌ଙ୍କୁ ଅର୍ଥ ମନ୍ତ୍ରଣାଳୟ
- ଏସ୍. ଜୟଶଙ୍କର ପାଇଲେ ବହିର୍ବ୍ୟାପାର
- ଧର୍ମେନ୍ଦ୍ର ପେଟ୍ରୋଲିୟମ୍, ଗଡ଼କରୀ ସଡ଼କ ଓ ପରିବହନ ମନ୍ତ୍ରଣାଳୟ ବଜାୟ ରଖିଲେ
- ପ୍ରତାପଙ୍କୁ ଏମ୍‌ଏସ୍‌ଏମ୍‌ଇ ସହ ପ୍ରାଣୀ ସମ୍ପଦ ଓ ଦୁଗ୍ଧ ଉତ୍ପାଦନ ସ୍ୱାଧୀନ ଦାୟିତ୍ୱ

### ପ୍ରଧାନମନ୍ତ୍ରୀଙ୍କ ଅଧୀନରେ



ନରେନ୍ଦ୍ର ମୋଦି

କାର୍ମିକ, ସାଧାରଣ ଅଭିଯୋଗ ଓ ପେନସନ; ଆଣବିକ ଶକ୍ତି; ମହାକାଶ; ସମସ୍ତ ଗୁରୁତ୍ୱପୂର୍ଣ୍ଣ ନୀତି ପ୍ରସଙ୍ଗ; କାହାରିକୁ ଦିଆଯାଇ ନ ଥିବା ଅନ୍ୟ ମନ୍ତ୍ରଣାଳୟ

ରାଷ୍ଟ୍ରମନ୍ତ୍ରୀଙ୍କ ମନ୍ତ୍ରଣାଳୟ ତାଲିକା: ପୃଷ୍ଠା-୪

### କ୍ୟାବିନେଟ ମନ୍ତ୍ରୀ: କାହାକୁ କେଉଁ ମନ୍ତ୍ରଣାଳୟ





### ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


### ଆଜିର ସମ୍ପାଦକୀୟ

ଚୁପ୍ ରହିବାର ଆଦେଶ

### ଆଜିର ମନ୍ତବ୍ୟ

" ବିହାରରେ କୌଣସି ବ୍ୟକ୍ତିଙ୍କ ନାମରେ ଏନ୍‌ଡିଏକୁ ଲୋକେ ଭୋଟ ଦେଇନାହାନ୍ତି। ଏନେଇ କେହି ଭ୍ରମରେ ପଡ଼ିବା ଅନୁଚିତ।

-ନୀତୀଶ କୁମାର, ଜେଡିୟୁ ମୁଖ୍ୟ

### କିଛି ତଥ୍ୟ

ଚଳିତ ବର୍ଷ ଏପ୍ରିଲରେ ଦେଶର କୋର ସେକ୍ଟର ଉଦ୍ୟୋଗଗୁଡ଼ିକର ଅଭିବୃଦ୍ଧି ହ୍ରାସ ଘଟି ୨.୬% ରହିଛି।

-ସରକାରୀ ତଥ୍ୟ


NECC NATIONAL EGG CO-ORDINATION COMMITTEE | 31.05.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 89 | 144 | 154 |
| CTC | 89 | 144 | 154 |
| DKL | 87 | 141 | 151 |
| BDK | 89 | 144 | 154 |
| BLS | 89 | 144 | 154 |
| ANG | 87 | 141 | 151 |

*Conditions Apply

Eggs Retail Price- 39/-Dozen
Issued in the Interest of Consumers


# ୧୭ରୁ ବଜେଟ ଅଧିବେଶନ

**ନୂଆଦିଲ୍ଲୀ,୩୧।୫(ପି.ଟି.)**



- ୧୯ରେ ବାଚସ୍ପତି ନିର୍ବାଚନ
- ଜୁଲାଇ ୫ରେ କେନ୍ଦ୍ର ବଜେଟ

ସପ୍ତଦଶ ଲୋକ ସଭାର ପ୍ରଥମ ଅଧିବେଶନ ତଥା ବଜେଟ ଅଧିବେଶନ ଜୁନ୍ ୧୭ରୁ ଆରମ୍ଭ ହୋଇ ଜୁଲାଇ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପାର୍ଲାମେଣ୍ଟର ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ। ମାନେକା ଗାନ୍ଧୀଙ୍କୁ ଗୁରୁବାର ଲୋକ ସଭାର କାମଚଳା ବାଚସ୍ପତି ନିଯୁକ୍ତ କରାଯାଇଛି। ସେ ନବନିର୍ବାଚିତ ଏମ୍‌ପିମାନଙ୍କୁ ଶପଥ ପାଠ କରାଇବେ। ଜୁନ୍ ୧୯ରେ ବାଚସ୍ପତି ନିର୍ବାଚନ ହେବ। ବାଚସ୍ପତି ନିଯୁକ୍ତ ହେବା ପରେ ଉଭୟ ଗୃହରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଅଣାଯିବ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା ଉପରେ ଉତ୍ତର ରଖିବେ। ଜୁଲାଇ ୫ରେ ଅର୍ଥମନ୍ତ୍ରୀ ଲୋକ ସଭାରେ ବଜେଟ ଉପସ୍ଥାପନ କରିବେ। ଲୋକ ସଭା ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏନ୍‌ଡିଏ) ୩୫୨ ଆସନରେ ବିଜୟୀ ହୋଇ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତାର ସହ କ୍ଷମତାକୁ ଫେରିଥିବାବେଳେ ଭାଜପା ଏକାକୀ ୩୦୩ ଆସନ ହାତେଇଛି। ପ୍ରଧାନମନ୍ତ୍ରୀ ମୋଦି ହେଉଛନ୍ତି ପ୍ରଥମ ଭାଜପା ନେତା ଯିଏ କି ସରକାରରେ ୫ ବର୍ଷ କାର୍ଯ୍ୟକାଳ ପୂରଣ କରି କ୍ରମାଗତ ଭାବେ ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ହୋଇଛନ୍ତି। ପୂର୍ବରୁ ୩ ଜଣ କଂଗ୍ରେସ ନେତା ଜବାହରଲାଲ ନେହେରୁ, ଇନ୍ଦିରା ଗାନ୍ଧୀ ଏବଂ ମନମୋହନ ସିଂଙ୍କୁ ଏହି ସଫଳତା ମିଳିଥିଲା।

# କଟୁରିରେ ହାଣି ସ୍ତ୍ରୀଙ୍କୁ ହତ୍ୟା

**ଭୋଗରାଇ, ୩୧।୫(ଡି.ଏନ.ଏ.)**

### ଜେଲ୍ ଗଲେ ସ୍ୱାମୀ



ବାଲେଶ୍ୱର ଜିଲା କମର୍ଦ୍ଦା ଥାନା କମର୍ଦ୍ଦା ଡାକବଙ୍ଗଳାଠାରେ ଗୁରୁବାର ମଧ୍ୟରାତ୍ରିରେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଗୋଡ଼େଇ ଗୋଡ଼େଇ ଧାରୁଆ କଟୁରୀରେ ବାରମ୍ବାର ଚୋଟ ମାରି ହତ୍ୟା କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ମହିଳାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରେ ଡାକ୍ତର ମହିଳାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଶୁକ୍ରବାର ପଶ୍ଚିମବଙ୍ଗ ପୂର୍ବମେଦିନୀପୁର ଜିଲା ରାମନଗର ଥାନା ହୀରାପୁର ଗ୍ରାମରୁ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ଜଳେଶ୍ୱର କୋର୍ଟକୁ ପଠାଇଛି। ପୋଲିସ ଏନେଇ ବିଭିନ୍ନ ଦଫାରେ ଏକ ମାମଲା (ନଂ. ୪୭/୧୯) ରୁଜୁ କରିଛି। କୋର୍ଟରେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁଯାୟୀ କମଳାକାନ୍ତ ରଣା (୫୨) ୧୦ବର୍ଷ ହେଲା ସ୍ତ୍ରୀ ଗୌରୀଙ୍କ ସହ କମର୍ଦ୍ଦା ଡାକବଙ୍ଗଳା ବଜାରରେ ଏକ ଭଡ଼ାଘରେ ରହି ଆସୁଥିଲେ। ସେଠାରେ ସେ କଂସାପିତ୍ତଳ ବ୍ୟବସାୟ କରୁଥିଲେ। ଗୁରୁବାର ମଧ୍ୟରାତ୍ରରେ ଦମ୍ପତିଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗିଥିଲା। ପରେ ଏହା ଉଗ୍ରରୂପ ଧାରଣ କରିଥିଲା। କମଳାକାନ୍ତ ଏକ ଧାରୁଆ କଟୁରୀ ଧରି ଗୌରୀଙ୍କୁ ହାଣିବାକୁ ଗୋଡାଇବାରୁ ସେ ପ୍ରାଣ ବିକଳରେ ପାଖରେ ଥିବା ଦୋକାନ ଘରେ ପଶିଯିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ତାଙ୍କ ସ୍ୱାମୀ ପହଞ୍ଚି ଗୌରଙ୍କ ମୁହଁକୁ ବାରମ୍ବାର ଚୋଟ ମାରି ଚାଲିଥିଲେ। ମହିଳାଙ୍କ ଚିତ୍କାର ଶୁଣି ବଜାରବାସୀ ଦୌଡ଼ି ଆସିବାରୁ କମଳାକାନ୍ତ ନିଜ ଦୋକାନ ପଛପଟ ଦେଇ ପଶ୍ଚିମବଙ୍ଗର ନିଜ ଘରକୁ ଚମ୍ପଟ ମାରିଥିଲେ। କମର୍ଦ୍ଦା ପୋଲିସ ଶୁକ୍ରବାର ଭୋର ସମୟରେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ପୋଲିସ ସୂଚନା ଅନୁଯାୟୀ କମଳାକାନ୍ତ ଏକାଧିକ ☞ପୃଷ୍ଠା-୪






ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମିଳିଥିବା ନିର୍ଣ୍ଣାୟକ ଜନାଦେଶ ନୂତନ ଭାରତ ଗଠନ ଲାଗି ଜନସାଧାରଣଙ୍କ ଆହ୍ୱାନ।
-ରାମନାଥ କୋବିନ୍ଦ, ରାଷ୍ଟ୍ରପତି

## ସଂକ୍ଷେପରେ

### ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ

ଶ୍ରୀନଗର, ୩୧।୫ : ଜମ୍ମୁ-କଶ୍ମୀରର ସୋପିଆନ୍ ଜିଲାରେ ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟର୍‌ରେ ୨ ଆତଙ୍କବାଦୀଙ୍କ ସହ ୩ ଜଣ ନିହତ ହୋଇଛନ୍ତି। କୌଣସି ସୂତ୍ରରୁ ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ପାଇଁ ଦକ୍ଷିଣ କଶ୍ମୀରର ଦ୍ରଗାଡ଼ ସୁଗାନ୍ ଅଞ୍ଚଳରେ ସୁରକ୍ଷା କର୍ମୀ କର୍ଡନ କରିବା ସହ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। ଏହି ସମୟରେ ଆତଙ୍କବାଦୀମାନେ ଗୁଳିମାଡ଼ କରିବାରୁ ସୁରକ୍ଷା କର୍ମୀମାନେ ଏହାର ଜବାବ ଦେଇଥିଲେ। ନିହତ ୩ ଜଣଙ୍କ ମଧ୍ୟରୁ ଜଣେ ହିଜ୍‌ବୁଲ୍ ମୁଜାହିଦ୍ଦିନ ଆତଙ୍କବାଦୀ ଗୋଷ୍ଠୀର ସାଜୁ ମାଗ୍ରେ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ମାଗ୍ରେ ବହୁ ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ। ଆତଙ୍କବାଦୀଙ୍କଠାରୁ କେତେକ ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିବା ଜଣାପଡ଼ିଛି।

### ଦୁର୍ଘଟଣାରେ ତେଜ୍‌ପ୍ରତାପ ଆହତ



ପାଟ୍‌ନା, ୩୧।୫ : ଆର୍‌ଜେଡି ସୁପ୍ରିମୋ ଲାଲୁପ୍ରସାଦ ଯାଦବଙ୍କ ପୁଅ ତେଜ୍‌ପ୍ରତାପ ଦୁର୍ଘଟଣାରେ ଆହତ ହୋଇଛନ୍ତି। ମାରୁତି ବ୍ରେଜାରେ ସେ ଦୁଇ ସହଯୋଗୀଙ୍କ ସହ ପାଟ୍‌ନା ଇକୋ ପାର୍କ ନିକଟରେ ଯାଉଥିବାବେଳେ ଏକ କାର୍ ସହ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଦୁଇଟିଯାକ ଗାଡ଼ି ଭାଙ୍ଗିଯାଇଥିବା ବେଳେ ତେଜ୍‌ପ୍ରତାପଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଛି। ଅନ୍ୟ କାର୍‌ରେ ଥିବା ୪ ଜଣ ମଧ୍ୟ ଗୁରୁତର ହୋଇଥିବା ପ୍ରକାଶ। ସମସ୍ତ ଆହତଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି।

### ଅମେଠିରେ ଭାଜପା କର୍ମୀଙ୍କୁ ହତ୍ୟା: ମୁଖ୍ୟ ଅଭିଯୁକ୍ତ ଅଟକ

ଅମେଠି, ୩୧।୫ : ଉତ୍ତରପ୍ରଦେଶର ଅମେଠି ଏମ୍‌ପି ସ୍ମୃତି ଇରାନୀଙ୍କ ସହଯୋଗୀଙ୍କୁ ହତ୍ୟା କରାଯିବା ଘଟଣାରେ ପୋଲିସ ଶୁକ୍ରବାର ମୁଖ୍ୟ ଅଭିଯୁକ୍ତ ୱାସିମ୍‌ଙ୍କୁ ଅଟକ ରଖିଛି। ୱାସିମ୍‌ଙ୍କୁ ମିଶାଇ ଏହି ହତ୍ୟାକାଣ୍ଡ ମାମଲାରେ ସମସ୍ତ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଭାଜପା କର୍ମୀ ସୁରେନ୍ଦ୍ର ସିଂଙ୍କୁ ହତ୍ୟା କରିବା ଅଭିଯୋଗରେ ଏହି ୫ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ୫ ଅଭିଯୁକ୍ତଙ୍କ ମଧ୍ୟରେ ରାମଚନ୍ଦ୍ର ଜଣେ କଂଗ୍ରେସ ନେତା ବୋଲି ପୋଲିସ କହିଛି।

### [ଇତିହାସର ଆଇନାରେ]

### ଜୁନ୍ ୧ର ପ୍ରମୁଖ ଘଟଣା

୨୦୦୧ ଜୁନ୍ ୧ରେ ନେପାଳ ରାଜପରିବାରରେ ଗଣହତ୍ୟା ଘଟିଥିଲା। ରାଜପୁତ୍ର ଦୀପେନ୍ଦ୍ର ନିଜ ମାତାପିତାଙ୍କ ସମେତ ପରିବାରର ୧୦ ସଦସ୍ୟଙ୍କୁ ଗୁଳିମାରି ହତ୍ୟା କରିଥିଲେ।

୨୦୦୯ ଜୁନ୍ ୧ରେ ଏୟାର ଫ୍ରାନ୍ସ ଫ୍ଲାଇଟ୍ ୪୪୭ ରିଓ ଡି' ଜେନିରୋରୁ ପ୍ୟାରିସ ଯାଉଥିବାବେଳେ ଆଟଲାଣ୍ଟିକ୍ ମହାସାଗରରେ ଖସିପଡ଼ିଥିଲା। ସମସ୍ତ ୨୨୮ ଯାତ୍ରୀ ଏବଂ ବିମାନ କର୍ମଚାରୀ ପ୍ରାଣ ହରାଇଥିଲେ।

## ମୋଦି ୨.୦ କ୍ୟାବିନେଟ୍‌ର ପ୍ରଥମ ନିଷ୍ପତ୍ତି

# କୃଷକ, ବ୍ୟବସାୟୀଙ୍କୁ ମିଳିବ ପେନ୍‌ସନ

ନୂଆଦିଲ୍ଲୀ,୩୧।୫(ପି.ଟି.)

ଦ୍ୱିତୀୟ ପାଳି ଏନ୍‌ଡିଏ ସରକାରର ପ୍ରଥମ କ୍ୟାବିନେଟ ବୈଠକ ଶୁକ୍ରବାର ବସି ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ଅଧିକ ୨ କୋଟି ଚାଷୀଙ୍କୁ ସାମିଲ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ଏହି ଯୋଜନାରେ ବର୍ଷକୁ ୬୦୦୦ ଟଙ୍କା ହିତାଧିକାରୀ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବ। ଗ୍ରାମାଞ୍ଚଳରେ ଲୋକଙ୍କ କ୍ରୟଶକ୍ତି ବୃଦ୍ଧି ଲାଗି ପିଏମ୍ କିଷାନ ଯୋଜନା ପରିସର ବୃଦ୍ଧି ଲାଗି ନିଷ୍ପତ୍ତି ନିଆଯାଇଛି। ଫଳରେ ୨୦୧୯-୨୦ ଆର୍ଥିକ ବର୍ଷରେ ସରକାରଙ୍କୁ ୮୭,୨୧୭.୫୦ କୋଟି ଟଙ୍କା ବ୍ୟୟ କରିବାକୁ ପଡିବ। ପୂର୍ବ ସରକାର ଏହି ଯୋଜନାରେ ବାର୍ଷିକ ୭୫,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରିଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ବୈଠକ ବସି ସବୁ କୃଷକଙ୍କୁ ପିଏମ୍-କିଷାନ ଯୋଜନାରେ ସାମିଲ କରିବା ଲାଗି ନିଷ୍ପତ୍ତି ହୋଇଥିବାରୁ ପାଖାପାଖି ୧୪.୫ କୋଟି କୃଷକ ଏଥିରୁ ଉପକୃତ ହୋଇପାରିବେ ବୋଲି କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମର ଗଣମାଧ୍ୟମକୁ ସୂଚାଇଛନ୍ତି। ଏହା ବ୍ୟତୀତ ଦେଶର ଚାଷୀ, କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ପେନ୍‌ସନ ଯୋଗାଇଦେବା ପ୍ରସ୍ତାବକୁ ମଧ୍ୟ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ଏଥିପାଇଁ ଆଗାମୀ ୩ ବର୍ଷରେ ସରକାର ୧୦,୭୭୪.୫ କୋଟି ଟଙ୍କା ବ୍ୟୟ କରିବେ। ଏଭଳି ନିଷ୍ପତ୍ତି ଫଳରେ କୃଷି ସେକ୍ଟରରେ ଦେଖାଦେଇଥିବା ସଙ୍କଟ ଦୂର ହୋଇପାରିବ। ଦେଶର ଜିଡିପିରେ ଗୁରୁତ୍ୱପୂର୍ଣ୍ଣ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଅବଦାନ ୨୦୧୮-୧୯ ଆର୍ଥିକ ବର୍ଷରେ ହ୍ରାସ ପାଇଥିଲା। ନୂଆ କ୍ୟାବିନେଟ ନିଷ୍ପତ୍ତିକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ପଦକ୍ଷେପ କଠିନ ପରିଶ୍ରମ କରୁଥିବା ଦେଶର କୃଷକ ଏବଂ ଉଦ୍ୟମୀ ବ୍ୟବସାୟୀମାନଙ୍କ ଲାଗି ସହାୟକ ହେବ। ଜନତା ପ୍ରଥମେ ଓ ସବୁବେଳେ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି।



ପ୍ରଥମ କ୍ୟାବିନେଟ ବୈଠକ ଶେଷ ହେବାପରେ ନବନିଯୁକ୍ତ କେନ୍ଦ୍ରମନ୍ତ୍ରୀ ଅମିତ ଶାହ, ରାଜନାଥ ସିଂ ଓ ନୀତିନ୍ ଗଡ଼କରୀ

**ପିଏମ୍ କିଷାନ ଯୋଜନାରେ ଅଧିକ ୨ କୋଟି ଚାଷୀ ସାମିଲ ହେବେ**

## କରମ୍‌ବୀର ସିଂ ନୌସେନା ମୁଖ୍ୟ

ନୂଆଦିଲ୍ଲୀ, ୩୧।୫



ଦେଶର ୨୪ତମ ନୌସେନା ମୁଖ୍ୟଭାବେ ଆଡମିରାଲ୍ କରମବୀର ସିଂ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଡ଼ମିରାଲ୍ ସୁନୀଲ ଲାନ୍‌ବା ଅବସର ନେଲା ପରେ ସେ ଏହି ଗୁରୁଦାୟିତ୍ୱ ତୁଲାଇବେ। ଆଡମିରାଲ୍ ସିଂ ବିଶାଖାପାଟଣାସ୍ଥିତ ମୁଖ୍ୟାଳୟରେ ଇଷ୍ଟର୍ନ ନାଭାଲ୍ କମାଣ୍ଡର ଫ୍ଲାଗ୍ ଅଫିସର କମାଣ୍ଡିଂ-ଇନ୍-ଚିଫ୍‌ଭାବେ କାର୍ଯ୍ୟ କରୁଥିଲେ। ଜଣେ ବରିଷ୍ଠ ନୌସେନା ଅଧିକାରୀ ଓ ପ୍ରଥମ ନୌସେନା ପାଇଲଟ୍‌ଭାବେ ସେ ଜଣାଶୁଣା। ନୌସେନାର ବିଭିନ୍ନ ପଦପଦବୀରେ ସେ କାର୍ଯ୍ୟ କରିଛନ୍ତି।

ତାଙ୍କ ନିଯୁକ୍ତିକୁ ନେଇ ବାଦବିବାଦ ଲାଗି ରହିଥିଲା। ଭାଇସ୍ ଆଡମିରାଲ୍ ବିମଲ୍ ଶର୍ମା ନିଜକୁ ବରିଷ୍ଠ ବୋଲି କହି ତାଙ୍କ ନିଯୁକ୍ତିକୁ ଚ୍ୟାଲେଞ୍ଜ୍ କରିବା ସହ ଆର୍ମଡ୍ ଫୋର୍ସ ଟ୍ରିବ୍ୟୁନାଲ୍(ଏଏଫ୍‌ଟି)ରେ ପିଟିଶନ୍ ଦାଖଲ କରିଥିଲେ।

## ପୂର୍ବତନ ସୈନିକ ପିଲାଙ୍କ ଛାତ୍ରବୃତ୍ତି ବଢ଼ିଲା

ନୂଆଦିଲ୍ଲୀ,୩୧।୫(ପି.ଟି.)

ନରେନ୍ଦ୍ର ମୋଦି ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ଭାବେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ନିଷ୍ପତ୍ତି ସ୍ୱରୂପ ସେନା ଓ ଅର୍ଦ୍ଧସାମରିକ ବାହିନୀର ପରଲୋକଗତ କିମ୍ବା ଅବସରପ୍ରାପ୍ତ ଯବାନଙ୍କ ବିଧବା ଓ ପିଲାମାନଙ୍କ ଛାତ୍ରବୃତ୍ତି ବୃଦ୍ଧି କରିଛନ୍ତି। ଜାତୀୟ ପ୍ରତିରକ୍ଷା ପାଣ୍ଠି (ଏନ୍‌ଡିଏଫ୍)ରୁ ଏହି ଛାତ୍ରବୃତ୍ତି ଯୋଗାଇ ଦିଆଯାଇଥାଏ। ଆତଙ୍କବାଦୀ ଓ ମାଓବାଦୀ ଆକ୍ରମଣରେ ଶହୀଦ ହେଉଥିବା ରାଜ୍ୟ ପୋଲିସ ଅଧିକାରୀମାନଙ୍କ ପିଲାମାନଙ୍କୁ ମଧ୍ୟ ଏଣିକି ଏହି ଛାତ୍ରବୃତ୍ତି ମିଳିପାରିବ। ପୂର୍ବରୁ ଛାତ୍ରଙ୍କୁ ମାସିକ ୨୦୦୦ ଟଙ୍କା ମିଳୁଥିବାବେଳେ ତାହାକୁ ୨୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଛାତ୍ରୀଙ୍କୁ ୨୨୫୦ ବଦଳରେ ମାସିକ ୩୦୦୦ ଟଙ୍କା ମିଳିବ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

## ବିମ୍‌ଷ୍ଟେକ୍ ନେତାଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା

# ସମ୍ପର୍କ ବୃଦ୍ଧି ଉପରେ ଗୁରୁତ୍ୱ

ନୂଆଦିଲ୍ଲୀ,୩୧।୫(ପି.ଟି.)

କେନ୍ଦ୍ର ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ଉତ୍ସବରେ ଯୋଗଦେବାକୁ ଆସିଥିବା ବିମ୍‌ଷ୍ଟେକ୍ (ବେ ଅଫ୍ ବେଙ୍ଗଲ ଇନିସିଏଟିଭ୍ ଫର ମଲ୍ଟି-ସେକ୍ଟରାଲ ଟେକ୍‌ନିକାଲ ଆଣ୍ଡ ଇକୋନୋମିକ୍ କୋଅପରେଶନ) ନେତାମାନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ସେ ଅଲଗା ଅଲଗା ଭାବେ ଶ୍ରୀଲଙ୍କା ରାଷ୍ଟ୍ରପତି ମୈତ୍ରିପାଲ ସିରିସେନା, ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି, ଭୁଟାନ ପ୍ରଧାନମନ୍ତ୍ରୀ ଲୋଟେ ଶେରିଙ୍ଗଙ୍କ ସହ ଆଲୋଚନା କରିବା ଅବସରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମୋଦି ବାଂଲାଦେଶ ରାଷ୍ଟ୍ରପତି ଅବଦୁଲ୍ ହମିଦ ଏବଂ ମରିସସ୍ ପ୍ରଧାନମନ୍ତ୍ରୀ ପ୍ରଭିନ୍ଦ ଜଗନ୍ନାଥଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି।

ଆତଙ୍କବାଦ ଓ ଉଗ୍ରବାଦ ସମଗ୍ର ମାନବଜାତି ପାଇଁ ବିପଦ ସୃଷ୍ଟି କରିଥିବା ମୋଦି ଓ ସିରିସେନା ଉଲ୍ଲେଖ କରିବା ସହ ଦକ୍ଷିଣ ଏସିଆ ଏବଂ ଭାରତ ମହାସାଗର ଅଞ୍ଚଳରେ ଶାନ୍ତି ଓ ନିରାପତ୍ତା ପାଇଁ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ନିବିଡ କରିବା ଲାଗି ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ଶପଥ ଗ୍ରହଣ ଉତ୍ସବରେ ଯୋଗଦେଇଥିବାରୁ ସିରିସେନାଙ୍କୁ ମୋଦି ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ମୋଦି ଓ ମରିସସ୍ ପ୍ରଧାନମନ୍ତ୍ରୀ ଦୁଇ ଦେଶ ତଥା ଭାରତ ମହାସାଗର ଅଞ୍ଚଳରେ ସୁରକ୍ଷା ଓ ବିକାଶ ପାଇଁ ଏକାଠି କାର୍ଯ୍ୟ କରିବାକୁ ସହମତ ହୋଇଥିଲେ। ଉଭୟ ଦେଶର ଜନସାଧାରଣଙ୍କ ମଧ୍ୟରେ ଭ୍ରାତୃତ୍ୱ ଭାବ ବୃଦ୍ଧି କରିବା ସହ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ମଜଭୁତ କରିବା ଉପରେ ମରିସସ୍ ପ୍ରଧାନମନ୍ତ୍ରୀ ଜଗନ୍ନାଥ ନିଜର ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଥିବାରୁ ମୋଦି ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ସେହିପରି ନେପାଳ ସହ ସମ୍ପର୍କକୁ ଆହୁରି ନିବିଡ଼ କରିବା ଲାଗି ଉଭୟ ପ୍ରଧାନମନ୍ତ୍ରୀ ମୋଦି ଏବଂ ଓଲି ସହମତ ହୋଇଥିଲେ। ଭୁଟାନ ପ୍ରଧାନମନ୍ତ୍ରୀ ଶେରିଙ୍ଗଙ୍କ ସହ ଆଲୋଚନା ବେଳେ ପାରମ୍ପରିକ ସମ୍ପର୍କକୁ ମଜଭୁତ କରିବା ଲାଗି ଦୁଇ ନେତା ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ଏହାବ୍ୟତୀତ ମୋଦି କିରଗିଜ ରାଷ୍ଟ୍ରପତି ସୁରୋନବେ ଜିନବେକୋଭ୍‌ଙ୍କ ସହ ମଧ୍ୟ ଆଲୋଚନା କରିଥିଲେ।



ଦ୍ୱିପାକ୍ଷିକ ଆଲୋଚନା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ମରିସସ୍ ପ୍ରତିପକ୍ଷ ପ୍ରଭିନ୍ଦ ଜଗନ୍ନାଥଙ୍କ ସହ ହାଇଦ୍ରାବାଦ୍ ହାଉସ୍‌କୁ ଯାଉଛନ୍ତି।

## ସିସିଏସ୍‌ରେ ଶାହ, ଜୟଶଙ୍କର ନୂଆ ମୁହଁ

ନୂଆଦିଲ୍ଲୀ,୩୧।୫(ପି.ଟି.)

ସବୁଠୁ କ୍ଷମତାଶାଳୀ ନିରାପତ୍ତା ସମ୍ପର୍କିତ କ୍ୟାବିନେଟ କମିଟି (ସିସିଏସ୍)ରେ ଦୁଇ ଜଣ ନୂଆ ମୁହଁଙ୍କୁ ଦେଖିବାକୁ ମିଳିବ। ସେମାନେ ହେଲେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏବଂ କୂଟନୀତିଜ୍ଞ ତଥା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ସିସିଏସ୍ ପ୍ରତିରକ୍ଷା ନୀତି, ଆଭ୍ୟନ୍ତରୀଣ ସୁରକ୍ଷା ସମେତ ଦେଶର ନିରାପତ୍ତା ନିମନ୍ତେ ଚୂଡାନ୍ତ ନିଷ୍ପତ୍ତି ନେଇଥାଏ। ଏହି କମିଟିରେ ପ୍ରଧାନମନ୍ତ୍ରୀଙ୍କ ବ୍ୟତୀତ ପ୍ରତିରକ୍ଷା ମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ, ବହିର୍ବ୍ୟାପାର ମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀ ସଦସ୍ୟ ରହିଥାନ୍ତି। ଶାହ ପ୍ରଥମ ଥର ଲାଗି କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ ହୋଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦାୟିତ୍ୱ ଗ୍ରହଣ କରିଛନ୍ତି।

## ଉତ୍ତର, ଦକ୍ଷିଣ ଭାରତରେ ମୌସୁମୀ ବର୍ଷା ସ୍ୱାଭାବିକଠାରୁ କମ୍ ହେବ

ନୂଆଦିଲ୍ଲୀ,୩୧।୫(ପି.ଟି)

ଏପ୍ରିଲରୁ ଦେଶର ଅଧିକାଂଶ ସହର ତତଲା କଡେଇରେ ପଡି ଛଟପଟ ହେଉଥିବାବେଳେ କେତେକ ସହରର ତାପମାତ୍ରା ୪୮ ଡିଗ୍ରୀ ଛୁଇଁଛି। ଦେଶର ଅଧିକାଂଶ ସହରର ତାପମାତ୍ରା ୪୦ଡିଗ୍ରୀ ଉପରେ ରହୁଥିବା ରେକର୍ଡ କରାଯାଇଛି। ଦେଶରେ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ମୋଟାମୋଟି ମୌସୁମୀ ପ୍ରବାହ ସ୍ୱାଭାବିକ ରହିବ। ଉତ୍ତର ଓ ଦକ୍ଷିଣ ଭାଗରେ ମୌସୁମୀ ବର୍ଷା ସ୍ୱାଭାବିକଠାରୁ କମ୍ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ଏଲ୍-ନିନ୍ୟୋ ମୌସୁମୀ ପ୍ରବାହକୁ ପ୍ରତିହତ କରିବ ବୋଲି ବିଶ୍ୱାସ କରାଯାଉଛି। ତେବେ ବର୍ଷାଋତୁର ଶେଷଭାଗକୁ ଏଭଳି ସ୍ଥିତି ନିଷ୍କ୍ରିୟ ହୋଇପଡିବା ସମ୍ଭାବନା ଅଛି। ମୌସୁମୀ ବାୟୁ ପ୍ରବାହ ଜୁଲାଇରେ ସ୍ୱାଭାବିକଠାରୁ କମ୍ ଏବଂ ଅଗଷ୍ଟରେ ସ୍ୱାଭାବିକ ହୋଇପାରେ।

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଜୁନ୍ ୬ରେ ସ୍ୱାଭାବିକ ସମୟଠାରୁ ୫ ଦିନ ବିଳମ୍ବରେ କେରଳ ଛୁଇଁବା ସମ୍ଭାବନା ଅଛି।



## ଏସ୍. ଜୟଶଙ୍କର: ବହିର୍ବ୍ୟାପାର ସଚିବରୁ ବିଭାଗୀୟ ମନ୍ତ୍ରୀ

ନୂଆଦିଲ୍ଲୀ,୩୧।୫(ପି.ଟି.)

ପୂର୍ବତନ ବୈଦେଶିକ ସଚିବ ଏସ୍. ଜୟଶଙ୍କର ଶୁକ୍ରବାର ଦେଶର ବହିର୍ବ୍ୟାପାର ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜଣେ କୂଟନୀତିଜ୍ଞଙ୍କୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ଦାୟିତ୍ୱ ମିଳିବା ବିରଳ ଘଟଣା। ଚାଇନା ଓ ଆମେରିକା ସହ ଦ୍ୱିପାକ୍ଷିକ ସମ୍ପର୍କ ବଢ଼ାଇବାରେ ବିଶେଷଜ୍ଞ ବିବେଚିତ ହୋଇଥିବା ଜୟଶଙ୍କରଙ୍କର ମନ୍ତ୍ରୀ ଭାବେ ଭୂମିକା କ'ଣ ହେବ, ତାହା ଉପରେ ସମସ୍ତଙ୍କ ନଜର ରହିବ। ବହିର୍ବ୍ୟାପାର ସଚିବ ଭାବେ ଅବସର ଗ୍ରହଣ କରିବାର ୧୬ ମାସ ପରେ ଜୟଶଙ୍କର ଉକ୍ତ ମନ୍ତ୍ରଣାଳୟର ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କ ମନ୍ତ୍ରିତ୍ୱ କାଳରେ ଅନ୍ତର୍ଜାତୀୟ ସ୍ତରରେ ବିଶେଷକରି ଜି-୨୦, ସାଙ୍ଘାଇ ସହଯୋଗ ସଂଗଠନ, ବ୍ରିକ୍ସ ଭଳି ବହୁପାକ୍ଷୀୟ ଫୋରମରେ ଭାରତର ପ୍ରଭାବ ଓ ଗୁରୁତ୍ୱ ବଢ଼ାଇବା ଆଶା କରାଯାଉଛି। ସେହିପରି ଆମେରିକା, ରୁଷିଆ, ଫ୍ରାନ୍ସ, ଜାପାନ, ୟୁରୋପୀୟ ସଂଘ ସମେତ ପଡୋଶୀ ଦେଶଗୁଡିକ ସହ ଭାରତର ବାଣିଜ୍ୟ ଓ ପ୍ରତିରକ୍ଷା ସମ୍ପର୍କ ବଢ଼ାଇବା ତାଙ୍କ ମନ୍ତ୍ରଣାଳୟର ମୁଖ୍ୟ କାର୍ଯ୍ୟ ହେବ। ୨୦୧୭ ଡୋକଲାମ ଘଟଣା ପରେ ଚାଇନା ସହ ବିଗିଡିଯାଇଥିବା ସମ୍ପର୍କକୁ ପୁନର୍ବାର ସଜାଡିବା ଜୟଶଙ୍କରଙ୍କ ପାଇଁ ଅନ୍ୟତମ ଚ୍ୟାଲେଞ୍ଜ ହେବ। ଚାଇନା ନିଜର ଉପସ୍ଥିତି ଓ ପ୍ରଭାବ ବଢ଼ାଇ ଚାଲିଥିବା ଆଫ୍ରିକା ମହାଦେଶ ସହ ସହଯୋଗ ବୃଦ୍ଧି କରିବା ମଧ୍ୟ ଜୟଶଙ୍କରଙ୍କର ଅନ୍ୟ ପ୍ରମୁଖ କାର୍ଯ୍ୟ ହେବ। ଏହାବ୍ୟତୀତ ବହୁପ୍ରତୀକ୍ଷିତ ଜାତିସଂଘ ସୁରକ୍ଷା ପରିଷଦ ଏବଂ ଆଣବିକ ଯୋଗାଣକାରୀ ରାଷ୍ଟ୍ରଗୋଷ୍ଠୀର ସଦସ୍ୟତା ଜୟଶଙ୍କରଙ୍କ ସମୟରେ ମିଳିବା ନେଇ ଆଶା କରାଯାଉଛି।

ଭାରତ-ଆମେରିକା ଆଣବିକ ଚୁକ୍ତିନାମା ପାଇଁ ଗଠିତ ଭାରତୀୟ ଟିମ୍‌ରେ ଜୟଶଙ୍କର ପ୍ରମୁଖ ସଦସ୍ୟ ଥିଲେ। ୨୦୧୫ରେ ବହିର୍ବ୍ୟାପାର ସଚିବ ହେବା ପୂର୍ବରୁ ସେ ଆମେରିକା ଓ ଚାଇନାରେ ଭାରତର ରାଷ୍ଟ୍ରଦୂତ ଥିଲେ। ୧୯୭୭ ବ୍ୟାଚ୍‌ର ଏହି ଆଇଏଫ୍‌ଏସ୍ ଅଫିସର ଲଦାଖ ଡେପସାଙ୍ଗ ଏବଂ ଡୋକଲାମରେ ଭାରତ ଓ ଚାଇନା ସେନା ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସମାଧାନ କରିବା, ବେଜିଂ ସହ ଗୁରୁତ୍ୱପୂର୍ଣ୍ଣ ବୁଝାମଣାକୁ ସଫଳତାର ସହ ପରିଚାଳନା କରିଛନ୍ତି। ଏହା ପୂର୍ବରୁ ସେ ସିଙ୍ଗାପୁରରେ ଭାରତର ଉଚ୍ଚାୟୁକ୍ତ ଏବଂ ଚେକ୍ ଗଣରାଜ୍ୟରେ ରାଷ୍ଟ୍ରଦୂତ ଥିଲେ। ଗତବର୍ଷ ଟାଟା ଗ୍ରୁପ୍ ତାଙ୍କୁ ଅନ୍ତର୍ଜାତୀୟ କର୍ପୋରେଟ ବ୍ୟାପର ଅଧ୍ୟକ୍ଷ ନିଯୁକ୍ତ କରିଥିଲା।



**ଡୋକଲାମ ସମସ୍ୟାକୁ ସଫଳତାର ସହ ପରିଚାଳନା କରିଥିଲେ**




## ସାୟାନୀଙ୍କ ଭିନ୍ନ ଅବତାର

**ମୁମ୍ବାଇ:** ଅଭିନେତ୍ରୀ ସାୟାନୀ ଗୁପ୍ତା ଅନୁଭବ ସିହ୍ନାଙ୍କ 'ଆର୍ଟିକିଲ୍ ୧୫'ରେ ଏକ ଭିନ୍ନ ଅବତାରରେ ଦେଖିବାକୁ ମିଳିବେ। ଏହି ଭୂମିକା ତାଙ୍କ ପାଇଁ ନୂଆ ହୋଇଥିଲେ ହେଁ ଏହାକୁ ଚ୍ୟାଲେଞ୍ଜ୍ ରୂପେ ଗ୍ରହଣ କରିବେ ବୋଲି ସେ କହିଛନ୍ତି। ସାଧାରଣ ସାଲଓ୍ୱାର-ସୁଟ୍ ସହିତ ଖୁବ୍ କମ୍ ମେକ୍-ଅପ୍‌ରେ ଆୟୁଷ୍ମାନ ଖୁରାନାଙ୍କ ସହ ସାୟାନୀ ଅଭିନୟ କରିବେ। ଏ ସମ୍ପର୍କରେ ସେ କହନ୍ତି, ମୁଁ କିଭଳି ଚରିତ୍ରକୁ ଭଲ ପାଏ ତାହାକୁ ନିର୍ଭର କରି ଫିଲ୍ମ ପସନ୍ଦ କରେନାହିଁ। ବରଂ କାହାଣୀ କେତେଦୂର ମୋତେ ଆକର୍ଷଣ କରେ ତାହା ଉପରେ ନିର୍ଭର କରିବାକୁ ପଡିଥାଏ। ଏଥିସହିତ ଅଭିନୟ କରିବା ବେଳେ ପ୍ରତି ଚରିତ୍ରକୁ କିପରି ଜୀବନ୍ତ କରିବାକୁ ହେବ ସେଥିପାଇଁ ଉଦ୍ୟମ କରିଥାଏ। ଅନୁଭବ ସିହ୍ନାଙ୍କ ଦ୍ୱାରା ପ୍ରସ୍ତୁତ ଉକ୍ତ ଫିଲ୍ମ ସମ୍ବିଧାନର ଅନୁଚ୍ଛେଦ ୧୫ ବିଷୟରେ ଜନସାଧାରଣଙ୍କୁ ମନେପକାଇ ଦିଏ। ଧର୍ମ, ଜାତି, ଲିଙ୍ଗ ଏବଂ ଜନ୍ମସ୍ଥାନ ଆଧାରରେ କୌଣସି ବ୍ୟକ୍ତି ପ୍ରତି ପାତରଅନ୍ତର ମନୋଭାବ ପୋଷଣ ନ କରିବା ପାଇଁ ଏଥିରେ ଉଲ୍ଲେଖ ରହିଥିବାବେଳେ ଏହାର ମୂଲ୍ୟବୋଧକୁ ଲୋକେ କିପରି ଭୁଲିଗଲେଣି ତାହା ଉକ୍ତ ଫିଲ୍ମ ସ୍ମରଣ କରାଇଦିଏ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଭିନୟ କରିଛନ୍ତି ମନୋଜ ପାହ୍ୱା, ଇଶା ତଲୱାର, କୁମୁଦ ମିଶ୍ର ଏବଂ ମହମ୍ମଦ ଜିଶାନ୍ ଆୟୁବ। ଏହା ଜୁନ୍ ୨୮ରେ ମୁକ୍ତିଲାଭ କରିବାର ଅଛି।



## ସଂକ୍ଷେପରେ

### ବାଇକ ଧକ୍କାରେ ଜଣେ ମୃତ

**ତାଳଚେର/ବଅଁରପାଳ, ୩୧।୫:** ବାଇକ୍ ଧକ୍କାରେ ତାଳଚେର ବ୍ଲକ ଗୋପାଳପ୍ରସାଦର ମାଗତା ବାରିକ(୬୦)ଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସେ ଘର ସମ୍ମୁଖରେ ଛିଡା ହୋଇଥିବାବେଳେ ଏକ ଦ୍ରୁତଗାମୀ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସେଣ୍ଟ୍ରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ କଲିୟାରୀ ପୋଲିସ ନଂ. ୧୫୫/୧୯ରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ସେହିପରି ବଅଁରପାଳ ଥାନା ବନ୍ଧା ନିକଟରେ ଶୁକ୍ରବାର ସକାଳେ ଅଶୋକ ପ୍ରଧାନ ନାମକ ଜଣେ ଯୁବକ ବାଇକ୍‌ରୁ ପଡି ଗୁରତର ହୋଇଛନ୍ତି।

### ମୋଦିଙ୍କ ମନ୍ତ୍ରିମଣ୍ଡଳ: ପଶ୍ଚିମ ଓଡ଼ିଶାର କାହାରିକୁ ମିଳିଲାନି ମନ୍ତ୍ରୀପଦ

# ପ୍ରଶ୍ନ ଉଠାଇଲା ବିଜେଡି

- ୫ ଏମ୍‌ପିଙ୍କ ମଧ୍ୟରୁ ଜଣଙ୍କୁ ମିଳିଲାନି: ସୁଶାନ୍ତ
- ଏହା ଏକ ସୁସ୍ଥ ପରମ୍ପରା କହିଲେ ଜୁଏଲ
- ଜୁଏଲଙ୍କୁ ଭେଟିଲେ ଧର୍ମେନ୍ଦ୍ର, ପ୍ରତାପ

**ଭୁବନେଶ୍ୱର, ୩୧।୫(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରର ଦ୍ୱିତୀୟ ପାଳି ଆରମ୍ଭ ହୋଇଯାଇଛି। ଗତ ଗୁରୁବାର ମୋଦି ଏବଂ ତାଙ୍କ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କରିଛନ୍ତି। ଏହି ଅବସରରେ ଓଡ଼ିଶାରୁ ଦୁଇଜଣ କେନ୍ଦ୍ରମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ମଧ୍ୟପ୍ରଦେଶରୁ ରାଜ୍ୟ ସଭା ଯାଇଥିବା ଧର୍ମେନ୍ଦ୍ର ପ୍ରଧାନ ମୋଦିଙ୍କ ସରକାରରେ ପୁଣିଥରେ କ୍ୟାବିନେଟ୍ ମନ୍ତ୍ରୀଭାବେ ଶପଥ ଗ୍ରହଣ କରିଛନ୍ତି। ସେହିପରି ବାଲେଶ୍ୱର ଲୋକ ସଭା ଆସନରୁ ପ୍ରଥମ ଥର ଲାଗି ଏମ୍‌ପିଭାବେ ନିର୍ବାଚିତ ହୋଇଥିବା ପ୍ରତାପ ଷଡ଼ଙ୍ଗୀ ମଧ୍ୟ ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ୨୦୧୪ ନିର୍ବାଚନରେ ଓଡ଼ିଶାର ଗୋଟିଏ ଲୋକ ସଭା ଆସନରେ ଭାଜପାକୁ ସଫଳତା ମିଳିଥିବାବେଳେ ଦୁଇଜଣଙ୍କୁ ମୋଦିଙ୍କ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ୍ ପାହ୍ୟା ମିଳିଥିଲା। ମାତ୍ର ଚଳିତ ନିର୍ବାଚନରେ ଭାଜପା ଓଡ଼ିଶାରେ ୮ଟି ଲୋକ ସଭା ଆସନ ହାତେଇଥିବାବେଳେ ଦୁଇଜଣଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରିବା ଏବଂ ଗୋଟିଏ କ୍ୟାବିନେଟ୍ ପାହ୍ୟା ମିଳିବାକୁ ନେଇ ବିଜେଡି ନେତା ପ୍ରଶ୍ନ ଉଠାଇଛନ୍ତି। ମୁଖ୍ୟତଃ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କୁ କ୍ୟାବିନେଟ୍‌ରେ ସାମିଲ କରାଯାଇପାରେ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ଜୁଏଲଙ୍କୁ ଏଥର ମନ୍ତ୍ରୀପଦ ନ ମିଳିବାପରେ ସାଧାରଣରେ ଭିନ୍ନଧରଣର ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପର୍କରେ କହିଛନ୍ତି ଯେ, ଭାଜପା ପଶ୍ଚିମ ଓଡ଼ିଶାର ସମସ୍ତ ୫ଟି ଯାକ ଲୋକ ସଭା ଆସନରେ ବିଜୟୀ ହୋଇଛି। ହେଲେ ଏମାନଙ୍କ ମଧ୍ୟରୁ କାହାରିକୁ ମନ୍ତ୍ରୀ କରାଗଲା ନାହିଁ। ଏହାଦ୍ୱାରା ପଶ୍ଚିମ ଓଡ଼ିଶାବାସୀ ନିରାଶ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିନ୍ତୁ ପଶ୍ଚିମ ଓଡ଼ିଶାରୁ ୬ଜଣଙ୍କୁ ରାଜ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ଦେଇଛନ୍ତି।

ଭାଜପା ରାଜ୍ୟ ପ୍ରଭାରୀ ଅରୁଣ ସିଂ ବିଜେଡି ନେତାଙ୍କ ମତ ଉପରେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି, ଧର୍ମେନ୍ଦ୍ର ପ୍ରଧାନ ପଶ୍ଚିମ ଓଡ଼ିଶାର ବ୍ୟକ୍ତି। ଜୁଏଲଙ୍କୁ ମନ୍ତ୍ରୀ ପଦ ନ ମିଳିବା ନେଇ ଅରୁଣ କହିଛନ୍ତି, ସେ ହେଉଛନ୍ତି ଦଳର ଜଣେ ବରିଷ୍ଠ ନେତା। ତାଙ୍କୁ ଯେଉଁ ଦାୟିତ୍ୱ ମିଳିବ ତାକୁ ଜୁଏଲ ତୁଲାଇବେ ବୋଲି ଅରୁଣ କହିଛନ୍ତି। ଅନ୍ୟପକ୍ଷରେ ଜୁଏଲ କହିଛନ୍ତି ଯେ, ଏଥର ଆମର ୩୦୩ ଏମ୍‌ପି ଜିତିଛନ୍ତି। ସେଥିରୁ ୫୦ଜଣ ମନ୍ତ୍ରୀ ହେବେ। ଏଥର କେତେଜଣ ନୂଆ ଲୋକଙ୍କୁ ସୁଯୋଗ ମିଳିଛି। ଆଉ କେତେଜଣଙ୍କୁ ବାଦ୍ ଦିଆଯାଇଛି। ଗତଥର ସୁଯୋଗ ପାଇଥିଲି। ଏହା ଏକ ସୁସ୍ଥ ପରମ୍ପରା ବୋଲି ସେ କହିଛନ୍ତି।

ଅପରପକ୍ଷରେ ଶୁକ୍ରବାର ରାଜ୍ୟର ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀ ଦିଲ୍ଲୀଠାରେ ଜୁଏଲ ଓରାମ୍‌ଙ୍କୁ ସାକ୍ଷାତ କରିଛନ୍ତି। ଜୁଏଲ ଦୁଇ ମନ୍ତ୍ରୀଙ୍କୁ ମିଠା ଖୁଆଇ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଓଡ଼ିଶାରେ ଆମର ବରିଷ୍ଠତମ ନେତା ହେଉଛନ୍ତି ଜୁଏଲ। ତାଙ୍କ ଆଶୀର୍ବାଦ ପାଇଁ ଆସିଥିଲୁ। ତାଙ୍କ ନେତୃତ୍ୱରେ ରାଜ୍ୟରେ କାମ କରିବୁ। ମନ୍ତ୍ରୀ ପରିଷଦରେ କିଏ ରହିବ ନ ରହିବ ତାହା ପ୍ରଧାନମନ୍ତ୍ରୀଙ୍କ ନିଜସ୍ୱ ବିଚାର। ସରକାରରେ ତାଙ୍କ ବଡ଼ ଭୂମିକା ରହିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଆଜି ବାଚସ୍ପତି ନିର୍ବାଚନ

- ସୂର୍ଯ୍ୟନାରାୟଣ ପାତ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇପାରନ୍ତି
- ଶପଥ ନେଲେ ୧୪୧ ନୂଆ ବିଧାୟକ

**ଭୁବନେଶ୍ୱର,୩୧।୫(ବ୍ୟୁରୋ):** ଷୋଡ଼ଶ ବିଧାନସଭା ପାଇଁ ଶନିବାର ପୂର୍ବାହ୍ନ ୧୧ଟାରେ ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ। ବିଜେଡି ପକ୍ଷରୁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ବାଚସ୍ପତି ପାଇଁ ଦିଗପହଣ୍ଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ନାମ ବିଧାନସଭା ସଚିବ ଶିଶିର ଚନ୍ଦ୍ର ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି। ଅନ୍ୟ କୌଣସି ଦଳ ପକ୍ଷରୁ ବାଚସ୍ପତି ପଦବୀ ପାଇଁ ପ୍ରସ୍ତାବ ଦିଆଯାଇ ନାହିଁ। କୌଣସି ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ବାଚସ୍ପତି ଭାବେ ପାତ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ଏକ ପ୍ରକାର ନିଶ୍ଚିତ। କେବଳ ଔପଚାରିକତା ଦୃଷ୍ଟିରୁ ବିଧାନସଭା ସଚିବାଳୟ ପକ୍ଷରୁ ବାଚସ୍ପତିଙ୍କ ନାମ ଘୋଷଣା କରାଯିବ। ବାଚସ୍ପତି ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ କାମଚଳା ବାଚସ୍ପତି ଅମର ଶତପଥୀ ଦାୟିତ୍ୱ ତୁଲାଇବେ।

ଦୁଇଦିନ ଧରି ବିଧାନସଭାରେ ନବନିର୍ବାଚିତ ବିଧାୟକମାନଙ୍କ ଶପଥ ପାଠ କାର୍ଯ୍ୟକ୍ରମ ଚାଲିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ୧୪୧ ବିଧାୟକ ଶପଥ ଗ୍ରହଣ କରି ସାରିଛନ୍ତି। ଗୁରୁବାର ୧୦୬ ବିଧାୟକ ଶପଥ ପାଠ କରିଥିବା ବେଳେ ଶୁକ୍ରବାର ୩୫ଜଣ ଶପଥ ନେଇଛନ୍ତି। ଅନ୍ୟ ୫ ବିଧାୟକ ଶନିବାର ଶପଥ ନେବେ ବୋଲି ଜଣାପଡ଼ିଛି।

# କେନ୍ଦୁପତ୍ର ଗୋଦାମ ପୋଡ଼ିଲେ ମାଓବାଦୀ

**ଚନ୍ଦାହାଣ୍ଡି, ୩୧।୫ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧୀନ ଦେଓବନ୍ଧସ୍ଥିତ କେନ୍ଦୁପତ୍ର ଗୋଦାମକୁ ଗୁରୁବାର ବିଳମ୍ବିତ ରାତିରେ ମାଓବାଦୀମାନେ ନିଆଁ ଲଗାଇ ଦେଇଛନ୍ତି । ଏଥିଯୋଗୁ ପ୍ରାୟ ୨ କୋଟି ଟଙ୍କାର କେନ୍ଦୁପତ୍ର ପୋଡ଼ି ପାଉଁଶ ହୋଇଯାଇଛି । ଜିଲା କେନ୍ଦୁପତ୍ର ବିଭାଗ ତରଫରୁ ଏହି ସୂଚନା ଦିଆଯାଇଛି।

**ପ୍ରାୟ ୨ କୋଟି ଟଙ୍କାର ପତ୍ର ନଷ୍ଟ**

ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ୩୦ରୁ ଊର୍ଦ୍ଧ୍ୱ ସଶସ୍ତ୍ର ମାଓବାଦୀ ଦେଓବନ୍ଧ କେନ୍ଦୁପତ୍ର ଗୋଦାମକୁ ଯାଇଥିଲେ। ପାଖାପାଖି ୨୦ରୁ ଊର୍ଦ୍ଧ୍ୱ ମାଓବାଦୀ କେନ୍ଦୁପତ୍ର ଗୋଦାମ ପାଚେରି ଚତୁଃପାର୍ଶ୍ୱରେ ଜଗି ରହିଥିବା ବେଳେ ୧୦ ମାଓବାଦୀ ଗୋଦାମ ଭିତରେ ପ୍ରବେଶ କରିଥିଲେ। ଗୋଦାମ ସମ୍ମୁଖରେ ଥିବା କାର୍ଯ୍ୟାଳୟରେ ପହଞ୍ଚି କବାଟ ବାଡେଇଥିଲେ। ଚନ୍ଦାହାଣ୍ଡି କେନ୍ଦୁପତ୍ର ବିଭାଗର ଗାର୍ଡ କୃଷ୍ଣ ଚନ୍ଦ୍ର ପୂଜାରୀ, ଦଣ୍ଡାମୁଣ୍ଡା ଫରେଷ୍ଟର ସନ୍ତୋଷ କୁମାର ଶିରା ଓ ରାତ୍ର ଜଗୁଆଳି ଘାସିରାମ ପୁର୍ତ୍ତି ବାହାରକୁ ଆସିଥିଲେ। ମାଓବାଦୀମାନେ ସେମାନଙ୍କୁ ଦୂରକୁ ଡାକିନେଇ ହିନ୍ଦୀ ଭାଷାରେ କଥା ହୋଇଥିଲେ। ଆମ୍ଭେ ତୁମ୍ଭମାନଙ୍କର କିଛି କରିବୁ ନାହିଁ, ତୁମର ଠିକାଦାର କିଏ ଓ କେଉଁଠି ରହୁଛି ବୋଲି ପଚାରିଥିଲେ। ଠିକାଦାର ଏଠି ରହୁ ନାହାନ୍ତି କହିବାରୁ ସେମାନେ କେନ୍ଦୁପତ୍ର ଗୋଦାମର ଚାବି ମାଗିଥିଲେ। ଚାବି ଆମପାଖରେ ନାହିଁ ବୋଲି ସଂପୃକ୍ତ କର୍ମଚାରୀମାନେ କହିଥିଲେ। ଏହା ପରେ ମାଓବାଦୀମାନେ ଗୋଦାମର ତାଲା ଭାଙ୍ଗି ନିଆଁ ଲଗାଇଦେଇଥିବା ଉକ୍ତ କର୍ମଚାରୀମାନେ ପ୍ରକାଶ କରିଛନ୍ତି। ମାଓବାଦୀମାନେ ଚାଲିଯିବା ପରେ କର୍ମଚାରୀମାନେ ରେଞ୍ଜର ଚକ୍ରଧର ରାଜୁଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ସେ ପୋଲିସ ଏବଂ ବିଏସ୍ଏଫ୍‌ଙ୍କୁ ଖବର ଦେଇଥିଲେ। ଦମକଳ ବାହିନୀ ରାତି ପ୍ରାୟ ୨ଟାରୁ ନିଆଁ ଲିଭାଇବା କାର୍ଯ୍ୟ ଆରମ୍ଭ କରିଥିଲେ । ଶୁକ୍ରବାର ଅପରାହ୍ନ ପର୍ଯ୍ୟନ୍ତ ନିଆଁ ଲିଭା ଚାଲିଥିଲା । ଉକ୍ତ ଗୋଦାମର ୯ଟି ଗୃହରେ ୨୦୧୭ ମସିହାର ୧୫୭୫ ବସ୍ତା ପତ୍ର ରହିଥିଲା। ଚଳିତ ବର୍ଷର କେନ୍ଦୁପତ୍ର ମିଶି ମୋଟ ୧ କୋଟି ୯୧ ଲକ୍ଷ ୧୫ ହଜାର ଟଙ୍କାର ପତ୍ର ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହେଇଯାଇଛି। ଚନ୍ଦାହାଣ୍ଡି ଥାନା ଅଧିକାରୀ ବି.ଏମ୍. ସେଠୀ ଓ ବିଏସ୍ଏଫ୍ ଯବାନ ଘଟଣାର ତଦନ୍ତ କରୁଛନ୍ତି। ସନ୍ତୋଷ କୁମାର ଶୀରା ଏ ସମ୍ପର୍କରେ ଚନ୍ଦାହାଣ୍ଡି ଥାନାରେ ଏତଲା ଦେଇଛନ୍ତି। ଥାନାରେ ନଂ. ୪୬/୧୯ରେ ମାମଲା ରୁଜୁ ହୋଇଛି। ଇନ୍ଦାଗାଁଓ ମାଓବାଦୀ ଏରିଆ କମିଟି ମୁଖ୍ୟ ଲଳିତା ଓ ତାଙ୍କ ସହକର୍ମୀମାନେ ଏହା କରିଥିବା ଉମରକୋଟ ଏସ୍‌ଡିପିଓ ହରେକୃଷ୍ଣ ପାଢୀ ସୂଚନା ଦେଇଛନ୍ତି। ଚନ୍ଦାହାଣ୍ଡି ବ୍ଲକରେ ଘଟଣାଟି ପ୍ରଥମ ଥର ପାଇଁ ହୋଇଥିବାରୁ ଲୋକେ ଭୟଭୀତ ହୋଇପଡିଛନ୍ତି।



ଗୋଦାମରେ ଲାଗିଥିବା ନିଆଁ ଅଗ୍ନିଶମ କର୍ମଚାରୀ ଲିଭାଉଛନ୍ତି।

### କଣ୍ଟାବାଞ୍ଜି ବିଧାନସଭା ଫଳାଫଳକୁ ନେଇ ହାଇକୋର୍ଟରେ ମାମଲା

# ପୋଲିଂଠାରୁ ଇଭିଏମ୍‌ରୁ ବାହାରିଛି ଅଧିକ ଭୋଟ

**କଟକ ଅଫିସ, ୩୧।୫**

ଇଭିଏମ୍‌ର ସ୍ୱଚ୍ଛତାକୁ ନେଇ ପୁଣି ପ୍ରଶ୍ନବାଚୀ। ପୋଲିଂଠାରୁ ୮,୬୬୬ ଖଣ୍ଡ ଅଧିକ ଭୋଟ ଇଭିଏମ୍‌ରୁ ବାହାରିଛି। ଇଭିଏମ୍‌କୁ ନେଇ ଯେଉଁ ବିବାଦ ଲାଗି ରହିଛି ସେଥିରେ ଆଉ ଏକ ଅଧ୍ୟାୟ ଯୋଡି ହୋଇଯାଇଛି ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଧାନସଭା ଆସନର ଫଳାଫଳକୁ ନେଇ। ଉକ୍ତ ନିର୍ବାଚନମଣ୍ଡଳୀର ଭୋଟର ଭୁବନାନନ୍ଦ ମହାନ୍ତ ଓ ରୂପେଶ କୁମାର ବେହେରା କଣ୍ଟାବାଞ୍ଜି ଆସନର ଫଳାଫଳକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି। ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ପାଇଁ ଆବେଦନକାରୀ ପିଟିଶନରେ କୋର୍ଟଙ୍କୁ ନିବେଦନ କରିଛନ୍ତି। ପିଟିଶନରେ ସେମାନେ ଦର୍ଶାଇଛନ୍ତି, କଣ୍ଟାବାଞ୍ଜି ଆସନରେ ମୋଟ ୧ ଲକ୍ଷ ୮୨ହଜାର ୪୧୧ ଖଣ୍ଡ ଭୋଟ ପୋଲିଂ ହୋଇଥିଲା। କିନ୍ତୁ ଭୋଟ ଗଣତିରୁ ଇଭିଏମ୍‌ରୁ ୧ ଲକ୍ଷ ୯୧ହଜାର ୭୭ ଖଣ୍ଡ ଭୋଟ ବାହାରିଛି। ସମୁଦାୟ ପୋଲିଂ ଓ ଗଣତିରୁ ଯେଉଁ ଭୋଟ ବାହାରିଛି ସେଥିରେ ତାଳମେଳ ରହୁନାହିଁ। ତେଣୁ ପୋଲିଂଠାରୁ ଅଧିକ ୮,୬୬୬ ଭୋଟ ଇଭିଏମ୍ ଟାମ୍ପରିଂ କରାଯାଇ ଦିଆଯାଇଥିବା ଆବେଦନକାରୀ କୋର୍ଟଙ୍କୁ ଦର୍ଶାଇଥିଲେ। ଏପରି କି ଏହାର ସିବିଆଇ ଯାଞ୍ଚ ପାଇଁ ମଧ୍ୟ ସେମାନେ ନିବେଦନ କରିଛନ୍ତି। ମାମଲାରେ ଭାରତୀୟ ନିର୍ବାଚନ କମିଶନ, ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ସ୍ଥାନୀୟ ରିଟର୍ନିଂ ଅଫିସରଙ୍କୁ ପକ୍ଷଭୁକ୍ତ କରାଯାଇଛି। ସୂଚନାଥାଉ କି, କଣ୍ଟାବାଞ୍ଜି ଆସନରୁ କଂଗ୍ରେସ ପ୍ରାର୍ଥୀ ସନ୍ତୋଷ ସିଂ ସାଲୁଜା ମାତ୍ର ୧୨୮ ଖଣ୍ଡ ଭୋଟରେ ଭାଜପା ପ୍ରାର୍ଥୀ ଲକ୍ଷ୍ମଣ ବାଗଙ୍କୁ ପରାସ୍ତ କରି ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି।



ଧରିତ୍ରୀ
DHARITRI
ଶନିବାର, ୧ ଜୁନ୍, ୨୦୧୯



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଲାଡ୍‌ଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

## କଟୁରିରେ ହାଣି...

ମହିଳାଙ୍କୁ ବିବାହ କରିଛନ୍ତି। ଗତବର୍ଷ ତାଙ୍କର ଜଣେ ସ୍ତ୍ରୀ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ବେଳେ ଅନ୍ୟ ଜଣେ ସ୍ତ୍ରୀଙ୍କ ମାନସିକ ସ୍ଥିତି ଠିକ୍ ନାହିଁ। ନିଜ ଘରେ କମଳାକାନ୍ତଙ୍କ ଆଉ ଜଣେ ସ୍ତ୍ରୀ ରହିଥିବା ପୋଲିସ କହିଛି। ସେ ଗୌରୀଙ୍କୁ ୬ମାସ ହେଲା ବିବାହ କରିଥିଲେ। ପୋଲିସ ତଦନ୍ତ ଜାରି ରଖିଛି। ମୃତା ମହିଳାଙ୍କ ବାପଘର କେଉଁଠି ତାହା ଜଣାପଡିନାହିଁ।

## ଶାହଙ୍କୁ ସ୍ୱରାଷ୍ଟ୍ର...

ଜୟଶଙ୍କରଙ୍କୁ ନ୍ୟସ୍ତ କରାଯାଇଛି। ବୈଦେଶିକ ନୀତି ଓ କୂଟନୀତି କ୍ଷେତ୍ରରେ ପୂର୍ବତନ ବହିର୍ବ୍ୟାପାର ସଚିବ ଜୟଶଙ୍କରଙ୍କ ବିଶେଷ ଅଭିଜ୍ଞତା ଥିବାରୁ ତାଙ୍କୁ ଏହି ମନ୍ତ୍ରଣାଳୟ ମିଳିଥିବା କୁହାଯାଉଛି। କାମିକା ମନ୍ତ୍ରୀ ଭାବେ ଜଣାଶୁଣା ନୀତିନ୍ ଗଡ଼କରୀଙ୍କୁ ତାଙ୍କର ପୂର୍ବ ସଡ଼କ, ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟରେ ଅବସ୍ଥାପିତ କରାଯାଇଛି। ଏଥିସହ ତାଙ୍କୁ ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ମନ୍ତ୍ରୀ ମଧ୍ୟ କରାଯାଇଛି। ହାଇପ୍ରୋଫାଇଲ ଆସନ ଅମେଠିରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ହରାଇଥିବା ସ୍ମୃତି ଇରାନୀଙ୍କୁ ମହିଳା ଓ ଶିଶୁ ବିକାଶ ସହ ବୟନଶିଳ୍ପ ମନ୍ତ୍ରଣାଳୟ ଦାୟିତ୍ୱ ଦିଆଯାଇ ପୁରସ୍କୃତ କରାଯାଇଛି। ମୋଦିଙ୍କ ପୂର୍ବ କ୍ୟାବିନେଟରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର ଦାୟିତ୍ୱ ସମ୍ଭାଳିଥିବା ଡି.ଭି. ସଦାନନ୍ଦ ଗୌଡ଼ାଙ୍କୁ ନବଗଠିତ ମନ୍ତ୍ରିମଣ୍ଡଳରେ ରସାୟନ ଓ ସାର ମନ୍ତ୍ରୀ କରାଯାଇଛି। ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ଅଧ୍ୟକ୍ଷ ରାମବିଳାସ ପାଶ୍ୱାନଙ୍କୁ ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟରେ ପୁନଃ ଅବସ୍ଥାପିତ କରାଯାଇଛି। ଅନୁରୂପ ଭାବେ ଖାଦ୍ୟ ପ୍ରକ୍ରିୟାକରଣ ଓ ଶିଳ୍ପ ମନ୍ତ୍ରଣାଳୟର ଦାୟିତ୍ୱ ପୂର୍ବବତ ଶିରୋମଣି ଅକାଳୀ ଦଳ (ଏସ୍‌ଏଡି)ର ହର୍‌ସିମ୍‌ରତ୍ କୌର ବାଦଲଙ୍କୁ ଦିଆଯାଇଛି। ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ ଥାୱରଚନ୍ଦ ଗେହଲଟଙ୍କୁ ମଧ୍ୟ ତାଙ୍କର ପୂର୍ବ ମନ୍ତ୍ରଣାଳୟରେ ପୁନର୍ବାର ଦାୟିତ୍ୱ ତୁଲାଇବାର ସୁଯୋଗ ମିଳିଛି। ନରେନ୍ଦ୍ର ସିଂ ତୋମରଙ୍କୁ କୃଷି ଓ ଗ୍ରାମୀଣ ବିକାଶ ସହ ପଞ୍ଚାୟତିରାଜ ମନ୍ତ୍ରଣାଳୟର ଗୁରୁଦାୟିତ୍ୱ ଦିଆଯାଇଛି। ଲୋକ ସଭାକୁ ପ୍ରଥମଥର ପାଇଁ ନିର୍ବାଚିତ ହୋଇଥିବା ମୋଦି କ୍ୟାବିନେଟର ଅନ୍ୟତମ ପ୍ରମୁଖ ସଦସ୍ୟ ରବିଶଙ୍କର ପ୍ରସାଦଙ୍କୁ ଏଥର ମଧ୍ୟ ଆଇନ ଓ ନ୍ୟାୟ ସହିତ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କରାଯାଇଛି। ଦେଶରେ ଶିକ୍ଷା କ୍ଷେତ୍ରରେ ବିକାଶର ଧାରାକୁ ବଜାୟ ରଖିବା ଲାଗି ପ୍ରଧାନମନ୍ତ୍ରୀ ମୋଦି ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ରମେଶ ପୋଖରିୟାଲ୍ 'ନିଶଙ୍କ'ଙ୍କ ଉପରେ ଭରସା କରି ମାନବ ସମ୍ବଳ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର ଦାୟିତ୍ୱ ନ୍ୟସ୍ତ କରିଛନ୍ତି।

କ୍ୟାବିନେଟରେ ନୂଆକରି ସ୍ଥାନ ପାଇଥିବା ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ମିଳିଥିବାବେଳେ ମନ୍ତ୍ରିମଣ୍ଡଳର ପୂର୍ବତନ ସଦସ୍ୟ ଡକ୍ଟର ହର୍ଷବର୍ଦ୍ଧନଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସହ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସହିତ ଭୂବିଜ୍ଞାନ ବିଭାଗ ମିଳିଛି। ଏନ୍‌ଡିଏ-୧ରେ ସୁଚାରୁ ରୂପେ ଦାୟିତ୍ୱ ତୁଲାଇ କାର୍ଯ୍ୟଦକ୍ଷତାର ପ୍ରମାଣ ଦେଇଥିବା ଅନ୍ୟ ୩ ମନ୍ତ୍ରୀ ହେଲେ ପ୍ରକାଶ ଜାଭଡେକର, ପୀୟୂଷ ଗୋୟଲ ଓ ଧର୍ମେନ୍ଦ୍ର ପ୍ରଧାନ। ଜାଭଡେକରଙ୍କୁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ସହ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟରେ ଅବସ୍ଥାପିତ କରାଯାଇଛି। ସେହିପରି ରେଳମନ୍ତ୍ରୀ ଗୋୟଲଙ୍କୁ ରେଳ ସହ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟର ଦାୟିତ୍ୱ ଦିଆଯାଇଛି। ଧର୍ମେନ୍ଦ୍ର ମଧ୍ୟ ପୂର୍ବ ଭଳି ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ସହିତ ନୂଆକରି ଇସ୍ପାତ ମନ୍ତ୍ରଣାଳୟର ଦାୟିତ୍ୱ ପାଇଛନ୍ତି। ଭାଜପାର ପ୍ରମୁଖ ମୁସଲିମ୍ ଚେହେରା ମୁଖ୍‌ତାର ଅବାସ୍ ନକ୍‌ଭୀଙ୍କୁ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟର କ୍ୟାବିନେଟ ମନ୍ତ୍ରୀ କରାଯାଇଛି। ଦଳର ଅଗ୍ନିବର୍ଷୀ ହିନ୍ଦୁତ୍ୱବାଦୀ ବିବାଦୀୟ ନେତା ଗିରିରାଜ ସିଂଙ୍କୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରଣାଳୟର ଦାୟିତ୍ୱ ବହନ କରିବାକୁ କୁହାଯାଇଛି। କ୍ୟାବିନେଟରେ ପ୍ରଥମଥର ସାମିଲ ହୋଇଥିବା ପ୍ରହ୍ଲାଦ ଜୋଷୀଙ୍କୁ ସଂସଦୀୟ ବ୍ୟାପାର, କୋଇଲା ଓ ଖଣି ମନ୍ତ୍ରଣାଳୟ ଦିଆଯାଇଥିବାବେଳେ ଡକ୍ଟର ମହେନ୍ଦ୍ରନାଥ ପାଣ୍ଡେଙ୍କ ଭାଗରେ ପଡ଼ିଛି ଦକ୍ଷତା ବିକାଶ ଓ ଔଦ୍ୟୋଗିକ ମନ୍ତ୍ରଣାଳୟ। ସେହିପରି ଶିବସେନା ଏମ୍‌ପି ଅରବିନ୍ଦ ଗଣପତ ସାୱନ୍ତଙ୍କୁ ଭାରି ଶିଳ୍ପ, ସାଧାରଣ ଉଦ୍ୟୋଗ ଏବଂ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ପୁଅ ବୈଭବଙ୍କୁ ହରାଇଥିବା ଯୋଧପୁର ଏମ୍‌ପି ଗଜେନ୍ଦ୍ର ସିଂ ଶେଖାୱତ୍‌ଙ୍କୁ ନବଗଠିତ ଜଳ ଶକ୍ତି ମନ୍ତ୍ରଣାଳୟର ଦାୟିତ୍ୱ ଦିଆଯାଇଛି।

ଅନୁରୂପ ଭାବେ ବିଭିନ୍ନ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଦାୟିତ୍ୱ ପାଇଥିବା ମନ୍ତ୍ରୀଙ୍କ ମଧ୍ୟରେ ଅଛନ୍ତି ସନ୍ତୋଷ ଗଙ୍ଗୱାର, ରାଓ ଇନ୍ଦ୍ରଜିତ୍ ସିଂ, ଶ୍ରୀପଦ ୟେଶୋ ନାଏକ, ଡକ୍ଟର ଜିତେନ୍ଦ୍ର ସିଂ, କିରେନ୍ ରିଜିଜୁ, ପ୍ରହ୍ଲାଦ ସିଂ ପଟେଲ, ରାଜକୁମାର ସିଂ, ହରଦୀପ ସିଂ ପୁରୀ ଓ ମନ୍‌ସୁଖ୍ ଏଲ୍. ମାଣ୍ଡବୀୟ। ଗଙ୍ଗୱାରଙ୍କୁ ଶ୍ରମ ଓ ନିୟୋଜନ, ଇନ୍ଦ୍ରଜିତଙ୍କୁ ପରିସଂଖ୍ୟାନ ସହ ଯୋଜନା, ଶ୍ରୀପଦଙ୍କୁ ଆୟୁର୍ବେଦ, ଯୋଗ ଓ ପ୍ରାକୃତିକ ଚିକିତ୍ସା, ୟୁନାନି ସହ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ମିଳିଛି। ସେହିପରି ଜିତେନ୍ଦ୍ର ଉତ୍ତର-ପୂର୍ବାଞ୍ଚଳ ବିକାଶ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ), ପେନ୍‌ସନ ଓ ସାଧାରଣ ଅଭିଯୋଗ, ଅଣୁ ଶକ୍ତି ଓ ମହାକାଶ ବିଭାଗର ଭାର ବହନ କରିଥିବାବେଳେ କିରେନ୍ ରିଜିଜୁଙ୍କୁ ମିଳିଛି କ୍ରୀଡ଼ା ଓ ଯୁବବ୍ୟାପାର ସହ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟର ସ୍ୱାଧୀନ ଦାୟିତ୍ୱ। ପ୍ରହ୍ଲାଦ ସଂସ୍କୃତି ଓ ପର୍ଯ୍ୟଟନ, ରାଜକୁମାର ଶକ୍ତି ଓ ନବୀକରଣୀୟ ଶକ୍ତି, ଦକ୍ଷତା ବିକାଶ ମନ୍ତ୍ରଣାଳୟର ଦାୟିତ୍ୱ ବହନ କରିଥିବାବେଳେ ପୁରୀଙ୍କୁ ମିଳିଛି ଗୃହ ନିର୍ମାଣ, ସହରାଞ୍ଚଳ ବିକାଶ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ। ମାଣ୍ଡବୀୟଙ୍କୁ ରସାୟନ ଓ ସାର ସହିତ ଜାହାଜ ଚଳାଚଳ ମନ୍ତ୍ରଣାଳୟର ସ୍ୱାଧୀନ ଦାୟିତ୍ୱ ପ୍ରଦାନ କରିଛନ୍ତି ମୋଦି।

୨୪ ରାଷ୍ଟ୍ରମନ୍ତ୍ରୀଙ୍କ ମଧ୍ୟରୁ ପ୍ରମୁଖ ଦାୟିତ୍ୱରେ ଥିବା ସଦସ୍ୟ ହେଲେ ଫଗନ୍‌ସିଂ କୁଲସ୍ତେ (ଇସ୍ପାତ), ଅଶ୍ୱିନୀ କୁମାର ଚୌବେ (ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ), ଅର୍ଜୁନରାମ ମେଘୱାଲ (ସଂସଦୀୟ ବ୍ୟାପାର, ଭାରି ଶିଳ୍ପ ଓ ସାଧାରଣ ଉଦ୍ୟୋଗ), ଭି.କେ. ସିଂ (ସଡ଼କ, ପରିବହନ ଓ ରାଜପଥ), କ୍ରିଷନ ଲାଲ (ସାମାଜିକ ନ୍ୟାୟ ଓ ସଶକ୍ତୀକରଣ), ଜି. କିଷନ ରେଡ୍ଡୀ (ସ୍ୱରାଷ୍ଟ୍ର), ରାମଦାସ ଅଠାୱଲେ (ସାମାଜିକ ନ୍ୟାୟ ଓ ସଶକ୍ତୀକରଣ), ନିରଞ୍ଜନ ଜ୍ୟୋତି (ଗ୍ରାମାଞ୍ଚଳ ବିକାଶ) ଏବଂ ବାବୁଲ ସୁପ୍ରିୟୋ (ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ)। ଅନ୍ୟ ରାଷ୍ଟ୍ରମନ୍ତ୍ରୀମାନେ ହେଲେ ପ୍ରତାପ ଷଡ଼ଙ୍ଗୀ (ଏମ୍‌ଏସ୍‌ଏମ୍‌ଇ, ପ୍ରାଣୀ ସମ୍ପଦ, ଦୁଗ୍ଧ ଉତ୍ପାଦନ ଓ ମତ୍ସ୍ୟ ପାଳନ), ଅନୁରାଗ ସିଂ ଠାକୁର (ଅର୍ଥ, କମ୍ପାନୀ ବ୍ୟାପାର), ଅଙ୍ଗାଡ଼ି ସୁରେଶ ଚାନ୍ନାବାସପ୍ପା (ରେଳ) ଏବଂ ନିତ୍ୟାନନ୍ଦ ରାୟ (ସ୍ୱରାଷ୍ଟ୍ର)। ମିଳିଥିବା ସୂଚନାନୁସାରେ ନୂଆ ଦାୟିତ୍ୱ ମିଳିବା ପରେ କେତେଜଣ ମନ୍ତ୍ରୀ ପ୍ରଥମ ଦିନରେ ନିଜ ଦାୟିତ୍ୱ ସମ୍ଭାଳିଛନ୍ତି। ମୋଦି କ୍ୟାବିନେଟର ଏହି ସଦସ୍ୟମାନେ ନିଜ ପାରଦର୍ଶିତା ବଳରେ ଜନସାଧାରଣ ଓ ସରକାରଙ୍କ କେତେ ପ୍ରିୟଭାଜନ ହୋଇପାରୁଛନ୍ତି ତାହା ଆଗାମୀ ଦିନରେ ସେମାନଙ୍କ ପ୍ରଦର୍ଶନରୁ ଜଣାପଡ଼ିବ ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡ଼ଙ୍ଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ)

| | |
|---|---|
| ୧- ସନ୍ତୋଷ କୁମାର ଗଙ୍ଗୱାର | ଶ୍ରମ ଓ ନିୟୋଜନ |
| ୨- ରାଓ ଇନ୍ଦରଜିତ୍ ସିଂ | ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ; ଯୋଜନା |
| ୩- ଶ୍ରୀପଦ ୟେଶୋ ନାଏକ | ଆୟୁର୍ବେଦ, ଯୋଗ, ପ୍ରାକୃତିକ ଚିକିତ୍ସା, ୟୁନାନି, ସିଦ୍ଧ ଓ ହୋମିଓପାଥି(ଆୟୁଷ); ପ୍ରତିରକ୍ଷା |
| ୪- ଡ. ଜିତେନ୍ଦ୍ର ସିଂ | ଉତ୍ତରପୂର୍ବାଞ୍ଚଳ ବିକାଶ; ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ; କାର୍ମିକ, ସାଧାରଣ ଅଭିଯୋଗ ଓ ପେନସନ; ଆଣବିକ ଶକ୍ତି; ମହାକାଶ |
| ୫- କିରେନ୍ ରିଜିଜୁ | ଯୁବ ବ୍ୟାପାର ଓ କ୍ରୀଡ଼ା; ସଂଖ୍ୟାଲଘୁ ବ୍ୟାପାର |
| ୬- ପ୍ରହ୍ଲାଦ ସିଂ ପଟେଲ | ସଂସ୍କୃତି; ପର୍ଯ୍ୟଟନ |
| ୭- ରାଜ କୁମାର ସିଂ | ଶକ୍ତି; ନବୀନ ଓ ଅକ୍ଷୟ ଶକ୍ତି; ଦକ୍ଷତା ବିକାଶ ଓ ଉଦ୍ୟମିତା |
| ୮- ହରଦୀପ ସିଂ ପୁରୀ | ଗୃହନିର୍ମାଣ ଓ ସହରାଞ୍ଚଳ ବିକାଶ; ବେସାମରିକ ବିମାନ ଚଳାଚଳ; ବାଣିଜ୍ୟ ଓ ଶିଳ୍ପ |
| ୯- ମନ୍‌ସୁଖ ଏଲ୍. ମାଣ୍ଡବୀୟ | ଜାହାଜ ଚଳାଚଳ; ରସାୟନ ଓ ସାର |

### ରାଷ୍ଟ୍ର ପାହ୍ୟା

| | |
|---|---|
| ୧- ଫଗନ ସିଂ କୁଲସ୍ତେ | ଇସ୍ପାତ |
| ୨- ଅଶ୍ୱିନୀ କୁମାର ଚୌବେ | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ |
| ୩- ଅର୍ଜୁନରାମ୍ ମେଘୱାଲ | ସଂସଦୀୟ ବ୍ୟାପାର; ଭାରି ଶିଳ୍ପ ଓ ସାଧାରଣ ଉଦ୍ୟୋଗ |
| ୪- ଭି.କେ. ସିଂ | ସଡ଼କ ପରିବହନ ଓ ରାଜପଥ |
| ୫- କିଶନ ପାଲ୍ | ସାମାଜିକ ନ୍ୟାୟ ଓ ସଶକ୍ତୀକରଣ |
| ୬- ରାଓସାହେବ ଦାଦାରାଓ | ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ |
| ୭- ଜି. କିଷନ ରେଡ୍ଡୀ | ସ୍ୱରାଷ୍ଟ୍ର |
| ୮- ପୁରୁଷୋତ୍ତମ ରୁପାଲା | କୃଷି ଓ କୃଷକ କଲ୍ୟାଣ |
| ୯- ରାମଦାସ ଅଠାୱଲେ | ସାମାଜିକ ନ୍ୟାୟ ଓ ସଶକ୍ତୀକରଣ |
| ୧୦- ସାଧ୍ୱୀ ନିରଞ୍ଜନ ଜ୍ୟୋତି | ଗ୍ରାମୀଣ ବିକାଶ |
| ୧୧- ବାବୁଲ୍ ସୁପ୍ରିୟୋ | ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ |
| ୧୨- ସଞ୍ଜୀବ କୁମାର ବାଲ୍ୟାନ | ପ୍ରାଣୀ ସମ୍ପଦ, ଦୁଗ୍ଧ ଉତ୍ପାଦନ ଓ ମତ୍ସ୍ୟପାଳନ |
| ୧୩- ଧୋତ୍ରେ ସଞ୍ଜୟ ଶାମରାଓ | ମାନବ ସମ୍ବଳ ବିକାଶ; ଯୋଗାଯୋଗ; ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା |
| ୧୪- ଅନୁରାଗ ସିଂ ଠାକୁର | ଅର୍ଥ; କମ୍ପାନୀ ବ୍ୟାପାର |
| ୧୫- ଅଙ୍ଗାଡି ସୁରେଶ ଚାନ୍ନାବାସପ୍ପା | ରେଳପଥ |
| ୧୬-ରତନ୍‌ଲାଲ୍ କଟାରିଆ | ଜଳ ଶକ୍ତି; ସାମାଜିକ ନ୍ୟାୟ ଓ ସଶକ୍ତୀକରଣ |
| ୧୭- ନିତ୍ୟାନନ୍ଦ ରାଏ | ସ୍ୱରାଷ୍ଟ୍ର |
| ୧୮- ଭି. ମୁରଲୀଧରନ୍ | ବହିର୍ବ୍ୟାପାର; ସଂସଦୀୟ ବ୍ୟାପାର |
| ୧୯- ରେଣୁକା ସିଂ ସାରୁତା | ଆଦିବାସୀ ବ୍ୟାପାର |
| ୨୦- ସୋମ୍ ପର୍‌କାଶ | ବାଣିଜ୍ୟ ଓ ଶିଳ୍ପ |
| ୨୧- ରାମେଶ୍ୱର ତେଲି | ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ |
| ୨୨-ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ | ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ; ପ୍ରାଣୀ ସମ୍ପଦ, ଦୁଗ୍ଧ ଉତ୍ପାଦନ ଓ ମତ୍ସ୍ୟପାଳନ |
| ୨୩-କୈଳାସ ଚୌଧାରୀ | କୃଷି ଓ କୃଷକ କଲ୍ୟାଣ |
| ୨୪-ସୁଶ୍ରୀ ଦେବଶ୍ରୀ ଚୌଧୁରୀ | ମହିଳା ଓ ଶିଶୁ ବିକାଶ |

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ଆଜି ଶୁକ୍ରଙ୍କ ନକ୍ଷତ୍ରରେ ଚନ୍ଦ୍ରଙ୍କ ଅବସ୍ଥାନ ହେତୁ ପାରିପାର୍ଶ୍ୱିକ ପରିସ୍ଥିତି ଓ ପରିବେଶ ଆପଣଙ୍କ ପାଇଁ ସୁଖଦ ଅନୁଭୂତି ଆଣିଦେବ। ଜନସମାଜରେ ଆଦୃତି ଲାଭ ସାଙ୍ଗକୁ ଯାନବାହନ, ପ୍ରଶାସନ, ଜ୍ଞାନାର୍ଜନ ସକାଶେ ଅନୁକୂଳତା ପ୍ରାପ୍ତ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକକୁ ଦୂରେଇବାରେ ସାହାଯ୍ୟ କରିବ।

**ବୃଷ**



ତୃତୀୟାଧିପ ଅଷ୍ଟମଭାବସ୍ଥ ଭାଗ୍ୟାଧିପଙ୍କ ଦୃଷ୍ଟିପଥରେ ରହି ବନ୍ଧୁଙ୍କ ମାଧ୍ୟମରେ ଆପଣଙ୍କ କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିବେ। ପାରିବାରିକ ଅସହଯୋଗ ଜନିତ କାମଗୁଡିକ ଆଗକୁ ବଢ଼ି ନ ପାରେ। ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସି ସରକାରୀ ସ୍ତରର କାର୍ଯ୍ୟ ସମ୍ପନ୍ନ ହେବ। ସାଧାରଣ କଥାକୁ କେନ୍ଦ୍ରକରି ମନାନ୍ତରର ଆଶଙ୍କା ରହିଛି।

**ମିଥୁନ**



ଆଜିର ଚନ୍ଦ୍ରଙ୍କ ସହ ଶୁକ୍ରଙ୍କ ସମ୍ବନ୍ଧ ଆପଣଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିପାରିବ। ଫଳତଃ ପ୍ରତ୍ୟେକ କ୍ଷେତ୍ରରେ ବନ୍ଧୁମାନଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି। ବ୍ୟବସାୟ, ଯାତ୍ରା, କଚେରି ମାମଲା, ପ୍ରତିଯୋଗିତା, ଆଲୋଚନା, ଗବେଷଣା, ଆନୁଷ୍ଠାନିକ କାମ ପ୍ରଭୃତିରୁ ସଫଳତା ଅବଶ୍ୟ ପାଇପାରିବେ।

**କର୍କଟ**



ଦିନଟି ବହୁତ ବଢ଼ିଆ, ଅନୁକୂଳ ଗ୍ରହସ୍ଥିତିରୁ ଯାହା ଓ ଯେମିତି ଚାହୁଁଛନ୍ତି କରିଚାଲନ୍ତୁ, କିଛି ଅସୁବିଧା ହେବନାହିଁ। କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ, ପଦପଦବୀ ଲାଭ ସାଙ୍ଗକୁ ଲକ୍ଷ୍ୟ ହାସଲ ଦିଗରେ ଅନୁଧାବନ କରିପାରନ୍ତି। ସାହିତ୍ୟ ଚର୍ଚ୍ଚା, ଉତ୍ସବାନୁଷ୍ଠାନ, ପରିବହନ, ପ୍ରଶାସନ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ।

**ସିଂହ**



ଦୁଃସମୟ ଦୂରେଇଯିବା ସହ ଆଶାର ଆଲୋକରେ କାମ ହାସଲର ସୂଚନା ପାଇ ଖୁସି ହେବେ। କୌଶଳ ପ୍ରୟୋଗପୂର୍ବକ ଭେଦଭାବ ଭୁଲିଅନ୍ୟମାନଙ୍କୁ ଆପଣେଇ ନେବାକୁ ଯଥାସାଧ ଚେଷ୍ଟା କଲେ ଉପକୃତ ହେବେ। ନୂତନ ଯାନବାହନ, ଜମିଜମା, ନୂତନ ବନ୍ଧୁସମ୍ପର୍କ କ୍ଷେତ୍ରରେ ଆଗ୍ରହ ପ୍ରକାଶ କରିବେ। ସାମାଜିକ ସ୍ତରରେ ଦୃଢ଼ ପଦକ୍ଷେପ ନେଇ କାମ ହାସଲ କରିବେ।

**କନ୍ୟା**



ଆଜିର ଗ୍ରହସ୍ଥିତି ବିଶେଷ ଅନୁକୂଳ ନ ଥିବାରୁ କୌଣସି ନୂତନ କାର୍ଯ୍ୟାରମ୍ଭ ଅର୍ଥସଙ୍କଟ ମଧ୍ୟରେ ଅଟକି ଯାଇପାରେ। ରବିଙ୍କ ଶୁଭ ସଂସ୍ଥାନରୁ ସରକାରୀ ସ୍ତରରୁ ସହାୟତା ପାଇବା ସାଙ୍ଗକୁ ସାହିତ୍ୟ, ସାମ୍ବାଦିକତା, ଗବେଷଣା,ଏଜେନ୍ସିପରୁ ଖୁସି ରହିବେ। ପରିବାରରେ ଅର୍ଥସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ।

**ତୁଳା**



ଛୋଟ ବଡ଼ ସମସ୍ୟା ଦେଖାଦେଲେ ମଧ୍ୟ କୌଣସି ବିଶେଷ ଚିନ୍ତାଜନକ ସ୍ଥିତି ଉତ୍ପନ୍ନ ହେବନାହିଁ। ଆନୁଷଙ୍ଗିକ ସାହାଯ୍ୟ ଲାଭକରି କାର୍ଯ୍ୟକ୍ଷେତ୍ର ଓ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ପ୍ରତି ଅନୁରାଗ ବୃଦ୍ଧି ପାଇବ। ଚିତ୍ରା ନକ୍ଷତ୍ରର ଭୁଲ୍ ବୁଝାମଣାଜନିତ ସାମୟିକ ମତାନ୍ତର ପାରିବାରିକ ପରିବେଶକୁ ଗମ୍ଭୀର କରିଦେଇପାରେ।

**ବିଛା**



ରାଶିରେ ଚନ୍ଦ୍ରଙ୍କ ଅଷ୍ଟମରେ ବକ୍ରୀ ବୃହସ୍ପତି ଆପଣଙ୍କ ଚିନ୍ତାଧାରା ଓ କାମକୁ ଏପଟସେପଟ କରିଦେଇପାରନ୍ତି। ଶିକ୍ଷା, ଆଲୋଚନା, ସିଦ୍ଧାନ୍ତ ନେବା କ୍ଷେତ୍ରରେ ବ୍ୟତିକ୍ରମ ସୃଷ୍ଟି ହେବାର ଆଶଙ୍କା ରହିଛି। ଅବଶ୍ୟ ସାମାଜିକ ପ୍ରତିଷ୍ଠା ଲାଭ ସାଙ୍ଗକୁ ଅର୍ଥନୈତିକ, ବ୍ୟବସାୟିକ, ସାଙ୍ଗଠନିକ ତଥା ଆନୁଷ୍ଠାନିକ କ୍ଷେତ୍ର ପାଇଁ ଦିନଟି ମନ୍ଦ ନୁହେଁ।

**ଧନୁ**



ଆଜିର ଚନ୍ଦ୍ରଙ୍କ ସ୍ଥିତି ଆପଣଙ୍କ ଅସୁସ୍ଥ ଚିନ୍ତାଧାରାକୁ ପ୍ରତିଫଳନ କରିପାରେ। ଯାହା ଆପଣଙ୍କ କଥା, କାମ ଓ ବ୍ୟବହାରରେ ଅନ୍ୟମାନେ ଅନୁଭବ କରିପାରିବେ। ପାରିବାରିକ ଜୀବନରେ ଉଦାସୀନତା, ମାନସିକ ଅନ୍ତର୍ଦ୍ୱନ୍ଦ୍ୱ ଓ ପ୍ରାପ୍ୟଧନରେ ପ୍ରତିବନ୍ଧକ ସୃଷ୍ଟି କରିବ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ।

**ମକର**



ବାହ୍ୟିକ ଦୃଷ୍ଟିକୋଣରୁ ଆପଣ ଠିକ୍ ଦେଖାଗଲେ ମଧ୍ୟ ଆପଣଙ୍କ ବିଚଳିତ ମାନସିକ ସ୍ଥିତି ପ୍ରତ୍ୟେକ କାମକୁ ଅସମ୍ପୂର୍ଣ୍ଣ କରି ରଖିବ। ଅଧିକାଂଶ ସମୟ ଅନ୍ୟମନସ୍କ କିମ୍ବା ଅସାବଧାନତାବଶତଃ ଧନହାନି କିମ୍ବା ଦ୍ରବ୍ୟ ନଷ୍ଟ ହେବାର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା, ଋଣ ପରିଶୋଧ, କଚେରି ମାମଲା ଲାଗି ବ୍ୟସ୍ତତା ପ୍ରକାଶ କରିପାରନ୍ତି।

**କୁମ୍ଭ**



ପ୍ରତିକୂଳତା ରହିଥିବା କାରଣରୁ କାମଗୁଡିକ ଯଦିଓ ଯଥାବିଧି ସମ୍ପାଦିତ କରିବେ ତଥାପି କିଛିନା କିଛି ସମସ୍ୟା ସାମୟିକ ଅସ୍ଥିରତା ସୃଷ୍ଟି କରିବ। ଆର୍ଥିକ ସଙ୍କଟ, ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିପାରେ। ସଭାସମିତି, ଆଲୋଚନା କ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରିନେବାର ସୂଚନା ରହିଛି।

**ମୀନ**



ପରିସ୍ଥିତି ଯାହା ଥାଉନା କାହିଁକି ସୁଖଭାବସ୍ଥ ଶୁକ୍ର ଓ ଚନ୍ଦ୍ର ତାହାକୁ ଅତି ସରଳ ଭାବରେ ସମାଧାନ କରିବାରେ ସାହାଯ୍ୟ କରିବେ। କିନ୍ତୁ କର୍ମଭାବସ୍ଥ କେତୁ ଅପରିଣାମଦର୍ଶୀ କରାଇ ସମସ୍ୟା ଓ ପାରିବାରିକ ଅଶାନ୍ତି ସୃଷ୍ଟିର ମଧ୍ୟ ଦ୍ୟୋତକ ହୋଇପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ପରିବହନ ଓ ସଭାସମିତି ସକାଶେ କୌଣସି ଅସୁବିଧା ରହିବ ନାହିଁ।

ଆଜି ଜ୍ୟେଷ୍ଠ କୃଷ୍ଣ ତ୍ରୟୋଦଶୀ ଶନିବାର, ଜୁନ୍ ୧ ତାରିଖ, ବିଶ୍ୱ ପିତାମାତା ଦିବସ, ଅନ୍ତର୍ଜାତୀୟ ଦୁଗ୍ଧ ଦିବସ, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧।୪୪ମି. ଗତେ ଘ୧।୨୧ମି. ମଧ୍ୟେ, ଘ୨।୫୮ମି. ଗତେ ଘ୪।୩୫ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୪୭ମି. ଗତେ ଘ.୮।୨୪ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୮।୨୮ମି. ଗତେ ଘ୧୦।୫୭ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

Gharabari plot sale Sundarpada near Hi-tech Plaza sqft. 850/-. 9337766961, 9861964818. D-12643

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 8908292617.** D-12765

2400 sqft. developed gharabari housing plot Dhauli square- 30,00,000/- 9348012510. D-66393

Khandagiri Junction Amrit Nagar, 2125 sqft. gharabari plot. Contact: 9861134865. D-49300

2BHK simplex 15,00,000/- finishing Hanspal (Bank finance available. 7873519036, 6371047968. D-66476

**BDO plan approved & gated community plot sale at GITAM College Gangapada, BBSR 30' road, boundarywall, electricity, park & temple facility available, cost @ 700 per sqft. Mob: 9938867397.** D-12747

Simplex 1200 sqft. land BJEM-(2) 12,80,000/- monthly instalment 5,000/-, Tankapani road, Sai temple 20,50,000/-, Badagada Canal road plots available. 7735738102. D-12744

ଭୁବନେଶ୍ୱର AIIMS medical ନିକଟରେ Govt. roadକୁ ଲାଗି BDA approval yellow zone gharabari plot 1499/-. 9777553622. D-66394

**Gharabari plots at Balianta and Bhingarpur immediate possession, registration. Contact: 9437147826.** D-12748

3BHK fully furnished readymade flat sale at prime location of Puri nearby Srijagannath Temple. Contact: 7327858028, 8144658008. D-12749

**Triplex & Duplex at Ranga Bazar. Near BJEM English Medium School-II. Price start@45lakhs. Call: 9040046767, 9040007267.** D-12764

ପୁରୀ ଭୁବନେଶ୍ୱର ରାସ୍ତାରେ ଜଇସାପାଟଣା ଟୋଲଗେଟ୍‌କୁ ଲାଗି ଏ୧-୪୭ ଜମି ଶୀଘ୍ର ବିକ୍ରି ହେବ। ରାସ୍ତା ସହିତ ଜମିକୁ ସଂଯୁକ୍ତ କରିବା ଲାଗି ଚିଫ୍ ଇଂଜିନିୟରଙ୍କ ଅନୁମତି ମିଳିଛି। ଦରଦାମ ଆଲୋଚନା ମାଧ୍ୟମରେ ସ୍ଥିର ହେବ। କ୍ରେତା ଯୋଗାଯୋଗ କରନ୍ତୁ। ଫୋନ: ୯୬୬୮୯୮୬୭୧୨. ଧ-୬୪୯୭୦

Firm house 3acre, surrounding plants at Balipur Naimalia road (Chaudwar) 20 kilometres from Cuttack. @ 60 rupees per sqft + construction cost. Contact: 9583489640. D-12768

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-12766




A reputed Organization having 3acres of landed property near CV. Raman Engineering College is ready to give on sharing basis for apartment project exclusively. Interested construction organizations/ Indivisuals may direct contact to Mobile: 9937154881. D-66478

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech: 9040008777.** D-12767




Well furnished office rooms with other facilities available On Laxmisagar Jharapada Road side for Rs.23000 (Negotiable). This is in first floor. Contact 9438081042. D-12720

2BHK at ground floor near DAV School, Unit-8. Contact: 9840375016. D-12731




Monalisa club full body massage with hiprofile smart lady air - condition rooms available hurry up ! 9708545108. D-12721

Now Matrimonial ads. only on Wednesday & Sunday Book 1 Get 1 FREE

New new openly full body massage ladies gents AC room: 7609923705. D-38554

**AFFIDAVIT**

This is to place on record the previous name Sidhanth Subudhi as shown in passport has been changed to Sidhant Subudhi (D.O.B-19/02/2001). This will be recorded now and near future. D-66552

Affidavit before Executive Magistrate, Dhenkanal, 26.04.19, my name has changed from Suchismita Sahoo to Prakruti Palini Sahoo, D/o. Bipin Kumar Sahoo, Kusida, Barada, Dhenkanal for LIC policy-588231742 all purposes. D-62100

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ସଂକ୍ଷେପରେ**

## ବସ୍ ଭିତରୁ ଯାତ୍ରୀଙ୍କ ମୃତଦେହ ଉଦ୍ଧାର

### ବାଲେଶ୍ୱରରୁ ଆସୁଥିଲେ ବଲାଙ୍ଗୀର

**ବଲାଙ୍ଗୀର ଅଫିସ, ୩୧।୫:** ବାଲେଶ୍ୱରରୁ ବଲାଙ୍ଗୀର ଆସୁଥିବା ଏକ ବସ୍‌ରୁ ଶୁକ୍ରବାର ସକାଳେ ଜଣେ ଯାତ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତ ବ୍ୟକ୍ତି ଜଣକ ହେଲେ ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଅନ୍ତର୍ଗତ ହିଡିଗାଁର ରବୀନ୍ଦ୍ର କୁମାର ସାମନ୍ତ (୫୫) । ସେ ଜଣେ ଟାଇଲ୍ସ ଠିକାଦାର ଭାବେ ବଲାଙ୍ଗୀରରେ କାମ କରନ୍ତି । ବସଟି ଶୁକ୍ରବାର ସକାଳ ୭ଟାରେ ବଲାଙ୍ଗୀର ଯାଦବ ଭବନ ପାଖରେ ପହଞ୍ଚିବା ପରେ ସମସ୍ତ ଯାତ୍ରୀ ଓହ୍ଲାଇଥିଲେ । ମାତ୍ର ରବୀନ୍ଦ୍ର ତାଙ୍କ ସ୍ଲିପର ସିଟ୍‌ରେ ଶୋଇରହିଥିବା ଦେଖାଯାଇଥିଲା । ବସ୍ କର୍ମଚାରୀ ରବୀନ୍ଦ୍ରଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ ମଧ ସେ ଉଠି ନ ଥିଲେ । ଶେଷରେ ଏ ନେଇ ବଲାଙ୍ଗୀର ଟାଉନ୍ ଥାନାକୁ ସୂଚନା ଦିଆଯାଇଥିଲା । ପୋଲିସ ପହଞ୍ଚିବା ପରେ ଆମ୍ବୁଲାନ୍ସ ଡକାଯାଇ ତାଙ୍କୁ ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍‌ପିଟାଲକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତଦେହକୁ ଡାକ୍ତରଖାନା ଶବାଗାରରେ ରଖାଯାଇଛି । ରବୀନ୍ଦ୍ରଙ୍କ ପାଖରୁ ମିଳିଥିବା ଭୋଟର ପରିଚୟ ପତ୍ର ଓ ଫୋନ୍ ନମ୍ବରରୁ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ବସ୍ କର୍ମଚାରୀଙ୍କ ସୂଚନା ମୁତାବକ ଗୁରୁବାର ରାତି ପ୍ରାୟ ୮ଟାରେ ରବୀନ୍ଦ୍ର ବାଲେଶ୍ୱରରୁ ଉକ୍ତ ବସ୍‌ରେ ବଲାଙ୍ଗୀର ଅଭିମୁଖେ ଆସିଥିଲେ । ରାତି ପ୍ରାୟ ୨ଟାରେ ଦଶପଲ୍ଲା ନିକଟରେ ବସ୍‌ଟି ଅଟକିଥିଲା । ଯାତ୍ରୀମାନେ ପରିସ୍ରା ପାଇଁ ପଦାକୁ ଯାଇଥିଲେ । ସେତେବେଳେ ରବୀନ୍ଦ୍ର ମଧ ତଳକୁ ଓହ୍ଲାଇ ଥିଲେ । ହେଲେ ସକାଳ ୭ଟାରେ ବସ୍‌ଟି ବଲାଙ୍ଗୀର ପହଞ୍ଚିବା ପରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଥିଲା । ମୃତ୍ୟୁର କାରଣ ଜଣାପଡିନାହିଁ । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି ।

**ବିଜୁଳି ସମସ୍ୟା**




# ୧୫ରେ ଓଡ଼ିଶା ଛୁଇଁବ ମୌସୁମୀ

- ୩ରୁ ବଢ଼ିବ ତାତି
- ୧୧ ଜିଲାକୁ ସତର୍କ ସୂଚନା
- ରାଜଧାନୀରେ ଝଡ଼ବର୍ଷା

ଭୁବନେଶ୍ୱର,୩୧।୫(ବ୍ୟୁରୋ)

ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ନାହିଁ। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପାଇଁ ଅନୁକୂଳ ପରିବେଶ ମଧ ସୃଷ୍ଟି ହୋଇ ନାହିଁ। ରାଜ୍ୟକୁ ମୌସୁମୀ କେବେ ଆସିବ ସେ ନେଇ ପାଣିପାଗ ବିଭାଗ ଏ ପର୍ଯ୍ୟନ୍ତ ସ୍ପଷ୍ଟ କରି ନାହିଁ। ଜୁନ ୬ରେ କେରଳ ଛୁଇଁବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୧୫ରୁ ୧୭ ତାରିଖ ମଧ୍ୟରେ ଓଡିଶାକୁ ମୌସୁମୀ ପ୍ରବେଶ କରିବ ବୋଲି ଅନୁମାନ କରାଯାଇଛି। ଅନ୍ୟ ପକ୍ଷରେ ମୌସୁମୀ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ପହଞ୍ଚି ସାରିଛି। ପ୍ରାୟ ଦୁଇ ସପ୍ତାହ ପରେ ମୌସୁମୀ ଓଡ଼ିଶାରେ ପ୍ରବେଶ କରିବା ସମ୍ଭାବନା ରହିଛି। ଚଳିତ ବର୍ଷ ମୌସୁମୀ ଉତ୍ତର ଓଡିଶା ପଟୁ ରାଜ୍ୟକୁ ପ୍ରବେଶ କରିବ। ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱରରେ ପ୍ରଥମ ମୌସୁମୀ ବର୍ଷା ହେବ। ଏହା ପରେ ଦକ୍ଷିଣ ଓଡିଶା ମାଲକାନଗିରି, କୋରାପୁଟ ଓ ଗଜପତି ଦେଇ ରାଜ୍ୟକୁ ପ୍ରବେଶ କରିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ମୌସୁମୀ ବିଳମ୍ବ ହେବା ସହିତ ଚଳିତ ବର୍ଷ ସ୍ୱାଭାବିକଠାରୁ ସାମାନ୍ୟ କମ୍ ବର୍ଷା ହେବ ବୋଲି ଆକଳନ କରାଯାଇଛି। ଏଲ୍-ନିନ୍ୟୋ ଦୁର୍ବଳ ରହିଥିଲେ ମଧ ଏହାର ପ୍ରଭାବ ମୌସୁମୀ ଉପରେ ପଡ଼ିବ ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଏଥିଯୋଗୁ ଓଡିଶା ସମେତ ସମଗ୍ର ଦେଶରେ ବର୍ଷା ପରିମାଣ କମିବା ସମ୍ଭାବନା ରହିଛି। ୨୦୧୮ରେ ମୌସୁମୀ ସଅଳ ଅର୍ଥାତ ଜୁନ ୮ ତାରିଖରେ ଓଡ଼ିଶାକୁ ପ୍ରବେଶ କରିଥିଲା। ରାଜ୍ୟର ୬୦ ପ୍ରତିଶତ ଅଂଶକୁ ଛୁଇଁବା ପରେ ପୁଣି ଉଭାନ ହୋଇ ଯାଇଥିଲା। ଜନୁ ୨୧ ତାରିଖ ଯାଏ ମୌସୁମୀ ଦୁର୍ବଳ ରହିଥିଲା। ଧାନ ଚାଷ ଉପରେ ଏହାର ପ୍ରଭାବ ପଡିଥିଲା। ଜୁନ ୧ ତାରିଖ ସୁଦ୍ଧା କେରଳକୁ ମୌସୁମୀ ପ୍ରବେଶ କରିଥାଏ। ମାତ୍ର ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖା ଦେଇଛି। ଜୁନ ୧୪ ତାରିଖ ପୂର୍ବରୁ ମୌସୁମୀର କୌଣସି ସମ୍ଭାବନା ନାହିଁ ବୋଲି ପାଣିପାଗ ବିଶେଷଜ୍ଞ ତଥା ଓୟୁଏଟିର ପୂର୍ବତନ କୂଳପତି ସୁରେନ୍ଦ୍ର ପଶୁପାଳକ କହିଛନ୍ତି। ସେ କହିଛନ୍ତି ଯେ ଦକ୍ଷିଣ ଗୋଲାର୍ଦ୍ଧରୁ ବିଶୁବ ରେଖା ଆଡକୁ ପବନ ଓ ମେଘ ପ୍ରବେଶ କରି ପାରୁ ନାହିଁ । ଫଳରେ ଦକ୍ଷିଣ ପଶ୍ଚିମ ମୌସୁମୀ ପାଇଁ ଏ ଅନୁକୂଳ ବାତାବରଣ ସୃଷ୍ଟି ହୋଇ ନାହିଁ। ଆସନ୍ତା ୧୪ ତାରିଖ ଯାଏ ପାଗ ଶୁଖିଲା ରହିବ। ଏହି ସମୟ ମଧ୍ୟରେ ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ହେବାର ସମ୍ଭାବନା ମଧ ନାହିଁ । ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ଉପକୂଳରେ ପାଗ ଅପରିବର୍ତ୍ତିତ ରହିବ। ମାତ୍ର ପଶ୍ଚିମ ଓଡିଶାରେ ୩ ତାରିଖ ଠାରୁ ପାରଦ ଉପର ମୁହାଁ ହେବ। କେତେକ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୬ ଡିଗ୍ରୀ ସେଲସିୟସ ଟପିଯିବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି। ଗତ କିଛିଦିନ ହେବ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଲାଗି ରହିଛି। ତେବେ ରାଜଧାନୀ ଭୁବନେଶ୍ୱରରେ କାଳ ବୈଶାଖି ଜନୀତ ବର୍ଷା ତାଣ୍ଡବ ରଚିଛି। ଶୁକ୍ରବାର ସନ୍ଧ୍ୟାରେ ଘଡଘଡି ଓ ବିଜୁଳି ସହିତ ପ୍ରବଳ ବର୍ଷା କିଛି ସମୟ ପାଇଁ ଜନଜୀବନକୁ ସ୍ତବ୍ଧ କରି ଦେଇଥିଲା। ପ୍ରବଳ ଝଡବର୍ଷା ଯୋଗୁ ରାଜଧାନୀ ଜଳାର୍ଣ୍ଣବ ହେବା ସହ ପ୍ରାୟ ଦୁଇଘଣ୍ଟା ଅନ୍ଧକାର ମୟ ହୋଇ ଯାଇଥିଲା।

ରାଜ୍ୟର ୧୧ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଟିଟିଲାଗଡରେ ସର୍ବାଧିକ ୪୩.୬ଡିଗ୍ରୀ ସେଲ୍‌ସିୟସ ରେକର୍ଡ଼ କରାଯାଇଥିବାବେଳେ ଝାରସୁଗୁଡା୩.୨, ସମ୍ବଲପୁର ୪୨.୬, ସୁନ୍ଦରଗଡ ୪୨, ହୀରାକୁଦ ୪୨.୧, ଭବାନୀପାଟଣା ୪୨, ବଲାଙ୍ଗୀର ୪୩.୫, ମାଲକାନଗିରି ୩୯.୮ ଏବଂ ସୋନୁପରରେ ସର୍ବୋଚ୍ଚ ତାପମାତ୍ରା ୪୨.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୧୧ଟି ଜିଲାର କେତେକ ସ୍ଥାନରେ କାଳବୈଶାଖୀ ଜନିତ ଝଡ଼ବର୍ଷା ହେବ ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।ସେହି ଜିଲାଗୁଡିକ ହେଲା କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ, ଦେଗଡ, ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି, କଳାହାଣ୍ଡି, କନ୍ଧମାଳ ଏବଂ ନୂଆପଡା ।

# ନବୀନଙ୍କ କ୍ୟାବିନେଟ୍ ଅସାମ୍ବିଧାନିକ: ଶ୍ରୀକାନ୍ତ

**ଭୁବନେଶ୍ୱର,୩୧।୫(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ କ୍ୟାବିନେଟ୍ ଅସାମ୍ବିଧାନିକ। ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ସମ୍ବିଧାନ ପରାମର୍ଶଦାତାମାନେ ଉଚିତ ମାର୍ଗଦର୍ଶନ କରାଇନାହାନ୍ତି। ଯାହା ଫଳରେ ସମ୍ବିଧାନର ଅବମାନନା ହୋଇଥିବା ଅଭିଯୋଗ ଆଣିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା।

ଶ୍ରୀକାନ୍ତ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨ ଦିନ ତଳେ ଅସାମ୍ବିଧାନିକ ଭାବେ ଶପଥ ନେଇଛନ୍ତି। ମନ୍ତ୍ରିମଣ୍ଡଳ ଚୟନ ପୂର୍ବରୁ ଏକ ଗୁରୁତର ତ୍ରୁଟି କରାଯାଇଛି। ସମ୍ବିଧାନର ଧାରା ୧୬୪ ଅନୁଯାୟୀ ରାଜ୍ୟପାଳଙ୍କ ସହ ପରାମର୍ଶ କରି ମୁଖ୍ୟମନ୍ତ୍ରୀ ମନ୍ତ୍ରିମାନଙ୍କୁ ନିଯୁକ୍ତି କରିପାରିବେ। ବିଶେଷ ନିୟମାନୁଯାୟୀ ଓଡ଼ିଶା, ବିହାର, ଝାଡଖଣ୍ଡ ଏବଂ ମଧ୍ୟପ୍ରଦେଶ କ୍ଷେତ୍ରରେ ରାଜ୍ୟ କ୍ୟାବିନେଟ୍‌ରେ ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି) ଓ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) କଲ୍ୟାଣ ଦାୟିତ୍ୱ ଦିଆଯିବା କଥା। ଏମିତି କି ଜଣେ କ୍ୟାବିନେଟ୍ ମନ୍ତ୍ରୀ ମଧ ଏହାର ଅତିରିକ୍ତ ଦାୟିତ୍ୱରେ ରହିପାରିବେ। ହେଲେ ନବୀନଙ୍କ ନେତୃତ୍ୱାଧୀନ ସରକାର ଏସ୍‌ସି, ଏସ୍‌ଟି, ଓବିସି କଲ୍ୟାଣ ଭଳି ବିଭାଗକୁ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) ଦାୟିତ୍ୱ ପ୍ରଦାନ କରାଯାଇଛି। ତେଣୁ ଏହି ଅସମ୍ବିଧାନିକ କାର୍ଯ୍ୟକୁ ଠିକ୍ କରାଯାଉ। ନଚେତ ମନ୍ତ୍ରିମଣ୍ଡଳ ଇସ୍ତଫା ଦେଇ ପୁନଃ ଶପଥପାଠ କରାଯାଉ ବୋଲି ଶ୍ରୀକାନ୍ତ କହିଛନ୍ତି।

ଓଡ଼ିଶାରେ ଏସ୍‌ସି(୧୬.୫%), ଏସ୍‌ଟି(୨୨.୧%) ଏବଂ ଓବିସି(୫୨%) ଅର୍ଥାତ ମୋଟ ଜନସଂଖ୍ୟାର ପ୍ରାୟ ୯୧% ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ବିଭାଗକୁ କ୍ୟାବିନେଟ୍‌ରେ ସ୍ଥାନ ନ ମିଳିବା ଦୁର୍ଭାଗ୍ୟଜନକ। ଏହା ପରୋକ୍ଷରେ ସେହି ବର୍ଗର ଲୋକମାନଙ୍କ ପାଇଁ ଅପମାନ। ତେଣୁ ଜଣେ କ୍ୟାବିନେଟ୍ ମନ୍ତ୍ରୀ ସେହି ଦାୟିତ୍ୱରେ ରୁହନ୍ତୁ ଅଥବା ବର୍ତ୍ତମାନ ଦାୟିତ୍ୱରେ ଥିବା ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ ପାହ୍ୟା) ଇସ୍ତଫା ଦେଇ କ୍ୟାବିନେଟ୍ ମନ୍ତ୍ରୀଭାବେ ଶପଥ ଗ୍ରହଣ କରିବାକୁ ଶ୍ରୀକାନ୍ତ ପରାମର୍ଶ ଦେଇଛନ୍ତି। ଏପରିକି ରାଜ୍ୟ ସରକାର ଯଦି ଏହି ସାମ୍ବିଧାନିକ ତ୍ରୁଟି ନ ସଜାଡନ୍ତି, ତେବେ ସେ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଏ ସମ୍ପର୍କରେ ଅବଗତ କରାଇବେ ବୋଲି ଶ୍ରୀକାନ୍ତ କହିଛନ୍ତି। ଗତ ମେ ୨୯ରେ ବିଷମ କଟକ ବିଧାୟକ ଜଗନ୍ନାଥ ସାରକା ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗର ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ)ଭାବେ ଶପଥ ଗ୍ରହଣ କରିଛନ୍ତି। ଅପରପକ୍ଷରେ ଶ୍ରୀକାନ୍ତଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ପାଇଁ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲା। ହେଲେ ତାଙ୍କ ପ୍ରତିକ୍ରିୟା ମିଳି ପାରି ନ ଥିଲା।

# ଚର୍ଚ୍ଚିତ ଟୁଇଟ୍ : ମୁଖ୍ୟମନ୍ତ୍ରୀ, ସିଏମ୍‌ଙ୍କ ବ୍ୟକ୍ତିଗତ ସଚିବଙ୍କ ଫଟୋ ଭାଇରାଲ

ଭୁବନେଶ୍ୱର,୩୧।୫(ବ୍ୟୁରୋ)

Dr. Sasmit Patra @sasmitpatra Follow

A rare photo of Shri.Naveen Patnaik and Shri.V. Karthikeyan Pandian, the Statesman and his able General. The smiles epitomize a serene and heartfelt moment. Their Dedication, Determination and Devotion has transformed Odisha and it blessed Naveen Babu with a record fifth term.



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ତାଙ୍କ ବ୍ୟକ୍ତିଗତ ସଚିବ ଭି.କାର୍ତ୍ତିକେୟନ ପାଣ୍ଡିଆନ। ଜଣେ ରାଜ୍ୟ ତଥା ଦେଶ ରାଜନୀତିରେ ଚର୍ଚ୍ଚିତ ନାମ। ଅନ୍ୟ ଜଣେ ପ୍ରଶାସକ ମହଲରେ ସବୁଠୁ ଚର୍ଚ୍ଚିତ/ଆଲୋଚିତ ବ୍ୟକ୍ତିତ୍ୱ। ବିଭିନ୍ନ ସରକାରୀ ସଭାସମିତିରେ ଉଭୟଙ୍କୁ ଦେଖିବାକୁ ମିଳିଥାଏ। ହେଲେ ଶୁକ୍ରବାର ବିଜେଡି ମୁଖପାତ୍ର ସସ୍ମିତ ପାତ୍ରଙ୍କ ଦ୍ୱାରା ଟୁଇଟ୍ ହୋଇଥିବା ଫଟୋରେ ଉଭୟଙ୍କୁ ଅପେକ୍ଷାକୃତ ହାଲ୍‌କା ମୁହୂର୍ତ୍ତରେ ଦେଖାଯାଇଛି। ଏହି ଟୁଇଟ୍‌ରେ ସସ୍ମିତ ଲେଖିଛନ୍ତି ଯେ, ଏହା ନବୀନ ପଟ୍ଟନାୟକ ଏବଂ ଭି. କାର୍ତ୍ତିକେୟନ ପାଣ୍ଡିଆନ୍‌ଙ୍କ ଏକ କ୍ୱଚିତ ଫଟୋ। ଜଣେ ଷ୍ଟେଟ୍‌ସମ୍ୟାନ ( ଉତ୍ତୁଙ୍ଗ ରାଜନୈତିକ ବ୍ୟକ୍ତିତ୍ୱ) ଏବଂ ଆଉ ଜଣେ ଦକ୍ଷ ଜେନେରାଲ (ବିଚକ୍ଷଣ ସେନାପତି)। ଫଟୋରେ ଫୁଟି ଉଠିଥିବା ହସ ନିର୍ମଳ, ହୃଦୟସ୍ପର୍ଶୀ। ସେମାନଙ୍କ ନିଷ୍ଠା, ପ୍ରତିବଦ୍ଧତା ଏବଂ ପ୍ରଗାଢ଼ ଅନୁରାଗ ଓଡ଼ିଶାକୁ ପରିବର୍ତ୍ତନ କରିପାରିଛି, ଯାହା ନବୀନବାବୁଙ୍କୁ ରେକର୍ଡ ପଞ୍ଚମ ପାଳିରେ ପହଞ୍ଚାଇ ପାରିଛି। ସସ୍ମିତଙ୍କ ଦ୍ୱାରା ଅପଲୋଡ୍ କରାଯାଇଥିବା ଫଟୋଟି ନବୀନ ନିବାସରେ ଉଠାଯାଇଥିବା ପ୍ରଚ୍ଛଦପଟରୁ ଜଣାପଡୁଛି।

UTKAL UNIVERSITY
MBA (FINANCIAL MANAGEMENT) FORMERLY 'MFC'
P.G. DEPARTMENT OF COMMERCE
VANI VIHAR, BHUBANESWAR-751004

ADMISSION NOTICE : 2019-21

Utkal University announces admission to the two year full time **MBA (Financial Management)** formerly **'MFC'** Programme in the P. G. Department of Commerce for the academic session **2019-21**. Any graduate (First Bachelor's Degree) with **50%** marks in the aggregate **(45% for SC/ST)** of Utkal University or any recognized University is eligible to apply. Students appearing in the Final Degree Examination can make a provisional application pending publication of results subject to meeting minimum eligibility requirements at the time of interview. Admission to the course is based on the combined result of Written Test, Group Discussion & Personality Test.

- Application Form : Online on Utkal University Website www.utkaluniversity.nic.in
- Last Date of Online Application : Dt. 10.06.2019 (upto 23.45 hours)
- Last Date of Submission of Hard copy : Dt. 20.06.2019 (upto 2.00 PM)
- Date of Entrance Test : Dt. 26.06.2019 (Time: 10.00 AM - 11.30 AM)

Details about the course and applications are available on **www.utkaluniversity.nic.in** and **www.utkalmfc.org** . The hard copy of filled up form alongwith a note within 100 words "Why do you want to join **MBA (FM)**" should reach **MBA (Financial Management), P.G. Department of Commerce, Utkal University, Bhubaneswar, PIN-751004.**

*Please go to the* **www.utkaluniversity.nic.in**
*Then eadmission - then -click at New Registration then*

- Course Applied for - P.G. Self-financing- then
- Department - Commerce- then
- Subject - MBA (FM)

Sd/- Chairperson
P. G. Council

Central University of Orissa
(Established by an Act of Parliament)
"For the Region and for the Nation"
Landiguda, Dist-Koraput, Odisha-764021
Tel.-06852-288228/288229, Fax : 06853-288225

ADMISSION NOTIFICATION-2019

Central University of Orissa, Koraput invites aspiring students committed to excellence to apply through Online mode for admission to various Under Graduate, Post Graduate and Research Programmes as given below. Admission will be done through Entrance Examination. Applicants can apply online by logging in to the University website (www.cuo.ac.in) up to 15th June, 2019.

Programmes

- **B.C.A.** • **B.Ed.** • **M.B.A** • 5-Year Integrated M.Sc. in Mathematics
- M.A.: • Economics • English • Hindi • Journalism & Mass Communication • Odia • Sanskrit • Sociology
- M.Sc.: • Anthropology • Biodiversity & Conservation of Natural Resources • Statistics
- M.Phil.: • Biodiversity & Conservation of Natural Resources • Economics • Education • Journalism & Mass Communication • Sociology • Statistics • Anthropology
- Ph.D.: • Biodiversity & Conservation of Natural Resources • Education • Anthropology • Economics • Statistics

Dates of Entrance Examination : 29th and 30th June, 2019

Entrance Examination Centres
**Koraput, Sambalpur, Rourkela, Bhawanipatna, Berhampur, Bhubaneswar, Bhadrak, Balasore, Ranchi, Kolkata Raipur and Visakhapatnam**

The University reserves the right to add or reduce centres and to shift candidates to neighbouring centres of Examination in case of exigencies. For all other details please visit the CUO website: www.cuo.ac.in or call (office hour only). 06852-288228, 288229 or E-mail: info@cuo.ac.in or coe@cuo.ac.in

davp21317/11/0002/1920

Sd./-
Controller of Examinations




## ଜୁନ୍ ଶେଷ ଆଡ଼କୁ ଓଡ଼ିଶା ଫେରିବେ ଜଗା, ବଳିଆ

**ଭୁବନେଶ୍ୱର, ୩୧।୫ (ବ୍ୟୁରୋ):** ଦିଲ୍ଲୀସ୍ଥିତ ଅଲ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍‌ସେସ୍ (ଏମ୍ସ)ରେ ଅସ୍ତ୍ରୋପଚାର ପରେ ଅଲଗା ହୋଇଥିବା କନ୍ଧମାଳର ଯୋଡ଼ାମୁଣ୍ଡ ଶିଶୁ ଜଗା-ବଳିଆ ଏବେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଛନ୍ତି। ଆଉ ସେମାନଙ୍କର ଆଇସିୟୁ କିମ୍ବା ସ୍ୱତନ୍ତ୍ର ଚିକିତ୍ସା ଆବଶ୍ୟକ ନାହିଁ। ଦୁହେଁ ଏବେ ଘରକୁ ଫେରିପାରିବେ ବୋଲି ଦିଲ୍ଲୀ ଏମ୍ସରେ ଉଭୟଙ୍କୁ ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି। ଜୁନ୍ ଶେଷ ସପ୍ତାହରେ ସେମାନଙ୍କୁ ଡିସ୍‌ଚାର୍ଜ କରି ଦିଆଯାଇପାରେ ବୋଲି ସୂଚନା ମିଳିଛି। ନିକଟରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଏକ ଟିମ୍ ଏହି ଯମଜ ଭାଇଙ୍କ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ବୁଝିବା ପାଇଁ ଦିଲ୍ଲୀ ଯାଇଥିଲେ। ଜଗା-ବଳିଆ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଏବଂ ରାଜ୍ୟକୁ ଫେରିଯାଇପାରିବେ ବୋଲି ଡାକ୍ତର ଏହି ଟିମ୍‌କୁ କହିଛନ୍ତି। ତେବେ ପ୍ରବଳ ଖରା ତଥା ଗରମକୁ ଦୃଷ୍ଟିରେ ରଖି ଦୁହିଁଙ୍କୁ ବିମାନରେ ଆଣିବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

## ସଂକ୍ଷେପରେ

### ପିଞ୍ଛାବଣିଆରେ ହିଂସା, ୨ ମାମଲା ରୁଜୁ

**ରୂପ୍‌ସା, ୩୧।୫(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ଥାନା ଅନ୍ତର୍ଗତ ପିଞ୍ଛାବଣିଆ ଗ୍ରାମରେ ଉତ୍ତେଜନା ଲାଗି ରହିଛି। ଦୁଇଗୋଷ୍ଠୀ ମଧ୍ୟରେ ହିଂସା ଯୋଗୁ ପକ୍ଷ ପ୍ରତିପକ୍ଷଙ୍କ ମଧ୍ୟରେ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ୨ଟି ପୃଥକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଅଭିଯୋଗକାରିଣୀ ଗୌରୀ ସେଠୀ ଓ ତାଙ୍କ ସ୍ୱାମୀ ମଧୁସୂଦନ ସେଠୀଙ୍କୁ ପଡ଼ୋଶୀ ପୂର୍ଣ୍ଣଚନ୍ଦ୍ର କାଳନ୍ଦୀ, ତାଙ୍କ ପତ୍ନୀ କେଶବତୀ ଓ ସମର୍ଥକମାନେ ନିର୍ଘୁମ୍ ମାଡ଼ ମାରି ଆହତ କରିଥିବା ଏତଲାରେ ଦର୍ଶାଯାଇଛି। ଏହାର କେସ୍ ନଂ. ୨୯/୧୯। ଅପରପକ୍ଷରେ କେଶବତୀ କାଳନ୍ଦୀ ଓ ତାଙ୍କ ସ୍ୱାମୀ ପୂର୍ଣ୍ଣଚନ୍ଦ୍ରଙ୍କୁ ମଧୁସୂଦନ ସେଠୀ ଓ ତାଙ୍କ ପୁଅ ଜୟ ସେଠୀ ମିଶି ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହାର କେସ୍ ନଂ.୩୦/୧୯।

### ବଳାତ୍କାରୀଙ୍କୁ ୧୦ବର୍ଷ ଜେଲ୍

**ସୋର, ୩୧।୫(ଡି.ଏନ.ଏ.):** ଏକ ବଳାତ୍କାର ମାମଲାର ବିଚାର କରି ସୋର ସହକାରୀ ଦୌରାଜଜ୍ ଚିତ୍ତରଞ୍ଜନ ମିଶ୍ର ଅଭିଯୁକ୍ତଙ୍କୁ ୧୦ବର୍ଷ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଖଇରା ଥାନା ବଣପାରିଆ ଗ୍ରାମର ଅଭିଯୁକ୍ତ ନିରୋତ୍ତମ ବେହେରା ଜଣେ ବିବାହିତା ମହିଳାଙ୍କୁ ଅପହରଣ କରିନେଇ ବଳାତ୍କାର କରିଥିଲେ। ଏହି ମକଦ୍ଦମାର ବିଚାର କରାଯାଇ ଅଭିଯୁକ୍ତଙ୍କୁ ଏହି ଦଣ୍ଡାଦେଶ ଦିଆଯାଇଛି। ସରକାରଙ୍କ ତରଫରୁ ଆଇନଜୀବୀ ସୁଭାଷ କୁମାର ଦାସ ମକଦ୍ଦମା ପରିଚାଳନା କରିଥିଲେ।

### ମୃତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା



**ବାଲେଶ୍ୱର ଅଫିସ, ୩୧।୫:** ଗୁଜରାଟର ସୁରଟରେ ଘଟିଥିବା ଅଗ୍ନିକାଣ୍ଡରେ ମୃତ୍ୟୁବରଣ କରିଥିବା ଛାତ୍ରୀଛାତ୍ରଙ୍କ ଆତ୍ମାର ସଦ୍‌ଗତି ପାଇଁ ବାଲେଶ୍ୱର ଏବିଭିପି ପକ୍ଷରୁ ଫକୀରମୋହନ କଲେଜ ସମ୍ମୁଖରେ ଦୀପ ଲଗାଯିବା ସହ ନିକଟସ୍ଥ ଶିବ ମନ୍ଦିରରେ ଆହତଙ୍କ ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରାଯାଇଛି। ଭଗବାନ ଏଭଳି ଘଟଣା ଆଉ କେବେ ନ ଘଟାନ୍ତୁ ବୋଲି ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟକର୍ତ୍ତାମାନେ ପ୍ରଭୁଙ୍କ ମନ୍ଦିରରେ ପ୍ରାର୍ଥନା କରିଥିଲେ। କାର୍ଯ୍ୟକ୍ରମରେ ବବିତା ବେହେରା, ଜୟଶ୍ରୀ ବେହେରା, ସୋନାଲି ପ୍ରିୟା ମଲ୍ଲିକ, ତୃପ୍ତିମୟୀ ପାତ୍ର, ଶତାବ୍ଦୀ ଦୁତା, ଜ୍ୟୋତିପ୍ରକାଶ ପଣ୍ଡା, ମଳୟ ରଞ୍ଜନ ବେହେରା, ପ୍ରାପ୍ତକୃଷ୍ଣ ଜେନା, ଦେବାଶିଷ ଦାସ, ସମୀର କୁମାର ପାତ୍ର, ସତ୍ୟବ୍ରତ ମାଝି, ଅସୀମ ରଞ୍ଜନ ଖୁଣ୍ଟିଆ, ସୁବ୍ରତ କୁମାର ମାଝି, ସୌଭାଗ୍ୟ ମହାନ୍ତି, ଅମରଜିତ୍ ଦାସ ଓ ଲକ୍ଷ୍ମୀନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନଗର ସମ୍ପାଦକ ସୁବ୍ରତ କୁମାର ମାଝି, ରଜତ ପାତ୍ର ଓ ଲଳିତ କୁମାର ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

### ବାଇକ୍‌କୁ ପିଟିଲା କାର୍: ଦମ୍ପତି ଆହତ

**ରୂପ୍‌ସା, ୩୧।୫(ଡି.ଏନ.ଏ.):** ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ରୂପ୍‌ସା ଥାନା ନିକଟରେ ଶୁକ୍ରବାର ଏକ ବାଇକ୍ ପଛପଟୁ କାର୍ ଧକ୍କା ଦେବା ଫଳରେ ବାଇକ୍‌ରେ ଯାଉଥିବା ଦମ୍ପତି ଗୁରୁତର ଆହତ ହୋଇଛନ୍ତି। ଆହତଦ୍ୱୟଙ୍କୁ ରୂପ୍‌ସା ଥାନା ପୋଲିସ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଚିକିତ୍ସା କରୁଛି। ଦାନ୍ତୁନ ଥାନା ଅଞ୍ଚଳରେ ଏହି ଦମ୍ପତି ବାଲେଶ୍ୱର ଅଭିମୁଖେ ଯାଉଥିଲେ। ଦୁର୍ଘଟଣାରେ ସ୍ୱାମୀଙ୍କ ଗୋଡ଼ ଭାଙ୍ଗି ଯାଇଛି। କାର୍ ଓ ବାଇକ୍‌କୁ ଥାନାରେ ରଖାଯାଇଛି।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଧସୁଛି ରାସ୍ତା, ଆଡ଼ିବନ୍ଧ ବିପଦରେ ୪ ଗାଁ

**ବାଲେଶ୍ୱର ଅଫିସ, ୩୧।୫**

ବୁଢ଼ାବଳଙ୍ଗ ନଦୀଗର୍ଭକୁ ଧସି ପଡୁଛି ଆଡ଼ିବନ୍ଧ ସହ ରାସ୍ତା। ବିପଦରେ ୪ଖଣ୍ଡ ଗାଁର ବାସିନ୍ଦା। ଜିଲା ଗ୍ରାମ୍ୟ ଉନ୍ନୟନ ଓ ଜଳସେଚନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଦୀର୍ଘ ୭ ବର୍ଷ ଧରି ରାସ୍ତା ଓ ଆଡ଼ିବନ୍ଧର ସୁରକ୍ଷା ଲାଗି କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ମାଣିକୁଲା, ଜଗନ୍ନାଥପୁର, କାଠପାଳ, ନଳକୁଲି ଗ୍ରାମର ପାଖାପାଖି ୧ହଜାରରୁ ଊର୍ଦ୍ଧ୍ୱ ପରିବାରର ଲୋକମାନେ ଦୈନନ୍ଦିନ ବିପଦସଙ୍କୁଳ ଅବସ୍ଥାରେ ଏହି ରାସ୍ତାରେ ଯା'ଆସ କରୁଛନ୍ତି।

ବାଲେଶ୍ୱର ସଦର ବ୍ଲକ ଅଧୀନ ଗୋପୀନାଥପୁର ପଞ୍ଚାୟତ ଦେଇ ପ୍ରବାହିତ ହେଉଥିବା ବୁଢ଼ାବଳଙ୍ଗ ନଦୀକୁ ମାଣିକୁଲାଠାରେ ବ୍ରିଟିଶ ଅମଳରୁ ନିର୍ମିତ କୋଷ୍ଟ୍ କେନାଲ ସଂଯୋଗ କରୁଛି। କୋଷ୍ଟ୍ କେନାଲର ଉଭୟ ପାର୍ଶ୍ୱରେ ଥିବା ଗାଁ ଲୋକଙ୍କ ଯା'ଆସ ପାଇଁ ୨୦୧୨ରେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟିଆଖିଆ ଛକରୁ ମାଣିକୁଲା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରାଯାଇଥିଲା। କାଠପାଳ ଛକଠାରେ ମାତ୍ର ୧୮୦ମିଟର ରାସ୍ତା କାମ ବାକି ରହିଥିଲା। ଏହି ସ୍ଥାନରେ ବୁଢ଼ାବଳଙ୍ଗ ଓ କୋଷ୍ଟ୍ କେନାଲର ଆଡ଼ିବନ୍ଧ ଥିବାରୁ ଜଳସେଚନ ବିଭାଗ ପକ୍ଷରୁ ଗାର୍ଡୱାଲ ନିର୍ମାଣ ସାଙ୍ଗକୁ ପଥର ପ୍ୟାକିଂ କରାଯିବା ପରେ ରାସ୍ତାକାମ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହାମଧ୍ୟରେ ବର୍ଷ ପରେ ବର୍ଷ ବିତିଯାଇଥିଲେ ବି ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁ ରାସ୍ତା ଓ ଆଡ଼ିବନ୍ଧ ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଇନାହିଁ କି ୧୮୦ ମିଟର ରାସ୍ତା କାମ ହୋଇନାହିଁ। ଏହି ସ୍ଥାନରେ ଆଡ଼ିବନ୍ଧ ସହ ରାସ୍ତା ନଦୀ ଭିତରକୁ ଧସିପଡୁଥିବାରୁ ଏହା ବିପଦସଙ୍କୁଳ ହୋଇପଡୁଛି। ବର୍ଷା ଦିନେ ଗମନାଗମନ ବାଧାପ୍ରାପ୍ତ ହେଲେ କୋଷ୍ଟକେନାଲ ଓ ନଦୀ ସଂଲଗ୍ନ ଗାଁ ଗଣ୍ଡା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିବ ବୋଲି ଅଞ୍ଚଳବାସୀ ଆଶଙ୍କା ପ୍ରକାଶ କରୁଛନ୍ତି। ବର୍ତ୍ତମାନ ଜରୁରିକାଳୀନ ପରିସ୍ଥିତିରେ ମଧ୍ୟ ଗାଁକୁ ଆମ୍ବୁଲାନ୍ସ, ଦମକଳ କିମ୍ବା ୪ଚକିଆ ଗାଡ଼ି ଯା'ଆସ କରିବା ସମ୍ଭବ ହେଉନାହିଁ। ଏହି ରାସ୍ତା ଦେଇ ବୟସ୍କଲୋକ ଏବଂ ଛୋଟପିଲାଙ୍କ ଯାତାୟାତ ସବୁଠୁ ଅଧିକ ବିପଦ ସାଜିଛି। ବାଇକ୍, ସାଇକେଲ ଆରୋହୀମାନେ ବାରମ୍ବାର ଦୁର୍ଘଟଣାଗ୍ରସ୍ତ ହେଉଥିବା ନଜିର ରହିଛି। ସ୍ଥାନୀୟ ଗ୍ରାମବାସୀ ବିଡ଼ିଓ, ଜିଲାପାଳ ଓ ବିଧାୟକଙ୍କଠାରେ ବହୁବାର ଅଭିଯୋଗ କରିବା ସହ ଗ୍ରାମ୍ୟ ଉନ୍ନୟନ ଓ ଜଳସେଚନ ବିଭାଗ ଅଧିକାରୀମାନଙ୍କୁ ଜଣାଇଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ବର୍ଷାଦିନ ଆସିଲେ ଜଳସେଚନ ବିଭାଗ ପକ୍ଷରୁ ଆଡିବନ୍ଧ ଓ ରାସ୍ତା ପାର୍ଶ୍ୱରେ ବାଲିବସ୍ତା ପକାଇ ବାଉଁଶ ପୋତି କାମ ଚଳାଇ ନିଆଯାଉଛି ବୋଲି ପୂର୍ବତନ ସରପଞ୍ଚ ବୃନ୍ଦାବନ ରାଉତ, ପଦ୍ମଲୋଚନ ପ୍ରଧାନ, ପ୍ରଦୀପ ଦାସ, ମଦନ ମାଝି ପ୍ରମୁଖ ଅଭିଯୋଗ କରିଛନ୍ତି।



ଆଡ଼ିବନ୍ଧ ବୁଲି ଦେଖୁଛନ୍ତି ସଦର ବିଧାୟକ ମଦନମୋହନ ଦତ୍ତ ଓ ଅନ୍ୟମାନେ।

ନବନିର୍ବାଚିତ ସଦର ଭାଜପା ବିଧାୟକ ମଦନମୋହନ ଦତ୍ତ ଏହି ଅଞ୍ଚଳ ପରିଦର୍ଶନ କରିବା ବେଳେ ଏହି ରାସ୍ତା ସମସ୍ୟା ନେଇ ଲୋକଙ୍କ ସହ ଆଲୋଚନା କରିଛନ୍ତି। ଶୁକ୍ରବାର ବସିଥିବା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ବୈଠକରେ ସେ ଏହି ପ୍ରସଙ୍ଗ ଉପସ୍ଥାପନା କରିଛନ୍ତି। ଆସନ୍ତା ବର୍ଷା ଋତୁ ପୂର୍ବରୁ ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଥିଲେ। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ନନ୍ଦଦୁଲାଲ ଘଡ଼େଇଙ୍କୁ ପଚାରିବାରୁ କହିଛନ୍ତି, ରାସ୍ତା ସମସ୍ୟା ସମ୍ପର୍କରେ ପ୍ରଶାସନ ଅବଗତ ରହିଛି। ଜଳସେଚନ ବିଭାଗ ପକ୍ଷରୁ ଗାର୍ଡୱାଲ କିମ୍ବା ପଥର ପ୍ୟାକିଂ ହେବା ପରେ ରାସ୍ତା ନିର୍ମାଣ କରାଯିବ। ଜଳସେଚନ ବିଭାଗୀୟ ଯନ୍ତ୍ରୀ ନୀଳମଣି ଜେନା କହିଛନ୍ତି, ନଦୀ ପାର୍ଶ୍ୱ ଆଡ଼ିବନ୍ଧରେ ଗାର୍ଡୱାଲ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି। ବର୍ଷାଦିନ ପୂର୍ବରୁ କାମ ସାରିବାକୁ ଗୁରୁତ୍ୱ ଦିଆଯାଇଛି।

## ■ ଅଟକ କନଷ୍ଟେବଲଙ୍କୁ ଛାଡ଼ିଲେ ଗ୍ରାମବାସୀ
# ଫେରିଗଲା ବାଙ୍ଗାଲୋର ପୋଲିସ

**ବାହାନଗା, ୩୧।୫(ଡି.ଏନ.ଏ.)**

ବାଙ୍ଗାଲୋରର ଜଣେ ନାବାଳିକାଙ୍କୁ ବାଲେଶ୍ୱର ଜିଲା ବାହାନଗା ବ୍ଲକ ତାଳକୁରୁଣିଆଁ ଅଞ୍ଚଳର ଜଣେ ଯୁବକ ଅପହରଣ କରିଆଣିଥିବା ସନ୍ଦେହ କରି ପୋଲିସ ଜବରଦସ୍ତ ତାଙ୍କୁ ଫାଣ୍ଡିକୁ ନେଇଯାଇଥିଲା। ଏଥିରେ ତାଙ୍କର ସମ୍ପୃକ୍ତି ନ ଥିବା ଜଣାପଡିବା ପରେ ଫାଣ୍ଡିର ଜଣେ କନଷ୍ଟେବଲ ଗୁରୁବାର ରାତିରେ ତାଙ୍କୁ ଛାଡିବା ଲାଗି ଗାଁକୁ ଯାଇଥିଲେ। ଗ୍ରାମବାସୀ ଏଥିରେ ଉତ୍ତ୍ୟକ୍ତ ହୋଇ ଉକ୍ତ କନଷ୍ଟେବଲଙ୍କୁ ଅଟକ ରଖିଥିଲେ। ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ସମ୍ପୃକ୍ତ କନଷ୍ଟେବଲଙ୍କୁ ଛାଡିବେ ନାହିଁ ବୋଲି ଗ୍ରାମବାସୀ ଅଡି ବସିଥିଲେ। ଖନ୍ତାପଡା ଥାନା ଅଧିକାରୀ ଓ ଏସ୍‌ଡିପିଓ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିବା ସହିତ ଅଟକ କନଷ୍ଟେବଲଙ୍କୁ ଉଦ୍ଧାର କରିଥିଲେ। ତେବେ ନାବାଳିକା ଅପହରଣ ମାମଲାରେ ଆସିଥିବା ବାଙ୍ଗାଲୋର ପୋଲିସ ଶୁକ୍ରବାର ଫେରିଯାଇଛି।

ବାଙ୍ଗାଲୋର ଜଣେ ନାବାଳିକାଙ୍କୁ ତାଳକୁରୁଣିଆଁ ଅଞ୍ଚଳର ଜଣେ ଯୁବକ ଅପହରଣ କରିଆଣିଥିବା ସେଠାକାର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ବାଙ୍ଗାଲୋର ଥାନା ପୋଲିସ ଯୁବକଙ୍କ ମୋବାଇଲ ଟ୍ରାକିଂ କରି ବାଲେଶ୍ୱର ଜିଲା ଖନ୍ତାପଡା ଥାନା ତାଳକୁରୁଣିଆଁ ଗ୍ରାମର ପ୍ରଭାକର ଯେନାଙ୍କ ଘରେ ଉକ୍ତ ମୋବାଇଲ ଥିବା ଜାଣିବାକୁ ପାଇଥିଲା। ସେଠାରେ ଅପହରଣ ହୋଇଥିବା ନାବାଳିକା ସେଠାରେ ଥିବା ପୋଲିସ ସନ୍ଦେହ କରିଥିଲା। ବାଙ୍ଗାଲୋର ପୋଲିସ ସହିତ ଗୋପାଳପୁର ଫାଣ୍ଡି ପୋଲିସ ପ୍ରଭାକର ଯେନାଙ୍କ ଘରକୁ ସନ୍ଧ୍ୟାରେ ଆସି ତାଙ୍କ ପୁଅ ସରୋଜ କୁମାର ଯେନାଙ୍କୁ ଜବରଦସ୍ତ ଟାଣି ଫାଣ୍ଡିକୁ ନେଇଯାଇଥିଲେ। ସେଠାକାର ପୋଲିସ ଆଣିଥିବା ଫଟୋ ସହିତ ଅଳ୍ପବହୁତ ସରୋଜ ସହିତ ମିଶୁଥିବା ବେଳେ ପରେ ପୋଲିସ ତାଙ୍କର ସମ୍ପୃକ୍ତି ନ ଥିବା ଜାଣିବାକ ପାଇଥିଲା। ତେଣୁ ତାଙ୍କୁ ଛାଡି ଦେବା ପରେ ଗୋପାଳପୁର ପୋଲିସ ସହିତ ସ୍ଥାନୀୟ ହୋମଗାର୍ଡ ଜଗନ୍ନାଥ ବାରିକ ଓ କନଷ୍ଟେବଳ କିଶ୍ୱର ପାତ୍ର ପୁନର୍ବାର ତାଳକୁରୁଣିଆଁ ଗ୍ରାମକୁ ଆସିଥିଲେ। ମାତ୍ର ବିନା କାରଣରେ ଯୁବକଙ୍କୁ ନେଇ ଥାନାରେ ମାଡ ମାରିଥିବାରୁ ଗ୍ରାମବାସୀ ଦୁଇଜଣଙ୍କୁ ଅଟକ ରଖିଥିଲେ। ମାତ୍ର ମାଡ ମାରିଥିବା ହୋମ୍‌ଗାର୍ଡ ଜଗନ୍ନାଥ ସେଠାରୁ ଖସି ପଳାଇଯିବା କାରଣରୁ ଗ୍ରାମବାସୀ ଅଧିକ ଉତ୍ତ୍ୟକ୍ତ ହୋଇପଡିଥିଲେ। ଯେପର୍ଯ୍ୟନ୍ତ ଜଗନ୍ନାଥଙ୍କୁ ଏଠାକୁ ଅଣା ନ ଯିବ ଗ୍ରାମବାସୀ ଅଟକ କନଷ୍ଟେବଲଙ୍କୁ ଛାଡିବେ ନାହିଁ ଜିଦ୍‌ରେ ଅଟଳ ରହିଥିଲେ।




ଫକୀରମୋହନ କଲେଜ ଛାତ୍ରୀଛାତ୍ର ତମାଖୁ ବର୍ଜନ ନେଇ ସଚେତନ କରୁଛନ୍ତି।

## 'ସୁସ୍ଥ ଜୀବନ ଲାଗି ତମାଖୁ ବର୍ଜନ କର'

**ବାଲେଶ୍ୱର ଅଫିସ, ୩୧।୫**

ବାଲେଶ୍ୱର ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ ପରିସରରେ ବିଶ୍ୱ ତମାଖୁ ବର୍ଜନ ଦିବସ ଜାତୀୟ ସେବା ଯୋଜନା ତରଫରୁ ଶୁକ୍ରବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ମିନତି ସେଠୀ ଏହାକୁ ଉଦ୍‌ଘାଟନ କରି ସୁସ୍ଥ ଜୀବନଯାପନ ପାଇଁ ତମାଖୁ ବର୍ଜନ ନିତାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟ ଯୁଗ୍ମ ପ୍ରଶାସନିକ ଅଧିକାରୀ ଡ. ସନ୍ତୋଷ କୁମାର ରାଉତ ଓ ଡ. ଭାଗବତ ଭୂୟାଁ ବିଶ୍ୱତମାଖୁ ବର୍ଜନ ଦିବସର ତାତ୍ପର୍ଯ୍ୟ ଓ ଉପାଦେୟତା ସମ୍ପର୍କରେ ମତ ରଖିଥିଲେ। ଏହି ଉପଲକ୍ଷେ ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀ ଓ ଛାତ୍ରୀଛାତ୍ର ଶପଥପାଠ କରି ତମାଖୁ ବର୍ଜନ ପାଇଁ ବ୍ୟକ୍ତିଗତ ଓ ସାମାଜିକ ସଚେତନତା ଉପରେ ସେମାନଙ୍କର ପ୍ରତିକ୍ରିୟା ପ୍ରଦାନ କରିଥିଲେ। ଅଧ୍ୟାପକ ଅଶୋକ ପ୍ରିୟଦର୍ଶୀ, ପ୍ରଦୀପ କୁମାର ରଣା, ଶୁଭକାନ୍ତ ସେଠୀ, ଅଦ୍ୱୈତ ରଞ୍ଜନ ନାୟକ, ଆକାଉଣ୍ଟାଣ୍ଟ ପ୍ରଦୀପ ଶତପଥୀ, ସାମ୍ ଡିଇଓ ଅତନୁ ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ସାମାଜିକ ଏବଂ ବ୍ୟକ୍ତିଗତ ସଚେତନତା ସୃଷ୍ଟି ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଥିଲା।



ସାଇ ମନ୍ଦିରରେ ଖବରଦାତାମାନେ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ପର୍ଯ୍ୟଟନ ମନ୍ତ୍ରୀଙ୍କ ପ୍ରଥମ ଖଇରା ବ୍ଲକ ଗସ୍ତ
### ■ ବିଭିନ୍ନ ମନ୍ଦିର ଦର୍ଶନ, ପ୍ରେସ୍ କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା

**ଖଇରା, ୩୧।୫(ଡି.ଏନ.ଏ.)**

ସିମୁଳିଆ ନିର୍ବାଚନ ମଣ୍ଡଳୀର ଦ୍ୱିତୀୟ ଥର ବିଧାୟକ ଭାବେ ନିର୍ବାଚିତ ହେବା ପରେ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ପର୍ଯ୍ୟଟନ, ଓଡିଆ ଭାଷା ଓ ସଂସ୍କୃତି ମନ୍ତ୍ରୀ ଦାୟିତ୍ୱ ମିଳିଛି। ଏହି ଅବସରରେ ଗୁରୁବାର ମନ୍ତ୍ରୀ ପାଣିଗ୍ରାହୀ ସିମୁଳିଆ ଓ ଖଇରା ବ୍ଲକ ଗସ୍ତ କରି ଲୋକମାନଙ୍କୁ ଭେଟିଛନ୍ତି। ପ୍ରଥମେ ଏକ ବାଇକ ଶୋଭାଯାତ୍ରାରେ ମାର୍କୋଣା ବଜାରରୁ ବାହାରି ଖଇରା ବ୍ଲକର ରାଇକୁଳାଠାରେ ପହଞ୍ଚିଥିଲେ। ସେଠାରେ ସ୍ଥାନୀୟ ଜନସାଧାରଣ ଓ ଲୋକପ୍ରତିନିଧି ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରେ କୁରୁଣ୍ଡା, ଗଣ୍ଡିବେଡ, ଓଖାପୋଖରୀ ଛକରେ ବିଜେଡି ସାଧାରଣ ସମ୍ପାଦକ ପ୍ରହଲ୍ଲାଦ ପତିଙ୍କ ନେତୃତ୍ୱରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ଖଇରା ବିଜେଡି କାର୍ଯ୍ୟାଳୟରେ ଲୋକପ୍ରତିନିଧିମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ହନୁମାନ ମନ୍ଦିର, ସତ୍ୟସାଇ, ସିରିଡି ସାଇ ମନ୍ଦିର ଯାଇ ପୂଜାର୍ଚ୍ଚନା କରିବା ସହ ଆଶୀର୍ବାଦ ଗ୍ରହଣ କରିଥିଲେ। ଆଳଦା ସତ୍ୟସାଇ ମନ୍ଦିରରେ ପୂଜାର୍ଚ୍ଚନା ପରେ ଖଇରା ପ୍ରେସ୍ କ୍ଲବ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଖବରଦାତା ଅନାମଚରଣ ପଣ୍ଡା, ବଳରାମ ପଣ୍ଡା, ଉତ୍କଳବନ୍ଧୁ ପଣ୍ଡା, ପଦ୍ମଲୋଚନ ଦାସ, କୈଳାସଚନ୍ଦ୍ର ଦାସ, ଧନଞ୍ଜୟ ପଣ୍ଡା, କିଶୋର କୁମାର ବେହେରା, ଅବିନାଶ ପ୍ରଧାନ, ତପୋଧନ ବାରିକ, ଦୟାନିଧି ମହାପାତ୍ର, ବଳରାମ ଲେଙ୍କା, ଅରବିନ୍ଦ କର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଖବରଦାତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ପର୍ଯ୍ୟଟନ ଭଳି ଗୁରୁ ଦାୟିତ୍ୱ ମିଳିଥିବାରୁ ସେ ବହୁତ ଖୁସି। ପ୍ରଥମେ ଫନି କ୍ଷତିଗ୍ରସ୍ତ ପୁରୀରେ ହୋଟେଲ ଶିଳ୍ପରେ ସୁଧାର ଆଣିବା କାର୍ଯ୍ୟକୁ ପ୍ରାଥମିକତା ଦେବେ। ଖଇରା ବ୍ଲକର ପର୍ଯ୍ୟଟନ କ୍ଷେତ୍ର ଭାବେ ମାନ୍ୟତା ପାଇଥିବା କୁପାରୀ ଓ ଡୁଡିଗଡିଆ ବିକାଶକୁ ଯଥେଷ୍ଟ ଗୁରୁତ୍ୱ ଦେବେ ବୋଲି କହିଥିଲେ। ପରେ କୁପାରୀ ଅମ୍ବିକା ଓ ଶୂନ୍ୟବ୍ରହ୍ମଙ୍କୁ ଦର୍ଶନ କରିବା ପରେ ଡୁଙ୍ଗୁରା ଓ ଗୋଳିହା ପଞ୍ଚାୟତ ଗସ୍ତ କରିଥିଲେ।

### ଟ୍ରକ୍‌କୁ ପିଟିଲା ଆମ୍ବୁଲାନ୍ସ
## ୬ ଗୁରୁତର

**ସୋର, ୩୧।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ଥାନା ଉତ୍ତରେଶ୍ୱର ବରଫକଳ ଛକଠାରେ ଶୁକ୍ରବାର ମଧ୍ୟାହ୍ନରେ ଏକ ଟ୍ରକ୍ ପଛପଟକୁ ଆମ୍ବୁଲାନ୍ସ ଧକ୍କା ଦେଇଛି। ଫଳରେ ଆମ୍ବୁଲାନ୍ସରେ ଥିବା ୬ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଲୋକେ ଓ ସୋର ପୋଲିସ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି। ପରେ ସମସ୍ତଙ୍କୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

ପଶ୍ଚିମବଙ୍ଗ ଏଗ୍ରା ଜିଲା ଚିଟିପୁର ଅଞ୍ଚଳରୁ ଏକ ଆମ୍ବୁଲାନ୍ସ (ନଂ. ଡବ୍ଲ୍ୟୁବି୩୧-୩୫୭୦) ରୋଗୀଙ୍କୁ ନେଇ ଭୁବନେଶ୍ୱର ଏମ୍ସ ହସ୍‌ପିଟାଲକୁ ଯାଉଥିଲା। ସୋର ବରଫକଳ ଛକଠାରେ ଏକ ଟ୍ରକ୍ (ନଂ. ଓଆର୍୧୧ଏ-୮୪୮୧) ଧକ୍କା ଦେଇଥିଲା। ଆମ୍ବୁଲାନ୍ସ ମଧ୍ୟରେ ଥିବା ରୋଗୀ ବନ୍ଦନା ଆଦ ଓ ସ୍ୱାମୀ ତୁଷାର ଆଦ, ଷଢୁ ସନୁ ସୁବଜେଜ ଓ ତାଙ୍କ ପତ୍ନୀ ଚନ୍ଦନା, ସମ୍ପର୍କୀୟ ଦିଲ୍ଲୀପ ଭୂୟାଁ ଓ ଡ୍ରାଇଭର ଗୁରୁତର ଆହତ ହୋଇଥିଲେ। ସୋର ପୋଲିସ ଟ୍ରକ୍ ଓ ଆମ୍ବୁଲାନ୍ସକୁ ଜବତ କରିଛି। ସୂଚନା ଯେ, ସୋରରେ ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ବଢ଼ିଚାଲିଛି।

# ତମାଖୁ ବର୍ଜନ ନିମନ୍ତେ ସମୂହ ଶପଥ ପାଠ

**ବାଲେଶ୍ୱର ଅଫିସ, ୩୧।୫**

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ ଗୃହରେ ବିଶ୍ୱ ତମାଖୁ ବର୍ଜନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଉପଜିଲାପାଳ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ରମେଶ ଚନ୍ଦ୍ର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ତମାଖୁ ବର୍ଜନ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। ଏହାପରେ ଜିଲାପାଳ ଉପସ୍ଥିତ ସମସ୍ତ ଅଧିକାରୀ, କର୍ମଚାରୀ ଓ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ତମାଖୁ ବର୍ଜନ ସକାଶେ ଶପଥପାଠ କରାଇଥିଲେ।

ପ୍ରାରମ୍ଭରେ ଜିଲା ମୁଖ୍ୟ ଚିକିତ୍ସକ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରଞ୍ଜନ କୁମାର ପାଢ଼ୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଛାତି ଓ ଯକ୍ଷ୍ମା ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରା କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ବିଶ୍ୱରେ ପ୍ରତିବର୍ଷ ତମାଖୁସେବନ ଜନିତ ରୋଗରେ ଆକ୍ରାନ୍ତ ହୋଇ ପ୍ରାୟ ୬୦ମିଲିୟନ ଲୋକ ଅକାଳ ମୃତ୍ୟୁମୁଖରେ ପଡୁଛନ୍ତି। ଏହା ସମାଜ ପାଇଁ ଏକ ମାରାତ୍ମକ ବ୍ୟାଧି ହୋଇଥିବାରୁ ଏହି ଦିବସ ପାଳନର ଗୁରୁତ୍ୱ ଅଧିକ ରହିଥିବା କହିଥିଲେ। ବୈଠକରେ 'ଜୀବନକୁ ପସନ୍ଦ କରନ୍ତୁ, ତମାଖୁକୁ ନୁହେଁ' ବିଷୟରେ ଅନ୍ୟାନ୍ୟ ବିଶେଷଜ୍ଞମାନେ ନିଜର ମତ ଉପସ୍ଥାପନ କରିଥିଲେ। ସକାଳେ ଏ ନେଇ ଏକ ସଚେତନତା ରାଲିର ଆୟୋଜନ କରାଯାଇ ସହର ପରିକ୍ରମା କରାଯାଇଥିଲା। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ବ୍ୟବସାୟିକ ପ୍ରତିଷ୍ଠାନ, ସ୍କୁଲ, କଲେଜ ସାମିଲ କରାଯାଇ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇପାରିଲେ ଏହାର ସୁଫଳ ମିଳିପାରନ୍ତା ବୋଲି ମତପ୍ରକାଶ ପାଇଥିଲା। ବୈଠକରେ ଏଡିଏମ୍‌ଓ(ଅର୍ଥ) ଅଜୟ କୁମାର ସେଠୀ, ଏଡିପିଏଚ୍‌ଓ ଡା. ଅନ୍ତର୍ଯ୍ୟାମୀ ମିଶ୍ର, ଡା. ଶଶାଙ୍କ ଶେଖର ଚୌଧୁରୀ, ଏଡିପିଏଚ୍‌ଓ ଡା. ପରେଶ ଚନ୍ଦ୍ର ନନ୍ଦି, ଡା. ଗିରୀଶ ଚନ୍ଦ୍ର ପତି, ଡିପିଏମ୍ ପ୍ରଭୁ ପ୍ରତ୍ୟନ୍ତ ପତି, ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ୱାସ୍ଥ୍ୟ କର୍ମଚାରୀ ଓ ନର୍ସିଂ ଛାତ୍ରୀଗଣ ପ୍ରମୁଖ ଉପସ୍ଥିତ ଥିଲେ।



ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ ଅବସରରେ ଉପସ୍ଥିତ ଅଧିକାରୀ।

## ଏବିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଖଇରା, ୩୧।୫ (ଡି.ଏନ.ଏ.)**

ଖଇରା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅବସର ଗ୍ରହଣ କରିଥିବା ଏବିଇଓ ବାସୁଦେବ ରାଉତଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ବିଇଓ ଧରଣୀଧର ପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ସୁଦର୍ଶନ ରାଉତ, ଗୋଲକ ଚନ୍ଦ୍ର ପାଢୀ, ମୁଖ୍ୟ କିରାଣି ବିଶ୍ୱନାଥ ମହାନ୍ତି, ସିଆରସିସି ନିତ୍ୟାନନ୍ଦ ସାହୁ, ଗୋଷ୍ଠୀ ସମ୍ବଳ ଶିକ୍ଷକ ମନୋଜ ମହାପାତ୍ର ଓ ଭାଗିରଥି ପାଢୀ ପ୍ରମୁଖ ଯୋଗଦେଇଥିଲେ। ବିଇଓ ବିଦାୟୀ ଏବିଇଓ ଜଣେ ଶାନ୍ତ, ସହନଶୀଳତା ଆଦି ଗୁଣ ଉପରେ ବକ୍ତବ୍ୟ ରଖିଥିଲେ।

## ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ବୈଠକ
# 'ବହୁମୁଖୀ ଆଶ୍ରୟସ୍ଥଳୀ ଠିକ୍ ଉପଯୋଗ କର'

**ବାଲେଶ୍ୱର ଅଫିସ, ୩୧।୫**

ବାଲେଶ୍ୱର ଜିଲାର ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପାଇଁ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସମସ୍ତ ପ୍ରଶାସନ ଅଧିକାରୀ ଏବଂ ବିଧାୟକ, ଏମ୍‌ପି ପ୍ରତିନିଧିଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ରମେଶ ଚନ୍ଦ୍ର ରାଉତ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ନବ ନିର୍ବାଚିତ ବିଧାୟକମାନଙ୍କୁ ଜିଲା ପ୍ରଶାସନ ତରଫରୁ ଫୁଲତୋଡ଼ା ଦିଆଯାଇ ସ୍ୱାଗତ କରାଯାଇଥିଲା। ଆଗାମୀ ବର୍ଷା ଋତୁକୁ ଆଖିରେ ରଖି ଜିଲାକୁ କିପରି ଭାବେ ବନ୍ୟା, ବାତ୍ୟାରୁ ରକ୍ଷା କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା।

ବୈଠକ ପ୍ରାରମ୍ଭରେ ଦୁର୍ବଳ ନଦୀବନ୍ଧ ଚିହ୍ନଟ ଏବଂ ମରାମତି, କେନାଲ ମରାମତି, ଡ୍ରେନେଜ ସଫେଇ ଉପରେ ଉପସ୍ଥିତ ସଭ୍ୟାସଭ୍ୟମାନେ ମତାମତ ରଖି ସବିଶେଷ ଆଲୋଚନା କରିଥିଲେ। ଜିଲା ଜରୁରିକାଳୀନ କାର୍ଯ୍ୟାଳୟରେ ସାଧାରଣ ସୂଚନା ୨୪ଘଣ୍ଟା ଉପଲବ୍ଧ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ୪ଟି ବ୍ଲକରେ ଖରାପ ହୋଇପଡ଼ିଥିବା ବୃଷ୍ଟିପାତ ମାପ ଯନ୍ତ୍ର ତୁରନ୍ତ ମରାମତି, ବନ୍ୟା ବେଳେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ପାଇଁ ବିଡିଓ ଓ ତହସିଲଦାରମାନେ ମିଳିତ ଭାବେ ନିଜର ଦାୟିତ୍ୱ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ୧୧୨ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ଏବଂ ୨୮ ବନ୍ୟା ଆଶ୍ରୟସ୍ଥଳୀରେ ଆବଶ୍ୟକ ସରଞ୍ଜାମ ରହିଛି କି ନାହିଁ ତାହା ତଦାରଖ କରି ରିପୋର୍ଟ ସହ କମିଟି ଗଠନ କରି ପରିଚାଳନାକୁ ସୁଗଠିତ କରିବା ଉପରେ ଆଲୋଚନା ହୋଇଥିଲା। ଜିଲାର କଷାଫଳ, ଦହମୁଣ୍ଡା, ଡଗରା, ଭୂଷଣ୍ଡେଶ୍ୱର ଆଦି ସ୍ଥାନରେ ଡିଏଚ୍‌ଏଫ୍ କେନ୍ଦ୍ର ଅସ୍ଥାୟୀ ଭାବେ ସ୍ଥାପନ କରିବା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ଅନୁରୋଧ କରାଯାଇଛି। ଭାରତ ସଞ୍ଚାର ନିଗମ, ବନ୍ୟାପ୍ରବଣ ସ୍ଥାନରେ ଆଗୁଆ ଭାବେ ମୋଟର ବୋଟ୍, ଦେଶୀଡଙ୍ଗା, ଉଦ୍ଧାରକାରୀ ଡଙ୍ଗା ମୁତୟନ ପାଇଁ ବ୍ୟବସ୍ଥା, ବୁଡ଼ାକଳ ଓ ମିଲ୍‌ମାଲିକଙ୍କୁ ଚିହ୍ନଟ କରି ଯୋଗାଯୋଗ ସ୍ଥାପନ କରିବା, କିରୋସିନ ମହଜୁଦ ରଖିବା, ବନ୍ୟା ବାତ୍ୟା ନିମନ୍ତେ ଯୋଜନା ପ୍ରସ୍ତୁତ କରି ଆବଶ୍ୟକ ଔଷଧ, ଔଷଧ କିଟ, କର୍ମଚାରୀଙ୍କୁ ସଜାଗ ରଖିବା ସହ ସାପକାମୁଡା ଇଞ୍ଜେକଶନ, ହଇଜା ଓ ମ୍ୟାଲେରିଆ ମୁକାବିଲା ପାଇଁ ଓଆର୍‌ଏସ୍, ହାଲୋଜିନ, ବ୍ଲିଚିଂ, ଥଣ୍ଡା, କାଶ ଭଳି ରୋଗ ପାଇଁ ଔଷଧ ଆଗୁଆ ବିଭିନ୍ନ ସ୍ୱାସ୍ଥ୍ୟ ଉପକେନ୍ଦ୍ର, ଅଙ୍ଗନୱାଡି କେନ୍ଦ୍ରରେ ମହଜୁଦ ରଖିବା, ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବା, ଖରାଦିନ ପାଇଁ ନଳକୂପ ମରାମତି ସହ ଟ୍ୟାଙ୍କରରେ ଜଳଯୋଗାଣ ଅବ୍ୟାହତ ରଖିବା ଏବଂ ବନ୍ୟା, ବାତ୍ୟା ସମୟରେ ଅନୁରୂପ ଭାବେ ପାନୀୟ ଜଳଯୋଗାଣ ସୁଚାରୁ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନେସ୍କୋ ତରଫରୁ ବିଦ୍ୟୁତ ସରବରାହ ବ୍ୟବସ୍ଥିତ ପାଇଁ ଲୋକଶକ୍ତି ଓ ମେଶିନ ପ୍ରସ୍ତୁତ ରଖିବାକୁ ପରାମର୍ଶ ଦିଆଯାଇଛି। କଲେଜର ଏନ୍‌ଏସ୍‌ଏସ୍ ୟୁନିଟକୁ ସାମିଲ କରିବା ପାଇଁ ମତପ୍ରକାଶ ପାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ବେଳେ ବିଡିଓ, ତହସିଲଦାର ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଯେପରି ସୁଚାରୁ ଭାବେ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବ ସେଥିପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ବାଲେଶ୍ୱର ସଦର ବିଧାୟକ ମଦନମୋହନ ଦତ୍ତ, ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଜିଲା ପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ଏମ୍‌ପିଙ୍କ ପ୍ରତିନିଧି କେଶବ କୁମାର ଆଚାର୍ଯ୍ୟ, ଭୋଗରାଇ ବିଧାୟକଙ୍କ ପ୍ରତିନିଧି, ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ବାଲେଶ୍ୱର ଉପଜିଲାପାଳ ନିଲୁ ମହାପାତ୍ର, ନୀଳଗିରି ଉପଜିଲାପାଳ ବିଶାଳ ସିଂହ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତପନ କୁମାର ପଟ୍ଟନାୟକ, ଜିଲା ଜରୁରିକାଳୀନ ଅଧିକାରୀ ଅଭୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିବା ବେଳେ ସମସ୍ତ ବିଡିଓ, ତହସିଲଦାର, ଲାଇନ ଡିପାର୍ଟମେଣ୍ଟର ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଅଗ୍ନିଶମ ବିଭାଗ, ଓଡ୍ରାଫ, ଏନ୍‌ଡିଆର୍‌ଏଫ୍‌ର ପ୍ରତିନିଧିଗଣ ଯୋଗ ଦେଇଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ ଓ ଲୋକପ୍ରତିନିଧିମାନେ।

## ସଂକ୍ଷେପରେ

### ଚୋରା କାଠ ବୋଝେଇ ଭ୍ୟାନ ଜବତ, ୨ ଗିରଫ

**ବେତନଟୀ,୩୧।୫ (ଡି.ଏନ୍.ଏ):** ବେତନଟୀ ବନାଞ୍ଚଳ ଅଧୀନ ଡେଉଁଚପଦା ଗ୍ରାମ ନିକଟରୁ ବେତନଟୀ ବନ ବିଭାଗ ଶୁକ୍ରବାର ଏକ ଚୋରା କାଠଗଣ୍ଡି ବୋଝେଇ ପିକ୍ଅପ ଭ୍ୟାନ ଜବତ କରିଛି। ଏହି ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଦ୍ୱୟ ନରେନ୍ଦ୍ର ପାତ୍ର (୩୩), ତାଙ୍କ ଘର ଡମ୍ବୁରୁଡହର ଗ୍ରାମରେ ଏବଂ ଅନ୍ୟ ଜଣେ ରାଜେଶ୍ ବାରିକ୍ (୨୫), ତାଙ୍କ ଘର ଅଗରଗହିରା ଗ୍ରାମରେ ବୋଲି ଜଣା ପଡିଛି। ପିକଅପ ଭ୍ୟାନରେ ୧୪ ପିସ୍ ଶାଳ ଗଣ୍ଡି ବୈଶିଙ୍ଗା ଅଞ୍ଚଳରୁ ରୁପ୍ସା ଅଭିମୁଖେ ଯାଉଥିବା ବେଳେ ବନ କର୍ମଚାରୀମାନେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏହାକୁ ଜବତ କରିଥିଲେ। ଜବତ କାଠଗଣ୍ଡିର ମୂଲ୍ୟ ୬୦ ହଜାର ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଏଥିନେଇ ଏକ ମାମଲା(ନଂ. ୨୯/୨୦୧୯) ରୁଜୁ ହୋଇଛି।

### ଟ୍ରକ ଧକ୍କାରେ ବାଇକ ଆରୋହୀ ଗୁରୁତର

**କୁଳିଅଣା,୩୧।୫(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅନ୍ତର୍ଗତ ୧୮ ନମ୍ବର ଜାତୀୟ ରାଜପଥର ବାଲିମୁଣ୍ଡୁଲି ନିକଟରେ ଶୁକ୍ରବାର ସକାଳେ ଏକ ଆଇରନ ବୋଝେଇ ଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତ ବାଇକ ଆରୋହୀ ବୈଶିଙ୍ଗା ଥାନା ଅନ୍ତର୍ଗତ କାଞ୍ଚି ଗ୍ରାମର ସତ୍ୟ ନାରାୟଣ ଦାସ ବୋଲି ଜଣାପଡିଛି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବାରିପଦା ଡାକ୍ତରଖାନା ଓ ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ପଠାଯାଇଛି। କୁଳିଅଣା ଥାନା ଏଏସଆଇ ସଞ୍ଜୟ କୁମାର ବ୍ରହ୍ମା ଦୁର୍ଘଟଣା ଘଟାଇଥିବା ଟ୍ରକ( ନଂ.ଓଡି୦୪ଏନ-୦୦୫୬)କୁ ଜବତ କରିଥିବା ବେଳେ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖିଛନ୍ତି। ଏଥିନେଇ ଥାନାରେ ଏକ ମାମଲା(ନଂ. ୪୭/୧୯) ରୁଜୁ ହୋଇଛି।

## ■ ମୟୂରଭଞ୍ଜ ଆୟୁର୍ବେଦିକ ମହାବିଦ୍ୟାଳୟ

# ମିଳିନି ସରକାରୀ ମାନ୍ୟତା, ସ୍ଥିତି ଦୟନୀୟ

**■ରୋଗୀ ବାହାରୁ କିଣୁଛନ୍ତି ଔଷଧ**

**■ଆୟୁଷ ବିଭାଗ ଟିମ୍ ରିପୋର୍ଟକୁ ଭରସା**

**ବାରିପଦା ଅଫିସ,୩୧।୫**

ଉତ୍ତର ଓଡ଼ିଶାର ଏକମାତ୍ର ମୟୂରଭଞ୍ଜ ଆୟୁର୍ବେଦିକ ମହାବିଦ୍ୟାଳୟ ଏଯାଏ ସରକାରୀ ମାନ୍ୟତା ପାଇ ପାରି ନାହିଁ। ୧୯୮୩ରେ ପ୍ରତିଷ୍ଠିତ ଏହି ମହାବିଦ୍ୟାଳୟର ୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ରହିଛି। ପ୍ରତିଦିନ ଶତାଧିକ ରୋଗୀ ଚିକିତ୍ସିତ ହେବାକୁ ଆସୁଛନ୍ତି। ବର୍ତ୍ତମାନ ସୁଦ୍ଧା ୭୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଠାରୁ ଉତ୍ତୀର୍ଣ୍ଣ ହୋଇ ବିଭିନ୍ନ ସ୍ଥାନରେ ଆୟୁର୍ବେଦ ସେବା ଯୋଗାଉଛନ୍ତି। ଏହି ଅନୁଷ୍ଠାନ ସରକାରୀ ମାନ୍ୟତା ପାଇ ନ ଥିବାରୁ ଦୟନୀୟ ସ୍ଥିତିରେ ରହିଛି। ଏହାର ନିଜସ୍ୱ ପାଣ୍ଠି ବ୍ୟବସ୍ଥା ନ ଥିବାରୁ ସମସ୍ତ କର୍ମଚାରୀ ବିନା ଦରମାରେ ସେବା ଯୋଗାଇ ଦେଇ ଆସୁଛନ୍ତି।

ମହାବିଦ୍ୟାଳୟ ପ୍ରତିଷ୍ଠା ହେବା ପର ଠାରୁ ମୟୂରଭଞ୍ଜ ଜିଲାପାଳ ଏହାର ସଭାପତି ଦାୟିତ୍ୱ ତୁଲାଇ ଆସୁଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ସମ୍ପାଦକ ଭାବେ କାର୍ଯ୍ୟ ତୁଲାଉଛନ୍ତି। ଏହି ମହାବିଦ୍ୟାଳୟରେ କର୍ମଚାରୀ ଅଭାବ ଥିବା ଦର୍ଶାଇ ୨୦୦୮ ମସିହାରେ ସେଣ୍ଟ୍ରାଲ କାଉନସିଲ ଅଫ ଇଣ୍ଡିଆ ମେଡିସିନ ପକ୍ଷରୁ ମହାବିଦ୍ୟାଳୟରେ ନାମଲେଖା ପ୍ରକ୍ରିୟାକୁ ବନ୍ଦ କରାଯାଇଥିଲା। ଏହା ପରେ ମହାବିଦ୍ୟାଳୟ ଅବସ୍ଥା ଶୋଚନୀୟ ହୋଇ ପଡିଛି। ଏଠାକୁ ପ୍ରତିଦିନ ଆସୁଥିବା ଶତାଧିକ ରୋଗୀ କେବଳ ପ୍ରେସକ୍ରିପ୍ସନ ନେଇ ବାହାରୁ ମେଡିସିନ କିଣୁଛନ୍ତି। ନିୟମ ମୁତାବକ ପ୍ରାୟ ୩୦ ଜଣ କର୍ମଚାରୀ ଏହି ମହାବିଦ୍ୟାଳୟରେ ରହିବା ଆବଶ୍ୟକ ଥିବା ବେଳେ ଏବେ କେବଳ ୨୧ କର୍ମଚାରୀ ରହିଛନ୍ତି। ଜିଲାରେ ରାଜନୈତିକ ଓ ପ୍ରଶାସନିକ ଇଚ୍ଛାଶକ୍ତି ଅଭାବ ଯୋଗୁ ଏହି କଲେଜ ଏବେ ବନ୍ଦ ହେବାକୁ ବସିଛି।

ମହାବିଦ୍ୟାଳୟର ଅଧ୍ୟାପକ ଡା.ପୁରୁଷୋତ୍ତମ ନାଥ କହିଛନ୍ତି ଯେ, ୧୯୯୬ ମସିହାରୁ ସେ ଏଠାରେ କାର୍ଯ୍ୟ କରି ଆସୁଛନ୍ତି। ମୟୂରଭଞ୍ଜ ଏକ ଆଦିବାସୀ ଅଧ୍ୟୁଷିତ ତଥା ବଣ ପାହାଡ ଘେରା ଅଞ୍ଚଳ। ଏଠାରୁ ଚେରମୂଳି ଔଷଧ ମିଳୁଥିବାରୁ ରୋଗୀଙ୍କୁ ସ୍ୱଳ୍ପ ମୂଲ୍ୟରେ ଔଷଧ ଯୋଗାଇଦେବା ଉଦ୍ଦେଶ୍ୟରେ ଏହି କଲେଜ ପ୍ରତିଷ୍ଠା ହୋଇଥିଲା। ଗତ ଜାନୁୟାରୀ ୩୦ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରିପଦା ଗସ୍ତରେ ଆସିଥିବା ବେଳେ ଏକ ସଭାରେ ବାରିପଦା ତକତପୁର ସ୍ଥିତ ମୟୂରଭଞ୍ଜ ଆୟୁର୍ବେଦ ମହାବିଦ୍ୟାଳୟକୁ ସରକାର ନିଜ ହାତକୁ ନେବା ଲାଗି ବିଚାର କରୁଥିବା କହିଥିଲେ। ଏହା ମଧ୍ୟରେ ୪ ମାସ ବିତି ଯାଇଥିଲେ ବି ସରକାରୀସ୍ତରରେ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଇ ନାହିଁ।

୧୯୯୧ ମସିହାରୁ କଲେଜରେ ଅଧ୍ୟାପନା କରି ଆସୁଥିବା ଜଗଜୀବନ ପାଢ଼ୀ କହିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ କଲେଜ କର୍ମଚାରୀଙ୍କ ମଧ୍ୟରେ ନୂଆ ଆଶା ସଞ୍ଚାର ହୋଇଥିଲା। ସରକାର ଏଦିଗରେ ପଦକ୍ଷେପ ଗ୍ରହଣ କଲେ ମୟୂରଭଞ୍ଜବାସୀ ଆୟୁର୍ବେଦ ଚିକିତ୍ସା ସୁବିଧାର ସୁଫଳ ପାଇପାରିବେ। ଆସନ୍ତା ଜୁନ ୧୦ ତାରିଖ ମଧ୍ୟରେ ରାଜ୍ୟ ସରକାରଙ୍କ ଆୟୁଷ ବିଭାଗର ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏକ ଟିମ ଏହି ମହାବିଦ୍ୟାଳୟକୁ ଗସ୍ତ କରିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି। ଏହି ଟିମର ରିପୋର୍ଟ ଅନୁସାରେ କଲେଜର ଭାଗ୍ୟ ନିର୍ଦ୍ଧାରଣ ହେବ। ସରକାର ଉତ୍ତର ଓଡ଼ିଶାର ଏହି ଏକମାତ୍ର କଲେଜକୁ ପରିଚାଳନା କରିବା ପାଇଁ ଉଦ୍ୟମ କରିବା ଆବଶ୍ୟକ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

## ଖୋଲା ଯାଇପାରୁନି ୪୪ ନଳକୂଅ

**ଭଞ୍ଜକିଆ,୩୧।୫(ଡି.ଏନ.ଏ.)–** ମୟୂରଭଞ୍ଜ ଜିଲାର ରରୁଆଁ ବ୍ଲକ୍ ଅଞ୍ଚଳରେ ଗୋପବନ୍ଧୁ ଗ୍ରାମୀଣ ଯୋଜନା (ଜିଜିୱାଇ)ରେ ଗତ ୨୦୧୭–୧୮ ଓ ୨୦୧୮–୧୯ ଆର୍ଥିକ ବର୍ଷରେ ମଞ୍ଜୁର ହୋଇଥିବା ନଳକୂଅ ଖନନ କାମ ଏଯାଏ ଆରମ୍ଭ ହୋଇପାରି ନାହିଁ। ରରୁଆଁ ବ୍ଲକର ୧୨ଟି ପଞ୍ଚାୟତ ନିମନ୍ତେ ମଞ୍ଜୁର ନଳକୂଅ ଖନନ ନିମନ୍ତେ କେବଳ ୨୦୧୭–୧୮ ଆର୍ଥିକ ବର୍ଷର ଫାଇଲ ଖୋଲା ଯାଇଛି। ମାତ୍ର ଇତିମଧ୍ୟରେ ମେ ମାସ ସରିଯାଇଥିଲେ ମଧ୍ୟ ୨୦୧୮–୧୯ ଆର୍ଥିକ ବର୍ଷର ନଳକୂଅ ଖନନ ନିମନ୍ତେ ଫାଇଲ ଖୋଲାଯାଇ ନାହିଁ। ପ୍ରଶାସନିକ ଅବହେଳାରୁ ପ୍ରାୟ ୪୪ଟି ନଳକୂଅ ଖନନ କାର୍ଯ୍ୟ ଆଗେଇପାରି ନାହିଁ। ରରୁଆଁ ବ୍ଲକରେ ପାନୀୟଜଳ ସମସ୍ୟା ଲାଗି ରହିଥିବାବେଳେ ନଳକୂଅ ଖୋଲା ଯିବାରେ ଅହେତୁକ ବିଳମ୍ବ ହୋଇଛି।

## ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ

**ବଡ଼ସାହି,୩୧।୫(ସ୍ୱ.ପ୍ର)**

ମୟୂରଭଞ୍ଜ ଜିଲା ଉଦଳା–ବେତନଟୀ ମୁଖ୍ୟ ରାସ୍ତାର ବଡ଼ସାହି ଗାଁ ମୁଣ୍ଡରେ ଥିବା ବିଦ୍ୟୁତ୍ ଖୁଣ୍ଟଟି ବିପଦସଙ୍କୁଳ ଅବସ୍ଥାରେ ଝୁଲି ରହିଛି। ବିଦ୍ୟୁତ୍ ବିଭାଗ ଏହାକୁ ଅପସାରଣ କରିବା ଲାଗି ପଦକ୍ଷେପ ନେଉ ନ ଥିବାରୁ କୌଣସି ମୁହୂର୍ତ୍ତରେ ଦୁର୍ଘଟଣା ଘଟିବା ସମ୍ଭାବନାକୁ ଏଡାଇ ଦେଇହେବ ନାହିଁ। ଏହି ରାସ୍ତା ଉପରେ ଯିବାଆସିବା କରୁଥିବା ପଥଚାରୀମାନେ ଖୁଣ୍ଟକୁ ଚାହିଁ ଚଳପ୍ରଚଳ କରୁଛନ୍ତି। ଫନୀର ତାଣ୍ଡବରେ ଏହି ଖୁଣ୍ଟଟି ରାସ୍ତା ଉପରକୁ ନଇଁ ରହିଛି। ଫଳରେ ଚାରିଚକିଆ ଯାନ ଗୁଡିକ ରାସ୍ତା ତଳକୁ ଓହ୍ଲାଇ ଯିବା ଆସିବା କରୁଛନ୍ତି। ପ୍ରତ୍ୟହ ଏହି ରାସ୍ତାରେ ଶହ ଶହ ଗାଡି, ମୋଟର ସାଇକେଲ ଓ ଛାତ୍ରୀଛାତ୍ରମାନେ ଚଳପ୍ରଚଳ କରୁଛନ୍ତି। ସାମାନ୍ୟ ଅସାବଧାନତା ହେଲେ ଏହି ଖୁଣ୍ଟରେ ବାଡେଇ ହେବା ନିଶ୍ଚିତ। ବିଦ୍ୟୁତ୍ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। କୌଣସି ଅଘଟଣ ଘଟିବା ପୂର୍ବରୁ ଖୁଣ୍ଟକୁ ଅପସାରଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



ଉଦଳା–ବେତନଟୀ ରାସ୍ତାର ବଡସାହି ଗାଁ ମୁଣ୍ଡରେ ଥିବା ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ।

## ୭ ଦଫା ଦାବି ନେଇ ଦିବ୍ୟାଙ୍ଗ ମଞ୍ଚର ଆନ୍ଦୋଳନ ଚେତାବନୀ



ଦିବ୍ୟାଙ୍ଗ ମଞ୍ଚର କର୍ମକର୍ତ୍ତାମାନେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**କପ୍ତିପଦା,୩୧।୫(ଡି.ଏନ.ଏ.)**

କପ୍ତିପଦା ବ୍ଲକ୍‌ରେ ୨ ହଜାରରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ବସବାସ କରୁଛନ୍ତି। ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସେମାନଙ୍କ ନିକଟରେ ପହଞ୍ଚୁ ନ ଥିବାରୁ ସେମାନେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ସେ ସମ୍ପର୍କରେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ସଚେତନ ମଧ୍ୟ କରାଯାଉ ନାହିଁ। ବାରମ୍ବାର ଅଭିଯୋଗ ପରେ ବି ପ୍ରଶାସନ ନିଦାବିଷ୍ଟ ସାଜିଛି। ଏପରି କି ଲିଖିତ ପ୍ରତିଶ୍ରୁତି ଦେଇ ମଧ୍ୟ ପ୍ରଶାସନ ତାହା ପାଳନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛି। ସେମାନଙ୍କୁ ସହଯୋଗ କରିବା ପାଇଁ କୌଣସି ରାଜନୈତିକ ବ୍ୟକ୍ତି ବିଶେଷ, ବୁଦ୍ଧିଜୀବୀ କିମ୍ବା ସଚେତନ ନାଗରିକଙ୍କ ଆନ୍ତରିକତା ମଧ୍ୟ ଦେଖିବାକୁ ମିଳୁ ନାହିଁ। ତେଣୁ ହକ୍ ଆଦାୟ ଲାଗି ୭ ଦଫା ଦାବି ନେଇ କପ୍ତିପଦା ଦିବ୍ୟାଙ୍ଗ ମଞ୍ଚର ସଭାପତି ମନୋରଞ୍ଜନ ଜେନା ଓ ସମ୍ପାଦକ ସଞ୍ଜୟ ସ୍ୱାଇଁ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଆସନ୍ତା ଜୁନ ୨୫ ସୁଦ୍ଧା ପ୍ରଶାସନ ପକ୍ଷରୁ ଯଦି ସେମାନଙ୍କର ଦାବି ପୂରଣ କରା ନ ଯାଏ ତେବେ ୨୬ ତାରିଖରେ ମଞ୍ଚ ପକ୍ଷରୁ ତହସିଲ ସମ୍ମୁଖରେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏ ସଂକ୍ରାନ୍ତରେ ଗୁରୁବାର ଏକ ପ୍ରତିନିଧି ଦଳ କପ୍ତିପଦା ତହସିଲଦାର ପ୍ରଦୀପ କୁମାର ବେହେରାଙ୍କୁ ଭେଟି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିଗୁଡିକ ମଧ୍ୟରେ ଭୂମିହୀନ ଦିବ୍ୟାଙ୍ଗମାନଙ୍କୁ ଘରବାଡି ପଟ୍ଟା ପ୍ରଦାନ କରିବା, ଭୂମିହୀନ ଦିବ୍ୟାଙ୍ଗମାନଙ୍କୁ ବିନା ମୂଲ୍ୟରେ ଆୟ, ବାସିନ୍ଦା ଓ ଜାତି ପ୍ରମାଣପତ୍ର ଯୋଗାଇ ଦେବା, ତହସିଲ ପକ୍ଷରୁ ପ୍ରତିଶ୍ରୁତି ଦେଇ ଭୂମିହୀନ ଦିବ୍ୟାଙ୍ଗମାନଙ୍କୁ ଜାତିଗତ ପ୍ରମାଣପତ୍ର ଯୋଗାଇ ନ ଦେବାର ପ୍ରହସନ ବନ୍ଦ କରାଯିବା, ସେମାନଙ୍କୁ ଆଧାର କାର୍ଡ ଫଟୋ ଉଠାଇବା ଓ ତ୍ରୁଟି ସଂଶୋଧନ ପାଇଁ ସ୍ୱତନ୍ତ୍ର ଭାବେ ବ୍ୟବସ୍ଥା କରାଯିବା, ଅବିବାହିତ ଦିବ୍ୟାଙ୍ଗ ଯୁବତୀମାନଙ୍କୁ ସ୍ୱତନ୍ତ୍ର ଭାବେ ଥଇଥାନର ବ୍ୟବସ୍ଥା କରିବା ଓ ଭୂମିହୀନ ଦିବ୍ୟାଙ୍ଗମାନେ ବର୍ତ୍ତମାନ ଯେଉଁ ସ୍ଥାନରେ ବସବାସ କରୁଛନ୍ତି ସେମାନଙ୍କୁ ସେହି ସ୍ଥାନରେ ଘରଡିହ ପଟ୍ଟା ପ୍ରଦାନ କରିବା ଓ ତହସିଲ ପକ୍ଷରୁ ବାରମ୍ବାର ଲିଖିତ ପ୍ରତିଶ୍ରୁତି ଦେଇ ତାକୁ କାର୍ଯ୍ୟକାରୀ ନ କରିବା ଆଦି ପ୍ରହସନ ବନ୍ଦ କରାଯିବା ଦାବି ଅନ୍ତର୍ଭୁକ୍ତ ଥିବା ଜଣାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ନାୟକ, ଭାନୁଚରଣ ଦାସ, ମହେଶ୍ୱର ମଲ୍ଲିକ୍ ଓ ନବୀନ ପଲେଇ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

### ବୈଶିଙ୍ଗା-ହରିପୁର କଂକ୍ରିଟ୍ ରାସ୍ତା ଶୋଚନୀୟ

**ବୈଶିଙ୍ଗା,୩୧।୫:** ୧୮ ନମ୍ବର ଜାତୀୟ ରାଜପଥ ବୈଶିଙ୍ଗା ନିକଟସ୍ଥ ଜରକାଠାରୁ ଅଁଳା ପଞ୍ଚାୟତର ହରିପୁର ଛକ ପର୍ଯ୍ୟନ୍ତ ୧୫ କି.ମି କଂକ୍ରିଟ୍ ରାସ୍ତା ୧୦ ମାସ ତଳେ ନିର୍ମାଣ କରାଯାଇଥିଲା ବେଳେ ଏବେ ଏହା ଶୋଚନୀୟ ହୋଇ ପଡିଛି। ଫଳରେ ଏହି ରାସ୍ତା ଉପରେ ବୈଶିଙ୍ଗା, ସନ୍ତରା ଓ ମେର୍ଦା ଆଦି ୩ଟି ପଞ୍ଚାୟତର ପ୍ରାୟ ୪୦ ହଜାର ଜନସାଧାରଣ ନିର୍ଭର କରୁଥିବାରୁ ବହୁ ଅସୁବିଧା ଭୋଗୁଛନ୍ତି। ଏ ସମ୍ପର୍କରେ ନିର୍ମାଣକାରୀ ସଂସ୍ଥାର ମୁଖ୍ୟ ରଣଜିତ କୁମାର ସାହୁଙ୍କୁ ପଚାରିବାରୁ ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣା ବେକ୍ଷଣର ଦାୟିତ୍ୱ ନେଇଥିବାରୁ ବର୍ଷାଋତୁ ପୂର୍ବରୁ ରାସ୍ତାସମ୍ପୂର୍ଣ୍ଣ ମରାମତି ଅତିଶୀଘ୍ର କରାଯିବ ବୋଲି ପ୍ରକାଶ କରିଛନ୍ତି।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟ୍ସ୍ ମ୍ୟାନେଜ୍‌ମେଣ୍ଟ ଶାଖା (SAMB)
ଏ/୩୪, ପଣ୍ଡିତ ଜବାହରଲାଲ୍ ନେହେରୁ ମାର୍ଗ (ଓସକାର୍ଡ ବ୍ୟାଙ୍କ ବିଲ୍ଡିଂ, ୪ର୍ଥ ମହଲା), ଭୁବନେଶ୍ୱର-୭୫୧୦୦୧, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା, ଫୋନ୍ ନଂ.:୦୬୭୪-୨୫୩୬୦୩୭/୩୮/୩୯, ଫାକ୍ସ ନଂ.:୦୬୭୪-୨୫୩୬୦୩୬, E-mail: sbi.10130@sbi.co.in

**ସର୍ବସାଧାରଣ ନୋଟିସ୍**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଯାଉଛି ଯେ, ନୋଟିସରେ ଦର୍ଶିତ ଋଣଗ୍ରହୀତା ଓ ବନ୍ଧକଦାତାମାନେ ବ୍ୟାଙ୍କରୁ ଋଣ/କ୍ରେଡିଟ ଫ୍ୟାସିଲିଟି ନେଇଛନ୍ତି ଏବଂ ସେମାନଙ୍କୁ ବାରମ୍ବାର ନୋଟିସ୍ ଦେବା ଦ୍ୱାରା ସେମାନେ ଋଣ ଶୁଝୁ ନାହାନ୍ତି। ପୁନଶ୍ଚ ନିମ୍ନ ଲିଖିତ ଋଣଗ୍ରହୀତା ଏବଂ ଜାମିନଦାରମାନେ ଇଚ୍ଛାକୃତ ଖିଲାପକାରୀ ହୋଇଥିବାରୁ ସେମାନଙ୍କ ବିରୁଦ୍ଧରେ ଆଇନ୍ ଅନୁଯାୟୀ କାର୍ଯ୍ୟ ଗ୍ରହଣ କରାଯାଇଛି। ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ସତର୍କ କରିଦିଆ ଯାଉଛି ଯେ, ନୋଟିସରେ ଦର୍ଶିତ ଋଣଗ୍ରହୀତା/ଜାମିନଦାରମାନଙ୍କ ସହିତ କୌଣସି ଚୁକ୍ତି କରିଲେ ବ୍ୟାଙ୍କ ନିକଟରେ ଉପଲବ୍ଧ ଥିବା ଆଇନ୍‌ର ଆଶ୍ରୟ ନିଆଯିବ। ଋଣଗ୍ରହୀତା ଏବଂ ଜାମିନଦାରମାନଙ୍କୁ ଜଣାଇ ଦିଆଯାଉଛି ଯେ ପନ୍ଦର ଦିନ ମଧ୍ୟରେ ସେମାନଙ୍କର ଋଣ ପରିଶୋଧ କରନ୍ତୁ ନଚେତ୍ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

| କ୍ର. ନଂ. | ଋଣଗ୍ରହୀତା/ଜାମିନଦାରମାନଙ୍କ ନାମ ଏବଂ ଠିକଣା | ଋଣଗ୍ରହୀତା/ଜାମିନଦାରମାନଙ୍କ ଫଟୋ |
|---|---|---|
| 1. | ଋଣଗ୍ରହୀତାମାନଙ୍କ ନାମ : ମେସର୍ସ କ୍ରିଷ୍ଣା ଫେରୋ ପ୍ରଡକ୍ଟସ ଲିମିଟେଡ୍, ଠିକଣା : ଏହାର ମ୍ୟାନେଜିଂ ଡାଇରେକ୍ଟରଙ୍କ ପ୍ରତିନିଧିତ୍ୱରେ : ଶ୍ରୀ ହରିକିଶନ ଅଗରୱାଲ, ସା : ମାଣ୍ଡିଆକୁଦର, ପୋ : ଚୁଙ୍ଗିମାଟି, ଜିଲ୍ଲା : ସୁନ୍ଦରଗଡ଼ (ଓଡ଼ିଶା), ପିନ୍-୭୭୦୦୩୪। | |
| 2. | ଜାମିନଦାରମାନଙ୍କ ନାମ : ଶ୍ରୀ ହରିକିଶନ ଅଗରୱାଲ, ଠିକଣା : ପିତା : ୰ ନନ୍ଦ କିଶୋର ଅଗରୱାଲ, ମେସର୍ସ କ୍ରିଷ୍ଣା ଫେରୋ ପ୍ରଡକ୍ଟସ୍ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର, ୱାର୍ଡ ନଂ. ୪, ମସଜିଦ୍ ରୋଡ, ସା/ପୋ : ରାଜଗାଙ୍ଗପୁର, ଜିଲ୍ଲା : ସୁନ୍ଦରଗଡ଼, (ଓଡ଼ିଶା), ପିନ୍-୭୭୦୦୧୭। (ଶ୍ରୀ ହରିକିଶନ ଅଗରୱାଲ ମଧ୍ୟ ମେସର୍ସ କ୍ରିଷ୍ଣା ଏଣ୍ଟରପ୍ରାଇଜର୍ସର ସତ୍ତ୍ୱାଧିକାରୀ ଯିଏକି ଇଚ୍ଛାକୃତ ଋଣ ଖିଲାପକାରୀ ଭାବେ ଘୋଷିତ ହୋଇଛନ୍ତି) |  ଶ୍ରୀ ହରିକିଶନ ଅଗରୱାଲ |
| 3. | ଜାମିନଦାରମାନଙ୍କ ନାମ : ଶ୍ରୀମତୀ ଶ୍ୱେତା କିଶନ ଅଗରୱାଲ, ଠିକଣା : ସ୍ୱାମୀ : ହରିକିଶନ ଅଗରୱାଲ, ମେସର୍ସ କ୍ରିଷ୍ଣା ଫେରୋ ପ୍ରଡକ୍ଟସ୍ ଲିମିଟେଡ୍‌ର ଡାଇରେକ୍ଟର, ୱାର୍ଡ ନଂ. ୪, ମସଜିଦ୍ ରୋଡ, ସା/ପୋ : ରାଜଗାଙ୍ଗପୁର, ଜିଲ୍ଲା : ସୁନ୍ଦରଗଡ଼, (ଓଡ଼ିଶା), ପିନ୍-୭୭୦୦୧୭। ୟୁନିଟ୍‌ର ନାମ : ମେସର୍ସ କ୍ରିଷ୍ଣା ଫେରୋ ପ୍ରଡକ୍ଟସ୍ ଲିମିଟେଡ୍ ମୋଟ ଦେୟ : ଟ. ୫୦,୭୬,୩୦,୬୮୩.୧୫ (+ ତା. ୨୮.୦୫.୨୦୧୯ ସୁଦ୍ଧା ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ) |  ଶ୍ରୀମତୀ ଶ୍ୱେତା କିଶନ ଅଗରୱାଲ |
| | ଋଣଗ୍ରହୀତାଙ୍କ ନାମ : ମେସର୍ସ ଏଆରଏସ୍‌ଏସ୍ ଇନ୍‌ଫ୍ରାଷ୍ଟ୍ରକଚରସ୍ ପ୍ରୋଜେକ୍ଟସ୍ ଲିମିଟେଡ୍, ଠିକଣା : ଏହାର ଚେୟାରମ୍ୟାନ ଶ୍ରୀ ସୁବାସ ଅଗରୱାଲଙ୍କ ପ୍ରତିନିଧିତ୍ୱରେ ପିତା : ଶ୍ରୀ ମୋହନଲାଲ୍ ଅଗରୱାଲ, ଏନ୍-୨/୮୮, ଆଇଆରସି ଭିଲେଜ, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୫। | |
| 1. | ଜାମିନଦାରଙ୍କ ନାମ : ଶ୍ରୀ ସୌମେନ୍ଦ୍ର କେଶରୀ ପଟ୍ଟନାୟକ, ପିତା : ଶ୍ରୀ ସଚ୍ଚିଦାନନ୍ଦ ପଟ୍ଟନାୟକ, ପ୍ଲଟ ନଂ. ୧୩୫୪/୯୬୧୯, ସତ୍ୟ ବିହାର, ରସୁଲଗଡ଼, ଭୁବନେଶ୍ୱର-୭୫୧୦୧୦. |  ଶ୍ରୀ ସୌମେନ୍ଦ୍ର କେଶରୀ ପଟ୍ଟନାୟକ |
| 2. | ଜାମିନଦାରଙ୍କ ନାମ : ଶ୍ରୀ ସୁବାସ ଅଗରୱାଲ, ପିତା : ଶ୍ରୀ ମୋହନଲାଲ୍ ଅଗରୱାଲ, ଏନ୍-୨/୮୮, ଆଇଆରସି ଭିଲେଜ, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୫. |  ଶ୍ରୀ ସୁବାସ ଅଗରୱାଲ |
| 3. | ଜାମିନଦାରଙ୍କ ନାମ : ଶ୍ରୀ ରାଜେଶ ଅଗରୱାଲ, ପିତା : ଶ୍ରୀ ମୋହନଲାଲ୍ ଅଗରୱାଲ, ଭିଆଇପି-୧୫୭, ଆଇଆରସି ଭିଲେଜ, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୫. |  ଶ୍ରୀ ରାଜେଶ ଅଗରୱାଲ |
| 4. | ଜାମିନଦାରଙ୍କ ନାମ : ଶ୍ରୀ ସୁନିଲ୍ ଅଗରୱାଲ, ପିତା : ଶ୍ରୀ ମୋହନଲାଲ୍ ଅଗରୱାଲ, ଏନ୍-୧/୯୩, ଆଇଆରସି ଭିଲେଜ, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୫. |  ଶ୍ରୀ ସୁନିଲ୍ ଅଗରୱାଲ |
| 5. | ଜାମିନଦାରଙ୍କ ନାମ : ଶ୍ରୀ ଅନିଲ୍ ଅଗରୱାଲ, ପିତା : ଶ୍ରୀ ମୋହନଲାଲ୍ ଅଗରୱାଲ, ଏନ୍-୧/୯୩, ଆଇଆରସି ଭିଲେଜ, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୫. |  ଶ୍ରୀ ଅନିଲ୍ ଅଗରୱାଲ |
| 6. | ଜାମିନଦାରଙ୍କ ନାମ : ଶ୍ରୀ ମୋହନଲାଲ୍ ଅଗରୱାଲ, ପିତା : ଶ୍ରୀ ତାରାଚନ୍ଦ ଅଗରୱାଲ, ଏନ୍-୧/୯୩, ଆଇଆରସି ଭିଲେଜ, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୫. |  ଶ୍ରୀ ମୋହନଲାଲ୍ ଅଗରୱାଲ |
| 7. | ଜାମିନଦାରଙ୍କ ନାମ : ଶ୍ରୀମତୀ ରାମଦୁଲାରୀ ଅଗରୱାଲ, ସ୍ୱାମୀ : ଶ୍ରୀ ମୋହନଲାଲ୍ ଅଗରୱାଲ, ଏନ୍-୧/୯୩, ଆଇଆରସି ଭିଲେଜ, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୫. |  ଶ୍ରୀମତୀ ରାମଦୁଲାରୀ ଅଗରୱାଲ |
| 8. | ଜାମିନଦାରଙ୍କ ନାମ : ଶ୍ରୀମତୀ ସୀମା ଅଗରୱାଲ, ସ୍ୱାମୀ : ଶ୍ରୀ ଅନିଲ୍ ଅଗରୱାଲ, ଏନ୍-୧/୯୩, ଆଇଆରସି ଭିଲେଜ, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୫. |  ଶ୍ରୀମତୀ ସୀମା ଅଗରୱାଲ |
| 9. | ଜାମିନଦାରଙ୍କ ନାମ : ଶ୍ରୀମତୀ ସଙ୍ଗୀତା ଅଗରୱାଲ, ସ୍ୱାମୀ : ଶ୍ରୀ ରାଜେଶ ଅଗରୱାଲ, ଭିଆଇପି-୧୫୭, ଆଇଆରସି ଭିଲେଜ, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୫. |  ଶ୍ରୀମତୀ ସଙ୍ଗୀତା ଅଗରୱାଲ |
| 10. | ଜାମିନଦାରଙ୍କ ନାମ : ଶ୍ରୀମତୀ ସଞ୍ଜୁ ଅଗରୱାଲ, ସ୍ୱାମୀ : ଶ୍ରୀ ସୁବାଷ ଅଗରୱାଲ, ଏନ୍-୨/୮୮, ଆଇଆରସି ଭିଲେଜ, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୫. |  ଶ୍ରୀମତୀ ସଞ୍ଜୁ ଅଗରୱାଲ |
| 11. | ଜାମିନଦାରଙ୍କ ନାମ : ଶ୍ରୀମତୀ ସବିତା ଅଗରୱାଲ, ସ୍ୱାମୀ : ଶ୍ରୀ ସୁନିଲ ଅଗରୱାଲ, ଏନ୍-୧/୯୩, ଆଇଆରସି ଭିଲେଜ, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୫. ୟୁନିଟ୍‌ର ନାମ : ମେସର୍ସ ଏଆରଏସ୍‌ଏସ୍ ଇନ୍‌ଫ୍ରା ପ୍ରୋଜେକ୍ଟସ୍ ଲିମିଟେଡ୍ ମୋଟ ଦେୟ: ବଳକା ରାଶି: ୭୪୩,୪୯,୧୩,୬୫୧.୭୮ ଉପାର୍ଜିତ ସୁଧ:୮୫୩,୪୧,୩୩,୦୨୪.୨୨ ଅନ୍ୟାନ୍ୟ ଖର୍ଚ୍ଚ: ୩୦,୩୭,୬୪୨.୦୦ ମୋଟ୍ : ଟ. ୧୫୯୭,୨୦,୮୪,୩୧୮.୦୦ ସହିତ ତା.୧୮.୦୪.୨୦୧୯ ଠାରୁ ପ୍ରଯୁଜ୍ୟ ସୁଧ |  ଶ୍ରୀମତୀ ସବିତା ଅଗରୱାଲ |
| 1. | ଋଣଗ୍ରହୀତାଙ୍କ ନାମ : ଶ୍ରୀ କ୍ଷୀରୋଦ ଚନ୍ଦ୍ର ମଲିକ, ଚେୟାରମ୍ୟାନ, ଠିକଣା : ସା : ଦନିପାଲି, ପୋ : ବୁଢ଼ାରାଜା, ଜିଲ୍ଲା : ସମ୍ବଲପୁର (ଓଡ଼ିଶା), ପିନ୍-୭୬୮୦୦୪। ଜାମିନଦାରଙ୍କ ନାମ : ଶ୍ରୀ କ୍ଷୀରୋଦ ଚନ୍ଦ୍ର ମଲିକ ୟୁନିଟ୍‌ର ନାମ : ମେସର୍ସ ଭରତ ଇଣ୍ଟିଗ୍ରେଟେଡ୍ ସୋସିଆଲ ୱେଲଫେୟାର ଏଜେନ୍ସି (ବିଆଇଏସ୍‌ଡବ୍ଲ୍ୟୁଏ) ମୋଟ ଦେୟ: ବଳକା ରାଶି: ଟ. ୯,୧୫,୬୮,୯୯୨.୦୦ ଉପାର୍ଜିତ ସୁଧ:୧୯,୯୩,୦୩,୯୬୪.୪୨ ଅନ୍ୟାନ୍ୟ ଖର୍ଚ୍ଚ: ୪୬,୦୦୭.୦୦ ମୋଟ୍ : ଟ. ୨୯,୦୯,୧୮,୯୬୩.୪୦ (+ ତା. ୩୧.୦୫.୨୦୧୯ ସୁଦ୍ଧା ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ) |  ଶ୍ରୀ କ୍ଷୀରୋଦ ଚନ୍ଦ୍ର ମଲ୍ଲିକ |

ତାରିଖ : ୩୦.୦୫.୨୦୧୯ — ଉପ ମୁଖ୍ୟ ପ୍ରବନ୍ଧକ

**ସାଙ୍କେତିକ ସୂଚନା**
**ସମ୍ବଲପୁର-ତାଳଚେର ରେଳ ଲିଙ୍କ୍ ପ୍ରକଳ୍ପରେ ଜମି ହରାଇଥିବା ବ୍ୟକ୍ତିଙ୍କୁ ନିଯୁକ୍ତି**

ଏତଦ୍ଦ୍ୱାରା ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କେବଳ ସମ୍ବଲପୁର-ତାଳଚେର ରେଳ ଲିଙ୍କ୍ ଲାଇନ୍ (ଯାହାଙ୍କ ଜମି ତା.04.03.1999ରିଖ ପୂର୍ବରୁ ଅଧିଗ୍ରହଣ କରାଯାଇଛି) ରେ ଜମି ହରାଇଥିବା ବ୍ୟକ୍ତିମାନଙ୍କ ନିମନ୍ତେ ଅଧିସୂଚନା ସଂ.SBP/Land Loser/2019 ତା.22.05.2019ରିଖ ଜାରି କରାଯିବା ସହିତ ଏହା ତା.22.05.2019ରିଖରେ ବିଭିନ୍ନ ସମ୍ବାଦପତ୍ର ଅର୍ଥାତ୍ ଦି ଟାଇମ୍ସ ଅଫ୍ ଇଣ୍ଡିଆ, ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍, ନବ ଭାରତ, ଧରିତ୍ରୀ, ଦି ସମାଜରେ ପ୍ରକାଶ ପାଇଛି। ଏହି ଅଧିସୂଚନା ପୂର୍ବ ତଟ ରେଳପଥ ୱେବ୍‌ସାଇଟ (www.eastcoastrail.indianrailways.gov.in) ଲିଙ୍କ୍ "About us → Division → Sambalpur Division → Recruitment" ରେ ମଧ୍ୟ ଉପଲବ୍ଧ।

PR-123/K/19-20 — ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ସମ୍ବଲପୁର

**ପୂର୍ବ ତଟ ରେଳପଥ**

क्षेत्रीय शिक्षा संस्थान, भुवनेश्वर
**REGIONAL INSTITUTE OF EDUCATION, BHUBANESWAR, ODISHA - 751022**
राष्ट्रीय शैक्षिक अनुसंधान और प्रशिक्षण परिषद्
(National Council of Educational Research and Training, New Delhi - 110016)

Advt. No.359 — Date : 29.05.2019

**Admission Notice 2019-2020**

Online applications are invited for admission to **M.Phil in Education** course offered by the Regional Institute of Education (NCERT), Bhubaneswar for the session **2019-2020**.

For details regarding Eligibility Criteria, Mode of Selection, Determination of Home State, Reservation, Fees Structure, Entrance Test etc., please visit our website **www.riebbs.ac.in** or **www.riebbs.ori.nic.in**

PRINCIPAL

**COLLEGE OF ENGINEERING & TECHNOLOGY (Autonomous)**
NAAC 'A'
(A Constituent College of Biju Patnaik University of Technology, Odisha)
Techno Campus, P.O.- Mahalaxmi Vihar, Bhubaneswar - 751029, Odisha, India

No. 1547/CET — Date: 31.05.2019

**ADMISSION NOTICE**

ADMISSION INTO REGULAR TWO-YEAR MASTER OF SCIENCE (M.Sc.) PROGRAMME – 2019

The College of Engineering and Technology, Bhubaneswar invites applications for admission to the full-time regular 2-year Master of Science (**M.Sc. in Applied Chemistry/Applied Physics/ Mathematics and Computing**) Programmes offered by the Science Departments of this college. The interested candidates may download the application form from the college website (**www.cet.edu.in**) and submit a hard copy of the completed signed application along with **non-refundable demand draft of Rs.500/- (Rs.200/- in case of SC/ST candidates) in favour of Principal, CET, Bhubaneswar payable at Bhubaneswar** on any nationalised bank and send the same by **Speed Post / Registered post**, so as to reach the office of the Principal, College of Engineering and Technology, Techno Campus, Ghatikia, Bhubaneswar-751029 by **July 03, 2019**. The envelope containing the application should be superscribed as "Application for 2-year Master of Science (M.Sc) Programme – 2019: Department: ................" along with name of the Department as applicable (Physics / Chemistry / Math and Humanities).

For detailed information visit our college website **www.cet.edu.in**. The authority reserves the right to accept/reject any or all the applications or the entire selection process without assigning any reason thereof.

Sd/-
PRINCIPAL

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2019-20/30, — ତା. 28.05.2019

ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଭାରତୀୟ ରେଳବାଇ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରନ୍ତୁ, ଯେଉଁଥିରେ କି ଏହି ରେଳପଥ ସମ୍ବନ୍ଧୀୟ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି। ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ।

ସମସ୍ତ ଯୋଗାଣକାରୀ/ବିକ୍ରେତାମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ୱେବ୍‌ସାଇଟ୍ www.ireps.gov.in(Vendors log in) ଅବଲୋକନ କରି ଅନ୍‌ଲାଇନ୍‌ରେ ସେମାନଙ୍କ ବିଲ୍ (Bills)ଜମା କରିବେ। RITES/ମାଲ ଗ୍ରହୀତା ଦ୍ୱାରା ଯାଞ୍ଚ ସହିତ ତା.01.05.2019 ରିଖ ଠାରୁ ମହଜୁଦ୍ ସାମଗ୍ରୀଗୁଡ଼ିକ ନିମନ୍ତେ ଷ୍ଟୋର୍ସ ଯୋଗାଣ ଆଦେଶ ଉପରେ ଯୋଗାଣ କରାଯାଇଥିବା ସାମଗ୍ରୀଗୁଡ଼ିକ ସନ୍ଦର୍ଭରେ ଅନ୍‌ଲାଇନ୍ ବିଲ୍ (Bills) ଜମା କରିବା ଅନିବାର୍ଯ୍ୟ ହେବ। ଯାହା ଫଳରେ ବିଲ୍‌ଗୁଡ଼ିକୁ ଯାଞ୍ଚ କରାଯିବା ସହିତ ସେଗୁଡ଼ିକୁ ପ୍ରଣାଳୀ ମାଧ୍ୟମରେ ସ୍ୱତଃ ପୈଠ ନିମନ୍ତେ ପାରିତ କରାଯାଇ ପାରିବ।

ଏହି ସୁବିଧା ମାଲ ଗ୍ରହୀତା/RITES ଯାଞ୍ଚ ଧାରା ସହିତ ମହଜୁଦ୍ ସାମଗ୍ରୀଗୁଡ଼ିକ ନିମନ୍ତେ ଷ୍ଟୋର୍ସ ଯୋଗାଣ ଆଦେଶ ସନ୍ଦର୍ଭରେ ଯୋଗାଣ କରାଯାଇଥିବା ସାମଗ୍ରୀଗୁଡ଼ିକ ନିମେନ୍ତେ ଉପଲବ୍ଧ ହେବ। ପୂର୍ବ ତଟ ରେଳପଥ ସହିତ କାର୍ଯ୍ୟ କରୁଥିବା ବିକ୍ରେତାମାନଙ୍କୁ ଅନ୍‌ଲାଇନ୍ ବିଲ୍ ଦାଖଲ ପ୍ରକ୍ରିୟା ଜନିତ ପୂର୍ବ ଜ୍ଞାନ ପ୍ରାପ୍ତ ନିମନ୍ତେ ଲିଙ୍କ୍ 'User Manual for Vendors on Post Contract Activities Version-1.0' ସହିତ ଲର୍ଣ୍ଣିଙ୍ଗ୍ ସେଣ୍ଟର (Learning Centre)ରେ www.ireps.gov.in ରେ ଉପଲବ୍ଧ ୟୁଜର ମାନୁଆଲ ପଢ଼ିବାକୁ ପରାମର୍ଶ ଦିଆଯାଉଛି। 01 ମଇ-2019 ପରେ ମାଲ ଗ୍ରହୀତା/RITES ଯାଞ୍ଚ ସହିତ ମହଜୁଦ୍ ଥିବା ସାମଗ୍ରୀଗୁଡ଼ିକର କ୍ରୟ ଆଦେଶ ନିମନ୍ତେ କୌଣସି ମାନୁଆଲ ବିଲ୍ ଗ୍ରହଣଯୋଗ୍ୟ ହେବ ନାହିଁ।

PR-120/K/19-20 — ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

## ସଂକ୍ଷେପରେ

### ରାସ୍ତାକାମ ବନ୍ଦ କଲେ ଗାଁ ଲୋକେ

**ପଦ୍ମପୁର, ୩୧।୫ (ଡି.ଏନ୍.ଏ.):** ବାସୁଦେବପୁର ବ୍ଲକ ପଡୁଆଁ ପୂର୍ତ୍ତ ବିଭାଗ ରାସ୍ତାଠାରୁ ମୋହନପୁର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାକୁ ବିରୋଧ କରି ସେମାନେ ଶୁକ୍ରବାର ରାସ୍ତାକାମକୁ ବନ୍ଦ ରଖିଛନ୍ତି। ଗ୍ରାମର ମାନଗୋବିନ୍ଦ ଦାସ, ମହେନ୍ଦ୍ର ବାରିକ, ଜଗନ୍ନାଥ ବାରିକ, ଗୋପୀନାଥ ପ୍ରଧାନ, ଘନଶ୍ୟାମ ପଲେଇ, ପୂର୍ଣ୍ଣଚନ୍ଦ୍ର ବାରିକ ପ୍ରମୁଖ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ସହ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ପ୍ୟାକେଜ୍ ନମ୍ବର ଓଆର୍ ୦୪ଏଡିବି ୨୯ ଟି-୨ରେ ଥିବା ଏହି ରାସ୍ତାର ଲମ୍ବ ୪ରୁ ୫ କି.ମି. ଥିବାବେଳେ ବ୍ୟୟ ଅଟକଳ ୨ କୋଟି ୩୦ ଲକ୍ଷ। ରାସ୍ତା ନିର୍ମାଣ ପୂର୍ବରୁ ସ୍ୱଚ୍ଛତା ଫଳକ ଲଗାଇବାର ନିୟମ ରହିଥିଲେ ବି ନାମକୁ ମାତ୍ର ସ୍ୱଚ୍ଛତା ଫଳକ ଲଗାଇ ଦିଆଯାଇଛି। ଯେଉଁଥିରେ ଠିକାଦାରଙ୍କ ନାମ, ନିର୍ଦ୍ଧାରିତ ସମୟ ଓ ଅର୍ଥର ପରିମାଣ ଉଲ୍ଲେଖ କରାଯାଇ ନାହିଁ ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ନାରାୟଣ ସାହୁଙ୍କୁ ପଚାରିବାରୁ ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

### ଦୁର୍ଘଟଣାରେ ଶିକ୍ଷାବିତ୍‌ଙ୍କ ମୃତ୍ୟୁ

**ଭଣ୍ଡାରିପୋଖରୀ, ୩୧।୫ (ଡିଏନଏ):** ୧୬ ନମ୍ବର ଜାତୀୟ ରାଜପଥର ଧାମନଗର ଛକଠାରେ ଗୁରୁବାର ରାତିରେ ଏକ ପରିବା ବୋଝେଇ ପିକ୍‌ଅପ୍ ଧକ୍କାରେ ଜଣେ ଶିକ୍ଷାବିତ୍‌ଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବନ୍ତ ବ୍ଲକ ତୋଡ଼ଗାଁ ପଞ୍ଚାୟତ ବରପଦୀ ପାଟଣା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଦିବାକର ବେହେରା(୬୫)। ଧାମନଗର ଛକସ୍ଥିତ ଏକ ଘର ପ୍ରତିଷ୍ଠା ଭୋଜି ଖାଇ ସେ ସାଇକେଲରେ ଘରକୁ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ କିଛି ସମୟ ପାଇଁ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଧାମନଗର ଥାନା ପୋଲିସ ପହଞ୍ଚି ରାସ୍ତା କ୍ଲିୟର କରିବା ସହ ଦୁର୍ଘଟଣା ଘଟାଇଥିବା ଗାଡ଼ି ସହ ଡ୍ରାଇଭର ପଶ୍ଚିମବଙ୍ଗ ବେଲ୍‌ଦାର ସନ୍ତୁ ଦାସଙ୍କୁ ନେଇ ଥାନାରେ ଅଟକ ରଖିଛି। ଏ ନେଇ ମୃତ ଦିବାକରଙ୍କ ପୁଅ ଅନ୍ତର୍ଯ୍ୟାମୀଙ୍କ ଅଭିଯୋଗ କ୍ରମେ ଧାମନଗର ଥାନାରେ ଏକ ମାମଲା(ନଂ.୯୯/୧୯) ରୁଜୁ ହୋଇଛି। ଶୁକ୍ରବାର ଭଦ୍ରକ ଜିଲା ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

### ଫନୀ କ୍ଷତିଗ୍ରସ୍ତଙ୍କୁ ସହାୟତା

**ଭଦ୍ରକ ଅଫିସ,୩୧।୫:** ଭଦ୍ରକ ଇନର ହୁଇଲ୍ କ୍ଲବ ପକ୍ଷରୁ ଗୁରୁବାର ଫନୀ କ୍ଷତିଗ୍ରସ୍ତଙ୍କ ପାଇଁ ସହାୟତା ପ୍ରଦାନ କରାଯାଇଛି। କ୍ଲବ ସଦସ୍ୟମାନେ ୧୫ ହଜାର ଟଙ୍କାର ଚେକ୍ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କୁ ପ୍ରଦାନ କରିଛନ୍ତି। କ୍ଲବ ସଭାପତି ପ୍ରଭାତୀ ଜେନା, ସମ୍ପାଦିକା ସ୍ନେହଲତା ବେହେରା, ଉପସଭାପତି ପଲ୍ଲିଶ୍ରୀ ଦାସ, କୋଷାଧ୍ୟକ୍ଷ ବୀଣାପାଣି ପଣ୍ଡା, ଗାୟତ୍ରୀ ପଟ୍ଟନାୟକ, ସଦସ୍ୟା ପରମଜିତ କୌର, ମନଜିତ କୌର, ଝରଣା ପଟ୍ଟନାୟକ, ଚାରୁଲତା ମହାପାତ୍ର, ସୁରଜିତା ନାୟକ, ସ୍ମିତା ମହାନ୍ତି, କାଦମ୍ବିନୀ ମହାନ୍ତି, ପ୍ରଣତି ମଲ୍ଲିକ, ଅନିମା ନାୟକ ଓ ପ୍ରଭାତ ନଳିନୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଏବେଠୁ ଚଳଚଞ୍ଚଳ ସାବିତ୍ରୀଆଡ଼ି

**ବନ୍ତ, ୩୧।୫ (ସ୍ୱ.ପ୍ର.)**



ଭିଡ଼ ନିୟନ୍ତ୍ରଣ ପାଇଁ ପୀଠରେ ବ୍ୟାରିକେଡ୍ ବନ୍ଧାଯାଇଛି।

- ସାବିତ୍ରୀ ବ୍ରତ ଦିନ ସଧବାଙ୍କ ଭିଡ଼ ଜମେ
- ୫ ଦିନ ଧରି ଚାଲିବ ସାଂସ୍କୃତିକ କାର୍ଯ୍ୟକ୍ରମ

ଭଦ୍ରକ ଜିଲା ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ତୋଟାସାହିରେ ଥିବା ସାବିତ୍ରୀଆଡ଼ି ପୀଠ ଚଳଚଞ୍ଚଳ ହୋଇଉଠିଛି। ଆଉ ୨ ଦିନ ପରେ ସାବିତ୍ରୀ ଓଷା। ପ୍ରତିବର୍ଷ ସାବିତ୍ରୀ ବ୍ରତ ଦିନ ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲାରୁ ହଜାର ହଜାର ସଧବା ନାରୀ ଏଠାକୁ ଆସି ପୂଜାର୍ଚ୍ଚନା କରିଥାନ୍ତି। ଚଳିତବର୍ଷ ମଧ୍ୟ ସଧବାମାନଙ୍କ ସାମୂହିକ ପୂଜାର୍ଚ୍ଚନା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏଥିସହ ୫ ଦିନ ଧରି ଏଠାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନର ବ୍ୟବସ୍ଥା କରାଯାଇଛି। ବ୍ରତ ଦିନ ସୁରୁଖୁରୁରେ କାର୍ଯ୍ୟକ୍ରମ ପରିଚାଳନା ନେଇ ପୂଜା କମିଟି ଓ ପୋଲିସ ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ଚାଲିଛି।

ବ୍ରତଧାରୀ ମହିଳାମାନେ ଏଠାକୁ ଆସି ମା' ସାବିତ୍ରୀଙ୍କୁ ବିଭିନ୍ନ ଫଳ, ଫୁଲ ଅର୍ପଣ କରି ବିଧି ଅନୁସାରେ ପୂଜାର୍ଚ୍ଚନା କରିଥାନ୍ତି। ଶଙ୍ଖା, ଶାଢ଼ି ଅର୍ପଣ ପୂର୍ବକ ୨୧ ପ୍ରକାରର ଫଳମୂଳରେ ନୈବେଦ୍ୟ ବାଢ଼ିଥାନ୍ତି। ବ୍ରତଧାରୀମାନେ ଉପବାସ ରହି ନିଷ୍ଠାର ସହ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରନ୍ତି। ପୂଜକ ଜୟକୃଷ୍ଣ ପଣ୍ଡାଙ୍କ ରଚିତ 'ସାବିତ୍ରୀ ବ୍ରତ' ପୁସ୍ତକରୁ ଏହି ପୀଠର ମହାତ୍ମ୍ୟ ବିଷୟରେ ଜାଣିବାକୁ ମିଳିଥାଏ। ମତ୍ସ୍ୟ ପୁରାଣ ଅନୁସାରେ ସତ୍ୟଯୁଗରେ ଦ୍ୟୁମତ୍‌ସେନ୍ ନାମକ ଜଣେ ରାଜା ଏଠାରେ ରାଜତ୍ୱ କରୁଥିଲେ। ପୂର୍ବ ଦିଗରେ ଜାମ୍ବବ ନାମକ ରାକ୍ଷସ ବାସ କରୁଥିଲା। ସେ ରାଜାଙ୍କୁ ଯୁଦ୍ଧରେ ପରାସ୍ତ କରି ରାଣୀ ଶବ୍ୟାଙ୍କ ଶିଶୁପୁତ୍ର ସତ୍ୟବାନଙ୍କୁ ବନ୍ଦୀ କରି ନେଇଯାଇଥିଲା। ଯୁଦ୍ଧରେ ରାଜା ଦୁଇ ଆଖି ହରାଇବା ପରେ ଅତ୍ୟନ୍ତ ଅସହାୟ ହୋଇପଡ଼ିଥିଲେ। ଏଥିରେ ସମଗ୍ର ରାଜ୍ୟବାସୀ ବ୍ୟଥିତ ହୋଇ ଭଗବାନଙ୍କୁ ଆକୁଳ ପ୍ରାର୍ଥନା କରିଥିଲେ। ସେମାନଙ୍କ ପ୍ରାର୍ଥନା ଶୁଣି ଭଗବାନ ମାଧବ ରୂପରେ ସେଠାରେ ଜନ୍ମନେଇ ରାକ୍ଷସକୁ ବଧ କରିଥିଲେ। ଉକ୍ତ ସ୍ଥାନ ଏବେ ତୋଟାସାହି ନାମରେ ନାମିତ ହୋଇଛି। ରାଜାଙ୍କ ପୁତ୍ର ସତ୍ୟବାନ ରାଜ୍ୟଭାର ଗ୍ରହଣ କରିବା ପରେ ସେଠାରେ ଏକ ତେନ୍ତୁଳି ବୃକ୍ଷ ମୂଳେ ମା' ସାବିତ୍ରୀ ଓ ସତ୍ୟବାନଙ୍କ ମୁଗୁନି ପଥର ମୂର୍ତ୍ତି ସ୍ଥାପନ କରିଥିଲେ। ପରେ ପାର୍ଶ୍ୱଦେବତା ଭାବେ ମହାବଳୀ ହନୁମାନ ଏଠାରେ ପୂଜା ପାଇ ଆସୁଛନ୍ତି। ଏହି ପୀଠ ପ୍ରାଚୀନତାର ନିଦର୍ଶନ ବହନ କରୁଛି। ସାବିତ୍ରୀଆଡ଼ି ଭାବେ ପରିଚିତ ଏହି ପୀଠର ଉନ୍ନତି ଦାୟିତ୍ୱ ସରକାର ହାତକୁ ନେଲେ ଏହାର ପ୍ରସିଦ୍ଧି ବ୍ୟାପକ ହୋଇପାରନ୍ତା ବୋଲି ସ୍ଥାନୀୟ ସରପଞ୍ଚ କିଶୋର କିଙ୍କର ପଡିଆରୀଙ୍କ ସମେତ ଅଞ୍ଚଳବାସୀ ଆଶାବ୍ୟକ୍ତ କରିଛନ୍ତି।



ରଞ୍ଜିତା



ସୁମିତ୍ରା

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

■ ରାଜନୈତିକ ହିଂସା ଘଟଣାକୁ ମାସେ ପୂରିଲା, କାର୍ଯ୍ୟାନୁଷ୍ଠାନ ଶୂନ

# ଏସ୍‌ପିଙ୍କୁ ଭେଟିଲେ ରାଷ୍ଟ୍ରୀୟ ମାନବାଧିକାରର ୪ ଜଣିଆ ଟିମ୍

**ଭଦ୍ରକ ଅଫିସ, ୩୧।୫**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ସାନବନସ୍ତା ଗ୍ରାମରେ ସାଧାରଣ ନିର୍ବାଚନର ଦୁଇଦିନ ପୂର୍ବରୁ ରାଜନୈତିକ ହିଂସା ଘଟିଥିଲା। ନିର୍ଦ୍ଦିଷ୍ଟ ଏକ ଦଳ ପକ୍ଷରୁ ଭୋଟ ଦେବାକୁ କେନ୍ଦ୍ରକରି କନକଲତା ସେଠୀ ନାମ୍ନୀ ଜଣେ ମହିଳାଙ୍କ ପରିବାର ଉପରେ ଆକ୍ରମଣ ହୋଇଥିଲା। ଆକ୍ରମଣରେ କନକଲତାଙ୍କ ସ୍ୱାମୀ ହରେକୃଷ୍ଣ, ୨ ପୁଅ ଓ ହରେକୃଷ୍ଣଙ୍କ ଦୁଇ ଭାଉଜ ଆହତ ହୋଇଥିଲେ। ଏହି ଘଟଣାରେ କନକଲତାଙ୍କ ପକ୍ଷରୁ ଗତ ଏପ୍ରିଲ ୩୦ ତାରିଖରେ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ୧୮ ଜଣଙ୍କ ନାମରେ ମାମଲା (ନଂ.୬୨/୧୯) ରୁଜୁ କରିଥିଲା। ଏହାମଧ୍ୟରେ ମାସେ ବିତିଯାଇଥିଲେ ମଧ୍ୟ ପୋଲିସ କାହାରିକୁ ଗିରଫ କରିନାହିଁ। କନକଲତାଙ୍କ ପରିବାର ପକ୍ଷରୁ ବହୁବାର ଥାନାରେ ଘଟଣାର ତଦନ୍ତ ସହ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଦାବି କରାଯାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଗୁରୁବାର ଭୁବନେଶ୍ୱର ରାଷ୍ଟ୍ରୀୟ ମାନବାଧିକାରର ଏକ ୪ ଜଣିଆ ଟିମ୍ ଭଦ୍ରକ ଗସ୍ତରେ ଆସି ଏସ୍‌ପିଙ୍କୁ ଭେଟି ଏହି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି। ଏସ୍‌ପି ରାଜେଶ ପଣ୍ଡିତ ଆବଶ୍ୟକ ପଦକ୍ଷେପ ନେବେ ବୋଲି ଏହି ଟିମ୍ ସଦସ୍ୟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ମଗୁଲି ଜେନା, ରବୀନ୍ଦ୍ର ମଲ୍ଲିକ, ଶଶିକାନ୍ତ ମଲ୍ଲିକ, ସାମାଜିକ କର୍ମୀ କାଜଲ ନାୟକ ପ୍ରମୁଖ ଟିମ୍‌ରେ ସାମିଲ ଥିଲେ।



ଏସ୍‌ପିଙ୍କ ଅଫିସ ଆଗରେ ମାନବାଧିକାର କର୍ମୀ।

## ସ୍ମୃତି ସମାରୋହରେ ସମ୍ବର୍ଦ୍ଧନା

**ଧାମନଗର, ୩୧।୫ (ଡି.ଏନ୍.ଏ.)**

ଧାମନଗର ବ୍ଲକ ଅସୁରାଳି ଶାନ୍ତିନଗରଠାରେ ୫ମ ବାର୍ଷିକ ବିନୋଦ ବିହାରୀ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ପରିଷଦର ସଭାପତି ବୈକୁଣ୍ଠନାଥ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅସୁରାଳି ସରପଞ୍ଚ ରାଜେନ୍ଦ୍ର କୁମାର ସାହୁ, ଅଧ୍ୟାପକ ହୃଷୀକେଶ ରାଉତ, ଆଇନଜୀବୀ ଗଣେଶ ଚନ୍ଦ୍ର ଦାସ, ସୁଧାକର ଦାସ, ଅନନ୍ତ ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାମାଜିକ କର୍ମୀ ବିନୋଦ ବେହେରାଙ୍କ ସ୍ମୃତିଚାରଣ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଶିକ୍ଷା, ସଂସ୍କୃତି ଓ ଧର୍ମାନୁଷ୍ଠାନ ଆଦିର ବିକାଶ କ୍ଷେତ୍ରରେ ବିନୋଦ ଅଗ୍ରଣୀ ଭୂମିକା ନେଇଥିଲେ ବୋଲି ସେମାନେ କହିଥିଲେ। ଏହି ଅବସରରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏହି ବ୍ଲକରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ସୂର୍ଯ୍ୟସ୍ନାତ ପଣ୍ଡା, ଆକାଶ ସାହୁ, ଆଶିଷ ଦାସ ଓ ଛାତ୍ରୀ ଅନନ୍ୟା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ସମ୍ପାଦକ ସହଦେବ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆବାହକ ରବିନାରାୟଣ ଖିଲାର ଧନ୍ୟବାଦ ଦେଇଥିଲେ। ଜଗନ୍ନାଥ ବେହେରା, ପ୍ରଫୁଲ୍ଲ ବେହେରା, ଦେବେନ୍ଦ୍ର ବେହେରା ଓ କାହ୍ନୁ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

## ସୁନାଚେନ୍ ଚୋରି ଅଭିଯୋଗରେ ଜଣେ ଗିରଫ

**ଧାମନଗର, ୩୧।୫ (ଡି.ଏନ୍.ଏ.)**

ସୁନାଚେନ୍ ଚୋରି ଅଭିଯୋଗରେ ଧାମନଗର ବ୍ଲକ ଧୂଷୁରୀ ଥାନା ଅନ୍ତର୍ଗତ ଶ୍ରୀଗଙ୍ଗା ଗ୍ରାମର ବାଇଆ ମହାନ୍ତିଙ୍କୁ ପୋଲିସ ଗିରଫ କରିଛି। ବାଇଆ ଗତ ମଙ୍ଗଳବାର ରାତିରେ ତାଙ୍କ ଘରେ ପଶି ସୁନା ଚେନ୍ ଚୋରି କରିଥିବା ସେହି ଗ୍ରାମର ଚିନ୍ମୟୀ ପଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ମାମଲା(ନଂ.୮୬/୧୯) ରୁଜୁ ହୋଇଛି। ପୋଲିସ ବାଇଆଙ୍କୁ ଥାନାକୁ ଆଣି ପଚରାଉଚୁରା କରିବା ପରେ ଗିରଫ କରି କୋର୍ଟ ଚାଲାଣ କରିଛି।

# ଧାମରାରେ କୃଷକ ପ୍ରଶିକ୍ଷଣ ଶିବିର




ଶିବିରରେ କୃଷକମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

**ଭଦ୍ରକ ଅଫିସ, ୩୧।୫**

ଗୃହପାଳିତ ପ୍ରାଣୀଙ୍କ ଉପରେ ନିର୍ଭର କରୁଥିବା ଚାଷୀଙ୍କ ଜୀବନ ଜୀବିକା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଧାମରା ଆଦାନୀ ଫାଉଣ୍ଡେଶନ ଏବଂ ବାଏଫ୍‌ର ମିଳିତ ସହଯୋଗରେ ଶୁକ୍ରବାର ଧାମରା ବନ୍ଦର ପରିପାର୍ଶ୍ୱସ୍ଥ ପଞ୍ଚାୟତରେ କୃଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୃହପାଳିତ ପ୍ରାଣୀଙ୍କୁ କୃତ୍ରିମ ପ୍ରଜନନ ଦ୍ୱାରା ଗର୍ଭଧାରଣ କରାଇବା, ପ୍ରାଣୀଙ୍କ ରୋଗ ଉପଚାର ଉପାୟ, ଅଧିକ କ୍ଷୀର ଉତ୍ପାଦନ, ଗୃହପାଳିତ ପ୍ରାଣୀ ରହୁଥିବା ସ୍ଥାନ ପରିଚାଳନା, ଅସୁସ୍ଥ ଥିବା ପ୍ରାଣୀଙ୍କ ଲକ୍ଷଣ, ସେମାନଙ୍କ ମଧ୍ୟରେ ଥିବା ସାଧାରଣ ରୋଗ ଚିହ୍ନଟ, ସ୍ୱଚ୍ଛତାର ପ୍ରଭାବ ଏବଂ ଟୀକାକରଣ ଆଦି ବିଷୟରେ ଚାଷୀମାନଙ୍କୁ ସଚେତନ କରାଇବା ଓ ସେମାନଙ୍କ ଦକ୍ଷତା ବୃଦ୍ଧି କରିବା ଆଦାନୀ ଫାଉଣ୍ଡେଶନର ମୁଖ୍ୟ ଲକ୍ଷ୍ୟ ବୋଲି କୁହାଯାଇଥିଲା। ଏହି କ୍ରମରେ କରଞ୍ଜମାଳ ପଞ୍ଚାୟତ ବଜରାପୁର ଗ୍ରାମରେ କୃଷକ ପ୍ରଶିକ୍ଷଣ ଶିବିର ହୋଇଥିଲା। ପଞ୍ଚାୟତର ୭୫ରୁ ଉର୍ଦ୍ଧ୍ୱ ଚାଷୀ ଏଥିରେ ଭାଗ ନେଇଥିଲେ। ଗୃହପାଳିତ ପ୍ରାଣୀମାନଙ୍କର କିପରି ଯତ୍ନ ନିଆଯିବ ଏବଂ ସେମାନଙ୍କ ମଧ୍ୟରେ ସ୍ୱଚ୍ଛତା ବଜାୟ ରଖିବା ଦିଗରେ ଏକ ପ୍ରତ୍ୟେକ୍ଷ ପ୍ରଦର୍ଶନ କରାଯାଇଥିଲା। ପ୍ରାଣୀ ଚିକିତ୍ସାଧିକାରୀ ସତୀଶ କୁମାର, ବାଏଫ୍ କାର୍ଯ୍ୟକ୍ରମ ଅଧିକାରୀ ପଙ୍କଜ ସିଂ, ଆଦାନୀ ଫାଉଣ୍ଡେଶନର ୟୁନିଟ ସିଏସ୍‌ଆର୍ ମୁଖ୍ୟ ସତ୍ୟରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## 'ତମାଖୁ ସେବନରୁ ନିବୃତ୍ତ ରୁହ'

**ଭଣ୍ଡାରିପୋଖରୀ, ୩୧।୫ (ଡି.ଏନ୍.ଏ.)**

ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ଶୁକ୍ରବାର ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପଦିନାରାୟଣପୁରସ୍ଥିତ ପ୍ରାଣକୃଷ୍ଣ ଧଳ ପାଠାଗାରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ପୁରୁଷୋତ୍ତମ ଧଳ ଅଧ୍ୟକ୍ଷତା କରିଥିଲେ। ଡ. ନିରଞ୍ଜନ ଓଝା, ଶିକ୍ଷାବିତ୍ ପ୍ରଫୁଲ୍ଲ ସାହୁ, ଘନଶ୍ୟାମ ସ୍ୱାଇଁ, ନାରାୟଣ ପୋଥାଳ, ପ୍ରଦୀପ ବେହୁରିଆ, ଖଗେଶ୍ୱର ଜେନା, ସରୋଜ ନାୟକ ପ୍ରମୁଖ ଯୋଗଦେଇ ତମାଖୁ ସେବନର ଅପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ତମାଖୁ ସେବନଠାରୁ ନିବୃତ୍ତ ରହିବାକୁ ସମସ୍ତଙ୍କୁ ସଚେତନ କରାଯାଇଥିଲା। ସମ୍ପାଦକ ହିମାଂଶୁ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ତମାଖୁ ବର୍ଜନ ଦିବସ ପାଳନ ଅବସରରେ ଆଶାକର୍ମୀମାନଙ୍କ ଦ୍ୱାରା ଆୟୋଜିତ ସଚେତନତା ରାଲିକୁ ଡା. କମଳାକାନ୍ତ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଏହି ରାଲି ଡାକ୍ତରଖାନାରୁ ବାହାରି ବ୍ଲକ ଛକ ପର୍ଯ୍ୟନ୍ତ ଯାଇଥିଲା। ପରେ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଡା. ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଲାବ୍ରୋଟୋରି ଟେକ୍ନିସିଆନ ନିରଞ୍ଜନ ସାହୁ, ସ୍ୱାସ୍ଥ୍ୟ ପରିଦର୍ଶକ ଅମରଜିତ ରାୟ, ମନୋରଞ୍ଜନ ରାଉତ, ମିନତି ଦାସ, ବିରେନ୍ଦ୍ର ସାହୁ, ଗୋଷ୍ଠୀ ସମ୍ପ୍ରସାରଣ ଅଧିକାରୀ ଅନିତାରାଣୀ ରାଉତ, ଆଶାକର୍ମୀ ପ୍ରମୁଖ ଯୋଗ ଦେଇଥିଲେ। ଫୁସ୍‌ଫୁସ୍ କ୍ୟାନ୍‌ସର, ମୁଖଗହ୍ୱ କ୍ୟାନ୍‌ସର ଆଦିରୁ ନିସ୍ତାର ଲାଗି ତମାଖୁ ବର୍ଜନ କରିବା ପାଇଁ ସଚେତନ କରାଯାଇଥିଲା।




ତମାଖୁ ବର୍ଜନ ପାଇଁ ସଚେତନତା ରାଲି।

# ଭଙ୍ଗାଯାଉନି ବିପଦସଙ୍କୁଳ ସ୍କୁଲ ଗୃହ

**ତିହିଡ଼ି, ୩୧।୫ (ଡି.ଏନ୍.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ କୁବେରା ପଞ୍ଚାୟତ ଇଟାଗଡ଼ି ପ୍ରାଥମିକ ସ୍କୁଲ ପରିସରରେ ଥିବା ଏକ ପୁରାତନ ସ୍କୁଲ ଗୃହ ବିପଦସଙ୍କୁଳ ହୋଇପଡ଼ିଛି। ଉକ୍ତ ଗୃହକୁ ଭଙ୍ଗାଯିବା ପାଇଁ ସ୍କୁଲ ପରିଚାଳନା କମିଟି ସଭାପତି ଓ ସଭ୍ୟ ଜିଲା ପ୍ରକଳ୍ପ ସଂଯୋଜକ ଏବଂ ବ୍ଲକ ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଯାଏ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

୧୯୯୪ ମସିହାରେ ତିଆରି ହୋଇଥିବା ଏହି ସ୍କୁଲ ଗୃହ ଭାଙ୍ଗିରୁଜି ଯାଇଛି। ସ୍କୁଲର ପାଚେରି ନ ଥିବାରୁ ଏହି ଭଙ୍ଗା ଘର ଭିତରକୁ ଛାତ୍ରୀଛାତ୍ର ବେଳେ ବେଳେ ଚାଲି ଯାଉଛନ୍ତି। ଫଳରେ ଜୀବନ ହାନି ଘଟିବାର ଆଶଙ୍କା ରହିଛି। ଏହାଛଡ଼ା ପରିତ୍ୟକ୍ତ ଗୃହକୁ ଭଙ୍ଗା ଗଲେ ସେଠାରେ ସ୍କୁଲର ନୂତନ ଗୃହ ମଧ୍ୟ ନିର୍ମାଣ ହୋଇପାରିବ। ପରିଚାଳନା କମିଟିର କର୍ମକର୍ତ୍ତା ଉକ୍ତ ଗୃହ ଭାଙ୍ଗିବା ପାଇଁ ଜିଲା ପ୍ରକଳ୍ପ ସଂଯୋଜକଙ୍କ ଅନୁମତି ଚାହିଁଥିଲେ। କମିଟି ସଭାପତି ଗଣେଶ ପ୍ରସାଦ ରାଉତ, ଉପସଭାନେତ୍ରୀ ପୁଷ୍ପାଞ୍ଜଳି ଭୋଇ, ସଭ୍ୟ ଲକ୍ଷ୍ମୀଧର ସେଠୀ, ଦେବେନ୍ଦ୍ର ଖଟୁଆ, ନିର୍ମଳା ସେଠୀ, ପଦ୍ମାବତୀ ଖଟୁଆ, ଲୀଳାବତୀ ବେହେରା ପ୍ରମୁଖ ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ମାତ୍ର ଏପର୍ଯ୍ୟନ୍ତ ଅନୁମତି ମିଳି ପାରି ନ ଥିବାରୁ ସ୍କୁଲ ଗୃହ ଭଙ୍ଗା ଯାଇପାରୁ ନାହିଁ। ଏ ବାବଦରେ ଜିଲା ପ୍ରକଳ୍ପ ସଂଯୋଜକ ସଂଗ୍ରାମ ସାହୁଙ୍କୁ ପଚାରିବାରୁ ସ୍କୁଲ ପରିଚାଳନା କମିଟି ଚାହିଁଲେ ରିଜୋଲିସନ କରି ଘରଟିକୁ ଭାଙ୍ଗିଦେଇ ପାରିବେ ବୋଲି କହିଛନ୍ତି।



ବିପଦସଙ୍କୁଳ ଅବସ୍ଥାରେ ଥିବା ପୁରାତନ ସ୍କୁଲ ଗୃହ।

■ ନିମ୍ନମାନର ରାସ୍ତା ନିର୍ମାଣକୁ ବିରୋଧ

# ଠିକାଦାରଙ୍କୁ ଘେରିଲେ ଗ୍ରାମବାସୀ

**ବନ୍ତ, ୩୧।୫ (ଡି.ଏନ୍.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଷେଣ୍ଡତିରା ପଞ୍ଚାୟତ ପରମାନନ୍ଦପୁରଠାରେ ନିର୍ମାଣାଧୀନ ପ୍ରଧାନମନ୍ତ୍ରୀ ଗ୍ରାମ୍ୟସଡ଼କ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ରାସ୍ତାକାମକୁ ବିରୋଧ କରି ଶୁକ୍ରବାର ଗ୍ରାମବାସୀ ସମ୍ପୃକ୍ତ ଠିକାଦାରଙ୍କୁ ଘେରିଥିଲେ। ଏହି ରାସ୍ତା ଉପରେ ଗ୍ରାମର ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରୁଥିବାରୁ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯିବାକୁ ଗାଁ ଲୋକେ ଦାବି କରିଛନ୍ତି।

ଉଲ୍ଲେଖନୀୟ ଯେ, ପିଡବ୍ଲୁଡି ରାସ୍ତାଠାରୁ ପରମାନନ୍ଦପୁର ପର୍ଯ୍ୟନ୍ତ ୧ କି.ମି. ୨୦୦ ମିଟର ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ୨୦୧୮ ଏପ୍ରିଲ ୧୯ରୁ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ରାସ୍ତା ପାଇଁ ୪୮ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିବା ବେଳେ ଗତ ଜାନୁୟାରୀ ୧୮ ତାରିଖ ସୁଦ୍ଧା କାମ ଶେଷ ହେବାର ଥିଲା। ହେଲେ ଏଯାଏ ରାସ୍ତାକାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଆରମ୍ଭରୁ ନିମ୍ନମାନର କାମ ହେଉଥିବା ନେଇ ଗ୍ରାମବାସୀ ସମ୍ପୃକ୍ତ ଠିକାଦାର ଓ ବିଭାଗୀୟ ଅଧିକାରୀମାନଙ୍କୁ ବିଭିନ୍ନ ସମୟରେ ଅଭିଯୋଗ କରିଆସୁଥିଲେ। କୌଣସି ସୁଫଳ ନ ମିଳିବାରୁ ଶେଷରେ ଗ୍ରାମର ଗଜେନ୍ଦ୍ର ମହାପାତ୍ର, ପ୍ରଶାନ୍ତ ବାରିକ, ସୁରେନ୍ଦ୍ର ବେହେରା, ରମାକାନ୍ତ ମଙ୍ଗଳ, ରତ୍ନାକର ମହାଳିକ, ପାଣ୍ଡବ ମହାଳିକ, କୋଦଣ୍ଡ ମହାଳିକ, ରଞ୍ଜିତା ମହାଳିକ, ନିର୍ମଳା ମହାଳିକ ପ୍ରମୁଖ ଠିକାଦାରଙ୍କୁ ଘେରାଉ କରି ରାସ୍ତାକାର୍ଯ୍ୟ ଠିକ୍ ଭାବେ କରିବା ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠଯନ୍ତ୍ରୀ କୃଷ୍ଣପଦ ମହାନ୍ତିଙ୍କୁ ପଚାରିବାରୁ କହିଛନ୍ତି, ରାସ୍ତା ନିର୍ମାଣ କାର୍ଯ୍ୟ ଠିକ୍ ଭାବେ ଚାଲିଛି। ଗୋଟିଏ ସ୍ଥାନରେ କିଛି ମାଟି କାମ ରହିଯାଇଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରୁଛନ୍ତି।



ରାସ୍ତା ନିର୍ମାଣ କାର୍ଯ୍ୟକୁ ବିରୋଧ କରି ଗାଁ ଲୋକେ ଠିକାଦାରଙ୍କୁ ଘେରିଛନ୍ତି।

## ସଂକ୍ଷେପରେ

# ଆଜି ଢେଙ୍କାନାଳ ଆସିବ କଳ୍ପନାଙ୍କ ପାର୍ଥିବ ଶରୀର



**ଢେଙ୍କାନାଳ ଅଫିସ, ୩୧।୫:** ଏଭରେଷ୍ଟ ଆରୋହୀ କଳ୍ପନା ଦାଶଙ୍କ ପାର୍ଥିବ ଶରୀର ଶନିବାର ରାତିରେ ଢେଙ୍କାନାଳରେ ପହଞ୍ଚିବ ବୋଲି ତାଙ୍କ ପୁତୁରା ଗୌରୀଶଙ୍କର ଦାଶ ସୂଚନା ଦେଇଛନ୍ତି। ବାଲ୍‌କୋନୀ ଏରିଆରୁ ମୃତଦେହ କାଠମାଣ୍ଡୁ ଅଣାଯିବା ପରେ ସେଠାରେ ବ୍ୟବଚ୍ଛେଦ କରାଯାଇଛି। ଅନ୍ୟାନ୍ୟ କାଗଜପତ୍ର କାମ ଶେଷ ହେବାପରେ ଶନିବାର ଅପରାହ୍ନ ୩ଟା ୩୫ରେ ମରଶରୀର କାଠମାଣ୍ଡୁରୁ ବିମାନ ଯୋଗେ ନୂଆଦିଲ୍ଲୀ ଅଣାଯିବ। ସନ୍ଧ୍ୟା ୮ଟା ୫୫ ସୁଦ୍ଧା ଭୁବନେଶ୍ୱର ବିମାନ ବନ୍ଦରରେ ମୃତଦେହ ପହଞ୍ଚିବ। ସେଠାରୁ ମରଶରୀର ଢେଙ୍କାନାଳ ଅଣାଯିବ। କଳ୍ପନାଙ୍କ ଭାଇ ପ୍ରଦୀପ ଦାଶଙ୍କ ସମେତ ଅନ୍ୟ ୨ଜଣ ସହଯୋଗୀ ମୃତଦେହ ସହ ଆସୁଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

## ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ସମୀକ୍ଷା କଲେ ମନ୍ତ୍ରୀ

# ପ୍ରଗତିଶୀଳ ସ୍ୱାସ୍ଥ୍ୟ ନୀତି ପ୍ରସ୍ତୁତ କରାଯିବ

ଭୁବନେଶ୍ୱର, ୩୧।୫(ବ୍ୟୁରୋ)

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ନବ କିଶୋର ଦାସ ଶୁକ୍ରବାର ବିଭାଗ ପରିଦର୍ଶନ କରି ପଦାଧିକାରୀମାନଙ୍କ ସହିତ ରାଜ୍ୟର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଛନ୍ତି। ରାଜ୍ୟବାସୀଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ସହ ଭିତ୍ତିଭୂମିଠାରୁ ଆରମ୍ଭ କରି ମାନବ ସମ୍ବଳ ବିକାଶ ଆଦି ନିମନ୍ତେ ଏକ ସ୍ୱଷ୍ଟ ଓ ପ୍ରଗତିଶୀଳ ସ୍ୱାସ୍ଥ୍ୟନୀତି ପ୍ରସ୍ତୁତ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବିଭାଗକୁ ଅଧିକ କ୍ରିୟାଶୀଳ ଓ ଲୋକାଭିମୁଖୀ କରିବା ପାଇଁ ୧୦୦ ଦିନିଆ ଲକ୍ଷ୍ୟଧାର୍ଯ୍ୟ କରି କାମ କରିବାକୁ ମନ୍ତ୍ରୀ ଦାସ କହିଛନ୍ତି। ମେଡିକାଲ କଲେଜଠାରୁ ଆରମ୍ଭ କରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ସବୁଠି ସୁବିଧାରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା, ଖାଲିଥିବା ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରାଯିବା, ଅଧିକ ସଂଖ୍ୟକ ଡାକ୍ତର ସୃଷ୍ଟି ଆଦି ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ବିଭାଗର ବିଭିନ୍ନ ସମସ୍ୟା ସମାଧାନ ପ୍ରତି ଉପଯୁକ୍ତ ଧ୍ୟାନ ଦିଆଯିବ। ବିଭାଗ ଉପରେ ସାଧାରଣ ଲୋକଙ୍କ ଆସ୍ଥା ଯେପରି ବଜାୟ ରହିବ ସେ ନେଇ ସମସ୍ତେ ମିଳିମିଶି ନିଷ୍ଠାର ସହ କାର୍ଯ୍ୟ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ବିଭାଗର ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ଓ ଲକ୍ଷ୍ୟ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ସ୍ୱାସ୍ଥ୍ୟ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ସମୀକ୍ଷା ବୈଠକରେ ସ୍ୱତନ୍ତ୍ର ଶାସନ ସଚିବ ଶରତ ମିଶ୍ର, ଡା. ବି.କେ. ବ୍ରହ୍ମା, ରାଜ୍ୟ ମେଡିକାଲ ନିଗମ ଏମ୍.ଡି ଅର୍ଚ୍ଚନା ପଟ୍ଟନାୟକ, ଯୁଗ୍ମସଚିବ ଯାମିନୀ ଷଡ଼ଙ୍ଗୀଙ୍କ ସମେତ ବିଭାଗର ସମସ୍ତ ନିର୍ଦ୍ଦେଶକ ଏବଂ ପଦାଧିକାରୀ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଏବଂ ବିଭାଗୀୟ ଅଧିକାରୀମାନେ ଆଲୋଚନାରତ।

**୧୦୦ ଦିନିଆ ଲକ୍ଷ୍ୟଧାର୍ଯ୍ୟ ସହ କାର୍ଯ୍ୟ କରିବାକୁ ପରାମର୍ଶ**

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ତରଭା,୩୧।୫(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ତରଭା ଥାନା ମନହିରା ଗ୍ରାମର ଦେବରାଜ ସରଭଙ୍ଗଙ୍କ ପୁଅ ଦୀପକ(୧୭)ଙ୍କର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି । ଗୁରୁବାର ବିଳମ୍ବିତ ରାତିରେ ଦୀପକ ଘରେ ଥବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚେତାଶୂନ୍ୟ ହୋଇ ପଡିଥିଲେ। ତାଙ୍କୁ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଦାୟିତ୍ୱରେ ଥିବା ଡାକ୍ତର ସୁଲଗ୍ନା ନେଗୀ ତାଙ୍କୁ ମୃତ ଘୋଷଣା କରିଥିଲେ। ତରଭା ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୩/୧୯)ରୁଜୁ ହୋଇଛି। ଶୁକ୍ରବାର ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଥାନାର ଏଏସଆଇ ଘଟଣାର ତଦନ୍ତ କରୁଥିବା ବେଳେ ବିଦ୍ୟୁତ୍ ଆଘାତରୁ ଦୀପକଙ୍କ ମୃତ୍ୟୁ ହୋଇଥିବା ଥାନା ଅଧିକାରୀ ଡୋଲାମଣି ଭୋଇ ସୂଚନା ଦେଇଛନ୍ତି।


### DISTRICT PROJECT OFFICE SAMAGRA SHIKSHYA, MAYURBHANJA

**Murgawadi, Baripada, Mayurbhanj, Odisha, Pin-757002**
**Ph. No.-06792-260865, Fax-06792-260007**

**No.1759** **TENDER CALL NOTICE** **Dt: 31.05.19**

Sealed tenders are invited in prescribed format from intending registered printing press having vaild PAN & GST Registration certificate & experience in printing of text books with TBPM-BBSR for printing & supply of Tribal Language Text Books for Samagra Shikshya, Mayurbhanj, on payment of Rs.5000/- (Rupees five thousand) as tender application cost. The last date of receipt of sealed tender is on 18.06.19 up to 02 P.M. through registered / speed post only.

The interested and eligible printing Press may download BID DOCUMENT from website www.opepa.odisha.gov.in/ www.mayurbhanj.nic.in and apply accordingly.

Sd./- Collector-cum-Chairman
Samagra Shikshya, Mayurbhanj

### ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
### ODISHA POWER TRANSMISSION CORPORATION LTD.

A GOVT. OF ODISHA UNDERTAKING
CORPORATE IDENTITY NUMBER (CIN) U4G1Q2OR2Q04GCOG7553
O/O GENERAL MANAGER, EHT (O&M) CIRCLE, BERHAMPUR, PO: ENGINEERING SCHOOL, DIST: GANJAM-760010, FAX/PH.: 0680-2291905, 0680-2291904

**Advt.No.01/2019-20** **NOTICE INVITING TENDER**

Sealed tenders are invited from VEHICLE OWNERS/TRAVEL AGENCIES SEPARATELY for Engagement of one number hired A/C indica or equivalent required for the official field works of General Manager, EHT (O&M) Circle, Berhampur (LOT-I)( One No.hired Non-A/C Bolero (9 Seater)/Dala Bolero or equivalent required for the field & office works of SDO, EHT (O&M) Sub-Division, Aska (LOT-II) and One No. hired Non-A/C Bolero (9 Seater) or equivalent required for Manager, E&MR Sub-Division, Bhanjanagar (LOT-III) on monthly basis with daily hiring rate along with copies of required documents of the Vehicle, GST registration no. & copy of valid PAN of the owner. The said vehicles should not be more than 3 years old from the date of Initial Registration. Commencement of Sale of Tender Paper:From Dated 01.06.2019 to Dated 01.07.2019 up to 5.00 PM. Last Date of Submission of Tender Paper:Dated 02.07.2019 up to 02.00PM. Date of Opening of Tender Paper: Dated 02.07.2019 at 3.00 PM. Cost of Tender Paper:Rs.4,000+ GST @12% = Rs.4,480/- For LOT-1 & III. Rs.2,000+GST @12% Rs.2,240/- For LOT-II For details please visit our website www.optcl.co.In Corrigendum if any will be published in the website only

*General Manager (Elect.)*

### GOVERNMENT OF ODISHA
### DEPARTMENT OF WATER RESOURCES
## OFFICE OF THE EXECUTIVE ENGINEER MINOR IRRIGATION DIVISION, JHARSUGUDA

E-mail :- eemijharsuguda@gmail.com
No.851/Date,27.05.2019

No.23-A:- **e-PROCUREMENT NOTICE**
**BID REF No: EE, MID, JSD/01/2019-20**

| | | |
|---|---|---|
| Name of work | : | Civil Construction Works |
| No. of works | : | 17 (Seventeen) No. |
| Estimated cost | : | Varies from Approximately Rs.15.43 lakh to Rs.49.68 lakh for 17 Nos. of works is Rs.496.87 Lakh. |
| Tender paper cost | : | Referred to DTCN. |
| Period of completion | : | Referred to DTCN. |
| Availability of bid documents | : | From 10.06.2019, 10.00 AM to 22.06.2019 up to 05.00 PM in website(www.tendersorissa.gov.in) |
| Period of receipt of bid through online | : | From 10.06.2019, 10.00 AM to 22.06.2019 up to 05.00 PM through online. |
| Date of opening of bid documents | : | On dt. 24.06.2019 at 11.00 AM. onwards. |
| Digital signature certificate of Bidder | : | The bidder must possess compatible digital signature certificate (DSC) of Class-II or Class-III. |
| The detail tender call notice can also be seen in the DOWR website- http://dowrorissa.gov.in | | |
| Name & Address of the OIT | : | Executive Engineer, M.I.Division, Jharsuguda, At-Jharsuguda,Near Pahadi Mandir,PO-Kalimandir Road, District, Jharsuguda, PIN-768002. |
| Further details can be seen from the e-Procurement market place. | : | http://tendersorissa.gov.in |

Sd./- Executive Engineer,
M.I.Division, Jharsuguda

32291/11/0002/1920

## DIRECTORATE OF PRISONS AND CORRECTIONAL SERVICES, ODISHA

No. 6372/FE(A)-JLR-07/2012 Dated 29.03.2019

**OFFICE ORDER**

**No. 34-D:-** Whereas, a disciplinary proceeding against Shri Chinmay Patra, ex-Jailor-cum-Superintendent of Bhadrak Special Sub Jail, now under orders of transfer to Madanpur-Rampur Sub-Jail and attachment to Circle Jail, Koraput contemplated.

Now. therefore, the undersigned as the Appointing Authority, in exercise of the powers conferred by clause (a) of sub-rule (1) of Rule-12 of the Orissa Civil Services (Classification, Control and Appeal) Rules, 1962, hereby places Shri Chinmay Patra, Jailor under suspension with immediate effect.

It is further ordered that during the period that this order shall remain in force, the Headquarters of Shri Chinmay Patra, Jailor shall be Special Jail, Bhubaneswar and the said Shri Chinmay Patra, Jailor shall not leave the Headquarters without obtaining the previous permission of the undersigned/ competent Authority and he shall be entitled to the payment of subsistence allowance in accordance with Rule 90 of the Orissa Service Code. The subsistence allowance as such shall be drawn from Sub jail, Madanpur-Rampur.

*Sd./- Addl. D.G. of Police-cum-I.G. of Prisons and D.C.S., Odisha*

12024/11/0001/1920

## OFFICE OF THE DIVISIONAL FOREST OFFICER, GHUMSUR SOUTH DIVISION, BHANJANAGAR

**Ganjam, Odisha, Pin - 761126**
**Tele- 06821 241015 /Fax – 06821 241014**
**E-mail : dfoghsouth@gmail.com**

**Tender Call Notice No.2** **Dated:30.05.2019**

Sub:- Tender Call Notice for supply of Fibre Square Net under MGNREGS Avenue plantations raised in Ghumsur South Forest Division.

No.10-MM:- Sealed tenders are invited from reputed Dealer / Manufacturer / individuals for supply of good quality Fibre Square Net of up to 27500 nos. of size 6' Feet x 4' Feet x 400 GSM as required at various locations in Ghumsur South Forest Division during the year 2019-20. The tender application form shall be obtained from the O/o- the DFO, Ghumsur South Forest Division on working days from 10.00 AM to 5.00 PM from 01.06.2019 to 13.06.2019 on payment of Rs.200/- in shape of non-refundable Demand Draft drawn in favour of Divisional Forest Officer, Ghumsur South Forest Division payable at Bhanjanagar. The last date for submission of sealed tender by Regd. Post/Speed Post/ By hand is 17.06.2019 up to 5.00 PM. Only the Technical bids shall be opened at 4.00 PM of 18.06.2019 in presence of the bidder or his authorized representatives in the office of the undersigned. The financial bids shall be opened after evaluation of the technical bids by the Tender Selection Committee. Final Selection of the bidder shall be done based on quality and cost of the materials. The undersigned reserves the right to reject any or all tender without assigning any reason thereof.

Divisional Forest Officer
Ghumsur South Division

08051/11/0001/1920

## ZILLA SWASTHYA SAMITI, MALKANGIRI

TENDER CALL NOTICE

**No.4635** **Date: 31.05.2019**

No.25-E:- Sealed tenders are invited from intrested / bonafide / registered printing agency for supply of various printing materials on annual rate contract basis to C.D.M & P.H.O, Malkankgiri. The details regarding specifications, terms and conditions may be downloaded from District website www.malkangiri.nic.in. The bids in sealed envelope should reach the office of the undersigned by 20.06.2019 till 4.00 P.M along with all relevant documents. The tender will be opened at 11.00 A.M on 21.06.2019 in presence of bidders or their authorized representatives. The undersigned reserves the right to reject any or all the tenders without assigning any reason thereof.

**Sd./- C.D.M & P.H.O-cum-District Mission Director**
**District Health Mission, Malkangiri**

10082/11/0002/1920

### Advertisement for Engagement of Retired Person as Office Attendant on Contractual Basis in the Office of the State Level Advisory Unit (SLAU) for Special Development Council under Planning & Convergence Department, Government of Odisha.

**ADVERTISEMENT**

Number 404 **Dated 29.05.2019**

**No.2-X:-** Applications in the prescribed form (copy enclosed) are invited from interested retired Government Employees in the grade of Group-D rank not above the age of 65 years as on 01.07.2019 and having good service records with physical fitness for engagement of two(02) retired persons as Office Attendant on contractual basis in the Office of State Level Advisory Unit (SLAU) for Special Development Councils(SDC) under Planning & Convergence Department, Government of Odisha. The details of the application format, criteria, remuneration, terms & conditions of the posts and period of contract are available in the official website of SCSTRTI www.scstrti, P&C Department www. pc.odisha.gov.in and ST&SC Development Department www.stsdodisha.gov.in. The filled in application should be addressed to the Director, SCSTRTI & Special Secretary to Government & Advisor, SLAU and should reach state Level Advisory Unit(SLAU) Office, SCSTRTI Campus, CRPF Square, Bhubaneswar witin 10 days from the date of publication of this advertisement. Application(s) received thereafter, shall not be entertained.

**Sd./- Secretary, SLAU**
**Special Development Council, Planning & Convergence Department**

21001/11/0001/1920

## OFFICE OF THE COLLECTOR & DISTRICT MAGISTRATE, BALASORE

**BID INVITATION NOTICE FOR TRANSPORTATION OF MDM FOOD GRAIN IN BALASORE DISTRICT**

**No. 7784** **Date: 30.05.19**

Sealed quotations (Technical & Financial) in the prescribed format are again invited from the intending Registered/ Authorized/ Licensing Transport Contractors/ Persons fulfilling the Terms & Conditions as specified in the Tender Papers, for Handling and Transportation of food grain under MDM Programme in respect of Balasore District for the Financial Year 2019-20. The interested Bidders shall submit the technical & financial Bid alongwith tender paper cost of Rs. 10,000/- (non refundable) latest by 21.06.2019 (4.00 PM) to the Office of the District Education Officer, Balasore. Tender papers shall be opened on 22.06.2019 at 11.00 AM at the Office Chamber of Collector & District Magistrate, Balasore. For detailed terms & conditions, kindly visit district website www.baleswar.nic.in. The authority reserves the right to reject any or all tenders without assigning any reason thereof.

**Sd./- Collector & District Magistrate, Balasore**

## Office of the CDM & PHO-cum DMD, Jajpur

**TENDER CALL NOTICE**

**No.1372** **Date: 31.05.2019**

Sealed tenders are invited by the Zilla Swasthya Samiti, Jajpur from suitable agencies for calibration of equipment / instruments of DHH, Jajpur Road CHC, Badachana CHC, Danagadi CHC of Jajpur District for the current financial year 2019-20.

The detail regarding bidding format, terms and conditions may be downloaded from District website i.e. www.jajpur.nic. in. The tenders should reach the office of the undersigned by 18.06.2019 (till 11A.M) through speed post or registered post only. The date of opening of tenders is as mentioned in the terms & condition. The undersigned is not responsible for any kind of postal delay and reserves all rights to cancel any or all the tender at any stage of selection / finalization process without assigning any reason thereof. Any typographical error may be exempted.

Sd./- CDM & PHO cum DMD, Jajpur

### GOVERNMENT OF ODISHA
### OFFICE OF EXECUTIVE ENGINEER
### KALAHANDI MINOR IRRIGATION DIVISION, BHAWANIPATNA

No.27-A

**Ph :- 06670-230755 , e-mail - eemikld@rediffmail.com**

**No.1068 / MIKLD** **Dt. /27.05.2019**

**e-Procurement Notice**

**Bid Identification No. on line kldmi- 02/2019-20**

Bid documents consisting of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | | |
|---|---|---|---|
| 1 | Name of the work | :- | Civil construction / Renovation works |
| 2 | No of Works | :- | 20 ( Twenty ) Nos. |
| 3 | Estimated cost | :- | Varies from Rs. 8.93 lakh to Rs. 89.28 lakhs (Approximately) |
| 4 | Period of completion | :- | Two to Five Calendar months |
| 5 | Date and Time of availability of bid documents in the portal | :- | From 06.06.2019 (10.00 AM) to 21.06.2019 (5.00 PM) |
| 6 | Last date / time of receipt of bids in the portal | :- | 21.06.2019 (5.00 PM) |
| 7 | Date of opening of Bid | :- | 22.06.2019 at 11.00 AM onwards |
| 8 | Name and address of the OIT | :- | Executive Engineer, Kalahandi Minor Irrigation Division, Bhawanipatna |
| 9 | Mode of payment of Bid Cost & Bid security | :- | Online |
| 10 | Date of transparent lottery if cases arise | :- | 20.07.2019 at 11.00 AM or onwards |
| 11 | | :- | Bidders are requested to mention their valid email I.D & Telephone / Mobile Contact No. for communication ( must be a valid ID & Mobile Number). This office has not been responsible for invalid email & Mobile no. of the bidders. |

** Further details can be seen from the e-Procurement market place http://tendersodisha.gov.in

Sd./- A K Patel
Executive Engineer
Kalahandi M.I. Division, Bhawanipatna

32035/11/0001/1920

## REGIONAL INSTITUTE OF PLANNING APPLIED ECONOMICS & STATISTICS ODISHA, BHUBANESWAR

**A/ 65, Nayapalli, Bhubaneswar-751 012**
**Tel. No.0674-2392283, E-mail- ripaes@yahoo.com**
**No. 685 / RIPAE&S/11/19 Bhubaneswar Dt.30.05.2019**

**TENDER NOTICE**

[For award of contract for outsourcing Sweepers & Gardener at RIPAE&S, Bhubaneswar]

No.01-X:- Sealed tenders are invited from intending service providers for providing Sweepers & Gardener to Regional Institute of Planning, Applied Economics & Statistics (RIPAE&S), Bhubaneswar on outsourcing basis in the prescribed format of tender documents. The detailed information for outsourcing the aforesaid manpower has been given in the tender documents which may either be downloaded from the RIPAE&S Website: www. ripaesodisha.nic.in or obtained in person from the Office of Director, RIPAE&S, Odisha, Bhubaneswar in any working day from 31.05.2019 to 21.06.2019 between 11.00 AM to 4.00 PM on payment of Rs.500/- in cash or in shape of Bank Draft for Rs. 500/-(non-refundable). The downloaded Tender Document from the website should be submitted along with a Bank Draft/ Bankers Cheque of Rs. 500/-(non-refundable). The Bank Draft/ Bankers Cheque should be in favour of Assistant Director, RIPAE&S, A/65, Nayapalli, Bhubaneswar, Odisha.

The tender document will be received only through speed post/registered post during office hour. Any other mode of submission of tender documents will not be accepted. The last date of submission of Tender Document is 21.06.2019 by 5.00 PM. The office shall not be responsible for any kind of postal delay. The Director, RIPAE&S, Bhubaneswar reserves the right to reject any or all tenders without assigning any reason thereof.

**Sd.**
**RIPAE&S**

21005/11/0001/1920

## OFFICE OF THE EXECUTIVE ENGINEER RWS&S DIVISION, KENDRAPARA

**At : Ichhapur, Post : Shree Baladevjew,**
**Email: eerwsskendrapara@gmail.com** No.42-O

**INVITATIONS FOR BIDS (IFB) [e-Procurement]**
**Bid Identification No. RWS/11/2019-2020**

**Letter No...............** **Dated..............**

| | | | |
|---|---|---|---|
| 1 | The Executive Engineer, RWS&S Division, Kendrapara on behalf of Governor of Odisha invites lump comps its bid in double cover system in ONLINE MODE from eligible contractors for execution of Rural Piped Water Supply Schemes in Kendrapara District. | | |
| 2 | Name of the Work | : | Execution of RPWS Schemes in the district of Kendrapara. |
| 3 | No. of Work | : | 4 ( Four Nos ) |
| 4 | Value of the Work | : | `102.00 Lakhs to` 220.00 Lakhs |
| 5 | Concerned tender inviting authority | : | Executive Engineer, RWS&S Division, Kendrapara |
| 6 | Security amount (Rs.) (Online) | : | `102000/- to 220000/- |
| 7 | Cost of Bid documents (Rs.)(Online) | : | `10000.00 |
| 8 | Class of Bidder | : | "B", "A" & Special |
| 9 | Period of Completion | : | 10 Months to 12 Months |
| 10 | Availability of bid documents in the website | : | From date. 12.06.2019 at 10.00 A.M to date. 27.06.2019 5.00 P.M |
| 11 | Last Date & Time of seeking tender clarification | : | Up to 22.06.2019 at 1.00 P.M |
| 12 | Date of Opening of Bid | : | On date. 28.06.2019 at 10.00 A.M onwards. |

The bidders have to participate in ONLINE bidding only. Further details can be seen from the website i.e. **http://tendersorissa.gov.in.** Subsequent corrigendum / addendum if required shall only be appeared in above web site.

Executive Engineer,
RWS&S Division, Kendrapara

25004/11/0002/1920

## JAWAHAR NAVODAYA VIDYALAYA, SARANG

**DIST: DHENKANAL(ODISHA), Ph: 06768-267135**
**Email: jnvdhenkanal@gmail.com, Website: www.jnvdhenkanal.org**

TENDER NOTICE

Sealed tenders are invited from the Registered and Reputed firms having Registration under GST/VAT & Income Tax, VAT clearance certificate for supply of following items for the period up to April 2020.

**Grocery, Non-veg, Snacks Items, Vegetables & Fruits (1st July to 3rd October), Hair Cutting, Student-Office & Computer Stationery, Science & Mathematics Lab items, Furniture, Sports Goods, Computer & Computer peripheral, Footwear, Uniform & Bedding, Electrical items, M & R items, Utensils, Medicines, Bakery items, Toilet items & Stitching of Uniform, Laundry works .**

The Tender forms & other related informations can be obtained from the Vidyalaya Office on all working days from Dtd-03-06-2019 to 19-06-2019 on payment of Rs.100.00(Rupees One hundred only) which is non refundable.

The Tenders completed in all respect along with requisite Earnest money in shape of Bank Draft in favour of Principal, JNV, Sarang, payable at S.B.I.Talcher to be submitted in this Vidyalaya by 4.00 P.M. of 19-06-2019 and it will be opened at 10.30 A.M. on 20-06-2019 before the P.A.C. In case of exigencies if it could not be opened on 20-06-2019 date of opening will be notified in the Vidyalaya Notice Board / website.

The Vidyalaya Purchase Advisory Committee reserves the right to reject one or all tender papers partially or wholly without assigning any reason thereof. Any dispute in this process would subject to the Court Jurisdiction of the Dhenkanal district.

PRINCIPAL

## ଦୁର୍ଗପତିଙ୍କ କାର୍ଯ୍ୟାଳୟ, ପଞ୍ଚମ ଭାରତ ସଂରକ୍ଷିତ ବାହିନୀ, ବୌଦ୍ଧ

**ବିଜ୍ଞାପନ**

**No. 32-D:**

| | | |
|---|---|---|
| କନଷ୍ଟେବଲ | : | ୫୩୮ ପ୍ରସନ୍ନ ମୋଟାଲି |
| ପିତା | : | ଶ୍ରୀ ଗୋକୁଳା ମତାଳି ମୋଟାଲି |
| ଗ୍ରାମ | : | ବଡ଼ଡୁଙ୍ଗୁରୀ ଗୁଡ଼ା |
| ପୋଷ୍ଟ | : | ଗଜବାହାଲ |
| ଥାନା | : | ଏମ୍. ରାମପୁର |
| ଜିଲ୍ଲା | : | କଳାହାଣ୍ଡି |
| ପିନ | : | ୭୬୬୦୩୧ |

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଆପଣ ୧୫ ଦିନ ପିତୃତ୍ୱ ଛୁଟି ତା୨୨।୧୦।୨୦୧୮ରିଖ ଅପରାହ୍ନଠାରୁ ତା୦୬।୧୧।୨୦୧୮ରିଖ ଅପରାହ୍ନ ପର୍ଯ୍ୟନ୍ତ ଯାଇଥିଲେ। ଉକ୍ତ ଛୁଟିର ନିୟମ ଅନୁଯାୟୀ ଆପଣ ତା୦୭।୧୧।୨୦୧୮ରିଖ ପୂର୍ବାହ୍ନ ସୁଦ୍ଧା ସରକାରୀ କାର୍ଯ୍ୟରେ ଯୋଗ ଦେବାର ଥିଲା, କିନ୍ତୁ ଆପଣ କାହାରିକୁ କିଛି ନ ଜଣାଇ ଉକ୍ତ ଦିନଠାରୁ ଆଜି ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟରୁ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ବାରମ୍ବାର ତଲବ କରିବା ସତ୍ତ୍ୱେ ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି କି ଯେ, ଆପଣ ଉଦ୍ଦେଶ୍ୟମୂଳକ ଭାବେ ଜାଣିଶୁଣି ନିଜ କାର୍ଯ୍ୟରେ ଯୋଗଦାନ କରୁନାହାଁନ୍ତି। ଏଣୁ ଏତାଦୃଶ୍ୟ କାର୍ଯ୍ୟ ଯୋଗୁଁ ଆପଣଙ୍କୁ ଯେଉଁ କାର୍ଯ୍ୟ ନିମନ୍ତେ ପୁଲିସ ବିଭାଗରେ ନିଯୁକ୍ତି କରାଯାଇଥିଲା ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ।

ଏଣୁ ଉକ୍ତ ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଏହି ସମ୍ବାଦ ପ୍ରକାଶନର ୦୭ ଦିନ ମଧ୍ୟରେ ଯଦି ଆପଣ ନିଜ କାର୍ଯ୍ୟରେ ଯୋଗଦାନ ନ କରିବେ, ତେବେ ଧରି ନିଆଯିବ ଯେ, ଆପଣଙ୍କର ଏହି ବିଭାଗରେ ଚାକିରି କରିବାର କୌଣସି ଉଦ୍ଦେଶ୍ୟ ନାହିଁ ଏବଂ ଆପଣଙ୍କର ଉକ୍ତ ବିନା ଅନୁମତିରେ ଗରହାଜିର ନିମନ୍ତେ ଆପଣଙ୍କ ବିରୁଦ୍ଧରେ ଏକତରଫା ଭାବେ ବିହୀତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିମ୍ନ ସ୍ୱାକ୍ଷରକାରୀ ବାଧ୍ୟ ହେବେ।

ସ୍ୱା./– (ଶ୍ରୀ ଲକ୍ଷ୍ମୀଧର ମହାରଣା)
ଦୁର୍ଗପତି
(ପଞ୍ଚମ ଭାରତ ସଂରକ୍ଷିତ ବାହିନୀ, ବୌଦ୍ଧ)

12029/11/0011/1920

# ଡିଜାଷ୍ଟର ମ୍ୟାନେଜମେଣ୍ଟ (ବିପର୍ଯ୍ୟୟ ପରିଚାଳନା)

ଆଜିର ସମୟରେ ଦେଶରେ ପ୍ରାକୃତିକ ବିପର୍ଯ୍ୟୟ ବଢ଼ିବାରେ ଲାଗିଛି। ପ୍ରାୟ ପ୍ରତିବର୍ଷ କୌଣସି ପ୍ରାକୃତିକ ଅଥବା ମାନବାକୃତ ବିପର୍ଯ୍ୟୟ ଦେଖିବାକୁ ମିଳୁଛି। ଯେଉଁଥିରେ ବନ୍ୟା, ଭୂମିକମ୍ପ, କୁଆପଥର ବୃଷ୍ଟି, ବାଦଲ ଫଟା ବର୍ଷା, ଆଗ୍ନେୟଗିରିରୁ ଅଗ୍ନି ଉଦ୍‌ଗିରଣ, ଅଗ୍ନିକାଣ୍ଡ ଭଳି ଘଟଣା ଘଟିଥାଏ। ସାଧାରଣତଃ ମଣିଷ ନିଜ ସ୍ୱାର୍ଥରେ ପ୍ରକୃତିର ଅପବ୍ୟବହାର କରିଚାଲିଛି। ଫଳରେ ଏହାର ସମତୁଲତା ବିଗିଡି ଯାଇଛି, ଯାହାର ଫଳସ୍ୱରୂପ ଏବେ ଦେଶ ସର୍ବଦା ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବାକୁ ବାଧ ହେଉଛି। ଏହାର ମୁକାବିଲା ତଥା ଜୀବନକୁ ପୁଣିଥରେ ଠିକ୍ ମାର୍ଗରେ ଫେରାଇ ଆଣିବା ଲାଗି ଡିଜାଷ୍ଟର ମ୍ୟାନେଜମେଣ୍ଟ ପ୍ରଫେଶନାଲଙ୍କ ଆବଶ୍ୟକତା ପଡିଥାଏ। ସେମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଲାଗି ମିଳିଥାଏ ଖାସ୍ ପ୍ରଶିକ୍ଷଣ। ସେମାନେ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଲୋକଙ୍କୁ ରକ୍ଷା କରି ନୂଆ ଜୀବନ ପ୍ରଦାନ କରିଥାନ୍ତି।

ଆଜିକାଲି ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ କ୍ୟାରିୟର କରିବାର ଅନେକ ସୁଯୋଗ ରହିଛି। ଯଦି ଆପଣ ସମାଜ କଲ୍ୟାଣ ତଥା ପୀଡ଼ିତ ବ୍ୟକ୍ତିଙ୍କ ସହାୟତା କରିବାକୁ ଚାହାନ୍ତି, ତେବେ ପ୍ରାକୃତିକ ବିପର୍ଯ୍ୟୟ ଆପଣଙ୍କ ପାଇଁ ଏକ ବଢ଼ିଆ କ୍ୟାରିୟର ଅପ୍ସନ ହେବ। ସାଧାରଣତଃ ପ୍ରାକୃତିକ ବିପର୍ଯ୍ୟୟ ବେଳେ ପୀଡ଼ିତଙ୍କୁ ଉଦ୍ଧାର କରିବା, ରିଲିଫ ବାଣ୍ଟିବା, ସମାଜକୁ ମୂଳ ଜୀବନରେ ଫେରାଇ ଆଣିବା ଭଳି କାମ ପ୍ରାକୃତିକ ବିପର୍ଯ୍ୟୟ ପେସାଦାରଙ୍କ କାର୍ଯ୍ୟ ପରିସର ଭିତରେ ସୀମିତ ହୋଇ ରହିନାହିଁ। ସେମାନେ ଆଗାମୀ ବିପର୍ଯ୍ୟୟ ପାଇଁ ଲୋକଙ୍କୁ ସଚେତନ କରିବା, ହେବାକୁ ଥିବା କ୍ଷୟକ୍ଷତିକୁ ଯଥାସମ୍ଭବ କମାଇବା ଭଳି କାର୍ଯ୍ୟ କରିବା ଏଭଳି ପେସାଦାରଙ୍କ ମୁଖ୍ୟ ଲକ୍ଷ୍ୟ ହୋଇଉଠିଛି। ନିକଟରେ ଫନୀ ବାତ୍ୟା ଦ୍ୱାରା ରାଜ୍ୟର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ହୋଇଥିବା କ୍ଷୟକ୍ଷତି ବେଳେ ଡିଜାଷ୍ଟର ମ୍ୟାନେଜମେଣ୍ଟର ପ୍ରଫେଶନାଲଙ୍କ କାର୍ଯ୍ୟକୁ ବେଶ୍ ପ୍ରଶଂସା କରାଯାଇଛି। ଏନ୍‌ଡିଆର୍‌ଏଫ୍ ଓ ଓସ୍‌ଡମାର ପେସାଦାରମାନେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା, ପୀଡ଼ିତଙ୍କ ଖାଦ୍ୟପେୟ, ସୁରକ୍ଷା ପ୍ରତି ଧ୍ୟାନ ଦେବା କାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି।

## ଏମାନଙ୍କ କାମ କ'ଣ

ଡିଜାଷ୍ଟର ମ୍ୟାନେଜମେଣ୍ଟ ପ୍ରଶିକ୍ଷଣ ନେଇଥିବା ଲୋକେ ବିପର୍ଯ୍ୟୟ ବେଳେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାନ୍ତି। ବିପରିତ ପରିସ୍ଥିତିରେ ସେମାନେ ସଂଘର୍ଷ କରି ଲୋକଙ୍କ ଜୀବନକୁ ବଞ୍ଚାଇବା ସହ ସେମାନଙ୍କ ଜୀବନକୁ ପୁନର୍ବାର ମୁଖ୍ୟ ଧାରାକୁ ଫେରାଇ ଆଣିବାରେ ସହାୟତା କରନ୍ତି। ପୀଡିତଙ୍କ ନିକଟରେ ଯେତେଶୀଘ୍ର ସମ୍ଭବ ପହଞ୍ଚି ସେମାନଙ୍କ ଜୀବନ ବଞ୍ଚାଇବା, ସହାୟତା ଦେବା, ଲୋକଙ୍କ ତାତ୍କାଳିକ ଆବଶ୍ୟକତା ପୂରଣ କରିବା ଆଦି କାର୍ଯ୍ୟ ପାଇଁ ଡିଜାଷ୍ଟର ମ୍ୟାନେଜମେଣ୍ଟ ପ୍ରଫେଶନାଲଙ୍କୁ ପ୍ରଶିକ୍ଷଣ ଦିଆଯାଇଥାଏ। ଏହାଛଡ଼ା ଆହତଙ୍କୁ ହସ୍ପିଟାଲରେ ପହଞ୍ଚାଇବା ଦାୟିତ୍ୱ ମଧ୍ୟ ସେମାନଙ୍କୁ ଉଠାଇବାକୁ ପଡିଥାଏ।

## କେବେଠାରୁ ଆରମ୍ଭ ହୋଇଥିଲା

ମାନବ ସମ୍ବଳ ମନ୍ତ୍ରଣାଳୟ ଦଶମ ପଞ୍ଚବାର୍ଷିକ ଯୋଜନାରେ ଡିଜାଷ୍ଟର ମ୍ୟାନେଜମେଣ୍ଟକୁ ସ୍କୁଲ ଏବଂ ପ୍ରଫେଶନାଲ ଏଜୁକେଶନରେ ସାମିଲ କରିଥିଲା। ୨୦୦୩ରେ ପ୍ରଥମ ଥର କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ୮ମ ଶ୍ରେଣୀର ସୋସିଆଲ ସାଇନ୍ସ ପାଠ୍ୟକ୍ରମରେ ଏହାକୁ ସାମିଲ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଅଧିକ ଶ୍ରେଣୀରେ ଏବଂ ଘରୋଇ ସ୍ତରରେ ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ଡିଜାଷ୍ଟର ମ୍ୟାନେଜମେଣ୍ଟ କୋର୍ସ ଆରମ୍ଭ କରାଯାଇଛି।

## ବିଭିନ୍ନ କୋର୍ସ ସମୂହ

ଦେଶର ଅନେକ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଡିଜାଷ୍ଟର ମ୍ୟାନେଜମେଣ୍ଟରେ ସାର୍ଟିଫିକେଟରୁ ଆରମ୍ଭ କରି ପିଜି ଡିପ୍ଲୋମା ସ୍ତର ପର୍ଯ୍ୟନ୍ତ କୋର୍ସ କରୁଛନ୍ତି। ସେହିପରି କେତେକ ବିଶ୍ୱବିଦ୍ୟାଳୟରେ ମଧ୍ୟ ଡିଗ୍ରୀ ଲେଭେଲ କୋର୍ସ କରାଯାଉଛି।



## ଯୋଗ୍ୟତା

ସାର୍ଟିଫିକେଟ କୋର୍ସ ଲାଗି ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବାକୁ ପଡିବ। ଅନ୍ୟପକ୍ଷରେ ମାଷ୍ଟର ଅଥବା ପିଜି ଡିପ୍ଲୋମା କୋର୍ସ ଲାଗି ଅନ୍ତତଃପକ୍ଷେ ଗ୍ରାଜୁଏଟ ହେବା ଜରୁରୀ। କିନ୍ତୁ ଧ୍ୟାନ ରଖିବାକୁ ହେବ ଯେ, ଏହା ସାହସ ଏବଂ ଭାବାବେଗ ସହ ଜଡ଼ିତ ଏକ ପାଠ୍ୟକ୍ରମ। ଡିଜାଷ୍ଟର ମ୍ୟାନେଜମେଣ୍ଟ ପ୍ରଫେଶନାଲ ନିଶ୍ଚିତଭାବେ ସାହସୀ ହେବା ଆବଶ୍ୟକ। ଏହାଛଡ଼ା ତାଙ୍କ ନିକଟରେ ଉପସ୍ଥିତ ବୁଦ୍ଧି ରହିଥିବା ଜରୁରୀ।

## ଚାକିରି ସୁଯୋଗ

ଡିଜାଷ୍ଟର ମ୍ୟାନେଜମେଣ୍ଟ କ୍ଷେତ୍ରରେ ଜଣେ ପେସାଦାର ବ୍ୟକ୍ତିଙ୍କୁ ସରକାରୀ ନିଯୁକ୍ତି ମିଳିପାରିବ। ଏହାଛଡ଼ା ଘରୋଇ କ୍ଷେତ୍ରରେ ପ୍ରାକୃତିକ ବିପର୍ଯ୍ୟୟ ସେବା, ଆଇନଶୃଙ୍ଖଳା ରକ୍ଷା, ସ୍ଥାନୀୟ କର୍ତ୍ତୃପକ୍ଷ, ରିଲିଫ୍ ଏଜେନ୍ସି, ଘରୋଇ ଏଜେନ୍ସି ତଥା ଜାତିସଂଘ ଭଳି ଅନ୍ତଃରାଷ୍ଟ୍ରୀୟ ଏଜେନ୍ସିରେ ଚାକିରି ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି।

## ପ୍ରମୁଖ ଶିକ୍ଷା ପ୍ରତିଷ୍ଠାନ

ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଜାଷ୍ଟର ମ୍ୟାନେଜମେଣ୍ଟ, ନୂଆଦିଲ୍ଲୀ, ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ଓପନ ୟୁନିଭର୍ସିଟି (ଇଗ୍ନୁ), ନୂଆଦିଲ୍ଲୀ, ନର୍ଥ ବେଙ୍ଗଲ ୟୁନିଭର୍ସିଟି, ଦାର୍ଜିଲିଂ ଏବଂ ଇଣ୍ଟରନ୍ୟାଶନାଲ ସେଣ୍ଟର ଅଫ୍ ମାଡ୍ରାସ ୟୁନିଭର୍ସିଟି।

# ନିଯୁକ୍ତି ମିଳିବା ହେବ ସହଜ



ବେରୋଜଗାରି ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଏପରି ସମୟରେ ନିଯୁକ୍ତି ମିଳିବା ନେଇ ବିଭିନ୍ନ ଅସୁବିଧା ସାମ୍ନା କରିବାକୁ ପଡୁଛି। ଗୋଟିଏ ଭଲ ଚାକିରି ଖୋଜି ପାଇବା ଯେତିକି କଷ୍ଟ ନିଜକୁ ଚାକିରି ଉପଯୋଗୀ କରିବା ତା'ଠାରୁ ଆହୁରି କଷ୍ଟକର କାମ। ଚାକିରିକୁ ନେଇ ଯୁବବର୍ଗଙ୍କ ମଧ୍ୟରେ ଅନେକେ ଚିନ୍ତାଗ୍ରସ୍ତ ଥାନ୍ତି। କେମିତି ଭଲ ଚାକିରିଟିଏ କରି ଆଗକୁ ବଢିବେ ତାକୁ ନେଇ ଅନେକେ ନିଜକୁ ଗଢିବାରେ ଲାଗି ପଡନ୍ତି। ଏଠାରେ କିଛି ଟିପ୍ସ ରହିଛି ଯାହା ନିଯୁକ୍ତି ମିଳିବା ଦିଗରେ ପ୍ରାର୍ଥୀଙ୍କୁ ସହାୟକ ହୋଇ ପାରିବ।

→ ସମୟ ବଦଳିବା ସହ ଚାକିରି ଖୋଜିବାର ତରିକା ମଧ୍ୟ ବଦଳିଛି। ବିଭିନ୍ନ ଅଫିସ ଯାଇ ଚାକିରି ପାଇଁ ରିଜ୍ୟୁମ ଦେବା ସମୟ ବଦଳିଛି। ସହଜରେ ଚାକିରି ଖୋଜିବା ଲାଗି ଅନ୍‌ଲାଇନ ଜବ ପୋର୍ଟାଲଗୁଡିକର ସହାୟତା ନେଇ ପାରିବେ। ଏହା ନିଯୁକ୍ତି ଖୋଜିବାର ଚିନ୍ତାକୁ କମ୍ କରିବ। କିନ୍ତୁ ଥରେ ମାତ୍ର ପୋର୍ଟାଲକୁ ଯାଇ ନିଜର ରିଜ୍ୟୁମ ଅପ୍‌ଲୋଡ କରି ଦେଲେ କାମ ସରେ ନାହିଁ। ସମୟ ସମୟରେ ଏହାକୁ ଅପ୍‌ଡେଟ କରିବା ବୁଦ୍ଧିମାନ କାମ ହେବ। ସେହିଭଳି ପ୍ରଫେଶନାଲ ନେଟ୍‌ୱର୍କିଂ ସାଇଟ୍‌ରେ ସକ୍ରିୟ ରହିଲେ ଏହା କ୍ୟାରିୟର ପାଇଁ ଭଲ।

→ ଏମିତି ହୁଏ ଆମେ କୌଣସି ନିଯୁକ୍ତି ଭରସାରେ ସବୁଦିନ ଲାଗି ବସି ପଡୁ। ଏପରି ମଧ୍ୟ ଅନେକଙ୍କ କ୍ଷେତ୍ରରେ ହୁଏ ଯେତେବେଳେ ଗୋଟିଏ ଚାକିରି ଆବେଦନ କରି ତାହା ମିଳିବ ବୋଲି ମଧ୍ୟ ନିଶ୍ଚିତ ହୋଇ ବସୁ ପଡୁ। ଯେତେବେଳେ କି ଏହା ହେବ କି ନ ହେବ ତାହାର କୌଣସି ନିଶ୍ଚିତତା ନ ଥାଏ। ଚେଷ୍ଟାକୁ ବଜାୟ ରଖିବା ଭଲ ହେବ। ବିଭିନ୍ନ ଚାକିରି ପାଇଁ ଆବେଦନ କରିଲେ ଜାଣି ପାରିବେ ଜବ ମାର୍କେଟରେ ଚାହିଦା କ'ଣ ରହିଛି। ସେହି ମୁତାବକ ନିଜକୁ ପ୍ରସ୍ତୁତ କରିବା ସହଜ ହେବ।

→ କେବଳ ନିଯୁକ୍ତି ଲାଗି ଆବେଦନ କରିଦେଲେ ସବୁ କିଛି ଶେଷ ହୋଇଯିବ। ତାହା ଆପଣଙ୍କୁ ମିଳିଯିବ ଭାବି ବସନ୍ତୁ ନାହିଁ। ଏହି କ୍ଷେତ୍ରରେ ଆବେଦନର କିଛି ସମୟ ବ୍ୟବଧାନରେ ଫଲୋଅପ୍ କରିବା ଆବଶ୍ୟକ। ମାତ୍ର ତରତର ନ ହୋଇ ଏହାକୁ ଧୈର୍ଯ୍ୟ ସହ କରିବା ଉଚିତ। ଏହା ବାରମ୍ବାର କରିଲେ ନିଯୁକ୍ତିଦାତାଙ୍କ ଆପଣଙ୍କ ପ୍ରତି ଇମ୍ପ୍ରେସନ ବିଗିଡି ଯିବାର ସମ୍ଭାବନା ରହିଛି।

→ କିଛି ବ୍ୟକ୍ତି କଭର ଲେଟରର ଭୂମିକାକୁ ବୁଝିପାରନ୍ତି ନାହିଁ। କୌଣସି ସ୍ଥାନକୁ ଯାଇ ରିଜ୍ୟୁମ ଦେଇ ଆସିଲେ କାମ ଶେଷ ହୋଇ ଯାଏନି। ନିଜର ସାମର୍ଥ୍ୟ ଯେମିତି କି କେଉଁ ବିଷୟରେ ଆପଣ ଦକ୍ଷ, କ'ଣ କାମ ଜାଣିଛନ୍ତି, କେଉଁ କେଉଁ ବିଭାଗରେ ଅଭିଜ୍ଞତା ରହିଛି ତାହା ମଧ୍ୟ ଜଣାଇବା ଆବଶ୍ୟକ। ଏହାକୁ ନିଯୁକ୍ତିଦାତା ଜାଣିବା ଆବଶ୍ୟକ। ଏହା ହେଲେ ହିଁ ଆପଣଙ୍କୁ ନେଇ ସେ ନିଶ୍ଚିତ ହୋଇପାରିବେ।


**DHARITRI CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**URGENTLY REQUIRED**
OFFICE ASSISTANT/ FIELD BOY
Contact:
**OM GRAPHICS**, Plot No.: 1361, Road No.5, Jagannath Nagar, BBSR
Mob.: 9337024339

**REQUIREMENT**
**Manager**: Both Ladies & Gents, **Age**: 22-32. **Helper**: 2 Nos, **Driver**: 1 No
M. No: 9583576928, 7978802641
**HOTTA ASSOCIATES**, VSS Nagar, Bhubaneswar

**DOMINOS PIZZA HIRING**
Delivery Boy Full Time / Part Time
Salary Rs. 9000/- to 10,000/- per month + Incentive.
**Qualification:** 10th Pass Driving Licence Must.
CALL: 9040033665

**ଜିଲ୍ଲା ସ୍ତରୀୟ ନିଯୁକ୍ତି**
ନିଜ ନିଜ ଜିଲ୍ଲାରେଥିବା Govt. ଓ Non-Govt. ଅଫିସରେ **COMPUTER OPERATOR, DATA ENTRY OPERATOR ଓ CLERK** ଆବଶ୍ୟକ
Qual.- 10th, +2, +3 with Computer
Salary : Rs. 8,000 To Rs.16,000
M : 8895725158, 6370827728

**PLANT JOB**
JAJPUR, PARADEEP, ANGUL ଓ KHURDHAରେ ଥିବା **Steel ଓ Power-plant**ପାଇଁ **ITI Candidate** ଆବଶ୍ୟକ।
Fresher or Experienced
Qual : ITI (Fitter/Electrician/Welder)
Sal : Rs.13000/- (ରହିବା ଖାଇବା ସହ)
Ph : 9439246122

**URGENT REQUIRED**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ Candidate ଆବଶ୍ୟକ। **ଦରମା:** 27,000/-, **ଶିକ୍ଷାଗତ ଯୋଗ୍ୟତା:** 8th to 10th & above.
Contact: 8339922964

**URGENT REQUIRED**
- Personal Assistant : 10 plus year Experience in a NGO or Marketing; MBA, MA or Law Degree. Must be good at letter writing.
- Women Welfare Aassistance : Min 7 years Experience in NGO or Social service; Graduate Degree
- Social Media Assistant : Min 3 years Experience in Facebook and Twitter or worked in public relations. Must be good at video and photo editing. Graduate in journalism and good writing

**Contact No.**- 9438072829, 9861901749
**Send me Bio data at :-** cdheart@gmail.com

**Contact: 9938414918**
Bhubaneswar ଅଫିସ୍ ପାଇଁ 10th/ above Candidates (M/F) ଆବଶ୍ୟକ। **ବୟସ:** (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24000/-.

**OFFICIALLY JOB**
**ଯୋଗ୍ୟତା:** ଦଶମ ପାସ୍/ଫେଲ୍, **ବୟସ:** (18-40) yrs., ମାସିକ ଦରମା upto Rs.25000/-.
Contact Immediately
Mob: 8763257042

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। **ଯୋଗ୍ୟତା:** 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

**REQUIRED**
A reputed business house requires
- **Private Car Driver** (One) with DL(3W/4W)
- **TATA Ace Driver** (Two) with DL(Transport)

Please Contact: 9938303321

**REQUIRED**
1) GODOWN INCHARGES MUST HAVE KNOWLEDGE IN COMPUTER AND DESPATCH
2) COMPUTER OPERATOR MUST HAVE KNOWLEDGE IN COMPUTER AND SAP
3) GODOWN SUPERVISOR MUST HAVE KNOWLEDGE IN INVENTORY CONTROL AND DESPATCH

IN A REPUTED ISO **22000:2005** ORGANISATION AT BHUBANESWAR NEAR TOMANDO.
WALK IN INTERVIEW ON **03.06.2019** AND **04.06.2019** FROM **9.30 A.M. TO 4 P.M.**
CONTACT : 9337593376, 9337665446, 7894439987

"Wanted for a photo lamination & framing business core house at Bhubaneswar.
1. **Carpenter:** Male candidate having experience in design carpentry works on wood.
2. **Cook:** Cook required for part time/full time.
3. **Driver:** Having valid HMV/ TRANSPORT license.

**Contact No.:**
9337170743, 9337170744

**REQUIRED**
"SANJOG" an NGO in Bolangir district requires following personnel for its tribal Livelihood Project.
- Horticulturist (One)- Must be a Diploma/Degree holder in horticulture with 1 year field experience.
- Project Manager (One)- Post Graduate with adequate work experience.
- Accountant (Part Time)- Graduate in Commerce with experience in Tally etc. Salary negotiable.

Send CV to snj_kbj@rediffmail.com or Sanjog, Kantabanji, Dist.- Bolangir-767039

**WANTED**
ଧରିତ୍ରୀ Oriya daily is looking for
**SUB-EDITORS**
- Candidates must have at least 3 years experience in desk work.
- Should have a degree in journalism.
- Should have good news sense, expertise in translation, editing and giving catchy headlines.
- Experience in uploading stories to website and social media handling will be given preference.

Apply immediately to : recruitment@dharitri.com
Attractive salary commensurate with experience

**PARADIP PORT TRUST**
PARADIP PORT-754 142, ODISHA (INDIA)
ADMINISTRATIVE DEPARTMENT
SAGARMALA
No.AD/RSC-III-21-17/2017/1670 **ADVERTISEMENT** Dated, the 24th May, 2019

Paradip Port Trust, an autonomous body under Ministry of Shipping invites applications from Indian Nationals for filling up following posts through **Direct Recruitment.**

| Sl. No. | Post / Scale of pay | No. of Posts | Age Limit | Essential qualification & experience |
|---|---|---|---|---|
| 01. | **HINDI ASSISTANT** Rs.27400-70500/- (Class-III) | 01 (UR) | 32 Years | **Essential :** 1. A Graduate with Hindi as an elective subject at Degree level. OR Intermediate with Kovid. 2. Minimum speed of 30 words per minute in Hindi typing through Skill Test to be conducted only on computers with experience of 3 years as Hindi Typist. 3. Preference will be given to the candidates having higher qualification subject to passing the Skill Test. **THE SKILL TEST NORMS** Time allowed : 10 minutes (30 w.p.m correspond to 9000 KDPH on an average of 5 key depressions for each word) |
| 02. | **HINDI TYPIST** Rs.25200-59600/- (Class-III) | 01 (UR) | 32 Years | **Essential :** 1. Degree from a recognized University. 2. Passed Hindi Parichaya or equivalent. 3. Minimum speed of 25 words per minute in Hindi Typing through Skill Test to be conducted only on computers. **4. Desirable :** Candidates having higher qualification subject to passing the Skill Test. **THE SKILL TEST NORMS** Time allowed : 10 minutes (25 w.p.m correspond to 7500 KDPH on an average of 5 key depressions for each word) |

Application complete in all respects including all the information, present / permanent address, e-mail, Mob. No., qualification, caste etc. and all the self attested testimonials with two latest passport size photographs may be submitted to **Secretary, Paradip Port Trust, Dist-Jagatsinghpur, Odisha-754142 by 30.06.2019**. The candidates already in service may submit their application through proper channel. The cutoff date for determining the age is **01.05.2019**. Upper age limit and TA/DA to the SC/ST candidates will be decided as per Govt. guideline. The age limit of the candidates enlisted under compassionate appointment scheme, contract workers working under PPT will be decided as per office order No. AD/RR/II/18/2013/4009, dated : 08.11.2018 for which they have to submit the application through proper channel. Decision of the Appointing Authority would be final and PPT reserves the right to cancel and modify the advertisement/vacancies without any notice.

**Sr. Dy. Secretary**
**For Secretary**
PPT/PR/91/19-20, DT.28.05.2019

**WANTED**
**LADY OFFICE ASSISTANT**
Cuttack. Free Accommodation with 7500/-.
Contact: 7809525452

**Walk-in-Interview:** Family Planning Association of India, Bhubaneswar Branch, 392-BJB Nagar, Lewis Road, Bhubaneswar.
Time: 10.00AM, Date: 05.06.2019
- **Doctor- 01-MBBS / BAMS.**
- **Health Educators- 03, +3 Pass.**

Cont: 0674-2436427, 9439976785

**All Odisha Aadarsha Vidyalaya Vacancy**
**TEACHER, CLERK, SECURITY GUARD, DATA ENTRY, PEON**
(MALE / FEMALE)
Sal- 15,000 / Above, 3 year Exp.
Qualification : +2 / Above
Contact : 8480659517

Application for reputed financial Bank in BBSR, Khorda, Cuttack district.
**Post: FOS, TL**
**Min. Qualification:** +2 above
Mob: 8895049690
8280225886
Salary: 10k + Incentive
(No charges applicable)
Email: spamrobbsr@gmail.com

**ଭାରତୀୟ ପ୍ରୌଦ୍ୟୋଗିକୀ संस्थान भुवनेश्वर**
**INDIAN INSTITUTE OF TECHNOLOGY BHUBANESWAR**
Argul, Khordha - 752050
**ADVERTISEMENT No. Rectt.-OS/ 01/ Non – Teaching / 2019**
**Walk-in Interview/Skill Test**

IIT Bhubaneswar invites the interested candidates for walk-in-interview/Skill Test on -07.06.2019 at 9:00 AM for the following positions to be engaged on outsourced basis.

1. Junior Engineer (Civil) – 3 Nos
2. Supervisor (Electrical) – 1 No.
3. Technician (Mech.) – 2 Nos
4. Helper – 2 Nos

Candidates should bring their original certificates along with their Bio-data and photocopies of testimonials. They are requested to report at SIF Building, IIT Bhubaneswar, Argul Campus, Jatni, Khordha – 752 050.
For details, please visit Institute's website at http://www.iitbbs.ac.in.

**Sd/-**
**REGISTRAR**


**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

$ Dollar 69.70 (17) | Sensex 39,714.20 (117.77) | Nifty 11,922.80 (23.10) | Gold 33,170.00 (₹300) | Silver 37,550.00 (₹150)

"ଆର୍ଥିକ ବର୍ଷ ୨୦୨୦ ଲାଗି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସେଲ୍ ଏହାର ଉତ୍ପାଦନ କ୍ଷମତା ୧୭.୫ମେଟ୍ରିକ ଟନକୁ ପହଞ୍ଚାଇବାର ଲକ୍ଷ୍ୟ ରଖିଛି।
-ଅନିଲ କୁମାର ଚୌଧୁରୀ, ସେଲ୍ ଅଧ୍ୟକ୍ଷ



"ମୋଦି ୨.୦ ସରକାର ଭୂ ସଂସ୍କାର କାର୍ଯ୍ୟକ୍ରମ ହାତକୁ ନେବ ଏବଂ ଶ୍ରମ ଆଇନରେ ସଂସ୍କାର ଅଣାଯାଇ ଇଣ୍ଡଷ୍ଟ୍ରିଆଲ ଡିସ୍ପ୍ୟୁଟ୍‌କୁ ଏଥିରୁ ବାଦ୍ ଦିଆଯିବ।
-ବିବେକ ଦେବରୟ, ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା କାଉନସିଲ ଅଧ୍ୟକ୍ଷ



## ସଂକ୍ଷେପରେ

### ଜିଡିପି ୫.୮%କୁ ଖସିଲା

ନୂଆଦିଲ୍ଲୀ,୩୧-୫: ମୋଦି ସରକାର ଶପଥଗ୍ରହଣର ଦ୍ୱିତୀୟ ଦିନରେ ଅର୍ଥନୀତି ଦୃଷ୍ଟିରୁ ଖରାପ ଖବର ଆସିଛି। ଆର୍ଥିକ ବର୍ଷ ୨୦୧୮-୧୯ର ଚତୁର୍ଥ ତ୍ରୈମାସରେ ଦେଶର ଆର୍ଥିକ ବିକାଶ(ଜିଡ଼ିପି) ହାର ୬% ତଳକୁ ଖସି ୫.୮%ରେ ପହଞ୍ଚିଯାଇଛି। ଫଳରେ ଏହାର ପ୍ରଭାବରେ ସମ୍ପୂର୍ଣ୍ଣ ଆର୍ଥିକ ବର୍ଷ ପାଇଁ ଜିଡ଼ିପି ହାର ୭%ରୁ ୬.୮%କୁ ହ୍ରାସ ପାଇଛି। ସୂଚନାଯୋଗ୍ୟ ଯେ, ୨୦୧୭-୧୮ର ଜାନୁୟାରୀ-ମାର୍ଚ୍ଚ ତ୍ରୈମାସରେ ଜିଡ଼ିପି ହାର ୮.୧% ରହିଥିଲା ଏବଂ ସମ୍ପୂର୍ଣ୍ଣ ଆର୍ଥିକ ବର୍ଷରେ ଏହା ୭.୨%ରେ ପହଞ୍ଚିଯାଇଥିଲା। ଅର୍ଥାତ ଚତୁର୍ଥ ତ୍ରୈମାସରେ ପୂର୍ବବର୍ଷ ତୁଳନାରେ ଗତବର୍ଷ ଜିଡ଼ିପି ହାର ୨.୩% କମିଛି।

### ବେକାରି ୪୫ ବର୍ଷର ସର୍ବୋଚ୍ଚ ସ୍ତରରେ

ନୂଆଦିଲ୍ଲୀ,୩୧-୫: ମୋଦି ସରକାର କ୍ଷମତାକୁ ଫେରିବାର ଦ୍ୱିତୀୟ ଦିନରେ ଶୁକ୍ରବାର ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ବେକାରି ପରିସଂଖ୍ୟାନ ପ୍ରକାଶ କରାଯାଇଛି। ଦେଶରେ ବେକାରି ସଂଖ୍ୟା ବଢ଼ିଛି ବୋଲି ସାଧାରଣ ନିର୍ବାଚନ ବେଳେ ବିରୋଧୀ ଦଳଗୁଡ଼ିକ ଦାବି କରି ଆସୁଥିବା ବେଳେ ଏନ୍‌ଡିଏ ସରକାର ଏହାକୁ ଖଣ୍ଡନ କରୁଥିଲେ। ତେବେ ମୋଦି ସରକାର ଶୁକ୍ରବାର ଦାୟିତ୍ୱ ନେବା ମାତ୍ରେ ଦେଶରେ ବେକାରି ହାର ୪୫ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି ବୋଲି ଶେଷରେ ମାନିଛନ୍ତି। ସରକାରଙ୍କ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ ଆର୍ଥିକ ବର୍ଷ୨୦୧୭-୧୮ରେ ଦେଶରେ ବେକାରି ହାର ୬.୧% ରହିଛି। ତେବେ ଶ୍ରମ ମନ୍ତ୍ରଣାଳୟ ସଚିବ ବେକାରି ସଂଖ୍ୟା ହାରକୁ ନେଇ ସରକାରଙ୍କ ପକ୍ଷ ରଖିବାକୁ ପ୍ରୟାସ କରିଛନ୍ତି। ସେ କହିଛନ୍ତି ଯେ, ସାମ୍ପଲିଂ ପ୍ରକ୍ରିୟାରେ ପରିବର୍ତ୍ତନ କରାଯାଇଛି। ଏଣୁ ଏହି ତଥ୍ୟକୁ ପୁରୁଣା ତଥ୍ୟ ସହ ତୁଳନା କରାଯାଇପାରିବ ନାହିଁ। ପରିସଂଖ୍ୟାନ ଅନୁଯାୟୀ ମହିଳାଙ୍କ ତୁଳନାରେ ଅଧିକ ପୁରୁଷ ବେରୋଜଗାର ରହିଛନ୍ତି।

### ଦେଶର ମୁଣ୍ଡପିଛା ଆୟ ୧୦,୫୩୪ ଟଙ୍କା

ନୂଆଦିଲ୍ଲୀ,୩୧-୫: ଚଳିତ ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ଦେଶର ମୁଣ୍ଡପିଛା ଆୟ ୧୦ ପ୍ରତିଶତ ବୃଦ୍ଧି ପାଇ ମାସକୁ ୧୦,୫୩୪ ଟଙ୍କା ହୋଇଛି। ଶୁକ୍ରବାର ଜାରି ସରକାରୀ ତଥ୍ୟରୁ ଏହା ଜଣାପଡିଛି। ୨୦୧୭-୧୮ ଆର୍ଥିକ ବର୍ଷରେ ଏହା ମାସକୁ ୯୫୮୦ ଟଙ୍କା ଥିଲା। ଷ୍ଟାଟିଷ୍ଟିକ୍ସ ଆଣ୍ଡ ପ୍ରୋଗ୍ରାମ ଇମ୍ପ୍ଲିମେଣ୍ଟେଶନ ମନ୍ତ୍ରଣାଳୟ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ ମାସକୁ ୧୦,୫୩୩.୮୩ ଟଙ୍କା ହିସାବରେ ୨୦୧୮-୧୯ରେ ମୁଣ୍ଡପିଛା ଆୟ ୧,୨୬,୪୦୬ ଟଙ୍କାରେ ପହଞ୍ଚିଛି। ଯାହାକି ପୂର୍ବବର୍ଷ ୧,୧୪,୯୫୮ ଟଙ୍କା ଥିଲା। ବାର୍ଷିକ ହିସାବରେ ଏହା ୧୦% ଅଧିକ। ସୂଚନାଯୋଗ୍ୟ ଯେ, ମୁଣ୍ଡପିଛା ଆୟରୁ ଦେଶର ବିକାଶ ସମ୍ପର୍କରେ ଜାଣିହୁଏ। ତଦନୁଯାୟୀ ମୋଟ ଜାତୀୟ ଆୟ(ଜିଏନ୍‌ଆଇ) ୨୦୧୮-୧୯ରେ ୧୮୮.୧୭ ଲକ୍ଷ କୋଟି ଟଙ୍କା ହୋଇଛି। ଯାହା କି, ୨୦୧୭-୧୮ରେ ୧୬୯.୧୦ ଲକ୍ଷ କୋଟି ଟଙ୍କା ଥିଲା।

### ହାଇକୋର୍ଟ ଗଲେ ନୀରବ ମୋଦି



ଲଣ୍ଡନ,୩୧-୫: ପଳାତକ ହୀରା ବ୍ୟବସାୟୀ ନୀରବ ମୋଦି ଲଣ୍ଡନ ହାଇକୋର୍ଟରେ ଜାମିନ ଲାଗି ଆବେଦନ କରିଛନ୍ତି। ସ୍ଥାନୀୟ ୱେଷ୍ଟମିନିଷ୍ଟର କୋର୍ଟ ୩ ଥର ତାଙ୍କର ଜାମିନ ଆବେଦନ ଖାରଜ କରିଛନ୍ତି। ଜୁନ୍ ୨୭ତାରିଖ ଯାଏ ଜେଲ୍ ହାଜତରେ ରହିବାକୁ ଅଦାଲତ ଗୁରୁବାର ନିର୍ଦ୍ଦେଶ ଦେଇଥିଲେ। ପିଏନ୍‌ବିରୁ ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କାର ମହାଠକେଇ କରି ସେ ଏବେ ଲଣ୍ଡନକୁ ଫେରାର ହୋଇଯାଇଛନ୍ତି। ଲଣ୍ଡନରେ ସେ ବ୍ୟାଙ୍କ ଆକାଉଣ୍ଟ ଖୋଲିବାକୁ ଯାଇଥିବା ବେଳେ ଗିରଫ ହୋଇଥିଲେ।

## ■ଦାୟିତ୍ୱ ନେଲେ ନିର୍ମଳା ସୀଥାରାମନ

# ଅର୍ଥନୀତିକୁ ସଜାଡ଼ିବା ଏବେ ଅସଲ ପରୀକ୍ଷା

ନୂଆଦିଲ୍ଲୀ,୩୧-୫

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ପ୍ରଥମ କାର୍ଯ୍ୟକାଳରେ ବାଣିଜ୍ୟ ଏବଂ ଉଦ୍ୟୋଗ ଏବଂ ପରେ ପ୍ରତିରକ୍ଷା ମନ୍ତ୍ରୀ ରହିଥିବା ନିର୍ମଳା ସୀଥାରାମନ ଶୁକ୍ରବାର ଅର୍ଥମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ତାମିଲନାଡୁର ଏକ ସାଧାରଣ ପରିବାରରେ ଜନ୍ମିତ ସୀଥାରାମନ ମନ୍ତ୍ରୀ ଭାବେ ନିଜର କାର୍ଯ୍ୟ ଦକ୍ଷତାର ପ୍ରଦର୍ଶନ କରି ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। କିନ୍ତୁ ଅର୍ଥମନ୍ତ୍ରୀ ଭାବେ ଏବେ ସେ ଅସଲ ପରୀକ୍ଷା ଦେବେ। ତାଙ୍କୁ ଏଭଳି ଏକ ସମୟରେ ଅର୍ଥମନ୍ତ୍ରୀ ଦାୟିତ୍ୱ ମିଳିଛି, ଯେତେବେଳେ ଦେଶର ଅର୍ଥନୀତି ସମ୍ମୁଖରେ ଏକାଧିକ ଆହ୍ୱାନ ରହିଛି। ଅର୍ଥନୀତିକୁ ସଜାଡିବା ଏବଂ ଏହାକୁ ଗତିଶୀଳ କରିବା ଏବେ ତାଙ୍କର ପ୍ରାଥମିକତା ହେବାକୁ ଯାଉଛି। ନିର୍ମଳାଙ୍କ ସମ୍ମୁଖରେ ଥିବା ଆର୍ଥିକ ଆହ୍ୱାନଗୁଡ଼ିକ ବିଷୟରେ ଜାଣିବା ଆବଶ୍ୟକ।

**ଧିମା ପଡ଼ିଛି ଅର୍ଥନୀତି**

ଦେଶର ଆର୍ଥିକ ବିକାଶ ହାର ୫ ତ୍ରୈମାସରେ ସର୍ବନିମ୍ନ ସ୍ତର ୬.୬%ରେ ପହଞ୍ଚିଯାଇଛି। ଏଥିଯୋଗୁ ଗ୍ରାମାଞ୍ଚଳରେ ବ୍ୟୟ ହ୍ରାସ ଏବଂ ତୈଳ ମୂଲ୍ୟ ଧିମା ଗତିରେ ବଢୁଥିବାରୁ ଅବସ୍ଥା ଆହୁରି ଖରାପ ହେବ ବୋଲି ଅର୍ଥନୀତିଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏଭଳି ସ୍ଥିତିରେ ଦେଶର ଆର୍ଥିକ ବିକାଶ ହାରକୁ ୭ ଅଥବା ଏହାଠାରୁ ଅଧିକ କରିବା ସୀଥାରାମନଙ୍କ ସମ୍ମୁଖରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେବ।

**ତେଲ, ଖାଦ୍ୟପଦାର୍ଥ ଉପରେ ମୁଦ୍ରାସ୍ଫୀତି ମାଡ**



ନିଜର ପ୍ରଥମ କାର୍ଯ୍ୟକାଳ ବେଳେ ମୁଦ୍ରାସ୍ଫୀତି ଦୃଷ୍ଟିରୁ ମୋଦି ସରକାରଙ୍କୁ ବିଶେଷ ଅସୁବିଧାର ସାମ୍ନା କରିବାକୁ ପଡ଼ି ନ ଥିଲା। ଇନ୍ଧନ ଏବଂ ଖାଦ୍ୟପଦାର୍ଥ ଦର କମ୍ ରହିଥିଲା। କିନ୍ତୁ ଆଗକୁ ଏହା ସମ୍ଭବ ହେବ ନାହିଁ। କାରଣ ଏବେ ଠାରୁ ଏସବୁର ଦର ବଢ଼ିବାରେ ଲାଗିଛି। ପଶ୍ଚିମ ଏସିଆରେ ଦ୍ରୁତଗତିରେ ରାଜନୈତିକ ପରିସ୍ଥିତି ବଦଳୁଥିବାରୁ ଅଶୋଧିତ ତେଲ ଦରରେ ନିଆଁ ଲାଗି ପାରେ। ଅନ୍ୟପକ୍ଷରେ ପରିସଂଖ୍ୟାନରୁ ଜଣାପଡୁଛି ଯେ, ଦୀର୍ଘ ଦିନ ପରେ ଖାଦ୍ୟପଦାର୍ଥର ହୋଲସେଲ୍ ଦର ବୃଦ୍ଧି ପାଇବାରେ ଲାଗିଛି।

**ନିଯୁକ୍ତି ସଙ୍କଟ**

ନୂଆ ଅର୍ଥମନ୍ତ୍ରୀଙ୍କୁ ନିଯୁକ୍ତି ସଙ୍କଟ ଦୂର କରିବା ଭଳି ବଡ଼ ଆହ୍ୱାନର ସମ୍ମୁଖୀନ ହେବାକୁ ପଡିବ। ମୋଦି ସରକାରଙ୍କ ପ୍ରଥମ କାର୍ଯ୍ୟକାଳ ବେଳେ ନିଯୁକ୍ତି ସୃଷ୍ଟି ଏକ ବଡ଼ ପ୍ରସଙ୍ଗ ଥିଲା। ନିଯୁକ୍ତି ସୃଷ୍ଟିର ପ୍ରତିଶ୍ରୁତି ଦେଇ ମୋଦି ସରକାର ୨୦୧୪ରେ କ୍ଷମତାକୁ ଆସିଲେ। ଅଥଚ ରୋଜଗାର ସୃଷ୍ଟିରେ ସଙ୍କଟ ଦେଖାଦେଲା। ବିମୁଦ୍ରୀକରଣ, ଜିଏସ୍‌ଟି ଲାଗୁ କରିବା ଯୋଗୁ କାରଖାନା ବନ୍ଦ ହୋଇଯିବା ଯୋଗୁ ବେକାର ସଂଖ୍ୟା ବୃଦ୍ଧି ପାଇଥିବା ବେଳେ ନୂଆ ନିଯୁକ୍ତି ଧିମେଇ ଗଲା। ଏହାକୁ ନେଇ ବିରୋଧୀ ଦଳଗୁଡ଼ିକ ଏନ୍‌ଡିଏ ସରକାରଙ୍କୁ ଘେରିଥିଲେ। ଏବେ ବିଶ୍ୱରେ ମାନ୍ଦାବସ୍ଥା ମାଡ଼ି ଆସୁଥିବା ବେଳେ ନୂଆ ନିଯୁକ୍ତି ସୃଷ୍ଟି କରିବା ସୀଥାରାମନଙ୍କ ମୁଣ୍ଡବ୍ୟଥାର ମୁଖ୍ୟ କାରଣ ହେବ।

**ମାନୁଫାକ୍ଚରିଂ ହ୍ରାସ**

ଦେଶର ମାନୁଫାକ୍ଚରିଂ ସେକ୍ଟର ଧିମେଇବାରେ ଲାଗିଛି। ଔଦ୍ୟୋଗିକ ଉତ୍ପାଦନ ମାର୍ଚ୍ଚରେ ୨୧ ମାସର ସର୍ବନିମ୍ନ ସ୍ତର(-) ୦.୧%କୁ ଖସି ଆସିଛି। ଚାଇନା ଭଳି ମାନୁଫାକ୍ଚରିଂ ସେକ୍ଟର ପ୍ରତି ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

**ନଗଦ ସଙ୍କଟ ଦୂର କରିବା**

ଏନ୍‌ବିଏଫ୍‌ସି ସମେତ ରାଷ୍ଟ୍ରାୟତ୍ତ ଯୋଜନାଗୁଡ଼ିକରେ ଦେଖାଦେଇଥିବା ନଗଦ ସଙ୍କଟ ଦୂର କରିବା ଏବେ ଅର୍ଥମନ୍ତ୍ରୀ ସୀଥାରାମନଙ୍କ ପ୍ରାଥମିକତା ହେବା ଉଚିତ। ଅର୍ଥର ଅଭାବରେ ରେଳ, ସଡ଼କ, ବନ୍ଦର, ଶକ୍ତି କେନ୍ଦ୍ରଗୁଡ଼ିକର କାର୍ଯ୍ୟ ଧିମେଇବାରେ ଲାଗିଛି। ସରକାରଙ୍କ କୋଷାଗାର ଭର୍ତ୍ତି କରିବାକୁ ହେଲେ ଟେଲିକମ୍ ସେକ୍ଟରରେ ସ୍ପେକ୍ଟ୍ରମ ନିଲାମୀ କରିବା ଜରୁରୀ ହୋଇପଡିଛି।

**ଜିଏସ୍‌ଟି ୨.୦**

୧୮ ଓ ୨୮ ପ୍ରତିଶତ ଜିଏସ୍‌ଟି ସ୍ଲାବ୍‌କୁ ନେଇ ଏବେ ମଧ୍ୟ କାରବାରକାରୀଙ୍କ ମଧ୍ୟରେ ଅଡୁଆ ରହିଛି। ଏହି ଦୁଇ ମୁଖ୍ୟ ସ୍ଲାବ୍‌କୁ ମିଶାଇ ଏକ ନୂଆ ସ୍ଲାବ୍ କରିବାର ଆବଶ୍ୟକତା ଦେଖାଦେଇଛି। ଭାଜପାର ଇସ୍ତାହାରରେ ମଧ୍ୟ ଜିଏସ୍‌ଟିକୁ ଅଧିକ ସରଳ କରାଯିବାର ପ୍ରତିଶ୍ରୁତି ଦିଆଯାଇଛି।

**ବ୍ୟାଙ୍କ ମିଶ୍ରଣକୁ ଗୁରୁତ୍ୱ**

ମୋଦି ସରକାରଙ୍କ ପ୍ରଥମ କାର୍ଯ୍ୟକାଳରେ କେତେକ ବ୍ୟାଙ୍କର ମିଶ୍ରଣ କରାଯାଇଥିଲା। ଆହୁରି କେତେକ ବଡ଼ ବ୍ୟାଙ୍କ ସହ ଛୋଟ ବ୍ୟାଙ୍କକୁ ମିଶାଇବାର ଆବଶ୍ୟକତା ରହିଛି।

### ୪୫ ବର୍ଷ ପରେ ପୂର୍ଣ୍ଣକାଳୀନ ମହିଳା ଅର୍ଥମନ୍ତ୍ରୀ

ମୋଦି ସରକାରଙ୍କ ଦ୍ୱିତୀୟ କାର୍ଯ୍ୟକାଳ ବେଳେ ନିର୍ମଳା ସୀତାରାମନ ଦୀର୍ଘ ୪୫ ବର୍ଷ ପରେ ପ୍ରଥମ ମହିଳା ପୂର୍ଣ୍ଣକାଳୀନ ଅର୍ଥମନ୍ତ୍ରୀ ହୋଇଛନ୍ତି। ତେବେ ପ୍ରଧାନମନ୍ତ୍ରୀ ଭାବେ ଇନ୍ଦିରା ଗାନ୍ଧୀ ମଧ୍ୟ ଅର୍ଥମନ୍ତ୍ରଣାଳୟକୁ ନିଜ ହାତରେ ରଖିଥିଲେ। ପ୍ରଥମ ପୂର୍ଣ୍ଣକାଳୀନ ପ୍ରତିରକ୍ଷା ମନ୍ତ୍ରୀ ହେବାର ଗୌରବ ମଧ୍ୟ ନିର୍ମଳାଙ୍କ ନାମରେ ରହିଛି। ଇନ୍ଦିରା ଗାନ୍ଧୀ ମଧ୍ୟ ତାଙ୍କ ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ନିର୍ମଳା ସୀଥାରାମନ ୧୮ ଅଗଷ୍ଟ ୧୯୫୯ରେ ରେଲଓ୍ୱେରେ କାର୍ଯ୍ୟ କରୁଥିବା ପିତା ନାରାୟଣ ସୀଥାରାମନ ଏବଂ ମାତା ସାବିତ୍ରୀଙ୍କ କୋଳମଣ୍ଡନ କରି ତାମିଲନାଡୁର ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତିରୁଚିରାପଲ୍ଲୀରେ ପ୍ରାରମ୍ଭିକ ଶିକ୍ଷା ଶେଷ କରି ସେ ଅର୍ଥନୀତିରେ ଗ୍ରାଜୁଏଶନ କରିଥିଲେ। ଏହାପରେ ସେ ଇକୋନୋମିକରେ ମାଷ୍ଟର୍ସ ଡିଗ୍ରୀ ହାସଲ କରିବା ପରେ ଏମ୍.ଫିଲ୍ ଉପାଧି ଲାଭ କରିଥିଲେ। ଲଣ୍ଡନରେ ରହିବା ବେଳେ ସୀଥାରାମନ ଘର ସଜାଇବାରେ ବ୍ୟବହୃତ ସାମଗ୍ରୀ ବିକ୍ରି କରୁଥିବା ଏକ ଦୋକାନରେ ସେଲ୍ସ ଗାର୍ଲ ଭାବେ କାର୍ଯ୍ୟ କରିଥିଲେ। ଏହାପରେ ସେ ଲଣ୍ଡନରେ କୃଷି ଇଞ୍ଜିନିୟର୍ସ ଆସୋସିଏଶନ ଏବଂ ପ୍ରାଇସ୍ ୱାଟରହାଉସ୍‌ରେ ସିନିୟର ମ୍ୟାନେଜର ଭାବେ କାର୍ଯ୍ୟ କରିଥିଲେ। ଭାରତ ଫେରିବା ପରେ ସେ ୨୦୦୮ରେ ରାଜନୀତିରେ ଯୋଗ ଦେଇ ଭାଜପାରେ ମିଶିଥିଲେ। ଏହାର ୨ ବର୍ଷ ପରେ ଦଳର ମୁଖପାତ୍ର ହୋଇ ୨୦୧୪ରେ ଏନ୍‌ଡିଏ ସରକାରରେ ମନ୍ତ୍ରୀ ହୋଇଥିଲେ।

### ଷ୍ଟକ୍ ବଜାର ଚକିତ

ଏସିଆର ତୃତୀୟ ସର୍ବବୃହତ୍ ଅର୍ଥନୀତି କୁହାଯାଉଥିବା ଭାରତର ଅର୍ଥମନ୍ତ୍ରୀ ଭାବେ ନିର୍ମଳା ସୀଥାରାମନଙ୍କୁ ଦାୟିତ୍ୱ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଷ୍ଟକ୍ ବଜାରକୁ ଚମକାଇ ଦେଇଛନ୍ତି। ଦେଶର ଅର୍ଥନୀତି ସମ୍ମୁଖରେ ଏକାଧିକ ଆହ୍ୱାନ ରହିଛି। ଏଥିସହିତ ଆମେରିକା ସହ ଭାରତର କାରବାରରେ କଟୁତା ଦେଖାଦେଇଛି। ଏଭଳି ସ୍ଥିତିରେ ସୀଥାରାମନଙ୍କୁ ଅର୍ଥମନ୍ତ୍ରୀ କରାଯିବା ନେଇ ଷ୍ଟକ୍ ବଜାରରେ ଆଶାବାଦୀ ନ ଥିଲେ। ରୋବାନ କ୍ୟାପିଟାଲ ଆଡଭାଇଜର୍ସର ପ୍ରତିଷ୍ଠାତା ଯୋଗେଶ ନଗାଓଁକରଙ୍କ ମତରେ ଏହା ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ। ନଗଦ ସଙ୍କଟ ଦୂର କରିବା ପାଇଁ ନିର୍ମଳାଙ୍କ ଆଡ଼କୁ ବଜାର ଚାହିଁବସିଛି। ତାଙ୍କ ମତରେ ଅର୍ଥମନ୍ତ୍ରୀ ଦାୟିତ୍ୱ ପୀୟୂଷ ଗୋୟଲଙ୍କୁ ମିଳିବା ଉଚିତ୍ ଥିଲା। କାରଣ ସେ ପେସାରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ। ଗତ ସରକାରରେ ଅରୁଣ ଜେଟ୍‌ଲୀଙ୍କ ଅସୁସ୍ଥତା କାରଣରୁ ସେ ୨ ଥର ଅର୍ଥ ମନ୍ତ୍ରଣାଳୟର ଦାୟିତ୍ୱ ସମ୍ଭାଳିଥିଲେ।

## ବୀମା ପେନେଟ୍ରେଶନ ଜିଡିପିର ୦.୯%: ଏସ୍‌ବିଆଇ ଜେନେରାଲ ଏମ୍‌ଡି

ଭୁବନେଶ୍ୱର,୩୧-୫

ଅଭିବୃଦ୍ଧିଶୀଳ ବଜାରଗୁଡିକୁ ବିଚାରକୁ ନେଲେ ଜଣାଯିବ ଯେ, ଦେଶରେ ବୀମା ଗ୍ରହଣ କ୍ଷେତ୍ରରେ ଭାରତର ସ୍ଥିତି ଏତେଟା ଆଖି ଦୃଶିଆ ନୁହେଁ। ବର୍ତ୍ତମାନ ଘରୋଇ ବଜାରର ବୀମା ପେନିଟ୍ରେଶନ ମୋଟ ଜିଡିପିର ୦.୯% ରହିଛି। ଏହା ଅନ୍ୟ ଅଭିବୃଦ୍ଧିଶୀଳ ବଜାର ତୁଳନାରେ ନଗନ୍ୟ। ଭାରତ ତୁଳନାରେ ଏହି ଦେଶଗୁଡିକ ବୀମା ଗ୍ରହଣରେ ୧.୫% ରୁ ୨% ଗୁଣା ଆଗୁଆ ରହିଛନ୍ତି ବୋଲି ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ ଏସ୍‌ବିଆଇ ଜେନେରାଲର ଏମ୍‌ଡି ତଥା ସିଇଓ ପୋଷଣ ମହାପାତ୍ର ସୂଚନା ଦେଇଛନ୍ତି। ବୀମାର ପ୍ରକୃତ ଗୁରୁତ୍ୱକୁ ଲୋକମାନେ ବୁଝିବାର ଆବଶ୍ୟକତା ରହିଥିବା ସେ ମତ ରଖିଛନ୍ତି। ଦେଶରେ ଏହି ଧାରାରେ ପରିବର୍ତ୍ତନ ଆଣିବା ଲାଗି ବିଭିନ୍ନ ପଦକ୍ଷେପ ଉପରେ କାର୍ଯ୍ୟକ୍ରମ ଜାରି ରହିଥିବା ସେ କହିଛନ୍ତି। ସେହିଭଳି ବିତରଣ ନେଟୱର୍କ ବୃଦ୍ଧି ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

ଓଡ଼ିଶାରେ ବାତ୍ୟା ଫନୀ ପ୍ରଭାବିତ ରେ ଗ୍ରାହକଙ୍କ ଲାଗି ଏସ୍‌ବିଆଇ ଜେନେରାଲ ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ଉପରେ

**ଫନୀ ପ୍ରଭାବିତ ଗ୍ରାହକଙ୍କ କ୍ଲେମ ସମାଧାନକୁ ଗୁରୁତ୍ୱ**



ସେ ମତ ରଖିଛନ୍ତି। କମ୍ପାନୀ ମୋଟ ୧୧୬୧ ବୀମା ଦାବି ଗ୍ରହଣ କରିଛି। ଏହି ଦାବିଗୁଡିକର ମୋଟ ମୂଲ୍ୟ ପ୍ରାୟ ୯୦ କୋଟି ଟଙ୍କା ରହିଥିବା ବେଳେ ୭୦୨ କ୍ଲେମ ବା ୬୬% ଦାବି ସମାଧାନ ଲାଗି ପଦକ୍ଷେପ ନିଆଯାଇଛି। ସମାଧାନର ହାରାହାରି ସମୟ ୮ ଦିନ ରହିଛି। ଗ୍ରାହକଙ୍କ ପାଖକୁ ୧୩.୩ କୋଟି ଏବଂ କ୍ଷତିଗ୍ରସ୍ତ ସମ୍ପତ୍ତିର ମରାମତି ତଥା ଉନ୍ନତୀକରଣ ଲାଗି ୩ କୋଟି ଟଙ୍କାର ଅନ୍ତରୀଣ ସହାୟତା ରାଶି ପ୍ରଦାନ କରାଯାଇଛି। ରାଜ୍ୟରେ କମ୍ପାନୀର ୫ଟି ଶାଖା ରହିଛି। ଏହି ସମୟରେ କମ୍ପାନୀ ରାଜ୍ୟରେ ୯୯ କୋଟି ଟଙ୍କାର ପ୍ରିମିୟମ ସଂଗ୍ରହ କରଥିବା ସେ ସୂଚନା ଦେଇଛନ୍ତି।

## ବିତ୍ତୀୟ ନିଅଣ୍ଟ ଜିଡିପିର ୩.୩୯%

ନୂଆଦିଲ୍ଲୀ,୩୧-୫

କେନ୍ଦ୍ର ସରକାର ୨୦୧୮-୧୯ ଆର୍ଥିକ ବର୍ଷର ବଜେଟରେ ବିତ୍ତୀୟ ନିଅଣ୍ଟ ପରିମାଣକୁ ଜିଡିପିର ୩.୪% ମଧ୍ୟରେ ରଖିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ତେବେ ଶୁକ୍ରବାର କଣ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟସ୍ ପକ୍ଷରୁ ଜାରି ତଥ୍ୟରୁ ଜଣାପଡିଛି ଯେ, ଚଳିତ ବର୍ଷ ମାର୍ଚ୍ଚ ୩୧ସୁଦ୍ଧା ବିତ୍ତୀୟ ନିଅଣ୍ଟ ପରିମାଣ ୩.୩୯% ଅର୍ଥାତ୍ ୬.୪୫ ଲକ୍ଷ କୋଟି ଟଙ୍କା ରହିଛି। ବଜେଟରେ ଏହା ୬.୩୪ ଲକ୍ଷ କୋଟି ଟଙ୍କା ରହିବ ବୋଲି ଅନୁମାନ କରାଯାଇଥିଲା। ତେବେ ବାସ୍ତବ କ୍ଷେତ୍ରରେ ଦେଖିଲେ ବିତ୍ତୀୟ ନିଅଣ୍ଟ ପରିମାଣ ବୃଦ୍ଧି ପାଇଛି। ତେବେ ଜିଡିପି ଆକାର ବୃଦ୍ଧି ପାଇଥିବାରୁ ଏହି ବୃଦ୍ଧି ନଗଣ୍ୟ ବୋଲି କୁହାଯାଇଛି।

## ପୂର୍ବତଟ ରେଳପଥ ପକ୍ଷରୁ ୧୦ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ

ଭୁବନେଶ୍ୱର,୩୧-୫

- ■ଯାତ୍ରୀ ଭିଡକୁ ଏଡାଇବାକୁ ପଦକ୍ଷେପ
- ■ପୂର୍ବତଟ ପରିସର ଦେଇ ୭ ସ୍ୱତନ୍ତ୍ର ଟ୍ରେନ
- ■ନିର୍ଦ୍ଧାରିତ ଟ୍ରେନ ଜୁନ ଶେଷ ଯାଏ ଚଳାଚଳ କରିବ



ପୂର୍ବତଟ ରେଳପଥ ପକ୍ଷରୁ ଯାତ୍ରୀ ସୁବିଧାକୁ ଧ୍ୟାନରେ ରଖି ୫ ଯୋଡା ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରାଯାଉଛି। ଏହା ବାଦ ପୂର୍ବତଟ ରେଳପଥ ମଧ୍ୟ ଦେଇ ଆଉ ୭ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରୁଛି। ଏହି ଟ୍ରେନଗୁଡିକ ଜୁନ ମାସ ଶେଷ ପର୍ଯ୍ୟନ୍ତ ଚଳାଚଳ କରିବ। ଟ୍ରେନଗୁଡିକ ମଧ୍ୟରେ ବିଶାଖାପାଟଣା-ସିକନ୍ଦରାବାଦ-ବିଶାଖାପାଟଣା ସାପ୍ତାହିକ ଏକ୍ସପ୍ରେସ, ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ସାପ୍ତାହିକ, ପୁରୀ-ସାନ୍ତ୍ରାଗାଛି-ପୁରୀ ସାପ୍ତାହିକ, କାଚେଗୁଡା-ଟାଟା-କାଚେଗୁଡା ସ୍ୱତନ୍ତ୍ର ଭାୟା କେନ୍ଦୁଝରଗଡ, କାଚେଗୁଡା-ବିଶାଖାପାଟଣା ଏବଂ ବିଶାଖାପାଟଣା-ତିରୁପତି ସ୍ୱତନ୍ତ୍ର, ହବିବଗଞ୍ଜ-ପୁରୀ-ହବିବଗଞ୍ଜ ଏକ୍ସପ୍ରେସ ଭଳି ଟ୍ରେନ ରହିଛି। ସେହିଭଳି ଅନ୍ୟ ଟ୍ରେନଗୁଡିକ ମଧ୍ୟରେ ଭାୟା ଅନୁଗୋଳ ଏବଂ ଭଦ୍ରକ ଦେଇ ସାଲିମାର-ସମ୍ବଲପୁର-ସାଲିମାର ତ୍ରିସାପ୍ତାହିକ, ସମ୍ବଲପୁର-ବନସୱାଡି-ସମ୍ବଲପୁର ସାପ୍ତାହିକ ସ୍ୱତନ୍ତ୍ର, ରାଇଗଡ-ସମ୍ବଲପୁର-ରାଇଗଡ ସ୍ୱତନ୍ତ୍ର, ଚେନ୍ନାଇ ସେଣ୍ଟ୍ରାଲ-ସାନ୍ତ୍ରାଗାଛି- ଚେନ୍ନାଇ ସେଣ୍ଟ୍ରାଲ, ପୁଡୁଚେରୀ- ସାନ୍ତ୍ରାଗାଛି-ପୁଡୁଚେରୀ ଏବଂ ଭୁବନେଶ୍ୱର-ସକିନ୍ଦରାବାଦ-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ ସାମିଲ ରହିଛି। ଗ୍ରୀଷ୍ମ ସମୟରେ ଭିଡ ଯୋଗୁ ଯାତ୍ରୀମାନେ ଯେଭଳି କୌଣସି ଅସୁବିଧା ସାମ୍ନା ନ କରନ୍ତି ସେ ଦିଗରେ ରେଲୱେ ଯତ୍ନବାନ ହେବା ସହ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରୁଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

## ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗା ଭତ୍ତା ୧୪୬.୧୮%

ଭୁବନେଶ୍ୱର,୩୧-୫(ବ୍ୟୁରୋ)

ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟ ସୂଚୀ ମାର୍ଚ୍ଚରେ ୩୦୯ ପଏଣ୍ଟ ଥିଲା। ଏହା ଏପ୍ରିଲରେ ୩ ପଏଣ୍ଟ ବୃଦ୍ଧି ଘଟି ୩୧୨ ପଏଣ୍ଟ ହୋଇଛି। ତାଳଚେର ଏବଂ ଅନୁଗୋଳରେ ଏହା ୩୨୮ ପଏଣ୍ଟ ଥିଲା। ଏଥିରେ ୪ ପଏଣ୍ଟ ବଢି ୩୩୨ ପଏଣ୍ଟ ହୋଇଛି। ରାଉରକେଲାରେ ଏହା ୩୦୯ ପଏଣ୍ଟ ଥିବା ବେଳେ ଏଥିରେ ୭ ପଏଣ୍ଟ ବୃଦ୍ଧି ଘଟି ୩୧୬ ପଏଣ୍ଟ ଛୁଇଁଛି। ଜୁନରେ ରିଜର୍ଭ ବ୍ୟାଙ୍କର ବାର୍ଷିକ କ୍ଲୋଜିଂ ପାଇଁ କୌଣସି ମହଙ୍ଗା ଭତ୍ତାରେ କୌଣସି ପରିବର୍ତ୍ତନ ହୁଏ ନାହିଁ।

ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ବର୍ତ୍ତମାନ ୧୪୧.୪% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୪.୭୮% ବଢି ୧୪୬.୧୮% ହୋଇଛି।



ଏମାନେ ଏହି ବର୍ଦ୍ଧିତ ଡିଏ ଜୁଲାଇ ପହିଲାରୁ ପାଇବେ। ଅବସରପ୍ରାପ୍ତ ଓ କାର୍ଯ୍ୟରତ ସରକାରୀ କର୍ମଚାରୀମାନେ ୧୨% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୪% ବୃଦ୍ଧି ଘଟି ୧୬% ହୋଇଛି। ଏମାନେ ୨୦୧୯ ଜୁଲାଇ ପହିଲାରୁ ଏହି ବର୍ଦ୍ଧିତ ଡିଏ ପାଇବେ।

ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର, ଡେପୁଟି ଗଭର୍ନର, ସମସ୍ତ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଳବଣି ନୋଟ୍ ଛାପା କାରଖାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ସମସ୍ତ ବ୍ୟାଙ୍କର ସିଏମ୍‌ଡିମାନେ ମଧ୍ୟ ୧୬% ମହଙ୍ଗା ଭତ୍ତା ପାଇବେ। ଏହା ଜୁଲାଇ ପହିଲାରୁ ଲାଗୁ ହେବ। ଜାନୁୟାରୀ ୮ ଏବଂ ୯ରେ ସିଜିଏମ୍‌ଙ୍କଠାରୁ ମେସେଞ୍ଜରଙ୍କ ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟ କରିଥିଲେ ସେମାନେ ବର୍ତ୍ତମାନ ୬୪.୫% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୨.୫% ବୃଦ୍ଧି ଘଟି ୬୭% ହୋଇଛି। ଅଗଷ୍ଟ ପହିଲାରୁ ଏହା ଲାଗୁ ହେବ।

ଓଡ଼ିଶାରେ ୩ ଲକ୍ଷ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଓ କର୍ମଚାରୀ ୧୯୮୨ରୁ ପେନସନ୍ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରି ଆସୁଛନ୍ତି। ଜାନୁୟାରୀ ୨୧ରେ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଏମାନେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଶୁକ୍ରବାର ବିଭିନ୍ନ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି। ବୀମା କର୍ମଚାରୀମାନେ ବର୍ତ୍ତମାନ ୫୭.୮% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୨.୫% ବୃଦ୍ଧି ଘଟି ୬୦.୩% ହୋଇଛି। ଏହି ବର୍ଦ୍ଧିତ ଡିଏ ଅଗଷ୍ଟ ପହିଲାରୁ ସେମାନେ ପାଇବେ।

ସେପ୍ଟେମ୍ବର ୪ ଏବଂ ୫ ଦୁଇ ଦିନ ଭାରତୀୟ ରିଜର୍ଭ ବ୍ୟାଙ୍କର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ପେନ୍‌ସନ ଏବଂ ପେନ୍‌ସନ ସଂଶୋଧନ ପାଇଁ ଯେଉଁ ଧର୍ମଘଟ ଡାକରା ଦେଇଥିଲେ ତାହା ସ୍ଥଗିତ ରହିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୧ ହଜାର ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କର ପେନଶନ ସଂଶୋଧନ କରାଯାଇଛି। ପ୍ରାୟ ୩,୦୦୦ ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀ ପେନ୍‌ସନକୁ ଅପେକ୍ଷା କରିଛନ୍ତି। ଜୁନ ୩ରେ ହେବାକୁ ଥିବା ରିଜର୍ଭ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କ ମାସିକ ସଭାରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।

## ଆକ୍ୟୁମାସ୍ ଆୟୁର୍ବେଦିକର ସିନେମା ପ୍ରମୋଶନାଲ ଚୁକ୍ତି

ଭୁବନେଶ୍ୱର,୩୧-୫

ଆକ୍ୟୁମାସ ଆୟୁର୍ବେଦିକ ଗ୍ରାନ୍ୟୁଲସ ସିନେମା ପ୍ରମୋଶନାଲ ଚୁକ୍ତିରେ ସାମିଲ ହୋଇଛି। ଆକିଭ ଅଲ୍ଲୀଙ୍କ ଦ୍ୱାରା ନିର୍ଦ୍ଦେଶିତ 'ଦେ ଦେ ପ୍ୟାର ଦେ' ସିନେମାକୁ କମ୍ପାନୀ ପ୍ରମୋଶନ କରିବା ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି। ଏଥିରେ ଅଜୟ ଦେବଗନ, ତବୁ, ରାକୁଲ ପ୍ରୀତ ସିଂ ପ୍ରମୁଖ ଭୂମିକାରେ ରହିଛନ୍ତି। ଦିବିସା ହର୍ବାଲ କେୟାର ଏହି ସିନେମାର ପ୍ରମୋଶନ କାର୍ଯ୍ୟ ଲାଗୁ ଆକ୍ୟୁମାସ ପ୍ରଡକ୍ଟକୁ ଚୟନ କରିଥିବା କହିଛି। ଶରୀରର ଦୁର୍ବଳପଣ ଦୂରକରିବା ସହ ଓଜନ ବଢାଇବା ଆତ୍ମ ବିଶ୍ୱାସ ଫେରାଇ ଆଣିବାରେ ଆକ୍ୟୁମାସ ଆୟୁର୍ବେଦିକ ଗ୍ରାନ୍ୟୁଲସ କାର୍ଯ୍ୟ କରିଥାଏ ବୋଲି କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏହି ପ୍ରଡକ୍ଟରେ ୧୮ ଆୟୁର୍ବେଦିକ ଜଡିବୁଟି ରହିଛି ଯାହା ସାରା ପରିବାର ପାଇଁ ଉପାଦେୟ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ନିକଟରେ ନୂଆଦିଲ୍ଲୀରେ ଏକ ପ୍ରମୋଶନାଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏସ୍‌ବିଏସ୍ ବାୟୋଟେକ୍ ପକ୍ଷରୁ ଏହାର ୟୁନିଟ୍ ୨ ଉପସ୍ଥିତ ରହି ସିନେମାର ସଫଳତା ଲାଗି ଶୁଭେଚ୍ଛା ପ୍ରଦାନ କରିଥିଲେ।

ଗୁରୁବାରଠାରୁ ଇଂଲଣ୍ଡରେ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଆରମ୍ଭ ହୋଇଛି। ପଞ୍ଚମଥର ପାଇଁ ଇଂଲଣ୍ଡରେ ବିଶ୍ୱକପ୍ ଆୟୋଜିତ ହୋଇଛି। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍‌ରେ ଆୟୋଜକ ତଥା ଫେଭରାଇଟ ଇଂଲଣ୍ଡ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ପାଖାପାଖି ଦୁଇ ଦଶନ୍ଧି ପରେ ଇଂଲଣ୍ଡରେ ଏହି ମେଗା ଇଭେଣ୍ଟ ଆୟୋଜନ ହୋଇଛି। ଫଳରେ ବିଶ୍ୱକପ୍‌ର କ୍ରେଜ୍ ଆଶାତୀତ ଭାବେ ବୃଦ୍ଧି ପାଇଛି। ଚଳିତ ବିଶ୍ୱକପ୍‌ର କେତେକ ରୋଚକ ତଥ୍ୟ ନିମ୍ନରେ ଦିଆଗଲା।



ବିଶ୍ୱକପ୍‌ରେ ଡେ/ନାଇଟ୍ ମ୍ୟାଚ୍

# ୨୦୧୯ ଆଇସିସି ବିଶ୍ୱକପର ଶ୍ରେଷ୍ଠ ୫ ରୋଚକ ତଥ୍ୟ

## ପ୍ରଥମଥର ପାଇଁ ଅଂଶଗ୍ରହଣ କରିଛି ୧୦ ଦଳ

ପୂର୍ବରୁ କ୍ରିକେଟ ବିଶ୍ୱକପ୍‌ରେ ଆମେ ୧୦ରୁ କମ୍ କିମ୍ବା ଉର୍ଦ୍ଧ୍ୱ ଦଳ ଅଂଶଗ୍ରହଣ କରିଥିବାର ଜାଣିଥିଲୁ। ଏଥର କିନ୍ତୁ ପ୍ରଥମଥର ପାଇଁ ବିଶ୍ୱକପ୍‌ରେ ୧୦ଟି ଦଳ ଅଂଶଗ୍ରହଣ କରିଛନ୍ତି। ୧୯୭୫ରୁ ୧୯୮୭ ମଧ୍ୟରେ ଅନୁଷ୍ଠିତ ୪ଟି ସଂସ୍କରଣ ଯଥା ୧୯୭୫, ୧୯୭୯, ୧୯୮୩ ଓ ୧୯୮୭ ବିଶ୍ୱକପ୍‌ରେ ୮ଟି ଲେଖାଏ ଦଳ ଅଂଶଗ୍ରହଣ କରିଥିଲେ। ସେହିପରି ୧୯୯୨ ବିଶ୍ୱକପ୍‌ରେ ୯ଟି ଦଳ ଭାଗନେଇଥିଲେ। ଏହାପରେ ୧୯୯୬ ଓ ୧୯୯୯ ବିଶ୍ୱକପ୍‌ରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ୨୦୦୩ ବିଶ୍ୱକପ୍‌ରେ ୧୪ଟି ଦଳକୁ ଅଂଶଗ୍ରହଣ କରିବାର ସୁଯୋଗ ମିଳିଥିଲା। ଅନ୍ୟପଟେ ୨୦୦୭ ବିଶ୍ୱକପ୍‌ରେ ଦଳ ସଂଖ୍ୟାରେ ବୃଦ୍ଧି ଘଟିଥିଲା ଓ ଏହା ୧୬ରେ ପହଞ୍ଚିଥିଲା। ଏହାପରେ ୨୦୧୧ ଓ ୨୦୧୫ରେ ୧୪ଟି ଦଳକୁ ନେଇ ବିଶ୍ୱକପ୍ ଆୟୋଜିତ ହୋଇଥିଲା। ଏବେ ଚଳିତ ୨୦୧୯ ବିଶ୍ୱକପ୍‌ରେ ପ୍ରଥମଥର ପାଇଁ ୧୦ଟି ଦଳ ଅଂଶଗ୍ରହଣ କରୁଛନ୍ତି।

## ପ୍ରଥମଥର ପାଇଁ କୌଣସି ଆସୋସିଏଟ ସଦସ୍ୟ ବିଶ୍ୱକପ୍ ଖେଳୁନାହାନ୍ତି

ପ୍ରଥମଥର ପାଇଁ ଚଳିତ ବିଶ୍ୱକପ୍ ଇତିହାସରେ କୌଣସି ଆସୋସିଏଟ ସଦସ୍ୟ କିମ୍ବା ଆଇସିସିର ପୂର୍ଣ୍ଣ ସଦସ୍ୟତା ପାଇ ନ ଥିବା ଦେଶ ଅଂଶଗ୍ରହଣ କରିନାହାନ୍ତି। ୧୯୭୫ରେ ଖେଳାଯାଇଥିବା ପ୍ରଥମ ବିଶ୍ୱକପ୍‌ରେ ଶ୍ରୀଲଙ୍କା ଓ ପୂର୍ବ ଆଫ୍ରିକା ନନ୍ ଫୁଲ ମେମ୍ବର ଭାବେ ଅଂଶଗ୍ରହଣ କରିବାର ସୁଯୋଗ ହାସଲ କରିଥିଲେ। ସେହିପରି ୧୯୭୯ ବିଶ୍ୱକପ୍‌ରେ ଶ୍ରୀଲଙ୍କା ଓ କାନାଡ଼ା ଆସୋସିଏଟ ମେମ୍ବର ଭାବେ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲେ। ୧୯୯୬ ବିଶ୍ୱକପରେ କେନିଆ, ନେଦରଲାଣ୍ଡ୍ସ ଓ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଆସୋସିଏଟ ମେମ୍ବର ଭାବେ ଅଂଶଗ୍ରହଣ କରିଥିଲେ। ୧୯୯୯ ବିଶ୍ୱକପ୍‌ରେ ଆସୋସିଏଟ ମେମ୍ବର ଭାବେ ବାଂଲାଦେଶ, କେନିଆ ଓ ସ୍କଟ୍‌ଲାଣ୍ଡ ଭାଗ ନେଇଥିଲେ। ୨୦୦୩ ବିଶ୍ୱକପ୍‌ରେ ୪ଟି ଆସୋସିଏଟ ମେମ୍ବର ଯଥା କେନିଆ, କାନାଡ଼ା, ନାମ୍ବିଆ ଓ ନେଦରଲାଣ୍ଡ୍ସ ଭାଗ ନେଇଥିଲେ। ଏହାପରେ ୨୦୧୧ ଓ ୨୦୧୫ ବିଶ୍ୱକପ୍‌ରେ ୪ଟି ଆସୋସିଏଟ୍ ମେମ୍ବର ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲେ। ୨୦୧୧ ସଂସ୍କରଣରେ କାନାଡ଼ା, ଆୟର୍ଲାଣ୍ଡ, କେନିଆ ଓ ନେଦରଲାଣ୍ଡ୍ସ ଅଂଶଗ୍ରହଣ କରିଥିଲେ। ସେହିପରି ୨୦୧୫ ବିଶ୍ୱକପ୍‌ରେ ଆୟର୍ଲାଣ୍ଡ, ଆଫଗାନିସ୍ତାନ, ସ୍କଟଲାଣ୍ଡ ଓ ୟୁଏଇ ଆସୋସିଏଟ ସଦସ୍ୟ ଭାବେ ଭାଗନେଇଥିଲେ।

## ପ୍ରଥମଥର ଅତିକମ୍‌ରେ ଗୋଟିଏ ଫୁଲ୍ ମେମ୍ବର ଦେଶ ବିଶ୍ୱକପ୍ ଯୋଗ୍ୟତା ହାସଲ୍‌ରେ ବିଫଳ ହୋଇଛି

ଏଥର ବିଶ୍ୱକପ୍‌ରେ ଦୁଇଟି ଫୁଲ୍ ମେମ୍ବର ଦେଶ ଜିମ୍ବାୱେ ଓ ଆୟର୍ଲାଣ୍ଡ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛନ୍ତି। ତେଣୁ ପ୍ରଥମଥର ପାଇଁ ଅତିକମ୍‌ରେ ଗୋଟିଏ ଫୁଲ୍ ମେମ୍ବର ଦେଶ ବିଶ୍ୱକପ୍ ଖେଳିବାରେ ବିଫଳ ହୋଇଛି।

## ପ୍ରଥମଥର ପାଇଁ ଇଂଲଣ୍ଡ ବିଶ୍ୱକପ୍‌ରେ ଡେ/ ନାଇଟ୍ ମ୍ୟାଚ୍ ଆୟୋଜନ କରିବ

ଇଂଲଣ୍ଡ ପ୍ରଥମଥର ପାଇଁ ବିଶ୍ୱକପ୍‌ରେ ଡେ/ନାଇଟ ମ୍ୟାଚ୍ ଆୟୋଜନ କରିବ। ୧୯୭୯ରେ ପ୍ରଥମଥର ପାଇଁ ଡେ/ନାଇଟ ଦିନିକିଆ ମ୍ୟାଚ୍ ଆୟୋଜନ ହୋଇଥିଲା। ତେବେ ୧୯୯୨ ବିଶ୍ୱକପ୍‌ରେ କୌଣସି ମ୍ୟାଚ୍ ଦିବାରାତ୍ରିଭିତ୍ତିକ ହୋଇଥିଲା। ୧୯୯୨ ଫେବୃୟାରୀ ୨୨ରେ ପର୍ଥରେ ଭାରତ ଓ ଇଂଲଣ୍ଡ ଏହି ଡେ/ନାଇଟ୍ ମ୍ୟାଚ୍‌ରେ ପରସ୍ପରକୁ ଭେଟିଥିଲେ। ଏହା ପୂର୍ବରୁ ଇଂଲଣ୍ଡ ୧୯୭୫, ୧୯୭୯, ୧୯୮୩ ଓ ୧୯୯୯ରେ ବିଶ୍ୱକପ୍ ଆୟୋଜନ କରିଥିଲା। ତେବେ ଇଂଲଣ୍ଡ ବିଶ୍ୱକପ୍‌ରେ କୌଣସି ଡେ/ନାଇଟ ମ୍ୟାଚ୍ ଆୟୋଜନ କରି ନ ଥିଲା। ଚଳିତ ବିଶ୍ୱକପ୍ ପୂର୍ବରୁ ଇଂଲଣ୍ଡ ଏପର୍ଯ୍ୟନ୍ତ ୯୪ଟି ବିଶ୍ୱକପ୍ ମ୍ୟାଚ୍ ଆୟୋଜନ କରିଛି ଓ ଏହି ସବୁ ମ୍ୟାଚ୍ ଦିନରେ ହିଁ ଆୟୋଜିତ ହୋଇଥିଲା। ତେବେ ଚଳିତ ବିଶ୍ୱକପ୍‌ରେ ଇଂଲଣ୍ଡ ମୋଟ ଉପରେ ୭ଟି ଡେ/ନାଇଟ୍ ମ୍ୟାଚ୍ ଆୟୋଜନ କରିବ।

## ଏକବିଂଶ ଶତାବ୍ଦୀରେ ଏକମାତ୍ର ଦଳ ଭାବେ ଅଷ୍ଟ୍ରେଲିଆ ଚେଜିଂ ଚାମ୍ପିୟନ ଭାବେ ଉଭା ହୋଇଛି

ଚଳିତ ଏକବିଂଶ ଶତାବ୍ଦୀରେ ଅଷ୍ଟ୍ରେଲିଆ ଚେଜିଂ ଚାମ୍ପିୟନ ଭାବେ ଉଭା ହୋଇଛି। ଅର୍ଥାତ ଚେଜ୍ କରି ଅଷ୍ଟ୍ରେଲିଆ ଏପର୍ଯ୍ୟନ୍ତ ବିଫଳ ହୋଇନାହିଁ। ଅର୍ଥାତ ୧୯୯୯ ବିଶ୍ୱକପ୍ ପରେ ଅଷ୍ଟ୍ରେଲିଆ ପଛରେ ବ୍ୟାଟିଂ ରନ୍ ଚେଜ୍ କରି ବିଜୟୀ ହୋଇଛି ଓ କେବେ ପରାସ୍ତ ହୋଇନାହିଁ। ଶେଷଥର ପାଇଁ ଚେଜ୍ କରି ଅଷ୍ଟ୍ରେଲିଆ ୧୯୯୯ ବିଶ୍ୱକପ୍‌ରେ ବିଫଳ ହେବା ସହ ପରାସ୍ତ ହୋଇଥିଲା। ମେ ୨୩ରେ ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ହାରିଥିଲା। ଏହି ମ୍ୟାଚ୍‌ରେ ଟସ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୨୭୫ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଇଞ୍ଜାମାମ ସର୍ବାଧିକ ୮୧, ଅବଦୁଲ ରଜାକ ୬୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆର ଡାମିଏନ ଫ୍ଲେମିଂ ୨ଟି ଉଇକେଟ ନେଇଥିଲେ। ଜବାବରେ ବ୍ୟାଟିଂ ଆରମ୍ଭ କରି ଅଷ୍ଟ୍ରେଲିଆ ଚେଜ୍ କରିବାରେ ବିଫଳ ହୋଇଥିଲା। ଅଷ୍ଟ୍ରେଲିଆ ୪୯.୫ ଓଭରରେ ୨୬୫ ରନ କରି ଅଲଆଉଟ ହୋଇଥିଲା। ମାଇକେଲ ବେଭାନ ସର୍ବାଧିକ ୬୧, ଅଧିନାୟକ ଷ୍ଟିଭ ୱ ୪୯, ରିକି ପଣ୍ଟିଂ ୪୭ ରନ ସଂଗ୍ରହ କରିଥିଲେ। ବୋଲିଂରେ ପାକିସ୍ତାନର ୱାସିମ ଆକ୍ରମ ସର୍ବାଧିକ ୪, ସାକଲିନ୍ ମୁସ୍ତାକ ୩ ଉଇକେଟ ନେଇଥିଲେ। ଇଞ୍ଜାମାମ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।



### ବିଶ୍ୱକପ୍‌ରେ ଦଳଗୁଡ଼ିକର ସର୍ବାଧିକ ସ୍କୋର

| ଦଳ | ସ୍କୋର | ବିପକ୍ଷ | ଭେନ୍ୟୁ | ବର୍ଷ |
|---|---|---|---|---|
| ଆଫଗାନିସ୍ତାନ | ୨୩୨ | ଶ୍ରୀଲଙ୍କା | ଡୁନେଡିନ | ୨୦୧୫ |
| ଅଷ୍ଟ୍ରେଲିଆ | ୪୧୭/୬ | ଆଫଗାନିସ୍ତାନ | ପର୍ଥ | ୨୦୧୫ |
| ବାଂଲାଦେଶ | ୩୨୨/୪ | ସ୍କଟଲାଣ୍ଡ | ନେଲସନ | ୨୦୧୫ |
| ଇଂଲଣ୍ଡ | ୩୩୮/୮ | ଭାରତ | ବାଙ୍ଗାଲୋର | ୨୦୧୧ |
| ଭାରତ | ୪୧୩/୫ | ବର୍ମୁଡା | ପୋର୍ଟ ଅଫ୍ ସ୍ପେନ୍ | ୨୦୦୭ |
| ନ୍ୟୁଜିଲାଣ୍ଡ | ୩୯୩/୬ | ୱେଷ୍ଟଇଣ୍ଡିଜ୍ | ୱେଲିଂଟନ | ୨୦୧୫ |
| ପାକିସ୍ତାନ | ୩୪୯ | ଜିମ୍ବାୱେ | କିଙ୍ଗଷ୍ଟନ | ୨୦୦୭ |
| ଦକ୍ଷିଣ ଆଫ୍ରିକା | ୪୧୧/୪ | ଆୟର୍ଲାଣ୍ଡ | କାନବେରା | ୨୦୧୫ |
| ଶ୍ରୀଲଙ୍କା | ୩୯୮/୫ | କେନିଆ | କାଣ୍ଡି | ୧୯୯୬ |
| ୱେଷ୍ଟଇଣ୍ଡିଜ୍ | ୩୭୨/୨ | ଜିମ୍ବାୱେ | କାନବେରା | ୨୦୧୫ |

### ବିଶ୍ୱକପ୍‌ରେ ବିଜୟ/ ପରାଜୟ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ/ନୋ ରେଜଲ୍ଟ |
|---|---|---|---|---|
| ଆଫଗାନିସ୍ତାନ | ୬ | ୧ | ୫ | ୦/୦ |
| ଅଷ୍ଟ୍ରେଲିଆ | ୮୪ | ୬୨ | ୨୦ | ୧/୧ |
| ବାଂଲାଦେଶ | ୩୨ | ୧୧ | ୨୦ | ୦/୧ |
| ଇଂଲଣ୍ଡ | ୭୨ | ୪୧ | ୨୯ | ୧/୧ |
| ଭାରତ | ୭୫ | ୪୬ | ୨୭ | ୧/୧ |
| ନ୍ୟୁଜିଲାଣ୍ଡ | ୭୯ | ୪୮ | ୩୦ | ୦/୧ |
| ପାକିସ୍ତାନ | ୭୧ | ୪୦ | ୨୯ | ୦/୧ |
| ଦକ୍ଷିଣ ଆଫ୍ରିକା | ୫୫ | ୩୫ | ୧୮ | ୨/୦ |
| ଶ୍ରୀଲଙ୍କା | ୭୩ | ୩୫ | ୩୫ | ୧/୨ |
| ୱେଷ୍ଟଇଣ୍ଡିଜ | ୭୧ | ୪୧ | ୨୯ | ୦/୧ |

### ବିଶ୍ୱକପ୍‌ରେ ଦଳଗୁଡ଼ିକର ସର୍ବନିମ୍ନ ସ୍କୋର

| ଦଳ | ସ୍କୋର | ବିପକ୍ଷ | ଭେନ୍ୟୁ | ବର୍ଷ |
|---|---|---|---|---|
| ଆଫଗାନିସ୍ତାନ | ୧୪୨ | ଅଷ୍ଟ୍ରେଲିଆ | ପର୍ଥ | ୨୦୧୫ |
| ଅଷ୍ଟ୍ରେଲିଆ | ୧୨୯ | ଭାରତ | ଚେଲ୍ମସଫର୍ଡ | ୧୯୮୩ |
| ବାଂଲାଦେଶ | ୫୮ | ୱେଷ୍ଟଇଣ୍ଡିଜ | ଢାକା | ୨୦୧୧ |
| ଇଂଲଣ୍ଡ | ୯୩ | ଅଷ୍ଟ୍ରେଲିଆ | ଲିଡ୍ସ | ୧୯୭୫ |
| ଭାରତ | ୧୧୫ | ଅଷ୍ଟ୍ରେଲିଆ | ସେଞ୍ଚୁରିଅନ | ୨୦୦୩ |
| ନ୍ୟୁଜିଲାଣ୍ଡ | ୧୧୨ | ଅଷ୍ଟ୍ରେଲିଆ | ପୋର୍ଟଏଲିଜାବେଥ୍ | ୨୦୦୩ |
| ପାକିସ୍ତାନ | ୭୪ | ଇଂଲଣ୍ଡ | ଆଡିଲେଡ | ୧୯୯୨ |
| ଦକ୍ଷିଣ ଆଫ୍ରିକା | ୧୪୯ | ଅଷ୍ଟ୍ରେଲିଆ | ଗ୍ରୋସ ଆଇଲେଟ | ୨୦୦୭ |
| ଶ୍ରୀଲଙ୍କା | ୮୬ | ୱେଷ୍ଟଇଣ୍ଡିଜ୍ | ମାଞ୍ଚେଷ୍ଟର | ୧୯୭୫ |
| ୱେଷ୍ଟଇଣ୍ଡିଜ୍ | ୯୩ | କେନିଆ | ପୁଣେ | ୧୯୯୬ |



ଡ୍ରେସିଂ ରୁମ୍‌ରେ ସାଇ ହୋପ୍‌ଙ୍କ ଜର୍ସି।

# ଆଫଗାନିସ୍ତାନ ବିପକ୍ଷରୁ ଅଷ୍ଟ୍ରେଲିଆର ଅଭିଯାନ

**ଲଣ୍ଡନ,୩୧।୫(ଏଏଫ୍‌ପି)**

ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଶନିବାର ବ୍ରିଷ୍ଟଲସ୍ଥିତ କାଉଣ୍ଟି ଗ୍ରାଉଣ୍ଡରେ ଆଫଗାନିସ୍ତାନ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ଷ୍ଟିଭ୍ ସ୍ମିଥ୍ ଓ ଡେଭିଡ ୱାର୍ନର ପୁଣି ଥରେ ଏହି ବିଶ୍ୱକପ୍‌ରେ ଦିନିକିଆ କ୍ୟାରିୟର ସଜାଡ଼ିବାର ଅପୂର୍ବ ସୁଯୋଗ ହାସଲ କରିବେ। ବଲ୍ ଟ୍ୟାମ୍ପରିଂ ମାମଲାରେ ଏହି ଦୁଇ ଖେଳାଳି ବର୍ଷେ ବାସନ୍ଦ ହୋଇଥିଲେ। ଏବେ ଏହି ଦୁଇ ତାରକା ଦିନିକିଆ ଫର୍ମାଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଗତ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ୍)ରେ ସ୍ମିଥ୍ ଓ ୱାର୍ନର ଦମ୍‌ଦାର ପ୍ରଦର୍ଶନ କରିଥିଲେ। ଆଇପିଏଲ୍‌ରେ ୱାର୍ନର ସର୍ବାଧିକ ରନ ସଂଗ୍ରହ କରିଥିଲେ। ସ୍ମିଥ୍ ମଧ୍ୟ ଶତକ ହାସଲ କରି ଇଂଲଣ୍ଡ ବିପକ୍ଷ ୱାର୍ମଅପ୍ ଗେମ୍‌ରେ ଅଷ୍ଟ୍ରେଲିଆକୁ ଜିତାଇଥିଲେ। ଆରୋନ ଫିଞ୍ଚଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ମଧ୍ୟ ଠିକ୍ ସମୟରେ ଲୟକୁ ଫେରିଛି ଓ ବିଶ୍ୱକପ୍‌ର ଅନ୍ୟତମ ଫେଭରାଇଟ୍ ଦଳ ଭାବେ ବିବେଚିତ ହେଉଛି। ଗତ ମାର୍ଚ୍ଚରେ ଭାରତକୁ ୩-୨ରେ ଦିନିକିଆ ସିରିଜରେ ପରାସ୍ତ କରିବା ପରେ ଅଷ୍ଟ୍ରେଲିଆ ସ୍ମିଥ୍ ଓ ୱାର୍ନରଙ୍କୁ ଦଳରେ ସ୍ୱାଗତ କରିଥିଲା। ଏହି ଦୁଇଜଣ ଭଲ ପ୍ରଦର୍ଶନ କରିବେ ବୋଲି ପୂର୍ବତନ ଦ୍ରୁତ ବୋଲର ବ୍ରେଟ ଲୀ କହିଛନ୍ତି। ପ୍ୟାଟ କମିନ୍ସ, ମିଚେଲ ଷ୍ଟାର୍କ, ଜାସନ ବେହରେନଡୋର୍ଫ, ନାଥନ କୁଲ୍ଟର ନିଲ୍ ଓ କେନ ରିଚାର୍ଡସନଙ୍କୁ ନେଇ ଅଷ୍ଟ୍ରେଲିଆ ଦ୍ରୁତ ବୋଲିଂ ବେଶ ଦୃଢ ମନେହେଉଛି। ସେହିପରି ଆଡାମ ଜାମ୍ପା ଓ ନାଥନ ଲିୟନଙ୍କୁ ନେଇ ସ୍ପିନ୍ ବିଭାଗ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି। ୫ଥର ଟାଇଟଲ ହାସଲ କରିଥିବା ଅଷ୍ଟ୍ରେଲିଆ ଆଫଗାନିସ୍ତାନ ବିପକ୍ଷରେ ଫେଭରାଇଟ ମନେହେଉଛି। ଆସୋସିଏଟ ଦେଶରୁ ଆଫଗାନିସ୍ତାନ କ୍ରିକେଟର ଏଲିଟ ଗ୍ରୁପ୍‌ରେ ସ୍ଥାନ ପାଇ ଯଥେଷ୍ଟ ଉନ୍ନତି କରିଛି। ସେତେ ଜଣାଶୁଣା ନ ଥିବା ଗୁଲବଦିନ ନାଇବଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଛି। ଅସଘର ଆଫଗାନଙ୍କ ବଦଳରେ ତାଙ୍କୁ ଅଧିନାୟକ ନିଯୁକ୍ତ କାରଯାଇଥିଲା। ଅବଶ୍ୟ ଦଳରେ କେତେକ ବରିଷ୍ଠ ସଦସ୍ୟ ଏହାକୁ ନାପସନ୍ଦ କରିଥିଲେ। ବିଶ୍ୱକପ୍‌ରେ ଆଫଗାନିସ୍ତାନ ଏଥର କିଛି କରିଦେଖାଇବା ଲକ୍ଷ୍ୟରେ ରହିଛି। ଅସଘରଙ୍କ ଅଭିଜ୍ଞତାରୁ ଫାଇଦା ଉଠାଇବୁ ବୋଲି ଗୁଲବଦିନ କହିଛନ୍ତି। ଷ୍ଟାର ସ୍ପିନର ରସିଦ ଖାଁ ଉପରେ ସମସ୍ତଙ୍କ ନଜର ରହିଛି। ବିଶ୍ୱ ଟି୨୦ ର୍ୟାଙ୍କିଙ୍ଗ୍‌ରେ ଶୀର୍ଷରେ ରହିଛନ୍ତି। ସେହିପରି ଦିନିକିଆ ର୍ୟାଙ୍କିଙ୍ଗ୍‌ରେ ସେ ତୃତୀୟ ସ୍ଥାନରେ ରହିଛନ୍ତି। ବିଶ୍ୱକପ୍ ୱାର୍ମଅପ୍ ମ୍ୟାଚ୍‌ରେ ଆଫଗାନିସ୍ତାନ ପାକିସ୍ତାନକୁ ହରାଇ ବିପର୍ଯ୍ୟୟ ଘଟାଇଥିଲା। ଆଫଗାନିସ୍ତାନ ଏଥର ସେମିଫାଇନାଲ ଖେଳିବାର ଲକ୍ଷ୍ୟରେ ରହିଛି। ରସିଦ ଓ ମୁଜିବ ଉର ରହମାନଙ୍କ ଭଳି ଖେଳାଳି ଦଳରେ ରହିଛନ୍ତି। ଏଥର ବିଶ୍ୱକପ୍‌ରେ କେତୋଟି ବିପର୍ଯ୍ୟୟ ଘଟାଇବା ଲକ୍ଷ୍ୟରେ ରହିଛି ବୋଲି ଆଫଗାନିସ୍ତାନ ମୁଖ୍ୟ ଚୟନକର୍ତ୍ତା ଦଲସ ଖାଁ ଅହମଦଜାଇ କହିଛନ୍ତି। ତେଣୁ ପ୍ରଥମ ମ୍ୟାଚ୍‌ରେ ଆଫଗାନିସ୍ତାନ ଅଷ୍ଟ୍ରେଲିଆକୁ ସହଜରେ ବାଟ ଛାଡିବ ନାହିଁ।



ଅଭ୍ୟାସ ଅବସରରେ ଡେଭିଡ ୱାର୍ନର

“ଜାତୀୟ ଫୁଟବଲ ଦଳରେ ମୁଁ ଏପର୍ଯ୍ୟନ୍ତ ଯେତେଜଣ ଗୋଲକିପିଂ କୋଚ୍‌ଙ୍କ ଅଧୀନରେ ଟ୍ରେନିଂ ନେଇଛି ତୋମିସ୍ଲାମ ରୋଗି ସର୍ବଶ୍ରେଷ୍ଠ ।
–ଗୁର୍‌ପ୍ରୀତ ସିଂ ସାନ୍ଧୁ, ଭାରତୀୟ ଗୋଲକିପର



“ବିଜେନ୍ଦର ସିଂ ମୋତେ ଭୟ କରୁଛନ୍ତି ତା’ ନ ହେଲେ ସେ ମୋ ସହିତ ଲଢେଇ କରିବା ଲାଗି ଆଗ୍ରହ ପ୍ରକାଶ କରୁ ନାହାନ୍ତି କାହିଁକି ।
–ଅମିର ଖାଁ, ବ୍ରିଟିଶ ବକ୍ସର



## ଆଜିର ମ୍ୟାଚ୍

ନ୍ୟୁଜିଲାଣ୍ଡ
ବନାମ
ଶ୍ରୀଲଙ୍କା
ସ୍ଥାନ: କାର୍ଡିଫ୍
ସମୟ: ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଅଷ୍ଟ୍ରେଲିଆ ବନାମ ଆଫଗାନିସ୍ତାନ
ସ୍ଥାନ: ବ୍ରିଷ୍ଟଲ, ସମୟ: ସନ୍ଧ୍ୟା ୬ଟା

# ୱେଷ୍ଟଇଣ୍ଡିଜର ସହଜ ବିଜୟ

ନଟିଂହାମ,୩୧।୫(ପି.ଟି.)

ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ରେ ଜାସନ ହୋଲ୍ଡରଙ୍କ ନେତୃତ୍ୱାଧୀନ ୱେଷ୍ଟଇଣ୍ଡିଜ୍ ୨୧୮ଟି ବଲ ବାକିଥାଇ ୭ ଉଇକେଟରେ ପାକିସ୍ତାନକୁ ପରାସ୍ତ କରି ପୂରା ଢଙ୍ଗରେ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ଟ୍ରେଣ୍ଟବ୍ରିଜ୍ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ଟୁର୍ନାମେଣ୍ଟର ଦ୍ୱିତୀୟ ମ୍ୟାଚ୍‌ରେ ପୂର୍ବରୁ ୨ଥର ଚାମ୍ପିୟନ ହୋଇଥିବା ୱେଷ୍ଟଇଣ୍ଡିଜ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ସମ୍ପୂର୍ଣ୍ଣ ଏକପାଖିଆ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ଦଳ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୨୧.୪ ଓଭରରେ ମାତ୍ର ୧୦୫ ରନ କରି ଅଲଆଉଟ ହୋଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ କ୍ରିସ୍ ଗେଲ୍‌ଙ୍କ ୫୦ ରନର ଅର୍ଦ୍ଧଶତକୀୟ ପାଳି ବଳରେ ୧୩.୪ ଓଭରରେ ୩ ଉଇକେଟ ହରାଇ ୧୦୮ ରନ କରି ବିଜୟ ହାସଲ କରିଛି। ବିଶ୍ୱକପ୍ ଇତିହାସରେ ପାକିସ୍ତାନ ପାଇଁ ଏହା ସର୍ବବୃହତ ପରାଜୟ ସାବ୍ୟସ୍ତ ହୋଇଛି। ୱେଷ୍ଟଇଣ୍ଡିଜ୍ ୨୨ ବର୍ଷୀୟ ଯୁବ ଦ୍ରୁତ ବୋଲର ଓଶେନ ଥୋମାସ ୫.୪ ଓଭର ବୋଲିଂ କରି ମାତ୍ର ୨୭ ରନ ବ୍ୟୟ କରିବା ସହ ମୂଲ୍ୟବାନ ୪ ଉଇକେଟ ନେଇ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏହି ବିଜୟ ସହ ୱେଷ୍ଟଇଣ୍ଡିଜ ୨ ପଏଣ୍ଟ ହାସଲ କରିଛି।

୧୦୬ ରନ ଛୋଟିଆ ବିଜୟ ଲକ୍ଷ୍ୟର ପିଛା କରି ୱେଷ୍ଟଇଣ୍ଡିଜ ଆରମ୍ଭରୁ ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲା। ବିସ୍ଫୋରକ ଅଭିଜ୍ଞ ଓପନର କ୍ରିସ୍ ଗେଲ୍ ୬ ଚୌକା ଓ ୩ ଛକା ସହ ୫୦ ରନକରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଇକେଟ କିପର ବ୍ୟାଟ୍ସମ୍ୟାନ ସାଇ ହୋପ୍ ୧୧ ଓ ଡ୍ୱେନ ବ୍ରାଭୋ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ୩ଟି ଯାକ ଉଇକେଟ ପାକିସ୍ତାନ ଦ୍ରୁତ ବୋଲର ମହମ୍ମଦ ଆମୀର ଅକ୍ତିଆର କରିଥିଲେ। ନିକୋଲାସ ପୁରାନ ୧୯ ବଲରୁ ୪ ଚୌକା ଓ ୨ ଛକା ସହ ୩୪ ରନ ଓ ଶିମରନ ହେଟମେୟର ୭ ରନ କରି ଅପରାଜିତ ରହିବା ସହ ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ୱାହାବ ରିୟାଜଙ୍କ ବଲ୍‌କୁ ସ୍କୋୟାର ଲେଗ୍ ବାଉଣ୍ଡାରୀ ଉପରେ ଏକ ବଡ଼ ଛକା ମାରି ପୁରାନ ଦଳକୁ ଜିତାଇଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ପାକିସ୍ତାନର ୱେଷ୍ଟଇଣ୍ଡିଜ ବୋଲରଙ୍କ ସାମନା କରିପାରି ନ ଥିଲା। ଦଳର ୭ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଫକାର ଜମାନ ୨୨, ବାବର ଆଜମ ୨୨, ମହମ୍ମଦ ହାଫିଜ୍ ୧୬ ଓ ୱାହାବ ରିୟାଜ ୧୮ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇମାମ ଉଲ ହକ ୨, ହାରିସ ସୋହେଲ ୮, ଅଧିନାୟକ ସର୍ଫରାଜ ଅହମ୍ମଦ ୮, ଇମାଦ ୱାସିମ ୧, ହାସନ ଅଲି ୧ ରନ କରି ଆଉଟ ହୋଇଥିବା ବେଳେ ଶଦାବ ଖାଁ ଖାତା ଖୋଲି ପାରି ନ ଥିଲେ। ଆମୀର ୩ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ୍ ତରଫରୁ ଓଶେନ ଥୋମାସ ସର୍ବାଧିକ ୪, ହୋଲ୍ଡର ୩, ଆନ୍ଦ୍ରେ ରସେଲ ୨ ଓ ଶେଲଡନ କୋଟ୍ରେଲ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଆମ ବୋଲରମାନେ ଜବରଦସ୍ତ ପ୍ରଦର୍ଶନ କରିଛନ୍ତି ବୋଲି ୱେଷ୍ଟଇଣ୍ଡିଜ ଅଧିନାୟକ ଜାସନ ହୋଲ୍ଡର କହିଛନ୍ତି। ଆମୀରଙ୍କୁ ବାଦ ଦେଲେ ପାକିସ୍ତାନର ଅନ୍ୟ ସମସ୍ତ ଖେଳାଳିମାନେ ବିଫଳ ହୋଇଛନ୍ତି। ଏହି ମ୍ୟାଚ୍‌ରେ ପାକିସ୍ତାନର ବ୍ୟାଟିଂ ଦୁର୍ବଳତା ପଦାରେ ପଡିଛି। ପୂର୍ବରୁ ପାକିସ୍ତାନର ସର୍ବନିମ୍ନ ବିଶ୍ୱକପ୍ ସ୍କୋର ୭୪ ରହିଥିଲା। ୧୯୯୨ ବିଶ୍ୱକପ୍‌ରେ ଇଂଲଣ୍ଡ ବିପକ୍ଷରେ ଏହି ସ୍କୋରରେ ଅଲଆଉଟ ହୋଇଥିଲା। ଦଳର ବ୍ୟାଟିଂ ନୈରାଶ୍ୟଜନକ ଥିଲା ଓ ୱେଷ୍ଟଇଣ୍ଡିଜ ଅପେକ୍ଷାକୃତ ଯଥେଷ୍ଟ ଭଲ ପ୍ରଦର୍ଶନ କରିଥିଲା ବୋଲି ପାକିସ୍ତାନ ଅଧିନାୟକ ସର୍ଫରାଜ ଅହମ୍ମଦ କହିଛନ୍ତି।



ପାକିସ୍ତାନର ହାରିସ୍ ସୋହେଲଙ୍କ ଉଇକେଟ ନେବା ପରେ ଡାରେନ ବ୍ରାଭୋଙ୍କ ସହିତ ଖୁସିରେ ନୃତ୍ୟ କରୁଛନ୍ତି ୱେଷ୍ଟଇଣ୍ଡିଜ ବୋଲର ଆନ୍ଦ୍ରେ ରସେଲ। ବାମ ପାର୍ଶ୍ୱରେ ଅଛନ୍ତି ୱେଷ୍ଟଇଣ୍ଡିଜ ଅଧିନାୟକ ଜାସନ ହୋଲ୍‌ଡର।

## ପାକିସ୍ତାନର ସର୍ବବୃହତ୍ ପରାଜୟ

### ସଂକ୍ଷିପ୍ତ ସ୍କୋର

- ପାକିସ୍ତାନ ୨୧.୪ ଓଭରରେ ୧୦୫ ଅଲଆଉଟ (ଜମାନ- ୨୨, ବାବର- ୨୨, ହାଫିଜ- ୧୬, ରିଆଜ- ୧୮, ଥୋମାସ- ୪/୨୭, ହୋଲ୍ଡର- ୩/୪୨, ରସେଲ- ୨/୪, କୋଟ୍ରେଲ- ୧/୧୮)।
- ୱେଷ୍ଟଇଣ୍ଡିଜ ୧୩.୪ ଓଭରରେ ୧୦୮/୩ (ଗେଲ- ୫୦, ପୁରାନ- ୩୪*, ଆମୀର- ୩/୨୬ )।

### ଛକାରେ ଗେଲ୍‌ଙ୍କ ରେକର୍ଡ

ୱେଷ୍ଟଇଣ୍ଡିଜ୍ ବିସ୍ଫୋରକ ଓପନର କ୍ରିସ୍ ଗେଲ ଆଉ ଏକ ରେକର୍ଡ ହାସଲ କରିଛନ୍ତି। ବିଶ୍ୱକପ୍ ଇତିହାସରେ ସେ ସର୍ବାଧିକ ଛକା ମାରିବାର ଗୌରବ ଅର୍ଜନ କରିଛନ୍ତି। ବିଶ୍ୱକପ୍‌ରେ ସେ ମୋଟ ୨୭ଟି ମ୍ୟାଚ୍ ଖେଳି ୪୦ଟି ଛକା ମାରିଛନ୍ତି। ଶୁକ୍ରବାର ପାକିସ୍ତାନ ବିପକ୍ଷରେ ସେ ଦ୍ରୁତ ୩୪ ରନ କରିଥିଲେ। ଏଥିରେ ୬ଟି ଚୌକା ଓ ୩ଟି ଛକା ସାମିଲ ଥିଲା। ଏହିକ୍ରମରେ ସେ ଦକ୍ଷିଣ ଆଫ୍ରିକାର ଏବି ଡିଭିଲର୍ସଙ୍କୁ ପଛରେ ପକାଇଛନ୍ତି। ଡିଭିଲର୍ସ ୨୩ଟି ମ୍ୟାଚ୍ ଖେଳି ୩୭ଟି ଛକା ମାରିଥିଲେ। ସେହିପରି ଅଷ୍ଟ୍ରେଲିଆ ପୂର୍ବତନ ଅଧିନାୟକ ରିକି ପଣ୍ଟିଂ ୪୬ଟି ମ୍ୟାଚ୍ ଖେଳି ୩୧ଟି ଛକା ମାରିବା ସହ ତୃତୀୟ ସ୍ଥାନରେ ରହିଛନ୍ତି। ଦକ୍ଷିଣ ଆଫ୍ରିକାର ହର୍ଶେଲ ଗିବ୍ସ ୨୫ଟି ମ୍ୟାଚରୁ ୨୮ଟି ଛକା ମାରି ଚତୁର୍ଥ ସ୍ଥାନରେ ରହିଛନ୍ତି। ମାଷ୍ଟରବ୍ଲାଷ୍ଟର ସଚିନ ତେନ୍ଦୁଲକର ଓ ଶ୍ରୀଲଙ୍କା ପୂର୍ବତନ ବ୍ୟାଟ୍ସମ୍ୟାନ ସନଥ ଜୟସୁରିୟା ଯଥାକ୍ରମେ ୪୫ ଓ ୩୮ଟି ମ୍ୟାଚ୍‌ରୁ ସମାନ ୨୭ଟି ଲେଖାଏ ଛକା ମାରି ଯୁଗ୍ମ ପଞ୍ଚମସ୍ଥାନରେ ରହିଛନ୍ତି।

## ଜୁଲାଇ ୪ରୁ ଅଲ୍ ଓଡ଼ିଶା ଓପନ କ୍ୟାରମ୍

କଟକ ଅଫିସ,୩୧।୫- ବାରବାଟୀ ଷ୍ଟାଡିୟମ ପରିସରରେ ଆସନ୍ତା ଜୁଲାଇ ୪ରୁ ୭ ତାରିଖ ପର୍ଯ୍ୟନ୍ତ ଅଲ୍ ଓଡ଼ିଶା ଓପନ କ୍ୟାରମ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ବାରବାଟୀ କ୍ୟାରମ ଏକାଡେମୀ ହେଉଛି ଏହି ଟୁର୍ନାମେଣ୍ଟର ଆୟୋଜକ। ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ବିଭାଗରେ ପ୍ରତିଯୋଗିତା ହେବ। ସିଙ୍ଗଲ୍ସ ବିଭାଗ ନିମନ୍ତେ ୧୦୦ଟଙ୍କା ଓ ଡବଲ୍ସ ବିଭାଗ ନିମନ୍ତେ ୨୦୦ଟଙ୍କା ପ୍ରବେଶ ଶୁଳ୍କ ଧାର୍ଯ୍ୟ କରାଯାଇଛି। ଇଚ୍ଛୁକ ପ୍ରତିଯୋଗୀ ଆସନ୍ତା ଜୁନ ୨୯ ତାରିଖ ସୁଦ୍ଧା ନାମ ପଞ୍ଜୀକରଣ କରିପାରିବେ। ଟୁର୍ନାମେଣ୍ଟ ସମ୍ପର୍କରେ ଅଧିକ ବିବରଣୀ ନିମନ୍ତେ ସଂଗଠନ ସମ୍ପାଦକ ଗଣେଶ ପ୍ରସାଦ ଭଗତଙ୍କ ସମେତ ପ୍ରଦୀପ ପୃଷ୍ଟି, ଶକ୍ତି ପ୍ରସାଦ ଜେନାଙ୍କ ସହ ଯୋଗାଯୋଗ କରିବାକୁ ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି ।

## କମେଣ୍ଟ୍ରି ବକ୍ସରେ ଭାରତୀୟ କ୍ରିକେଟର ତ୍ରିମୂର୍ତ୍ତି

ଲଣ୍ଡନ,୩୧।୫- ଏଠାରେ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯାଇଥିବା ଆଇସିସି ବିଶ୍ୱକପ୍ ପ୍ରଥମ ମ୍ୟାଚ୍‌ରେ ପ୍ରଶଂସକମାନେ ଏକ ଭିନ୍ନ ମଜା ପାଇଛନ୍ତି। ଭାରତୀୟ କ୍ରିକେଟର ତ୍ରିମୂର୍ତ୍ତି କୁହାଯାଉଥିବା ସଚିନ ତେନ୍ଦୁଲକର, ସୌରଭ ଗାଙ୍ଗୁଲି ଓ ବୀରେନ୍ଦ୍ର ସେହ୍ୱାଗ କମେଣ୍ଟ୍ରି ବକ୍ସରେ ଏକାଠି ଭାଷ୍ୟକାରିତା ଥିଲେ। ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ୧୦୪ ରନ୍‌ରେ ପରାସ୍ତ କରି ଆୟୋଜକ ଇଂଲଣ୍ଡ ପତିଆରା ଜାହିର କରିଥିଲା। ହେଲେ ଏକାଠି ୨୦୦୩ ବିଶ୍ୱକପ୍ ଖେଳିଥିବା ସଚିନ, ଗାଙ୍ଗୁଲି ଓ ସେହ୍ୱାଗ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ପୂର୍ବତନ ଭାରତୀୟ ଅଧିନାୟକମାନେ ଏଠାରେ ବିଶ୍ୱକପ୍ ମ୍ୟାଚ୍‌ରେ ଭାଷ୍ୟକାର ଭାବେ ପଦାର୍ପଣ କରିଛନ୍ତି। ଏହି ଅବସରରେ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ଦୁଇଟି ଫଟୋ ଟୁଇଟ୍ କରିଥିଲେ, ଯାହାର ଗୋଟିଏ ପାଖରେ ସେମାନଙ୍କ ଖେଳିବାବେଳର ଫଟୋ ଥିବାବେଳେ ଅନ୍ୟ ଫଟୋରେ ତିନି ଜଣ କମେଣ୍ଟ୍ରି ବକ୍ସରେ କଥା ହେଉଥିବାର ଦୃଶ୍ୟ ରହିଛି। ଏହାର କ୍ୟାପଶନରେ ‘ପୁଣି ଥରେ ଏକାଠି’ ସଚିନ ଲେଖିଛନ୍ତି।

## ଦୁର୍ଘଟଣାରେ ଜର୍ମାନୀ କୋଚ୍ ଆହତ

ବର୍ଲିନ,୩୧।୫(ଏଏଫ୍‌ପି)- ଜର୍ମାନୀ କୋଚ୍ ଜୋଆଚିମ ଲିଉ ବ୍ୟାୟାମ କରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଛନ୍ତି। ଏଣୁ ଆଗାମୀ ବେଲାରୁସ ଓ ଇଷ୍ଟୋନିଆ ବିପକ୍ଷ ମ୍ୟାଚ୍‌ରେ ଦଳୀୟ କ୍ୟାମ୍ପରେ ସେ ଯୋଗ ଦେଇପାରିବେ ନାହିଁ ବୋଲି ଜର୍ମାନ ଫୁଟ୍‌ବଲ ଆସୋସିଏଶନ (ଡିଏଫ୍‌ବି) ପକ୍ଷରୁ ଶୁକ୍ରବାର କୁହାଯାଇଛି। ବିଲ୍ଡ ଖବରକାଗଜରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁଯାୟୀ, ଲିଉ ବ୍ୟାୟାମ କରୁଥିବାବେଳେ ତାଙ୍କ ଉପରେ ଡମ୍ବେଲ୍ସ ପଡ଼ିଯାଇଥିଲା। ଏଥିନେଇ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ମୁଁ ଏବେ ସୁସ୍ଥ ଅଛି। କିନ୍ତୁ ମୋତେ ଶରୀର ପ୍ରତି ଧ୍ୟାନ ଦେବାକୁ ପଡ଼ିବ। କୋଚିଂ ଦଳ ସହ ମୁଁ ଅନବରତ ଭାବେ ଯୋଗାଯୋଗରେ ରହିଛି। ଆଗାମୀ ଦୁଇଟି ମ୍ୟାଚ୍‌ରେ ମୁଁ ଖେଳାଳିଙ୍କ ସହ ଫୋନ ଯୋଗେ କଥା ହେବି ବୋଲି ଲିଉ କହିଛନ୍ତି। ତାଙ୍କ ଅନୁପସ୍ଥିତିରେ ସହାୟକ କୋଚ ମାର୍କସ ସର୍ଗ ମ୍ୟାନେଜର ଦାୟିତ୍ୱ ତୁଲାଇବେ।

## କୋଚ୍ ପଦ ଛାଡ଼ିବେ ରାମପ୍ରକାଶ

ଲଣ୍ଡନ,୩୧।୫- ଇଂଲଣ୍ଡ ଜାତୀୟ ଦଳର ବ୍ୟାଟିଂ କୋଚ ମାର୍କ ରାମପ୍ରକାଶ ଜୁନରେ ପଦ ଛାଡ଼ିବା ନେଇ ସୂଚନା ଦେଇଛନ୍ତି। ୫୨ ଟେଷ୍ଟ ଖେଳିଥିବା ପୂର୍ବତନ ଇଂଲିଶ କ୍ରିକେଟର ଗତ ୬ ବର୍ଷ ହେଲା ଇଂଲଣ୍ଡ କୋଚିଂ ଦଳର ସଦସ୍ୟ ହୋଇ ରହିଛନ୍ତି। ସେ ଆଶେସ ସିରିଜ୍‌ରେ ଅଂଶଗ୍ରହଣ କରିବେ ନାହିଁ ବୋଲି ଗତ ମାର୍ଚ୍ଚରେ ଇସିବି ପକ୍ଷରୁ ଘୋଷଣା କରାଯାଇଥିଲା। ତାଙ୍କ ଦାୟିତ୍ୱ ଗ୍ରାହମ ଥର୍ପେ ଗ୍ରହଣ କରିବେ। ପଦତ୍ୟାଗ କରିବା ପାଇଁ ଏହା ଉଚିତ ସମୟ। ଗତ ୬ ବର୍ଷ ହେଲା ଇଂଲଣ୍ଡ ଦଳ ସହ ଭଲ ସମୟ ବିତାଇଛି ବୋଲି ରାମପ୍ରକାଶ କହିଛନ୍ତି। ଏ ସମ୍ପର୍କରେ ଇସିବିର ମ୍ୟାନେଜିଂ ଡିରେକ୍ଟର ତଥା ପୂର୍ବତନ ସ୍ପିନର ଆଶଲେ ଜାଇଲ୍ସ କହିଛନ୍ତି।

# ଫେଡରର ଖେଳିଲେ ୪୦୦ତମ ଗ୍ରାଣ୍ଡସ୍ଲାମ ମ୍ୟାଚ୍

ପ୍ୟାରିସ୍, ୩୧।୫ (ଏଏଫ୍‌ପି)

ପୂର୍ବତନ ଚାମ୍ପିୟନ ରୋଜର ଫେଡରର ପୁରୁଷ ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଶୁକ୍ରବାର ସେ ନରୱେରେ କାସ୍ପର ରୁଡ୍‌ଙ୍କୁ ୬–୩, ୬–୧, ୭–୬ (୧୦–୮) ସେଟ୍‌ରେ ହରାଇ ଦେଇଛନ୍ତି। ଏହା ଦ୍ୱାରା ସେ ଇତିହାସରେ ପ୍ରଥମ ଖେଳାଳି ଭାବେ ୪୦୦ ଗ୍ରାଣ୍ଡସ୍ଲାମ ମ୍ୟାଚ ଖେଳିବାର ଗୌରବ ଅର୍ଜନ କରିଛନ୍ତି। କେବଳ ସେତିକି ନୁହେଁ ୩୭ ବର୍ଷୀୟ ଫେଡରର ୧୯୯୧ ପରେ ସବୁଠାରୁ ବୟସ୍କ ଖେଳାଳି ହିସାବରେ ଏକ ଗ୍ରାଣ୍ଡସ୍ଲାମରେ ଚତୁର୍ଥ ରାଉଣ୍ଡକୁ ଉନ୍ନୀତ ହୋଇ ପାରିଛନ୍ତି। ପୂର୍ବରୁ ୧୯୯୧ରେ ଜିମ୍ମି କନର୍ସ ୩୯ ବର୍ଷ ବୟସରେ ୟୁଏସ ଓପନ୍‌ରେ ଏହି ପର୍ଯ୍ୟାୟରେ ପ୍ରବେଶ କରିପାରିଥିଲେ। ଏହାଛଡ଼ା ୨୦ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଫେଡରର ପ୍ରଥମ ଖେଳାଳି ହିସାବରେ ଫ୍ରେଞ୍ଚ ଓପନରେ ୧୪ଥର ଚତୁର୍ଥ ରାଉଣ୍ଡକୁ ଉନ୍ନୀତ ହୋଇ ପାରିଛନ୍ତି।

**ମାର୍ଟିକ ବିଜୟୀ**

ଦ୍ୱିତୀୟ ସିଡ୍ ଚେକ୍ ରିପବ୍ଲିକ୍‌ର କାରୋଲିନା ପ୍ଲିସ୍‌କୋଭା ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ଏକ ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚରେ ୩୧ତମ ସିଡ୍ କ୍ରୋଏସିଆର ପେଟ୍ରା ମାର୍ଟିକ ତାଙ୍କୁ ୬–୩, ୬–୩ ସେଟ୍‌ରେ ପରାସ୍ତ କରିଛନ୍ତି। ମାର୍ଟିକ୍ ସିଜନରେ ଏହାକୁ ମିଶାଇ ୧୪ କ୍ଲେକୋର୍ଟ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ଡବ୍ଲ୍ୟୁଟିଏ ଟୁର୍‌ରେ ଅନ୍ୟ ଖେଳାଳିଙ୍କ ତୁଳନାରେ ଯାହାକି ସର୍ବାଧିକ। ଅନ୍ୟପକ୍ଷରେ ପ୍ଲିସ୍‌କୋଭାଙ୍କ ପରାଜୟ ଦ୍ୱାରା ରୋଲାଣ୍ଡ ଗ୍ୟାରୋସ ଟୁର୍ନାମେଣ୍ଟ ପରେ ମଧ୍ୟ ନାଓମି ଓସାକା ବିଶ୍ୱର ନମ୍ବର ୱାନ ମହିଳା ସିଙ୍ଗଲ୍ସ ଖେଳାଳି ମାନ୍ୟତା ବଜାୟ ରଖିବେ। ମାର୍ଟିକ ଚତୁର୍ଥ ରାଉଣ୍ଡରେ ରୁଷିଆର ଭେରୋନିକା କୁଦରମେଟୋଭା କିମ୍ବା ଇସ୍ତୋନିଆର କାଇଆ କାନେପିଙ୍କୁ ଭେଟିବେ।

**ଶରନଙ୍କ ବିଦାୟ**

ଭାରତର ଡିଭିଜ ଶରନ ଏବଂ ତାଙ୍କ ବ୍ରାଜିଲିଆନ ପାର୍ଟନର ମାର୍ସିଲୋ ଡେମୋଲିନର ଚଳିତ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଶୁକ୍ରବାର ୮ମ ସିଡ୍ ହେନ୍‌ରୀ କୋଣ୍ଟିନେନ୍ ଏବଂ ଜନ୍ ପିଅର୍ସ ଅଣସିଡ୍ ଇଣ୍ଡୋ–ବ୍ରାଜିଲିଆନ ଯୋଡ଼ି ୬–୩, ୬–୪ ସେଟ୍‌ରେ ଇଣ୍ଡୋ–ବ୍ରାଜିଲିଆନ ଯୋଡ଼ିଙ୍କୁ ପରାସ୍ତ କରିଛନ୍ତି। ଡିଭିଜ ଓ ଡିମୋଲିନର ଦୁଇଥର ସର୍ଭିସ ଡ୍ରପ୍ କରିଥିବାବେଳେ ସେମାନଙ୍କୁ ମିଳିଥିବା ଦୁଇଟି ବ୍ରେକ୍‌ର ସୁଯୋଗର ଉପଯୋଗ କରିପାରି ନ ଥିଲେ। ଡିଭିଜ–ଡିମୋଲିନର ଯୋଡ଼ିଙ୍କ ଏହାଥିଲା ଚତୁର୍ଥ ଟୁର୍ନାମେଣ୍ଟ।

## କୋଣ୍ଟେ ଇଣ୍ଟର ମିଲାନ ନୂଆ ମ୍ୟାନେଜର

ମାଡ୍ରିଡ୍,୩୧।୫

ପୂର୍ବତନ ଜୁଭେଣ୍ଟସ ଓ ଚେଲସି ମ୍ୟାନେଜର ଆଣ୍ଟିନୋ କୋଣ୍ଟେଙ୍କୁ ଇଣ୍ଟର ମିଲାନ ଦଳର ନୂଆ ମ୍ୟାନେଜର ଭାବେ ନିଯୁକ୍ତ କରାଯାଇଛି। ଏ ନେଇ କ୍ଲବ ପକ୍ଷରୁ ଶୁକ୍ରବାର କୁହାଯାଇଛି। ଲୁସିଆନୋ ସ୍ପାଲେଟିଙ୍କ ସ୍ଥାନ ନେଇଛନ୍ତି କୋଣ୍ଟେ। ପୂର୍ବତନ ଇଟାଲିଆନ ଖେଳାଳି ଲୁସିଆନୋଙ୍କ ନେତୃତ୍ୱରେ ମିଲାନ ଦଳ ଦୁଇଟି ସିଜନ ଖେଳିବା ପରେ ତାଙ୍କୁ ପଦରୁ ବିଦା କରିଛି।

### ଏଫ୍‌ଆଇଏଚ୍ ପୁରୁଷ ଫାଇନାଲ୍ସ ହକି ମ୍ୟାଚ୍

# ଖେଳାଳିଙ୍କୁ ଦିଆଯିବ କଡ଼ା ସୁରକ୍ଷା

ଭୁବନେଶ୍ୱର, ୩୧।୫(ବ୍ୟୁରୋ)

ପୁରୁଷ ବିଶ୍ୱ ହକି ୱାର୍ଲ୍ଡକପ୍ ଓଡ଼ିଶାରେ ସଫଳ ହେବା ପରେ ଆସନ୍ତା ୬ତାରିଖରୁ କଳିଙ୍ଗ ଷ୍ଟାଡିୟମରେ ଏଫ୍‌ଆଇଏଚ୍ ପୁରୁଷ ଫାଇନାଲ୍ସ ହକି ମ୍ୟାଚ୍ ଆରମ୍ଭ ହେବାକୁ ଯାଉଛି। ଏଥିଲାଗି ବିଭିନ୍ନ ଦେଶର ଖେଳାଳିମାନେ ଆସି ରାଜଧାନୀରେ ପହଞ୍ଚି ସାରିଲେଣି। ଏହାକୁ ଦୃଷ୍ଟିରେ ରଖି ଖେଳାଳିମାନଙ୍କୁ କଡ଼ା ସୁରକ୍ଷା ଯୋଗାଇ ଦିଆଯିବା ଉପରେ କମିଶନରେଟ ପୋଲିସ ଗୁରୁତ୍ୱାରୋପ କରିଛି। ଷ୍ଟାଡିୟମ ଏବଂ ଖେଳାଳିଙ୍କ ସୁରକ୍ଷା ପାଇଁ ରାଜଧାନୀରେ ପ୍ରାୟ ୨୦ ପ୍ଲାଟୁନ୍ ପୋଲିସ ଫୋର୍ସ ଏବଂ ୬୦ଜଣ ଅଫିସର ମୁତୟନ ହେବେ। ବର୍ତ୍ତମାନ ପ୍ରବଳ ଗରମ ଯୋଗୁ ଦର୍ଶକଙ୍କ ସଂଖ୍ୟା ସେତେ ବେଶୀ ହେବ ନାହିଁ ବୋଲି ପୋଲିସ ଅନୁମାନ କରୁଛି। ଯଦି ମ୍ୟାଚ୍ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ହୁଏ ତେବେ ପୋଲିସ ଫୋର୍ସ ବଢାଇ ଦିଆଯିବ। ହକି ୱାର୍ଲ୍ଡକପ୍ ସମୟରେ ଖେଳାଳିଙ୍କ ସୁରକ୍ଷା ପାଇଁ ଅନ୍ୟ ଜିଲାରୁ ଯେଉଁ ବରିଷ୍ଠ ପୋଲିସ ଅଧିକାରୀ ଆସିଥିଲେ, ଅଭିଜ୍ଞତା ଦୃଷ୍ଟିରୁ ପୁଣି ଥରେ ସେମାନଙ୍କୁ ଡକାଯାଇଛି। ସେମାନେ ଖେଳାଳିଙ୍କ ସୁରକ୍ଷା ଦାୟିତ୍ୱରେ ରହିବେ। ଷ୍ଟାଡିୟମର ବିଭିନ୍ନ ଗେଟ୍‌ରେ ପୋଲିସର କଡ଼ା ନଜର ରହିବ। କୌଣସି ବ୍ୟକ୍ତିଙ୍କୁ ପାସ୍ କିମ୍ବା ଆଇ କାର୍ଡ ବିନା ଛଡ଼ାଯିବ ନାହିଁ ବୋଲି କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।

ପୂର୍ବଥର ଭଳି ଅନ୍ୟ ଦେଶରୁ ଆସିଥିବା ଖେଳାଳିଙ୍କୁ ବିମାନ ବନ୍ଦରରୁ ସେମାନେ ରହୁଥିବା ତାରକା ହୋଟେଲ ପର୍ଯ୍ୟନ୍ତ ପୋଲିସ ସ୍ୱତନ୍ତ୍ର ଏସ୍କର୍ଟ ଦେଉଛି। ଏଥିସହ ହୋଟେଲ ଚାରିପଟେ ପୋଲିସ କଡ଼ା ନଜର ରଖିଛି। ସୁରକ୍ଷାକର୍ମୀଙ୍କ ବିନା ଅନୁମତିରେ କୌଣସି ଖେଳାଳି ବାହାରକୁ ଯାଇପାରିବେ ନାହିଁ। ସେମାନେ ବାହାରକୁ ଯିବାକୁ ଚାହିଁଲେ ପୋଲିସ ଅଧିକାରୀଙ୍କୁ ଜଣାଇବାକୁ ପଡ଼ିବ। ଯଦି କୌଣସି ହକି ଟିମ୍‌ର ଖେଳାଳିମାନେ ମାର୍କେଟ କିମ୍ବା ଅନ୍ୟ ସ୍ଥାନ ବୁଲିବାକୁ ଚାହିଁବେ ସେମାନେ ମଧ୍ୟ ଟିମ୍ ମ୍ୟାନେଜରଙ୍କୁ ଜଣାଇବା ସହ ପୋଲିସର ଅନୁମତି ନେବେ। ସେମାନଙ୍କୁ ସୁରକ୍ଷା ଦେବା ପାଇଁ ପୋଲିସ ସେମାନଙ୍କ ସହ ଯିବ। ପୁରୁଷ ହକି ୱାର୍ଲ୍ଡକପ୍ ପରି ଦର୍ଶକମାନେ ଷ୍ଟାଡିୟମ ଭିତରକୁ ପାଣିବୋତଲ, ମୁଦ୍ରା (କଏନ), କଲମ କିମ୍ବା ଉଟପେନ୍ ଭଳି କେତେକ ସାମଗ୍ରୀ ନେଇପାରିବେ ନାହିଁ। ଯଦି କେହି ଏହାକୁ ନେଇ ଭିତରକୁ ଯିବାକୁ ଉଦ୍ୟମ କରନ୍ତି ତାହେଲେ ପୋଲିସ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

ମ୍ୟାଚ ଚାଲିଥିବାବେଳେ କଳିଙ୍ଗ ଷ୍ଟାଡିୟମ ସମ୍ମୁଖ ରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜିବାର ସମ୍ଭାବନା ରହିଛି। ତେଣୁ ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ ୩ଜଣ ଏସିପି ର୍‍ୟାଙ୍କ୍‌ର ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେବେ। ବିଶେଷକରି ଷ୍ଟାଡିୟମ ବାହାରେ ରାସ୍ତାରେ ଏକାଧିକ ଟ୍ରାଫିକ ପୋଲିସ ମୁତୟନ ହେବେ। ଦର୍ଶକଙ୍କ ପାଇଁ ଗାଡି ପାର୍କିଂ କରିବାକୁ ମଧ୍ୟ ପଡ଼ିଆ ଚିହ୍ନଟ ହୋଇଛି। ଏ ନେଇ ଶନିବାର ପୋଲିସ କମିଶନରେଟ ମୁଖ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରାଯାଇ ସବିଶେଷ ସୂଚନା ଦିଆଯିବ ବୋଲି କୁହାଯାଇଛି। ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ପୁରୁଷ ହକି ୱାର୍ଲ୍ଡ କପ୍ ଭଳି ଏହି ମ୍ୟାଚକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଖେଳାଳିଙ୍କ ସୁରକ୍ଷା ପ୍ରତି ଆମେ ଅଧିକ ଗୁରୁତ୍ୱ ଦେଉଛୁ। ସେମାନେ ଆସିବାରୁ ଯିବା ପର୍ଯ୍ୟନ୍ତ ପୋଲିସ ସେମାନଙ୍କ ସହ ରହିବ। ପୋଲିସର ବିନା ଅନୁମତିରେ ସେମାନେ ବାହାରକୁ ଯାଇପାରିବେ ନାହିଁ। ଅଭ୍ୟାସ ପାଇଁ ଯିବା ଆସିବା ସମୟରେ ମଧ୍ୟ ସେମାନଙ୍କୁ ପୋଲିସ ସ୍ୱତନ୍ତ୍ର ଏସ୍କର୍ଟ ଦେବ ବୋଲି ସେ ପ୍ରକାଶ କରିଛନ୍ତି।

## ଜାତୀୟ ବାସ୍କେଟବଲ ଶିବିରରେ ଫୟାଜ୍

କଟକ ଅଫିସ, ୩୧।୫

୧୬ବର୍ଷରୁ କମ୍ ଜାତୀୟ ବାସ୍କେଟବଲ ଶିବିରରେ ଓଡ଼ିଶାର ଏକମାତ୍ର ଖେଳାଳି ଭାବେ ସ୍ଥାନ ପାଇଛନ୍ତି ସେଖ୍ ଫୟାଜ। ବେଙ୍ଗାଲୁରୁ ବିଦ୍ୟାନଗରସ୍ଥିତ ଜୟପ୍ରକାଶ ନାରାୟଣ ଜାତୀୟ ଯୁବ କେନ୍ଦ୍ର ବାସ୍କେଟବଲ ଏକାଡେମୀ ଠାରେ ଜୁନ ୩ରୁ ଜୁଲାଇ ୧ ତାରିଖ ପର୍ଯ୍ୟନ୍ତ ଏହି ଶିବିର ଅନୁଷ୍ଠିତ ହେବ। ଜୁଲାଇ ୩ରୁ ବାଂଲାଦେଶର ଢାକାଠାରେ ହେବାକୁ ଥିବା ସାବା ଚାମ୍ପିୟନଶିପ୍ ନିମନ୍ତେ ଏହି ଶିବିରରୁ ଖେଳାଳି ବଛାଯିବେ। ତେବେ ତାମିଲନାଡୁରେ ଶେଷ ହୋଇଥିବା ଜାତୀୟ ୟୁଥ୍ ବାସ୍କେଟବଲ ଚାମ୍ପିୟନଶିପ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି କଟକ ଗଣ୍ଡାଡିଆ ନ୍ୟୁ କଲୋନୀରେ ରହୁଥିବା ଫୟାଜ। ପିତା ସେଖ ଅବଦୁଲ ରଫିକ୍ ଓ ମା’ ନାହିଦା ବେଗମ୍‌ଙ୍କ ଏକମାତ୍ର ପୁଅ ଫୟାଜ ନ୍ୟୁ ଷ୍ଟିୱାର୍ଟ ସ୍କୁଲର ୯ମ ଶ୍ରେଣୀର ଛାତ୍ର ଅଟନ୍ତି। ଫୟାଜ ଜୁନିୟର ବର୍ଗରେ ମଧ୍ୟ। ୨୦୧୫ ମସିହା ରାଜ୍ୟ ସନ୍ତରଣ ପ୍ରତିଯୋଗିତାରେ ସେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ୨୦୧୬ ଓ ୨୦୧୭ ମସିହାରେ ମଧ୍ୟ ଫୟାଜଙ୍କ ପ୍ରଦର୍ଶନ ଆକର୍ଷଣୀୟ ରହିଥିଲା। ୨୦୧୮ ମସିହାରୁ ସେ ବାସ୍କେଟବଲ ଖେଳ ପ୍ରତି ମନ ବଳାଇବା ସହ କୋଚ୍ ଶଶିକାନ୍ତ ନାୟକଙ୍କ ପାଖରେ ପ୍ରଶିକ୍ଷଣ ନେଉଛନ୍ତି। ଜାତୀୟ ଶିବିରରେ ଭଲ ପ୍ରଦର୍ଶନ କରି ଜାତୀୟ ଦଳରୁ ପ୍ରତିନିଧିତ୍ୱ କରିବାର ସ୍ୱପ୍ନ ରହିଛି ବୋଲି ଫୟାଜ ନିଜ ପ୍ରତିକ୍ରିୟାରେ କହିଛନ୍ତି ।







କଳିଙ୍ଗ ଷ୍ଟାଡିୟମରେ ଏଫ୍‌ଆଇଏଚ୍ ପୁରୁଷ ଫାଇନାଲ୍ସ ହକି ଟୁର୍ଣ୍ଣାମେଣ୍ଟ ଖେଳିବା ଲାଗି ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିଥିବା ପୋଲାଣ୍ଡ ଓ ରୁଷିଆ ଦଳ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶନିବାର, ଜୁନ୍ ୧/୨୦୧୯ Balasore, Saturday, June 1/2019







### ପ୍ରତିରକ୍ଷା ବିଭାଗ ପକ୍ଷରୁ ଉଚ୍ଛେଦ ଉଦ୍ୟମକୁ ବିରୋଧ

# ତଦନ୍ତ କଲେ ତହସିଲଦାର

**ବାହାନଗା, ୩୧।୫(ଡି.ଏନ.ଏ.)**

ବାହାନଗା ବ୍ଲକ ଖନ୍ତାପଡା ଥାନା ରେମୁଣା ବ୍ଲକ ଇଞ୍ଚୁଡି ପଞ୍ଚାୟତର କଳାମାଟିଆ ପାହି ଗ୍ରାମରେ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ଉଚ୍ଛେଦ କରିବା ଲାଗି ପ୍ରତିରକ୍ଷା ବିଭାଗ ପ୍ରକ୍ରିୟା ଆରମ୍ଭ କରିଛି। ଏହାକୁ ଲୋକେ ବିରୋଧ କରିବା ସହିତ ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ରେମୁଣା ତହସିଲଦାର ଶୁକ୍ରବାର ତଦନ୍ତ କରି ଫେରିଛନ୍ତି।

କଳାମାଟିଆ ପାହିରେ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ ୧୧୧ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମି ଅଛି। ସେହି ଜମି ସମୁଦ୍ର ଆଡି ଭାବେ କାଗଜପତ୍ରରେ ରହିଛି। ସେହି ଜମି ଉପରେ ଦୁଇପୁରୁଷ ଧରି ବାଂଲାଦେଶୀ ବାସିନ୍ଦା ରହି ମାଛ ବେପାର କରିଆସୁଛନ୍ତି। ସେମାନଙ୍କ ପାଖରେ ଜମିର କୌଣସି କାଗଜପତ୍ର ନ ଥିବାରୁ ସେମାନଙ୍କୁ ପ୍ରତିରକ୍ଷା ବିଭାଗ ତରଫରୁ ସମୁଦ୍ର କୂଳରୁ ଯାଇଥିବା ପ୍ରତିରକ୍ଷା ବିଭାଗର ରାସ୍ତାଠାରୁ ଦୁଇ ଚେନ ଭିତରକୁ ଘର ଭାଙ୍ଗି ସେଠାରୁ ଯିବା ପାଇଁ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ବାରମ୍ବାର କହୁଛନ୍ତି। ୧୫ ଦିନ ମଧ୍ୟରେ ଘର ନ ଭାଙ୍ଗିଲେ ମେଶିନ ଦ୍ୱାରା ଘରଭାଙ୍ଗି ଦିଆଯିବ ବୋଲି କୁହାଯାଇଥିବା ଗ୍ରାମର ବିବେକାନନ୍ଦ ଗୋଛାୟତ, ମଳୟ ସାମନ୍ତ, ଲାଲ୍ ମୋହନ ଦାସ, ଶମ୍ଭୁ ଅଧିକାରୀ, ଶରତ ରଣା, ବିକାଶ ମାଇତି, ରତରି ଜାନା,



ବଙ୍ଗୀୟ ଅଧିବାସୀମାନେ ପରିଚୟପତ୍ର ଧରି ଛିଡ଼ା ହୋଇଛନ୍ତି।

କବିତା ମଣ୍ଡଳ, ଚମ୍ପା ଜାନା, ପୁଟୁଲୁ ମଣ୍ଡଳ, ବନମାଳି ମହୁରିଆ, ବିନୁ ମାଇତି, ତପନ ଦାସ, ଦିପାଳୀ ଯେନା, ରବିନ୍ ମିର୍ଦ୍ଧା, ନଳିତା ଦାସ, ଜଗବନ୍ଧୁ ମଳିକ ପ୍ରମୁଖ ଜିଲାପାଳ ରମେଶ ରାଉତଙ୍କୁ ଗତ ୨୮ତାରିଖରେ ଅଭିଯୋଗ କରିଥିଲେ। ସେମାନଙ୍କ ପିଲାମାନେ ଏହି ଗ୍ରାମରେ ଥିବା ବିଦ୍ୟାଳୟରେ ପାଠ ପଢୁଛନ୍ତି। ସେମାନଙ୍କ ପରିବାର ଲୋକମାନେ ଏଠାକାର ଭୋଟ ପରିଚୟପତ୍ର , ଆଧାର କାର୍ଡ, ରାଶନ କାର୍ଡ ଆଦି ହାତେଇଛନ୍ତି। ଏହି ସରକାରୀ ସମୁଦ୍ର ଆଡିରେ ବସବାସ କରିବା ସମୟରେ ସେମାନଙ୍କୁ ଲୋକମାନେ ସୁରକ୍ଷା ଦେବା ସହିତ ରାଜନୈତିକ ବ୍ୟକ୍ତିମାନେ ନିଜର ଭୋଟ ହାତେଇବା ପାଇଁ ସେତେବେଳେ ସେମାନଙ୍କ ବାପା ଅଣବାପାମାନଙ୍କୁ ସହାୟତା କରି ଆଶ୍ରୟ ଦେଇଥିଲେ। ସେତେବେଳେ ପ୍ରଶାସନ ସେମାନଙ୍କ ପ୍ରତି କୌଣସି ବସବାସ କରିବା ପାଇଁ କିଛି ନିୟମ କି ତଦନ୍ତ କରି ନ ଥିଲେ। କିଛି ବର୍ଷ ପରେ ସେମାନେ ଏଠାରେ ରହି ଭୋଟ ଦେଇଆସୁଛନ୍ତି। ଏବେ ସେମାନେ କଣ କରିବେ ବୋଲି ଚିନ୍ତାରେ ପଡିଛନ୍ତି। ଅଭିଯୋଗ ଦେବା ପରେ ଜିଲାପାଳ ତଦନ୍ତ ପାଇଁ ରେମୁଣା ତହସିଲଦାର ସଞ୍ଜୟ ରାଉତଙ୍କୁ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ ଶୁକ୍ରବାର ତହସିଲଦାର ରାଉତ ଓ ଅତିରିକ୍ତ ତହସିଲଦାର ଅନିନ୍ଦିତା ଆଚାର୍ଯ୍ୟ, ଶ୍ରୀଜଙ୍ଗ ଆରାଇ ପ୍ରମୁଖ କଳାମାଟିଆ ପାହି ଗ୍ରାମକୁ ତଦନ୍ତ କରିବାକୁ ଆସିଥିଲେ। ଏ ସମ୍ପର୍କରେ ତହସିଲଦାର ରାଉତ କହିଛନ୍ତି ଯେ, ଆମେ ତଦନ୍ତ କରି ଜିଲାପାଳଙ୍କୁ ରିପୋର୍ଟ ଦେବୁ। ଏମାନଙ୍କ ପାଇଁ କଣ କରିହେବ ତାହା ବିଚାର କରି ନିଷ୍ପତ୍ତି ନିଆଯିବ।

## ଚାନ୍ଦା ଆଦାୟ କରି ୨ ଯୁବକ ଗିରଫ

**ଜଳେଶ୍ୱର, ୩୧।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ଶାନ୍ତିଆ ମଧ୍ୟ ଦେଇଯାଇଥିବା ପୁରୁଣା ଓଟି ରୋଡ଼ର ବ୍ଲକ ଅଫିସ ନିକଟରେ ଶାନ୍ତିଆ ଗ୍ରାମର ମୁନା ସାମଲ, ସରୋଜ ପାତ୍ର, ପିଙ୍କୁ ଜେନା ଓ ଦୀପୁ ଦାସ ପ୍ରମୁଖ ଗାଡ଼ିଗୁଡ଼ିକୁ ଅଟକାଇ ବେଆଇନ ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହୋଇଥିଲା। ଜଳେଶ୍ୱର ଥାନା ଆଇଆଇସି ପ୍ରଦୀପ କୁମାର ମାଝି ଗୁରୁବାର ବିଳମ୍ବିତ ରାତିରେ ପହଞ୍ଚି ମୁନା ଓ ସରୋଜଙ୍କୁ କାବୁ କରି ଗିରଫ କରିଥିବା ବେଳେ ଅନ୍ୟମାନେ ଫେରାର୍ ହୋଇଯାଇଥିଲେ। ଥାନାରେ ମାମଲା(ନଂ.୧୧୬/୧୯) ରୁଜୁ ହୋଇ ଆସାମୀମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଫେରାର ଅଭିଯୁକ୍ତ ଗିରଫ

**ରୂପସା, ୩୧।୫(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ପରିକ୍ଷୀ ଫାଣ୍ଡି ଅନ୍ତର୍ଗତ ଡୁମୁରିଆ ଗ୍ରାମର ଫେରାର ଅଭିଯୁକ୍ତ ଶ୍ରୀକୃଷ୍ଣ ଦାସଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଛି। ୨୦୦୭ରେ ଅଭିଯୁକ୍ତଙ୍କ ବିରୋଧରେ କୋର୍ଟରେ ମାମଲା ବିଚାରାଧୀନ ଥିଲା। ହେଲେ ସେ ଫେରାର ରହିଥିଲେ। ୧୨ବର୍ଷ ପରେ ଫାଣ୍ଡି ଅଧିକାରୀ ଭାଦ ମାଝି ଚଢ଼ାଉ କରି ପରିକ୍ଷୀ ବଜାରରୁ ଅଭିଯୁକ୍ତ ଶ୍ରୀକୃଷ୍ଣଙ୍କୁ ଗିରଫ କରିଥିଲେ। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ବରଯାତ୍ରୀ ଗାଡ଼ି ଓଲଟି ୧ ମୃତ, ୨୬ ଆହତ

**ବେତନଟୀ,୩୧।୫(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ବେତନଟୀ ଥାନା ୧୮ନଂ ଜାତୀୟ ରାଜପଥର ତାରାକୋଠି ନିକଟରେ ଗୁରୁବାର ବିଳମ୍ବିତ ରାତିରେ ବରଯାତ୍ରୀ ନେଇ ଯାଉଥିବା ଏକ ପିକଅପ ଭ୍ୟାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭ୍ୟାନ ପୋଲ ତଳକୁ ଖସି ପଡିବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୬ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ବେତନଟୀ ଥାନା କାଠପାଳ ଗ୍ରାମର ବୈଦନାଥ ସିଂ। ଆହତଙ୍କୁ ପ୍ରଥମେ ବେତନଟୀ ଡାକ୍ତରଖାନା ଓ ପରେ ବାରିପଦା ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଭ୍ୟାନ କାଠପାଳ ଗାଁରୁ କୁଳିଅଣା ଥାନା ଅଞ୍ଚଳକୁ ଯାଇଥିବା ବେଳେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ପୋଲ ତଳକୁ ଓଲଟି ପଡିଥିଲା। ସ୍ଥାନୀୟ ଯୁବକ ଓ ବେତନଟୀ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବୈଦ୍ୟନାଥଙ୍କ ମୃତ୍ୟୁ ଘଟିଛି। ପୋଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଥାନାରେ ଏକ ମାମଲା(ନଂ. ୭୭/୨୦୧୯) ରୁଜୁ ହୋଇଛି। ଆହତ ବରଯାତ୍ରୀମାନେ ବେତନଟୀ, ବଡସାହି, ବାରିପଦା ଓ ବାଲେଶ୍ୱର ଜିଲାର ବୋଲି ସୂଚନା ମିଳିଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ପିଞ୍ଛାବଣିଆରେ ହିଂସା, ୨ ମାମଲା ରୁଜୁ

ରୂପ୍‌ସା, ୩୧।୫(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ଥାନା ଅନ୍ତର୍ଗତ ପିଞ୍ଛାବଣିଆ ଗ୍ରାମରେ ଉତ୍ତେଜନା ଲାଗି ରହିଛି। ଦୁଇଗୋଷ୍ଠୀ ମଧ୍ୟରେ ହିଂସା ଯୋଗୁ ପକ୍ଷ ପ୍ରତିପକ୍ଷଙ୍କ ମଧ୍ୟରେ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ୨ଟି ପୃଥକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଅଭିଯୋଗକାରିଣୀ ଗୌରୀ ସେଠୀ ଓ ତାଙ୍କ ସ୍ୱାମୀ ମଧୁସୂଦନ ସେଠୀଙ୍କୁ ପଡ଼ୋଶୀ ପୂର୍ଣ୍ଣଚନ୍ଦ୍ର କାଳନ୍ଦୀ, ତାଙ୍କ ପତ୍ନୀ କେଶବତୀ ଓ ସମର୍ଥକମାନେ ନିର୍ଘୁମ୍ ମାଡ଼ ମାରି ଆହତ କରିଥିବା ଏତଲାରେ ଦର୍ଶାଯାଇଛି। ଏହାର କେସ୍ ନଂ. ୨୯/୧୯। ଅପରପକ୍ଷରେ କେଶବତୀ କାଳନ୍ଦୀ ଓ ତାଙ୍କ ସ୍ୱାମୀ ପୂର୍ଣ୍ଣଚନ୍ଦ୍ରଙ୍କୁ ମଧୁସୂଦନ ସେଠୀ ଓ ତାଙ୍କ ପୁଅ ଜୟ ସେଠୀ ମିଶି ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହାର କେସ୍ ନଂ.୩୦/୧୯।

### ବଳାତ୍କାରୀଙ୍କୁ ୧୦ବର୍ଷ ଜେଲ୍

ସୋର, ୩୧।୫(ଡି.ଏନ.ଏ.): ଏକ ବଳାତ୍କାର ମାମଲାର ବିଚାର କରି ସୋର ସହକାରୀ ଦୌରାଜଜ୍ ଚିତ୍ତରଞ୍ଜନ ମିଶ୍ର ଅଭିଯୁକ୍ତଙ୍କୁ ୧୦ବର୍ଷ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଖଇରା ଥାନା ବଣପାରିଆ ଗ୍ରାମର ଅଭିଯୁକ୍ତ ନିରୋତ୍ତମ ବେହେରା ଜଣେ ବିବାହିତା ମହିଳାଙ୍କୁ ଅପହରଣ କରିନେଇ ବଳାତ୍କାର କରିଥିଲେ। ଏହି ମକଦ୍ଦମାର ବିଚାର କରାଯାଇ ଅଭିଯୁକ୍ତଙ୍କୁ ଏହି ଦଣ୍ଡାଦେଶ ଦିଆଯାଇଛି। ସରକାରଙ୍କ ତରଫରୁ ଆଇନଜୀବୀ ସୁଭାଷ କୁମାର ଦାସ ମକଦ୍ଦମା ପରିଚାଳନା କରିଥିଲେ।

### ମୃତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା



ବାଲେଶ୍ୱର ଅଫିସ, ୩୧।୫: ଗୁଜରାଟର ସୁରଟରେ ଘଟିଥିବା ଅଗ୍ନିକାଣ୍ଡରେ ମୃତ୍ୟୁବରଣ କରିଥିବା ଛାତ୍ରୀଛାତ୍ରଙ୍କ ଆତ୍ମାର ସଦ୍‌ଗତି ପାଇଁ ବାଲେଶ୍ୱର ଏବିଭିପି ପକ୍ଷରୁ ଫକୀରମୋହନ କଲେଜ ସମ୍ମୁଖରେ ଦୀପ ଲଗାଯିବା ସହ ନିକଟସ୍ଥ ଶିବ ମନ୍ଦିରରେ ଆହତଙ୍କ ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରାଯାଇଛି। ଭଗବାନ ଏଭଳି ଘଟଣା ଆଉ କେବେ ନ ଘଟାନ୍ତୁ ବୋଲି ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟକର୍ତ୍ତାମାନେ ପ୍ରଭୁଙ୍କ ମନ୍ଦିରରେ ପ୍ରାର୍ଥନା କରିଥିଲେ। କାର୍ଯ୍ୟକ୍ରମରେ ବବିତା ବେହେରା, ଜୟଶ୍ରୀ ବେହେରା, ସୋନାଲି ପ୍ରିୟା ମଲ୍ଲିକ, ତୃପ୍ତିମୟୀ ପାତ୍ର, ଶତାବ୍ଦୀ ଦୁତା, ଜ୍ୟୋତିପ୍ରକାଶ ପଣ୍ଡା, ମଳୟ ରଞ୍ଜନ ବେହେରା, ପ୍ରାପ୍ତକୃଷ୍ଣ ଜେନା, ଦେବାଶିଷ ଦାସ, ସମୀର କୁମାର ପାତ୍ର, ସତ୍ୟବ୍ରତ ମାଝି, ଅସୀମ ରଞ୍ଜନ ଖୁଣ୍ଟିଆ, ସୁବ୍ରତ କୁମାର ମାଝି, ସୌଭାଗ୍ୟ ମହାନ୍ତି, ଅମରଜିତ୍ ଦାସ ଓ ଲକ୍ଷ୍ମୀନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନଗର ସମ୍ପାଦକ ସୁବ୍ରତ କୁମାର ମାଝି, ରଜତ ପାତ୍ର ଓ ଲଳିତ କୁମାର ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

### ବାଇକ୍‌କୁ ପିଟିଲା କାର୍: ଦମ୍ପତି ଆହତ

ରୂପ୍‌ସା, ୩୧।୫(ଡି.ଏନ.ଏ.): ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ରୂପ୍‌ସା ଥାନା ନିକଟରେ ଶୁକ୍ରବାର ଏକ ବାଇକ୍ ପଛପଟୁ କାର୍ ଧକ୍କା ଦେବା ଫଳରେ ବାଇକ୍‌ରେ ଯାଉଥିବା ଦମ୍ପତି ଗୁରୁତର ଆହତ ହୋଇଛନ୍ତି। ଆହତଦ୍ୱୟଙ୍କୁ ରୂପ୍‌ସା ଥାନା ପୋଲିସ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଚିକିତ୍ସା କରୁଛି। ଦାନ୍ତୁନ ଥାନା ଅଞ୍ଚଳରେ ଏହି ଦମ୍ପତି ବାଲେଶ୍ୱର ଅଭିମୁଖେ ଯାଉଥିଲେ। ଦୁର୍ଘଟଣାରେ ସ୍ୱାମୀଙ୍କ ଗୋଡ଼ ଭାଙ୍ଗି ଯାଇଛି। କାର୍ ଓ ବାଇକ୍‌କୁ ଥାନାରେ ରଖାଯାଇଛି।

## ଧସୁଛି ରାସ୍ତା, ଆଡ଼ିବନ୍ଧ
# ବିପଦରେ ୪ ଗାଁ



ଆଡ଼ିବନ୍ଧ ବୁଲି ଦେଖୁଛନ୍ତି ସଦର ବିଧାୟକ ମଦନମୋହନ ଦତ୍ତ ଓ ଅନ୍ୟମାନେ।

ବାଲେଶ୍ୱର ଅଫିସ, ୩୧।୫

ବୁଢ଼ାବଳଙ୍ଗ ନଦୀଗର୍ଭକୁ ଧସି ପଡୁଛି ଆଡ଼ିବନ୍ଧ ସହ ରାସ୍ତା। ବିପଦରେ ୪ଖଣ୍ଡ ଗାଁର ବାସିନ୍ଦା। ଜିଲା ଗ୍ରାମ୍ୟ ଉନ୍ନୟନ ଓ ଜଳସେଚନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଦୀର୍ଘ ୭ ବର୍ଷ ଧରି ରାସ୍ତା ଓ ଆଡ଼ିବନ୍ଧର ସୁରକ୍ଷା ଲାଗି କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ମାଣିକୁଲା, ଜଗନ୍ନାଥପୁର, କାଠପାଳ, ନଳକୁଲି ଗ୍ରାମର ପାଖାପାଖି ୧ହଜାରରୁ ଊର୍ଦ୍ଧ୍ୱ ପରିବାରର ଲୋକମାନେ ଦୈନନ୍ଦିନ ବିପଦସଙ୍କୁଳ ଅବସ୍ଥାରେ ଏହି ରାସ୍ତାରେ ଯା'ଆସ କରୁଛନ୍ତି।

ବାଲେଶ୍ୱର ସଦର ବ୍ଲକ ଅଧୀନ ଗୋପୀନାଥପୁର ପଞ୍ଚାୟତ ଦେଇ ପ୍ରବାହିତ ହେଉଥିବା ବୁଢ଼ାବଳଙ୍ଗ ନଦୀକୁ ମାଣିକୁଲାଠାରେ ବ୍ରିଟିଶ ଅମଳରୁ ନିର୍ମିତ କୋଷ୍ଟ୍ କେନାଲ ସଂଯୋଗ କରୁଛି। କୋଷ୍ଟ୍ କେନାଲର ଉଭୟ ପାର୍ଶ୍ୱରେ ଥିବା ଗାଁ ଲୋକଙ୍କ ଯା'ଆସ ପାଇଁ ୨୦୧୨ରେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟିଆଖିଆ ଛକରୁ ମାଣିକୁଲା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରାଯାଇଥିଲା। କାଠପାଳ ଛକଠାରେ ମାତ୍ର ୧୮୦ମିଟର ରାସ୍ତା କାମ ବାକି ରହିଥିଲା। ଏହି ସ୍ଥାନରେ ବୁଢ଼ାବଳଙ୍ଗ ଓ କୋଷ୍ଟ୍ କେନାଲର ଆଡ଼ିବନ୍ଧ ଥିବାରୁ ଜଳସେଚନ ବିଭାଗ ପକ୍ଷରୁ ଗାର୍ଡୱାଲ ନିର୍ମାଣ ସାଙ୍ଗକୁ ପଥର ପ୍ୟାକିଂ କରାଯିବା ପରେ ରାସ୍ତାକାମ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହାମଧ୍ୟରେ ବର୍ଷ ପରେ ବର୍ଷ ବିତିଯାଇଥିଲେ ବି ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁ ରାସ୍ତା ଓ ଆଡ଼ିବନ୍ଧ ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଇନାହିଁ କି ୧୮୦ ମିଟର ରାସ୍ତା କାମ ହୋଇନାହିଁ। ଏହି ସ୍ଥାନରେ ଆଡ଼ିବନ୍ଧ ସହ ରାସ୍ତା ନଦୀ ଭିତରକୁ ଧସିପଡୁଥିବାରୁ ଏହା ବିପଦସଙ୍କୁଳ ହୋଇପଡୁଛି। ବର୍ଷା ଦିନେ ଗମନାଗମନ ବାଧାପ୍ରାପ୍ତ ହେଲେ କୋଷ୍ଟକେନାଲ ଓ ନଦୀ ସଂଲଗ୍ନ ଗାଁ ଗଣ୍ଡା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିବ ବୋଲି ଅଞ୍ଚଳବାସୀ ଆଶଙ୍କା ପ୍ରକାଶ କରୁଛନ୍ତି। ବର୍ତ୍ତମାନ ଜରୁରିକାଳୀନ ପରିସ୍ଥିତିରେ ମଧ୍ୟ ଗାଁକୁ ଆମ୍ବୁଲାନ୍ସ, ଦମକଳ କିମ୍ବା ୪ଚକିଆ ଗାଡ଼ି ଯା'ଆସ କରିବା ସମ୍ଭବ ହେଉନାହିଁ। ଏହି ରାସ୍ତା ଦେଇ ବୟସ୍କଲୋକ ଏବଂ ଛୋଟପିଲାଙ୍କ ଯାତାୟାତ ସବୁଠୁ ଅଧିକ ବିପଦ ସାଜିଛି। ବାଇକ୍, ସାଇକେଲ ଆରୋହୀମାନେ ବାରମ୍ବାର ଦୁର୍ଘଟଣାଗ୍ରସ୍ତ ହେଉଥିବା ନଜିର ରହିଛି। ସ୍ଥାନୀୟ ଗ୍ରାମବାସୀ ବିଡ଼ିଓ, ଜିଲାପାଳ ଓ ବିଧାୟକଙ୍କଠାରେ ବହୁବାର ଅଭିଯୋଗ କରିବା ସହ ଗ୍ରାମ୍ୟ ଉନ୍ନୟନ ଓ ଜଳସେଚନ ବିଭାଗ ଅଧିକାରୀମାନଙ୍କୁ ଜଣାଇଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ବର୍ଷାଦିନ ଆସିଲେ ଜଳସେଚନ ବିଭାଗ ପକ୍ଷରୁ ଆଡିବନ୍ଧ ଓ ରାସ୍ତା ପାର୍ଶ୍ୱରେ ବାଲିବସ୍ତା ପକାଇ ବାଉଁଶ ପୋତି କାମ ଚଳାଇ ନିଆଯାଉଛି ବୋଲି ପୂର୍ବତନ ସରପଞ୍ଚ ବୃନ୍ଦାବନ ରାଉତ, ପଦ୍ମଲୋଚନ ପ୍ରଧାନ, ପ୍ରଦୀପ ଦାସ, ମଦନ ମାଝି ପ୍ରମୁଖ ଅଭିଯୋଗ କରିଛନ୍ତି।

ନବନିର୍ବାଚିତ ସଦର ଭାଜପା ବିଧାୟକ ମଦନମୋହନ ଦତ୍ତ ଏହି ଅଞ୍ଚଳ ପରିଦର୍ଶନ କରିବା ବେଳେ ଏହି ରାସ୍ତା ସମସ୍ୟା ନେଇ ଲୋକଙ୍କ ସହ ଆଲୋଚନା କରିଛନ୍ତି। ଶୁକ୍ରବାର ବସିଥିବା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ବୈଠକରେ ସେ ଏହି ପ୍ରସଙ୍ଗ ଉପସ୍ଥାପନା କରିଛନ୍ତି। ଆସନ୍ତା ବର୍ଷା ଋତୁ ପୂର୍ବରୁ ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଥିଲେ। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ନନ୍ଦଦୁଲାଲ ଘଡ଼େଇଙ୍କୁ ପଚାରିବାରୁ କହିଛନ୍ତି, ରାସ୍ତା ସମସ୍ୟା ସମ୍ପର୍କରେ ପ୍ରଶାସନ ଅବଗତ ରହିଛି। ଜଳସେଚନ ବିଭାଗ ପକ୍ଷରୁ ଗାର୍ଡୱାଲ କିମ୍ବା ପଥର ପ୍ୟାକିଂ ହେବା ପରେ ରାସ୍ତା ନିର୍ମାଣ କରାଯିବ। ଜଳସେଚନ ବିଭାଗୀୟ ଯନ୍ତ୍ରୀ ନୀଳମଣି ଜେନା କହିଛନ୍ତି, ନଦୀ ପାର୍ଶ୍ୱ ଆଡ଼ିବନ୍ଧରେ ଗାର୍ଡୱାଲ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି। ବର୍ଷାଦିନ ପୂର୍ବରୁ କାମ ସାରିବାକୁ ଗୁରୁତ୍ୱ ଦିଆଯାଇଛି।

## ■ ଅଟକ କନଷ୍ଟେବଳଙ୍କୁ ଛାଡ଼ିଲେ ଗ୍ରାମବାସୀ
# ଫେରିଗଲା ବାଙ୍ଗାଲୋର ପୋଲିସ

ବାହାନଗା, ୩୧।୫(ଡି.ଏନ.ଏ.)

ବାଙ୍ଗାଲୋରର ଜଣେ ନାବାଳିକାଙ୍କୁ ବାଲେଶ୍ୱର ଜିଲା ବାହାନଗା ବ୍ଲକ ତାଳକୁରୁଣିଆଁ ଅଞ୍ଚଳର ଜଣେ ଯୁବକ ଅପହରଣ କରିଆଣିଥିବା ସନ୍ଦେହ କରି ପୋଲିସ ଜବରଦସ୍ତ ତାଙ୍କୁ ଫାଣ୍ଡିକୁ ନେଇଯାଇଥିଲା। ଏଥିରେ ତାଙ୍କର ସମ୍ପୃକ୍ତି ନ ଥିବା ଜଣାପଡିବା ପରେ ଫାଣ୍ଡିର ଜଣେ କନଷ୍ଟେବଳ ଗୁରୁବାର ରାତିରେ ତାଙ୍କୁ ଛାଡିବା ଲାଗି ଗାଁକୁ ଯାଇଥିଲେ। ଗ୍ରାମବାସୀ ଏଥିରେ ଉତ୍ତ୍ୟକ୍ତ ହୋଇ ଉକ୍ତ କନଷ୍ଟେବଳଙ୍କୁ ଅଟକ ରଖିଥିଲେ। ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ସମ୍ପୃକ୍ତ କନଷ୍ଟେବଳଙ୍କୁ ଛାଡିବେ ନାହିଁ ବୋଲି ଗ୍ରାମବାସୀ ଅଡି ବସିଥିଲେ। ଖନ୍ତାପଡା ଥାନା ଅଧିକାରୀ ଓ ଏସ୍‌ଡିପିଓ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିବା ସହିତ ଅଟକ କନଷ୍ଟେବଳଙ୍କୁ ଉଦ୍ଧାର କରିଥିଲେ। ତେବେ ନାବାଳିକା ଅପହରଣ ମାମଲାରେ ଆସିଥିବା ବାଙ୍ଗାଲୋର ପୋଲିସ ଶୁକ୍ରବାର ଫେରିଯାଇଛି।

ବାଙ୍ଗାଲୋର ଜଣେ ନାବାଳିକାଙ୍କୁ ତାଳକୁରୁଣିଆଁ ଅଞ୍ଚଳର ଜଣେ ଯୁବକ ଅପହରଣ କରିଆଣିଥିବା ସେଠାକାର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ବାଙ୍ଗାଲୋର ଥାନା ପୋଲିସ ଯୁବକଙ୍କ ମୋବାଇଲ ଟ୍ରାକିଂ କରି ବାଲେଶ୍ୱର ଜିଲା ଖନ୍ତାପଡା ଥାନା ତାଳକୁରୁଣିଆଁ ଗ୍ରାମର ପ୍ରଭାକର ଯେନାଙ୍କ ଘରେ ଉକ୍ତ ମୋବାଇଲ ଥିବା ଜାଣିବାକୁ ପାଇଥିଲା। ସେଠାରେ ଅପହରଣ ହୋଇଥିବା ନାବାଳିକା ସେଠାରେ ଥିବା ପୋଲିସ ସନ୍ଦେହ କରିଥିଲା। ବାଙ୍ଗାଲୋର ପୋଲିସ ସହିତ ଗୋପାଳପୁର ଫାଣ୍ଡି ପୋଲିସ ପ୍ରଭାକର ଯେନାଙ୍କ ଘରକୁ ସନ୍ଧ୍ୟାରେ ଆସି ତାଙ୍କ ପୁଅ ସରୋଜ କୁମାର ଯେନାଙ୍କୁ ଜବରଦସ୍ତ ଟାଣି ଫାଣ୍ଡିକୁ ନେଇଯାଇଥିଲେ। ସେଠାକାର ପୋଲିସ ଆଣିଥିବା ଫଟୋ ସହିତ ଅଳ୍ପବହୁତ ସରୋଜ ସହିତ ମିଶୁଥିବା ବେଳେ ପରେ ପୋଲିସ ତାଙ୍କର ସମ୍ପୃକ୍ତି ନ ଥିବା ଜାଣିବାକ ପାଇଥିଲା। ତେଣୁ ତାଙ୍କୁ ଛାଡି ଦେବା ପରେ ଗୋପାଳପୁର ପୋଲିସ ସହିତ ସ୍ଥାନୀୟ ହୋମଗାର୍ଡ ଜଗନ୍ନାଥ ବାରିକ ଓ କନଷ୍ଟେବଳ କିଶ୍ୱର ପାତ୍ର ପୁନର୍ବାର ତାଳକୁରୁଣିଆଁ ଗ୍ରାମକୁ ଆସିଥିଲେ। ମାତ୍ର ବିନା କାରଣରେ ଯୁବକଙ୍କୁ ନେଇ ଥାନାରେ ମାଡ ମାରିଥିବାରୁ ଗ୍ରାମବାସୀ ଦୁଇଜଣଙ୍କୁ ଅଟକ ରଖିଥିଲେ। ମାତ୍ର ମାଡ ମାରିଥିବା ହୋମ୍‌ଗାର୍ଡ ଜଗନ୍ନାଥ ସେଠାରୁ ଖସି ପଳାଇଯିବା କାରଣରୁ ଗ୍ରାମବାସୀ ଅଧିକ ଉତ୍ତ୍ୟକ୍ତ ହୋଇପଡିଥିଲେ। ଯେପର୍ଯ୍ୟନ୍ତ ଜଗନ୍ନାଥଙ୍କୁ ଏଠାକୁ ଅଣା ନ ଯିବ ଗ୍ରାମବାସୀ ଅଟକ କନଷ୍ଟେବଳଙ୍କୁ ଛାଡିବେ ନାହିଁ ଜିଦ୍‌ରେ ଅଟଳ ରହିଥିଲେ।




ଫକୀରମୋହନ କଲେଜ ଛାତ୍ରୀଛାତ୍ର ତମାଖୁ ବର୍ଜନ ନେଇ ସଚେତନ କରୁଛନ୍ତି।

## 'ସୁସ୍ଥ ଜୀବନ ଲାଗି ତମାଖୁ ବର୍ଜନ କର'

ବାଲେଶ୍ୱର ଅଫିସ, ୩୧।୫

ବାଲେଶ୍ୱର ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ ପରିସରରେ ବିଶ୍ୱ ତମାଖୁ ବର୍ଜନ ଦିବସ ଜାତୀୟ ସେବା ଯୋଜନା ତରଫରୁ ଶୁକ୍ରବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ମିନତି ସେଠୀ ଏହାକୁ ଉଦ୍‌ଘାଟନ କରି ସୁସ୍ଥ ଜୀବନଯାପନ ପାଇଁ ତମାଖୁ ବର୍ଜନ ନିତାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟ ଯୁଗ୍ମ ପ୍ରଶାସନିକ ଅଧିକାରୀ ଡ. ସନ୍ତୋଷ କୁମାର ରାଉତ ଓ ଡ. ଭାଗବତ ଭୂୟାଁ ବିଶ୍ୱତମାଖୁ ବର୍ଜନ ଦିବସର ତାତ୍ପର୍ଯ୍ୟ ଓ ଉପାଦେୟତା ସମ୍ପର୍କରେ ମତ ରଖିଥିଲେ। ଏହି ଉପଲକ୍ଷେ ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀ ଓ ଛାତ୍ରୀଛାତ୍ର ଶପଥପାଠ କରି ତମାଖୁ ବର୍ଜନ ପାଇଁ ବ୍ୟକ୍ତିଗତ ଓ ସାମାଜିକ ସଚେତନତା ଉପରେ ସେମାନଙ୍କର ପ୍ରତିକ୍ରିୟା ପ୍ରଦାନ କରିଥିଲେ। ଅଧ୍ୟାପକ ଅଶୋକ ପ୍ରିୟଦର୍ଶୀ, ପ୍ରଦୀପ କୁମାର ରଣା, ଶୁଭକାନ୍ତ ସେଠୀ, ଅଦ୍ୱୈତ ରଞ୍ଜନ ନାୟକ, ଆକାଉଣ୍ଟାଣ୍ଟ ପ୍ରଦୀପ ଶତପଥୀ, ସାମ୍ ଡିଇଓ ଅତନୁ ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ସାମାଜିକ ଏବଂ ବ୍ୟକ୍ତିଗତ ସଚେତନତା ସୃଷ୍ଟି ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଥିଲା।

## ଟ୍ରକ୍‌କୁ ପିଟିଲା ଆମ୍ବୁଲାନ୍ସ
# ୬ ଗୁରୁତର

ସୋର, ୩୧।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ଥାନା ଉତ୍ତରେଶ୍ୱର ବରଫକଳ ଛକଠାରେ ଶୁକ୍ରବାର ମଧ୍ୟାହ୍ନରେ ଏକ ଟ୍ରକ୍ ପଛପଟକୁ ଆମ୍ବୁଲାନ୍ସ ଧକ୍କା ଦେଇଛି। ଫଳରେ ଆମ୍ବୁଲାନ୍ସରେ ଥିବା ୬ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଲୋକେ ଓ ସୋର ପୋଲିସ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି। ପରେ ସମସ୍ତଙ୍କୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

ପଶ୍ଚିମବଙ୍ଗ ଏଗ୍ରା ଜିଲା ଚିଟିପୁର ଅଞ୍ଚଳରୁ ଏକ ଆମ୍ବୁଲାନ୍ସ (ନଂ. ଡବ୍ଲ୍ୟୁବି୩୧-୩୫୬୦) ରୋଗୀଙ୍କୁ ନେଇ ଭୁବନେଶ୍ୱର ଏମ୍ସ ହସ୍‌ପିଟାଲକୁ ଯାଉଥିଲା। ସୋର ବରଫକଳ ଛକଠାରେ ଏକ ଟ୍ରକ୍ (ନଂ. ଓଆର୍୧୧ଏ-୮୪୮୧) ଧକ୍କା ଦେଇଥିଲା। ଆମ୍ବୁଲାନ୍ସ ମଧ୍ୟରେ ଥିବା ରୋଗୀ ବନ୍ଦନା ଆଦ ଓ ସ୍ୱାମୀ ତୁଷାର ଆଦ, ଷଣ୍ଢ ସନୁ ସୁବଜେଜ ଓ ତାଙ୍କ ପତ୍ନୀ ଚନ୍ଦନା, ସମ୍ପର୍କୀୟ ଦିଲ୍ଲୀପ ଭୂୟାଁ ଓ ଡ୍ରାଇଭର ଗୁରୁତର ଆହତ ହୋଇଥିଲେ। ସୋର ପୋଲିସ ଟ୍ରକ୍ ଓ ଆମ୍ବୁଲାନ୍ସକୁ ଜବତ କରିଛି। ସୂଚନା ଯେ, ସୋରରେ ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ବଢ଼ିଚାଲିଛି।

# ତମାଖୁ ବର୍ଜନ ନିମନ୍ତେ ସମୂହ ଶପଥ ପାଠ

ବାଲେଶ୍ୱର ଅଫିସ, ୩୧।୫



ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ ଅବସରରେ ଉପସ୍ଥିତ ଅଧିକାରୀ।

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ ଗୃହରେ ବିଶ୍ୱ ତମାଖୁ ବର୍ଜନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଉପଜିଲାପାଳ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ରମେଶ ଚନ୍ଦ୍ର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ତମାଖୁ ବର୍ଜନ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। ଏହାପରେ ଜିଲାପାଳ ଉପସ୍ଥିତ ସମସ୍ତ ଅଧିକାରୀ, କର୍ମଚାରୀ ଓ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ତମାଖୁ ବର୍ଜନ ସକାଶେ ଶପଥପାଠ କରାଇଥିଲେ।

ପ୍ରାରମ୍ଭରେ ଜିଲା ମୁଖ୍ୟ ଚିକିତ୍ସକ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରଞ୍ଜନ କୁମାର ପାଢ଼ୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଛାତି ଓ ଯକ୍ଷ୍ମା ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରା କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ବିଶ୍ୱରେ ପ୍ରତିବର୍ଷ ତମାଖୁସେବନ ଜନିତ ରୋଗରେ ଆକ୍ରାନ୍ତ ହୋଇ ପ୍ରାୟ ୬୦ମିଲିୟନ ଲୋକ ଅକାଳ ମୃତ୍ୟୁମୁଖରେ ପଡୁଛନ୍ତି। ଏହା ସମାଜ ପାଇଁ ଏକ ମାରାତ୍ମକ ବ୍ୟାଧି ହୋଇଥିବାରୁ ଏହି ଦିବସ ପାଳନର ଗୁରୁତ୍ୱ ଅଧିକ ରହିଥିବା କହିଥିଲେ। ବୈଠକରେ 'ଜୀବନକୁ ପସନ୍ଦ କରନ୍ତୁ, ତମାଖୁକୁ ନୁହେଁ' ବିଷୟରେ ଅନ୍ୟାନ୍ୟ ବିଶେଷଜ୍ଞମାନେ ନିଜର ମତ ଉପସ୍ଥାପନ କରିଥିଲେ। ସକାଳେ ଏ ନେଇ ଏକ ସଚେତନତା ରାଲିର ଆୟୋଜନ କରାଯାଇ ସହର ପରିକ୍ରମା କରାଯାଇଥିଲା। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ବ୍ୟବସାୟିକ ପ୍ରତିଷ୍ଠାନ, ସ୍କୁଲ, କଲେଜ ସାମିଲ କରାଯାଇ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇପାରିଲେ ଏହାର ସୁଫଳ ମିଳିପାରନ୍ତା ବୋଲି ମତପ୍ରକାଶ ପାଇଥିଲା। ବୈଠକରେ ଏପିଡି(ଅର୍ଥ) ଅଜୟ କୁମାର ସେଠୀ, ଏଡିପିଏଚ୍‌ଓ ଡା. ଅନ୍ତର୍ଯ୍ୟାମୀ ମିଶ୍ର, ଡା. ଶଶାଙ୍କ ଶେଖର ଚୌଧୁରୀ, ଏଡିପିଏଚ୍‌ଓ ଡା. ପରେଶ ଚନ୍ଦ୍ର ନନ୍ଦି, ଡା. ଗିରୀଶ ଚନ୍ଦ୍ର ପତି, ଡିପିଏମ୍ ପ୍ରଭୁ ପ୍ରତ୍ୟନ୍ତ ପତି, ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ୱାସ୍ଥ୍ୟ କର୍ମଚାରୀ ଓ ନର୍ସିଂ ଛାତ୍ରୀଗଣ ପ୍ରମୁଖ ଉପସ୍ଥିତ ଥିଲେ।

# ଏବିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖଇରା, ୩୧।୫ (ଡି.ଏନ.ଏ.)

ଖଇରା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅବସର ଗ୍ରହଣ କରିଥିବା ଏବିଇଓ ବାସୁଦେବ ରାଉତଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ବିଇଓ ଧରଣୀଧର ପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ସୁଦର୍ଶନ ରାଉତ, ଗୋଲକ ଚନ୍ଦ୍ର ପାଢୀ, ମୁଖ୍ୟ କିରାଣି ବିଶ୍ୱନାଥ ମହାନ୍ତି, ସିଆରସିସି ନିତ୍ୟାନନ୍ଦ ସାହୁ, ଗୋଷ୍ଠୀ ସମ୍ବଳ ଶିକ୍ଷକ ମନୋଜ ମହାପାତ୍ର ଓ ଭାଗିରଥି ପାଢୀ ପ୍ରମୁଖ ଯୋଗଦେଇଥିଲେ। ବିଇଓ ବିଦାୟୀ ଏବିଇଓ ଜଣେ ଶାନ୍ତ, ସହନଶୀଳତା ଆଦି ଗୁଣ ଉପରେ ବକ୍ତବ୍ୟ ରଖିଥିଲେ।

# ମନ୍ତ୍ରୀ ପ୍ରେମାନନ୍ଦଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା



ମନ୍ତ୍ରୀ ଇଂ ପ୍ରେମାନନ୍ଦ ନାୟକଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି।

ପାଟଣା/ତେଲକୋଇ, ୩୧।୫(ସ୍ୱ.ପ୍ର. /ଡି.ଏନ.ଏ.)

କେନ୍ଦୁଝର ଜିଲା ତେଲକୋଇ ନିର୍ବାଚନମଣ୍ଡଳୀରୁ ନବନିର୍ବାଚିତ ବିଧାୟକ ଇଂ ପ୍ରେମାନନ୍ଦ ନାୟକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫ମ ପାଳି ସରକାରରେ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଭାବେ ଦାୟିତ୍ୱ ଗ୍ରହଣ କରିଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ୧୯୬୧ରୁ ଏହି ନିର୍ବାଚନମଣ୍ଡଳୀ ଗଠିତ ହୋଇଥିବା ବେଳେ ଅଦ୍ୟାବଧି କାହାରିକୁ ମନ୍ତ୍ରୀପଦ ମିଳି ନ ଥିଲା। ଏହି ପରିପ୍ରେକ୍ଷୀରେ ବିଭିନ୍ନ ସଂଗଠନ, ସ୍ଥାନୀୟ ବୁଦ୍ଧିଜୀବୀ ଓ ଶିକ୍ଷାନୁଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର ଭାବେ ଶୁକ୍ରବାର ତାଙ୍କୁ ସ୍ୱାଗତ କରାଯାଇଛି। ମନ୍ତ୍ରୀ ପ୍ରେମାନନ୍ଦ ଶୁକ୍ରବାର ପୂର୍ବାହ୍ନରେ ତେଲକୋଇ ଆସି ପ୍ରଥମେ ବ୍ଲକ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ତାଙ୍କୁ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ବଣିକ ସମାଜର କର୍ମକର୍ତ୍ତା, ହୋ ସମାଜ ଓ ଚଷା ସମାଜ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

ପ୍ରେମାନନ୍ଦ ଇଞ୍ଜିନିୟରିଂ ଶିକ୍ଷା ଲାଭ ପରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପରେ ମେକାନିକାଲ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ । ତାଙ୍କ ସେବା ମନୋବୃତ୍ତି ଲାଗି ବିଜେଡି ପକ୍ଷରୁ ୨୦୦୯ ରେ ତାଙ୍କୁ ଦଳୀୟ ଟିକେଟ ପ୍ରଦାନ କରାଯାଇଥିଲା। ସେ ବିଧାୟକ ଭାବେ ବିଜୟୀ ହୋଇଥିଲେ । ୨୦୧୪ରେ ସେ ଟିକେଟ ପାଇବାରୁ ବଞ୍ଚିତ ହୋଇ ବିଜେଡି ରାଜ୍ୟ ଆଦିବାସୀ ସେଲର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ଏଥର ନିର୍ବାଚନରେ ସେ ଦଳୀୟ ଟିକେଟ ପାଇ ବିଜୟୀ ହୋଇ ରାଜ୍ୟ ମନ୍ତ୍ରିମଣ୍ଡଳରେ ବିକାଶ, ବୈଷୟିକ ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇଛନ୍ତି । ତାଙ୍କୁ ଯେଉଁ ଗୁରୁ ଦାୟିତ୍ୱ ଦିଆଯାଇଛି ତାହାକୁ ସୂଚାରୁ ରୂପେ ତୁଲାଇ ଆସ୍ଥା ବଜାୟ ରଖିବେ ବୋଲି ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ପ୍ରେମାନନ୍ଦ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

# ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ତମାଖୁ ବର୍ଜନ ଦିବସ

ପାଟଣା , ୩୧।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର ତରଫରୁ ବିଶ୍ୱ ତମାଖୁ ବର୍ଜନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ଜନସାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସରୋଜିନୀ ସେଠୀଙ୍କ ସଂଯୋଜନାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟଣା ବିଡିଓ ପ୍ରଫୁଲ୍ଲ ଚନ୍ଦ୍ର ନାଏକ ଯୋଗ ଦେଇ ତମାଖୁ ସେବନର ଅପକାରିତା ଉପରେ ଆଲୋକପାତ କରିଥିଲେ। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ଼ଃ ସୁପ୍ରକାଶ ଶତପଥୀ, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାତ, ଡ଼ଃ ଶୁଭେନ୍ଦୁ ସାଗର କୁମାର ନାଏକ, ଡ଼ଃ ଯଶୋବନ୍ତ ମହାନ୍ତ, ଜିପିଓ ରଶ୍ମିରେଖା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ବୈଠକ
# 'ବହୁମୁଖୀ ଆଶ୍ରୟସ୍ଥଳୀ ଠିକ୍ ଉପଯୋଗ କର'

ବାଲେଶ୍ୱର ଅଫିସ, ୩୧।୫



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ ଓ ଲୋକପ୍ରତିନିଧିମାନେ।

ବାଲେଶ୍ୱର ଜିଲାର ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପାଇଁ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସମସ୍ତ ପ୍ରଶାସନ ଅଧିକାରୀ ଏବଂ ବିଧାୟକ, ଏମ୍‌ପି ପ୍ରତିନିଧିଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ରମେଶ ଚନ୍ଦ୍ର ରାଉତ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ନବ ନିର୍ବାଚିତ ବିଧାୟକମାନଙ୍କୁ ଜିଲା ପ୍ରଶାସନ ତରଫରୁ ଫୁଲତୋଡ଼ା ଦିଆଯାଇ ସ୍ୱାଗତ କରାଯାଇଥିଲା। ଆଗାମୀ ବର୍ଷା ଋତୁକୁ ଆଖିରେ ରଖି ଜିଲାକୁ କିପରି ଭାବେ ବନ୍ୟା, ବାତ୍ୟାରୁ ରକ୍ଷା କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା।

ବୈଠକ ପ୍ରାରମ୍ଭରେ ଦୁର୍ବଳ ନଦୀବନ୍ଧ ଚିହ୍ନଟ ଏବଂ ମରାମତି, କେନାଲ ମରାମତି, ଡ୍ରେନେଜ ସଫେଇ ଉପରେ ଉପସ୍ଥିତ ସଭ୍ୟାସଭ୍ୟମାନେ ମତାମତ ରଖି ସବିଶେଷ ଆଲୋଚନା କରିଥିଲେ। ଜିଲା ଜରୁରିକାଳୀନ କାର୍ଯ୍ୟାଳୟରେ ସାଧାରଣ ସୂଚନା ୨୪ଘଣ୍ଟା ଉପଲବ୍ଧ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ୪ଟି ବ୍ଲକରେ ଖରାପ ହୋଇପଡ଼ିଥିବା ବୃଷ୍ଟିପାତ ମାପ ଯନ୍ତ୍ର ତୁରନ୍ତ ମରାମତି, ବନ୍ୟା ବେଳେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ପାଇଁ ବିଡିଓ ଓ ତହସିଲଦାରମାନେ ମିଳିତ ଭାବେ ନିଜର ଦାୟିତ୍ୱ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ୧୧୨ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ଏବଂ ୨୮ ବନ୍ୟା ଆଶ୍ରୟସ୍ଥଳୀରେ ଆବଶ୍ୟକ ସରଞ୍ଜାମ ରହିଛି କି ନାହିଁ ତାହା ତଦାରଖ କରି ରିପୋର୍ଟ ସହ କମିଟି ଗଠନ କରି ପରିଚାଳନାକୁ ସୁଗଠିତ କରିବା ଉପରେ ଆଲୋଚନା ହୋଇଥିଲା। ଜିଲାର କଷାଫଳ, ଦହମୁଣ୍ଡା, ଡଗରା, ଭୂଷଣ୍ଡେଶ୍ୱର ଆଦି ସ୍ଥାନରେ ଭିଏଚ୍‌ଏଫ୍ କେନ୍ଦ୍ର ଅସ୍ଥାୟୀ ଭାବେ ସ୍ଥାପନ କରିବା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ଅନୁରୋଧ କରାଯାଇଛି। ଭାରତ ସଞ୍ଚାର ନିଗମ, ବନ୍ୟାପ୍ରବଣ ସ୍ଥାନରେ ଆଗୁଆ ଭାବେ ମୋଟର ବୋଟ୍, ଦେଶୀଡଙ୍ଗା, ଉଦ୍ଧାରକାରୀ ଡଙ୍ଗା ମୁତୟନ ପାଇଁ ବ୍ୟବସ୍ଥା, ବୁଡ଼ାକଳ ଓ ମିଲ୍‌ମାଲିକଙ୍କୁ ଚିହ୍ନଟ କରି ଯୋଗାଯୋଗ ସ୍ଥାପନ କରିବା, କିରୋସିନ ମହଜୁଦ ରଖିବା, ବନ୍ୟା ବାତ୍ୟା ନିମନ୍ତେ ଯୋଜନା ପ୍ରସ୍ତୁତ କରି ଆବଶ୍ୟକ ଔଷଧ, ଔଷଧ କିଟ, କର୍ମଚାରୀଙ୍କୁ ସଜାଗ ରଖିବା ସହ ସାପକାମୁଡା ଇଞ୍ଜେକଶନ, ହଇଜା ଓ ମ୍ୟାଲେରିଆ ମୁକାବିଲା ପାଇଁ ଓଆର୍‌ଏସ୍, ହାଲୋଜିନ୍, ବ୍ଲିଚିଂ, ଥଣ୍ଡା, କାଶ ଭଳି ରୋଗ ପାଇଁ ଔଷଧ ଆଗୁଆ ବିଭିନ୍ନ ସ୍ୱାସ୍ଥ୍ୟ ଉପକେନ୍ଦ୍ର, ଅଙ୍ଗନୱାଡି କେନ୍ଦ୍ରରେ ମହଜୁଦ ରଖିବା, ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବା, ଖରାଦିନ ପାଇଁ ନଳକୂପ ମରାମତି ସହ ଟ୍ୟାଙ୍କରରେ ଜଳଯୋଗାଣ ଅବ୍ୟାହତ ରଖିବା ଏବଂ ବନ୍ୟା, ବାତ୍ୟା ସମୟରେ ଅନୁରୂପ ଭାବେ ପାନୀୟ ଜଳଯୋଗାଣ ସୁଚାରୁ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନେସ୍‌କୋ ତରଫରୁ ବିଦ୍ୟୁତ ସରବରାହ ବ୍ୟବସ୍ଥିତ ପାଇଁ ଲୋକଶକ୍ତି ଓ ମେଶିନ ପ୍ରସ୍ତୁତ ରଖିବାକୁ ପରାମର୍ଶ ଦିଆଯାଇଛି। କଲେଜର ଏନ୍‌ଏସ୍‌ଏସ୍ ୟୁନିଟକୁ ସାମିଲ କରିବା ପାଇଁ ମତପ୍ରକାଶ ପାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ବେଳେ ବିଡିଓ, ତହସିଲଦାର ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଯେପରି ସୁଚାରୁ ଭାବେ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବ ସେଥିପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ବାଲେଶ୍ୱର ସଦର ବିଧାୟକ ମଦନମୋହନ ଦତ୍ତ, ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଜିଲା ପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ଏମ୍‌ପିଙ୍କ ପ୍ରତିନିଧି କେଶବ କୁମାର ଆଚାର୍ଯ୍ୟ, ଭୋଗରାଇ ବିଧାୟକଙ୍କ ପ୍ରତିନିଧି, ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ବାଲେଶ୍ୱର ଉପଜିଲାପାଳ ନିଲୁ ମହାପାତ୍ର, ନୀଳଗିରି ଉପଜିଲାପାଳ ବିଶାଳ ସିଂହ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତପନ କୁମାର ପଟ୍ଟନାୟକ, ଜିଲା ଜରୁରିକାଳୀନ ଅଧିକାରୀ ଅଭୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିବା ବେଳେ ସମସ୍ତ ବିଡିଓ, ତହସିଲଦାର, ଲାଇନ ଡିପାର୍ଟମେଣ୍ଟର ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଅଗ୍ନିଶମ ବିଭାଗ, ଓଡ୍ରାଫ, ଏନ୍‌ଡିଆର୍‌ଏଫ୍‌ର ପ୍ରତିନିଧିଗଣ ଯୋଗ ଦେଇଥିଲେ।

## ସଂକ୍ଷେପରେ

### 'ଏକତା, ସାମୂହିକ ଚେଷ୍ଟା ଦ୍ୱାରା ବିକାଶ ସମ୍ଭବ'

କେନ୍ଦୁଝର, ୩୧।୫(ଡି.ଏନ.ଏ.)-ଏକତା ଓ ସାମୂହିକ ଚେଷ୍ଟା ବଳରେ ସମାଜରେ ବିକାଶ ସମ୍ଭବ । ଏହାକୁ ଦୃଷ୍ଟିରେ ରଖି ସଂଗଠନକୁ ଶକ୍ତିଶାଳୀ କରିବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା, ପରମ୍ପରା, ସଂସ୍କୃତି ଓ ସାମାଜିକ ସୁରକ୍ଷା, ଗୁଣିଗାରେଡି ଭଳି ଅନ୍ଧବିଶ୍ୱାସ ଓ ନିଶା ନିବାରଣ ଉପରେ ସଚେତନତା ସୃଷ୍ଟି କରିବା ଲାଗି କେନ୍ଦୁଝର ସହରର ଏକ ହୋଟେଲ ସଭାଗୃହରେ ଅନୁଷ୍ଠିତ ନିଖିଳ ଉତ୍କଳ ପାତ୍ର ତନ୍ତୀ କଲ୍ୟାଣ ସମିତି କେନ୍ଦୁଝର ଶାଖାର ଜିଲ୍ଲାସ୍ତରୀୟ ସାଧାରଣ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ସଭାପତି ପରମେଶ୍ୱର ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସାଧାରଣ ସମ୍ପାଦକ ଶରତଚନ୍ଦ୍ର ପାତ୍ର ସ୍ୱାଗତ ଭାଷଣ ଦେବା ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ କୁମରମଣି ତନ୍ତୀ ମୁଖ୍ୟଅତିଥି, ବିଜେଡି ଏସ୍‌ସି ସେଲ ଜିଲ୍ଲା ସଭାପତି ଭରତଚନ୍ଦ୍ର ପାତ୍ର ମୁଖ୍ୟବକ୍ତା ଓ ଚମ୍ପୁଆ ବ୍ଲକ ସମାଜ ସଭାପତି ସୁରେଶଚନ୍ଦ୍ର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏକତା ବଳରେ ଜାତିର ବିକାଶ ସମ୍ଭବ ବୋଲି ବକ୍ତା ଓ ଅତିଥିମାନେ କହିଥିଲେ। ଏହି ଅବସରରେ ପାତ୍ରତନ୍ତୀ ସମାଜ କଲ୍ୟାଣ ମଣ୍ଡପ ନିର୍ମାଣ ଓ ସଭ୍ୟ ସଂଗ୍ରହ ଅଭିଯାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଚମ୍ପୁଆର ବରିଷ୍ଠ ପ୍ରତିନିଧି ମାଗୁଣି ଚରଣ ପାତ୍ର, ଯୋଡାର ସଞ୍ଜୟ ପାତ୍ର, ଉପସଭାପତି ବାବାଜୀ ପାତ୍ର, ମାନଭଞ୍ଜନ ପାତ୍ର, ତେଲକୋଇର ଯୁଗଳ କିଶୋର ପାତ୍ର, ଲମ୍ବୋଦର ପାତ୍ର, ଗୀତାଞ୍ଜଳି ପାତ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଆଗାମୀ ଜୁନ୍ ୩୦ ତାରିଖ କେନ୍ଦୁଝରରେ ସାଧାରଣ ସଭା କରାଯାଇ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା।

### ଆୟୁର୍ବେଦ ଚିକିତ୍ସାଳୟରେ ମାସର ଅଧାଦିନ ତାଲା



ଚମ୍ପୁଆ,୩୧।୫(ଡି.ଏନ.ଏ.)- କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ପର୍ଶଳା ଆୟୁର୍ବେଦିକ ଚିକିତ୍ସାଳୟ ଥାଇ ନ ଥିଲା ପରି ରହିଛି। ଏହା ମାସର ଅଧାଦିନ ବନ୍ଦ ରହୁଥିବାରୁ ରୋଗୀମାନେ ଚିକିତ୍ସାସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରୁଛନ୍ତି। ୧୯୭୧ରୁ ନିର୍ମିତ ଏହି ଚିକିତ୍ସାଳୟରେ ଆନୁଷଙ୍ଗିକ ବ୍ୟବସ୍ଥା ରହିଥିଲେ ମଧ ଅନେକ ସମୟରେ ଏଥିରେ ତାଲା ଝୁଲୁଥିଲେ ମଧ ଉଚ୍ଚକର୍ତ୍ତୃପକ୍ଷଙ୍କ ଅଣଦେଖା ଯୋଗୁ ଏହାର କିଛି ପ୍ରତିକାର ହେଉ ନାହିଁ । ଜଣେ କର୍ମଚାରୀ ସକାଳୁ ଡାକ୍ତରଖାନା ପରିସର ଝାଡୁ ମାରିବା ପରେ ଡାକ୍ତରଖାନା ଗେଟରେ ତାଲା ଝୁଲୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରି ଏ ନେଇ ଦାବିପତ୍ର ଦେଇଛନ୍ତି ।

### କେନ୍ଦୁଝର ଜିଲାରେ ଝଡ଼ବର୍ଷା

କେନ୍ଦୁଝର, ୩୧।୫ (ସ୍ୱ.ପ୍ର.)-କେନ୍ଦୁଝର ଜିଲାରେ ଶୁକ୍ରବାର ସନ୍ଧ୍ୟାରେ ବିଭିନ୍ନ ଅଞ୍ଚଳରେ ଝଡବର୍ଷା ହୋଇଛି। ଫଳରେ ବହୁ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇପଡିଛି। ଦିନରେ ଅସହ୍ୟ ତାତି ପରେ ସନ୍ଧ୍ୟାରେ କାଳବୈଶାଖି କେତେକାଂଶରେ ପରିବେଶକୁ ଶୀତଳ କରିଛି। ଝଡବର୍ଷା ବେଳେ ପ୍ରବଳ ଘଡଘଡି ମାରିଥିଲା। ଏଥିଯୋଗୁ କୌଣସି ସ୍ଥାନରେ କିଛି କ୍ଷୟକ୍ଷତି ଘଟିଥିବା ସୂଚନା ମିଳି ନାହିଁ।

### ଶ୍ରମିକଙ୍କ ସ୍ୱାର୍ଥକୁ ଅଣଦେଖା ଅଭିଯୋଗ

କେନ୍ଦୁଝର, ୩୧।୫ (ସ୍ୱ.ପ୍ର.)- କେନ୍ଦୁଝର ଜିଲାରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନାରେ ବିଦ୍ୟୁତୀକରଣ କାମ ଚାଲିଛି। ଏସବୁ କାମ କରୁଥିବା ଠିକା ସଂସ୍ଥାମାନେ ଶ୍ରମ ଆଇନ ଅନୁଯାୟୀ କୌଣସି ସୁବିଧା ଦେଉ ନଥିବା ଶ୍ରମିକମାନେ ଅଭିଯୋଗ କରୁଛନ୍ତି। ଅନ୍ୟପକ୍ଷେ ଜିଲାରେ ଶ୍ରମିକମାନେ କାମଧନ୍ଦା ପାଉ ନ ଥିବା ବେଳେ ବାହାର ଜିଲା ଓ ରାଜ୍ୟରୁ ଶ୍ରମିକ ଆଣି କାମ କରାଯାଉଥିବାରୁ ସ୍ଥାନୀୟ ଅଂଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେବେ ବିଦ୍ୟୁତୀକରଣ କାମ କରୁଥିବା ଶ୍ରମିକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି ବୋଲି ଠିକା ସଂସ୍ଥାର କର୍ମକର୍ତ୍ତା କହିଛନ୍ତି। ଏନେଇ ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି ଜିଲା ଶ୍ରମ ଅଧିକାରୀ ଅଜୟ ପ୍ରଧାନ କହିଛନ୍ତି।

## ୪ ବର୍ଷ ହେଲା ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ର ବନ୍ଦ

# ପ୍ରକଳ୍ପ ଭବିଷ୍ୟତ ଅନ୍ଧାରରେ



କେନାଲ ଯୋଗୁଁ ମତ୍ସ୍ୟ ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇଛି।

କେନ୍ଦୁଝର, ୩୧।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ମତ୍ସ୍ୟଚାଷର ବିକାଶ ଲାଗି ଭିତ୍ତିଭୂମି ଥିଲେ ମଧ ଏହାର ସଦୁପଯୋଗ କରାଯାଉ ନାହିଁ । ଜିଲାରେ ଚାଷୀଙ୍କୁ ପ୍ରୋତ୍ସାହନ ଓ ସୁବିଧା ଯୋଗାଇବା ଲକ୍ଷ୍ୟରେ ପାଟଣା ବ୍ଲକର ମୂଷାଖୋରୀ, ତେଲକୋଇ, ଘଷିପୁରା ବ୍ଲକର ମଛାଳୋ, କେନ୍ଦୁଝର



ଜଗାରଖା ଅଭାବରୁ ଭାଙ୍ଗିରୁଜି ଗଲାଣି ପ୍ରକଳ୍ପ ଘର।

ସହରରେ ଦିଗଧନ ଏବଂ ଝୁମ୍ପୁରାଠାରେ ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ର ଖୋଲାଯାଇଥିଲା। ଏଥିମଧ୍ୟରୁ ଝୁମ୍ପୁରା ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ର ୪ବର୍ଷ ହେବ ବନ୍ଦ ହୋଇ ପଡିଛି। ବାର୍ଷିକ ୨୨ଲକ୍ଷ ମାଛ ଯାଆଁଳ ଉତ୍ପାଦନ କରୁଥିବା ଏହି ଫାର୍ମ ବନ୍ଦ ହେବା ଫଳରେ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଅନେକ ଚାଷୀ ରାଜ୍ୟ ବାହାରର ବେପାରୀଙ୍କ ଉପରେ ନିର୍ଭର କରି ଯାଆଁଳ କିଣୁଛନ୍ତି । କାନପୁର ଜଳସେଚନ ପ୍ରକଳ୍ପର ମୁଖ୍ୟ କେନାଲ ନିର୍ମାଣ କାର୍ଯ୍ୟ ଯୋଗୁ ଏହି କେନ୍ଦ୍ରରେ ଅଧା ଅଂଶ ନଷ୍ଟ ହେବାରୁ ମାଛ ଯାଆଁଳ ଉତ୍ପାଦନ ପ୍ରଭାବିତ ହୋଇଥିବା କୁହାଯାଉଛି। ପ୍ରଶାସନ ଏହାର ପୁନରୁଦ୍ଧାର ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବାରୁ କାନପୁର ଯାଆଁଳ ଉତ୍ପାଦନ ପ୍ରକଳ୍ପର ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି।

ଉଲ୍ଲେଖନୀୟ ଯେ, ଝୁମ୍ପୁରା, ଯୋଡା, ସଦର ବ୍ଲକର କେତେକ ଅଞ୍ଚଳ, ପାଟଣା ଏବଂ ଚମ୍ପୁଆ ବ୍ଲକର ଅନେକ ଚାଷୀଙ୍କୁ ମାଛ ଯାଆଁଳ ଯୋଗାଣ ଲକ୍ଷ୍ୟ ରଖି ଝୁମ୍ପୁରାରେ ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ର ଖୋଲା ଯାଇଥିଲା। ୧୯୯୫ରେ ଏହି କେନ୍ଦ୍ର ଖୋଲା ଯାଇ ୫ ଏକର ୪୦ ଡିସିମିଲ ଜାଗା ଉପରେ ୧୭ଟି ପୋଖରୀ ଖୋଳି ଯାଆଁଳ ଉତ୍ପାଦନ କରାଯାଇଥିଲା। ସେବେଠାରୁ ପତିବର୍ଷ କେନ୍ଦ୍ରରୁ ରୋହି, ଭାକୁର, ମିରିକାଳି, ଚାଇନା ରୋହି ମାଛ ଯାଆଁଳ ଚାଷୀଙ୍କୁ ଯୋଗାଇ ଦିଆଯାଉଥିଲା। ୪ବର୍ଷ ହେବ କାନପୁର ବୃହତ ଜଳସେଚନ ପ୍ରକଳ୍ପର ମୁଖ୍ୟ କେନାଲ ନିର୍ମାଣ ହେବା ପରେ ପ୍ରାୟ ୧୦ଟି ପୋଖରୀ ସହ ଏହାର ୯ ଏକର ଜାଗା କ୍ଷତିଗ୍ରସ୍ତ ହୋଇଛି। ଯାଆଁଳ ଉତ୍ପାଦନ ବନ୍ଦ ରହିବାରୁ ଚାଷୀମାନେ ହଇରାଣ ହେଉଛନ୍ତି। କେତେକ ଚାଷୀ କେନ୍ଦୁଝରଠାରେ ଥିବା ଦିଗଧନ ଏବଂ ପାଟଣା ବ୍ଲକର ମୂଷାଖୋରୀ ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ରକୁ ଯାଇ ଖର୍ଚ୍ଚାନ୍ତ ହୋଇ ଗାଡିରେ ମାଛ ଯାଆଁଳ ଆଣୁଛନ୍ତି। ଏହି ସମସ୍ୟା ନେଇ ଆରପିଡିଏସି ବୈଠକରେ ଆଲୋଚନା କରି ପଦକ୍ଷେପ ନେବାକୁ ଦାବି ହେଉଥିଲେ ମଧ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଜଳସେଚନ ଭଳି କୌଣସି ଜାତୀୟ ପ୍ରକଳ୍ପରେ ଜମି ଅଧିଗ୍ରହଣ ବେଳେ ସରକାରୀ ଓ ବେସରକାରୀ ପ୍ରକଳ୍ପ ବା କୋଠାବାଡି ନଷ୍ଟ ହେଲେ କ୍ଷତିପୂରଣ ଦେବା ବ୍ୟବସ୍ଥା ଥିଲେ ମଧ ଏହି କେନ୍ଦ୍ର ବାବଦକୁ ଟଙ୍କାଟିଏ କ୍ଷତିପୂରଣ ମିଳିନାହିଁ । ଏପରି କି ଅନ୍ୟତ୍ର ଜାଗା ଯୋଗାଇ ଦେବା ସକାଶେ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଏ ସମ୍ପର୍କରେ ଜିଲା ମତ୍ସ୍ୟ ଅଧିକାରୀ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ମନୋରମା ମହାପାତ୍ର କହିଛନ୍ତି, କେନ୍ଦୁଝର ଜିଲାପାଳ, କାନପୁର ଜଳସେଚନ ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ ଏବଂ ଝୁମ୍ପୁରା ତହସିଲଦାରଙ୍କୁ ଅନେକ ଥର ଚିଠି କରାଯାଇଥିଲେ ମଧ୍ୟ ରାଜସ୍ୱ ବିଭାଗ ପକ୍ଷରୁ ନୂତନ ସ୍ଥାନ ଚିହ୍ନଟ କରି ଯୋଗାଇ ଦିଆଯାଉ ନାହିଁ। ଏ ସମ୍ପର୍କରେ କାନପୁର ଜଳସେଚନ ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ସିଂଙ୍କୁ ପଚାରିବାରୁ ମତ୍ସ୍ୟ ଚାଷ ବିଭାଗ କ୍ଷୟକ୍ଷତି ସମ୍ପର୍କରେ ଜଣାଇଲେ ଏହାର ସମାଧାନ କରାଯାଇପାରିବ ବୋଲି କହିଛନ୍ତି।

### ଅବସରପ୍ରାପ୍ତ କର୍ମଚାରୀଙ୍କ ସଫେଇ କାର୍ଯ୍ୟକ୍ରମ

କେନ୍ଦୁଝର, ୩୧।୫ (ସ୍ୱ.ପ୍ର.)

ସର୍ବଭାରତୀୟ ଅବସରପ୍ରାପ୍ତ କେନ୍ଦ୍ର ସରକାରୀ କର୍ମଚାରୀ ସଂଘ କେନ୍ଦୁଝର ଶାଖା ଆନୁକୂଲ୍ୟରେ ସ୍ୱଚ୍ଛତା ଅଭିଯାନକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେନ୍ଦୁଝରଗଡ଼ ପୌରପାଳିକା ଅନ୍ତର୍ଗତ ତେଲକୋଇ-ସମ୍ବଲପୁର ବସଷ୍ଟାଣ୍ଡ ଜାତୀୟ ରାଜପଥ-୪୯ର ଜେଲରୋଡ ନିକଟ ଅଞ୍ଚଳରେ ପରିତ୍ୟକ୍ତ ଅବସ୍ଥାରେ ପଡିଥିବା ବର୍ଜ୍ୟବସ୍ତୁ, ଅନାବନା ଗଛଲତା, ଅଳିଆ ଆବର୍ଜନା ସଫା କରା ଯାଇଥିଲା। ଏଥିସହ ସହ ନାଳ ନର୍ଦ୍ଦମା ସଫା କରି ବ୍ଲିଚିଂ ପାଉଡର ପକାଯାଇଥିଲା। ସଂଘର ସଦସ୍ୟମାନେ ଏହି ସଫେଇ କାର୍ଯ୍ୟ କରିଥିଲେ। ସ୍ୱଚ୍ଛତା ଅଭିଯାନରେ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟ କରି ଅବସର ନେଇଥିବା ଜିଲା ପେନସନ ସଂଘର ସଦସ୍ୟ ଶଙ୍କର୍ଷଣ ମହାପାତ୍ରଙ୍କ ସମେତ କୀର୍ତ୍ତିଚନ୍ଦ୍ର ଦାସ,ଶରତ ଚନ୍ଦ୍ର ପାତ୍ର, ଗୋବିନ୍ଦ ଚନ୍ଦ୍ର ଦାସ, ଅଶୋକ କୁମାର ଦାସ ପ୍ରମୁଖ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନାଥ କୁମାର ଗାଙ୍ଗୁଲି, ଭାସ୍କର ଚନ୍ଦ୍ର ମିଶ୍ର, ଖଗେଶ୍ୱର ମହାନ୍ତ, ରାଜକିଶୋର ରାଉତ, ସ୍ୱପ୍ନେଶ୍ୱର ସାହୁ,ସରୋଜ କୁମାର ନାୟକ,ବିଦ୍ୟାଧର ରଣା,ବାସୁଦେବ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।

## ୧୪୪ ଧାରା ସତ୍ତ୍ୱେ ଜଜାଙ୍ଗ ଖଣିରେ ଶ୍ରମିକ ଆନ୍ଦୋଳନ ଜାରି

ଯୋଡ଼ା, ୩୧।୫(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳ ଅନ୍ତର୍ଗତ ଜଜାଙ୍ଗ ଖଣିରେ ଶ୍ରମିକ ଅଶାନ୍ତି ଜାରି ରହିଛି। ବର୍ଦ୍ଧିତ ଦରମା ପ୍ରଦାନ ଦାବିରେ ଶ୍ରମିକମାନେ ଚଳାଇଥିବା ଆନ୍ଦୋଳନ ଶୁକ୍ରବାର ୬ଷ୍ଠ ଦିନରେ ପହଞ୍ଚିଛି । ଉତ୍ତେଜନା ପୂର୍ଣ୍ଣ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ପୋଲିସ ମୁତୟନ ସହ ୧୪୪ ଧାରା ଜାରି କରାଯାଇଛି। ଏହାସତ୍ତ୍ୱେ ଶ୍ରମିକମାନେ ଦାବି ପୂରଣ ଜିଦ୍‌ରେ ଆନ୍ଦୋଳନ ଜାରି ରଖିଥିବାରୁ ଖଣିରେ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଜିଲା ପ୍ରଶାସନ ଓ ଶ୍ରମ ବିଭାଗ ବିବାଦର ସମାଧାନ ପାଇଁ କୌଣସି ଉଦ୍ୟମ କରୁ ନ ଥିବା ଅଭିଯୋଗ ହୋଇଛି। ଏପରିସ୍ଥଳେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଶ୍ରମିକମାନେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ଏହି ଆନ୍ଦାଳନକୁ ନେଇ ଶ୍ରମିକ ସଂଗଠନରେ ବିରୋଧାଭାସ ପ୍ରକାଶ ପାଇବା ଘଟଣା ପଦାକୁ ଆସିଛି।

ଆନ୍ଦୋଳନକାରୀ ଶ୍ରମିକ ଅଭିଯୋଗ କରିଛନ୍ତି ଯେ, ଉକ୍ତ ଖଣିରେ ପ୍ରାୟ ୧୮ଶହ ଶ୍ରମିକ ବିଭିନ୍ନ ଠିକାଦାରଙ୍କ ଅଧୀନରେ କାର୍ଯ୍ୟ କରୁଛନ୍ତି। ପ୍ରତି ୪ ବର୍ଷରେ ଥରେ ଶ୍ରମିକମାନଙ୍କୁ ବାର୍ଷିକ ବର୍ଦ୍ଧିତ ଦରମା ଦେବା ସକାଶେ କମ୍ପାନୀ, ଆସିଷ୍ଟାଣ୍ଟ ଲେବର କମିଶନର ଓ ଖଣିର ଅନୁବନ୍ଧିତ ଶ୍ରମିକ ସଂଘ ମଧ୍ୟରେ ପୂର୍ବରୁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଶ୍ରମିକମାନଙ୍କୁ ୪ବର୍ଷର ବର୍ଦ୍ଧିତ ଦରମା ପ୍ରଦାନ ପରିବର୍ତ୍ତେ ୧୧ମାସର ଦରମା ଦିଆଯିବାରୁ ଶ୍ରମିକମାନେ ରବିବାରଠାରୁ ଏହାର ପ୍ରତିବାଦରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଆନ୍ଦୋଳନ କରିବା ପୂର୍ବରୁ ଶ୍ରମିକମାନେ କମ୍ପାନୀ କିମ୍ବା ପ୍ରଶାସନକୁ ଜଣାଇ ନ ଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ଆଶଙ୍କାରେ ପ୍ରଶାସନ ପକ୍ଷରୁ ବୁଧବାରଠାରୁ ୧୪୪ଧାରା ଜାରି କରାଯାଇଛି। ଏହାସତ୍ତ୍ୱେ ଶ୍ରମିକମାନେ ଆନ୍ଦୋଳନ ଓ ଧାରଣା ଜାରି ରଖିଛନ୍ତି । ଶ୍ରମିକମାନଙ୍କ ଦାବିକୁ ସମର୍ଥନ ଦେଉଥିବା ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ର ଉପଦେଷ୍ଟା ବିରଜା ମିଶ୍ର କହିଛନ୍ତି, ଚୁକ୍ତି ଅନୁଯାୟୀ ଶ୍ରମିକମାନେ ପ୍ରାପ୍ୟ ନ ପାଇବା କ୍ଷୋଭର ବିଷୟ। ୬ଦିନ ଧରି ଆନ୍ଦୋଳନ କରାଯିବା ସତ୍ତ୍ୱେ ଜିଲା ପ୍ରଶାସନ ଓ ଶ୍ରମ ବିଭାଗର ଉଦାସୀନତା ଚିନ୍ତା ବଢାଇଛି। କମ୍ପାନୀ ସହ ଅନୁବନ୍ଧିତ ଏଆଇଟିୟୁସି ଶ୍ରମିକ ସଂଗଠନର ଜିଲା ସାଧାରଣ ସମ୍ପାଦକ ମହେଶ୍ୱର ରାଉତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି,ଉକ୍ତ ଖଣିରେ ନୂତନ ଶ୍ରମିକ ସଂଗଠନ କରିବା ଆଳରେ କେତେକ ବ୍ୟକ୍ତି ବିବାଦୀୟ ସ୍ଥିତି ସୃଷ୍ଟି କରୁଛନ୍ତି। ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବା ଆବଶ୍ୟକ। ଏଆଇଟିୟୁସିର ଜିଲା ସାଧାରଣ ସମ୍ପାଦକ ମହେଶ୍ୱର ରାଉତ ମଧ ଅନୁରୂପ ପ୍ରତିକ୍ରିୟା ପ୍ରକାଶ କରନ୍ତି।

## ଜଙ୍ଗଲ ଜମିପଟ୍ଟା ବଣ୍ଟନରେ ଅନିୟମିତତା

ହାଟଡିହୀ, ୩୧।୫ (ଡି.ଏନ.ଏ.)

- ସରକାରୀ ତଥ୍ୟରେ ରହୁନି ତାଳମେଳ
- ତାଲିକାରେ ନାଁ ଥିବା ବ୍ୟକ୍ତିଙ୍କୁ ମିଳିନି ପଟ୍ଟା

କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ବିଭିନ୍ନ ପଞ୍ଚାୟତରେ ଫରେଷ୍ଟ ରିଜର୍ଭ ଆକ୍ଟ (ଏଫଆରଏ)ଅନୁସାରେ ଜଙ୍ଗଲ ଜମିପଟ୍ଟା ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ମିଳିଛି। ତହସିଲ ଓ ବ୍ଲକ ଜରିଆରେ କେତେ ଲୋକଙ୍କୁ ଏହି ପଟ୍ଟା ଦିଆଯାଇଛି ସେ ନେଇ ସ୍ପଷ୍ଟ ହିସାବ ମିଳୁ ନାହିଁ । ବିଭାଗୀୟ କର୍ମଚାରୀ ଦେଉଥିବା ତଥ୍ୟରେ ମଧ ତାଳମେଳ ରହୁ ନାହିଁ । ଏହି ଅଞ୍ଚଳରେ କେତେକ ସ୍ୱଚ୍ଛଳ ଶ୍ରେଣୀର ଲୋକ ଜଙ୍ଗଲ ଜମିପଟ୍ଟା ହାତେଇ ନେଇଥିବା ବେଳେ ଗରିବ ତଥା ପ୍ରକୃତ ଲୋକେ ଉପେକ୍ଷିତ ହୋଇଥିବା ଅଭିଯୋଗ ହେଉଛି। ଏ ପରିକି ତହସିଲ ଓ ବ୍ଲକ ତରଫରୁ ଜମି ପଟ୍ଟା ବଣ୍ଟନ ସଂଖ୍ୟାରେ ଫରକ ରହିଥିବା କୁହାଯାଉଛି ।

ଉଲ୍ଲେଖନୀୟ ଯେ, ୨୦୧୪ ପୂର୍ବରୁ ଏ ଅଞ୍ଚଳରେ କେ.ବାଲିପାଳ, ପଡ଼ିଆରୀପଲୀ, ବାଙ୍ଗୋର, ହଦଗଡ଼, ଧର୍ଣ୍ଣୁଜପୁର, ଗେଡ଼ମା, ଅଁରା ପ୍ରଭୃତି ପଞ୍ଚାୟତରେ ଲୋକଙ୍କୁ ଜଙ୍ଗଲ ଜମିପଟ୍ଟା ବଣ୍ଟନ କରାଯାଇଥିଲା। ନିୟମ ଅନୁସାରେ ଯେଉଁ ବ୍ୟକ୍ତି ତା୧୩।୧୨।୨୦୦୫ରିଖ ପୂର୍ବରୁ ଦଖଲରେ ଥିବେ ସେମାନେ ପଟ୍ଟା ପାଇବାକୁ ଯୋଗ୍ୟ ବିବେଚିତ ହେବାର ବ୍ୟବସ୍ଥା ରହିଥିଲା। ସମ୍ପ୍ରତି ତହସିଲ ତରଫରୁ ଦୁଇ ଜଣ ଅମିନ ଏସବୁ ପଟ୍ଟାର ସଂଶୋଧନ ଓ ଯାଞ୍ଚ କରୁଛନ୍ତି । ପଟ୍ଟା ପାଇଥିବା ବ୍ୟକ୍ତିଙ୍କୁ ଜାଗା ଚିହ୍ନଟ କରି ସେମାନେ ଦଖଲ ଦେବେ। ଅମିନଙ୍କ କହିବା ଅନୁଯାୟୀ, ଜିଲା ଆଇଟିଡିଏ ତରଫରୁ ସେମାନଙ୍କ ନିକଟକୁ ୧୬୪୩ ଜଣଙ୍କର ରେକର୍ଡ଼ ଆସିଛି, ଯେଉଁମାନଙ୍କୁ ପଟ୍ଟା ମିଳିଛି । ଜାଗା ଚିହ୍ନଟ ବେଳେ ତାଲିକାରେ ନାଁ ଥିବା କେତେକ ବ୍ୟକ୍ତି ଆଦୌ ପଟ୍ଟା ପାଇ ନ ଥିବା କହିଛନ୍ତି। ଏ ସମ୍ପର୍କରେ ହାଟଡିହୀ ସମାଜ ମଙ୍ଗଳ ଅଧିକାରୀ ଶଙ୍କର୍ଷଣ ବାରିକଙ୍କୁ ପଚାରିବାରୁ କହିଛନ୍ତି ଯେ, ୨୦୧୪ ପୂର୍ବରୁ ଏ ଅଞ୍ଚଳରେ ୨୩୨୫ ଜଣଙ୍କୁ ଜଙ୍ଗଲ ଜମିପଟ୍ଟା ଦିଆଯାଇଥିବା ସୂଚନା ରହିଛି। ତାହା ପରଠାରୁ ଆଉ କାହାକୁ ଜମିପଟ୍ଟା ଦିଆଯାଇ ନାହିଁ । ଲୋକଙ୍କ ଅଭିଯୋଗ ଅନୁଯାୟୀ ଘଟଣାର ଅନୁସନ୍ଧାନ କରାଯିବ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଅଞ୍ଚଳବାସୀ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଅଯୋଗ୍ୟ ବ୍ୟକ୍ତି ହାତେଇଥିବା ଜମିପଟ୍ଟା ବିଚିଲ କରିବା ଏବଂ ଏହାପଛରେ କୌଣସି ସମ୍ପୃକ୍ତ କର୍ମଚାରୀଙ୍କ ହାତ ଥିଲେ, ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

### ବିପର୍ଯ୍ୟସ୍ତ ପରିବେଶ: କାହାରି ନଜର ନାହିଁ

ହାଟଡିହୀ, ୩୧।୫ (ଡି.ଏନ.ଏ.)

ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ରକ୍ଷା ଲାଗି ସବୁଠି ଗୁରୁତ୍ୱାରୋପ କରାଯାଉଥିବା ବେଳେ କେନ୍ଦୁଝର ଜିଲା ହାଟଡିହୀ ତହସିଲ କାର୍ଯ୍ୟାଳୟ ପରିସର ଏହି ଯୋଜନାରୁ ବାଦ ପଡିଥିବା ଅଭିଯୋଗ ହେଉଛି। କାର୍ଯ୍ୟାଳୟ ପରିସରରେ ଅଳିଆ ଆବର୍ଜନା ଜମା ହୋଇ ରହୁଛି। ସାମାନ୍ୟ ବର୍ଷା ହେଲେ ଅବସ୍ଥା ଆହୁରି ସାଂଘାତିକ ହୋଇପଡୁଛି। ତହସିଲ ଅଫିସ ଛାତ ଉପରେ ଥିବା ପାଣିଟାଙ୍କିରେ ବର ଓସ୍ତ ଗଛ ଉଠି ଏହାକୁ ଆବୃତ୍ତ କରି ରଖିଛି। ପାଇଖାନା ଗୃହ ଝରକାରେ ମଧ ଗଛ ଉଠିବା ଦେଖାଯାଉଛି । ଏଥିଲାଗି ଛାତ ଓ କାନ୍ଥ ଧୀରେ ଧୀରେ ଫାଟିବାକୁ ଆରମ୍ଭ କଲାଣି । ଏଥିପ୍ରତି କାହାରି ନଜର ନ ଥିବାରୁ ତହସିଲ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ବିସ୍ମୟ ପ୍ରକାଶ କରିଛନ୍ତି।

## ସରିଲା ରୌପ୍ୟ ଜୟନ୍ତୀ ପାଲା ମହୋତ୍ସବ



ମାନପୁରା ରୌପ୍ୟ ଜୟନ୍ତୀ ପାଲା ମହୋତ୍ସବ ଉଦଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ପାଟଣା,୩୧।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ କଣ୍ଟିଆପଡା ପଞ୍ଚାୟତ ମାନପୁର ଗ୍ରାମର ସତ୍ୟନାରାୟଣ ଶିଶୁ ପାଲା ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ପାଲା ମହୋତ୍ସବ ଗୁରୁବାର ଉଦଯାପିତ ହୋଇଯାଇଛି। ଆୟୋଜିତ ସଭାରେ ପାଲା କମିଟିର ସଭାପତି ଲକ୍ଷ୍ମୀଧର ନାଏକ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ରୂପେ ପାଲା ଗାୟକ ବୈଷ୍ଣବ ଚରଣ ମହାନ୍ତ, ସମ୍ମାନିତ ଅତିଥି ରୂପେ କବି ପର୍ଶୁରାମ ପଣ୍ଡା, ଦୁର୍ଗାଚରଣ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ କୈଳାସ ଚନ୍ଦ୍ର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ବାରିକ ଲୋକକଳା ପାଲା ସଂସ୍କୃତି ଆମ ଓ ଜନଜୀବନକୁ କିଭଳି ସଂସ୍କୃତି ସମ୍ପନ୍ନ କରି ଗଢି ତୋଳିବାରେ ସହାୟକ ହୋଇଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତ ବର୍ଷ ପାଲାଗାୟକ ଡ଼ଃ ଧୀରେନ ରାଉତ, ସୁଫଳ ବେହେରା ଓ ଧନେଶ୍ୱର ମହାନ୍ତ ଓ ତାଙ୍କ ସାଥୀଙ୍କ ମଧ୍ୟରେ ବାଦୀପାଲା ଅନୁଷ୍ଠିତ ହୋଇଥିଲା। ଏହିଅବସରରେ ବିଗତ ୨୪ବର୍ଷ ପାଲା ପରିବେଷଣ କରି ଉଲ୍ଲେଖନୀୟ ଅବଦାନ ରଖିଥିବା କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାଲା ଅନୁଷ୍ଠାନର ସମ୍ପାଦକ ଗୌରହରି ମହାନ୍ତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ପର୍ଶୁରାମ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଶାସନର ଦ୍ୱାରସ୍ଥ ୧୧ ୱାର୍ଡମେମ୍ବର



ଏବିଡିଓଙ୍କୁ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯାଉଛି।

ଚମ୍ପୁଆ,୩୧।୫(ଡି.ଏନ.ଏ.)–

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭୂଇଁପୁର ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟରେ ସ୍ଥାଣୁତା ଲାଗି ରହିଥିବା ନେଇ ଶୁକ୍ରବାର ୧୧ ଜଣ ୱାର୍ଡମେମ୍ବର ଚମ୍ପୁଆ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ବିଡିଓଙ୍କ ଅନୁପସ୍ଥିତିରେ ସେମାନେ ଏବିଡିଓ ଶରତ ଚନ୍ଦ୍ର ବାରିକଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରି ପ୍ରତିକାର ଦାବି କରିଛନ୍ତି।

ସେମାନେ ଦର୍ଶାଇଛନ୍ତି ଯେ, ବ୍ଲକ ପ୍ରଶାସନର ଅଣଦେଖା ଯୋଗୁ ଭୂଇଁପୁର ପଞ୍ଚାୟତ ଗଠନର ୩ ବର୍ଷ ପରେ ମଧ୍ୟ କୌଣସି ଆଖିଦୃଶିଆ ଉନ୍ନୟନ କାର୍ଯ୍ୟ ହୋଇ ନାହିଁ । ଯେଉଁଠି ସରକାରୀ ଅନୁଦାନ ଖର୍ଚ୍ଚ ହେଉଛି ସେସମ୍ପର୍କରେ ୱାର୍ଡମେମ୍ବରଙ୍କୁ ଅବଗତ କରାଯାଉନାହିଁ। ନିୟମିତ ପଞ୍ଚାୟତ ନିର୍ବାହୀ ଅଧିକାରୀ ନ ଥିବାରୁ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁ ନ ଥିବା କର୍ତ୍ତୃପକ୍ଷ ସଫେଇ ଦେଉଛନ୍ତି। ବିଭିନ୍ନ ପଞ୍ଚାୟତକୁ ଉନ୍ନୟନ କାର୍ଯ୍ୟ ଲାଗି ଆସୁଥିବା ଅନୁଦାନ ୱାର୍ଡମେମ୍ବରଙ୍କ ଜ୍ଞାତସାରରେ ଖର୍ଚ୍ଚ କରିବା ନିୟମ ରହିଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ବନ୍ଧ ପୋଖରୀରୁ ପଙ୍କ ଉଦ୍ଧାର, ରାସ୍ତା ମରାମତି, ଉଜ୍ଜ୍ୱଳା ବିଦ୍ୟୁତ ବଲ୍‌ବ ବଣ୍ଟନ, ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର, ମୋ ପୋଖରୀ, ହରିଶଚନ୍ଦ୍ର ସହାୟତା, ବିପିଏଲ ବିଜୁଳି ବଣ୍ଟନ ଆଦି କାର୍ଯ୍ୟ ପଞ୍ଚାୟତରେ ଠିକ ଭାବେ ହେଉ ନ ଥିବାରୁ ପ୍ରକୃତ ହିତାଧିକାରୀ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ୱାର୍ଡମେମ୍ବରମାନଙ୍କଠାରୁ ଏଭଳି ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ଏବିଡିଓ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

## ଚାହିଦା ଅନୁଯାୟୀ ମିଳୁନି ପାନୀୟଜଳ

କେନ୍ଦୁଝର, ୩୧।୫(ଡି.ଏନ୍.ଏ.)



ପାନୀୟ ଜଳ ପ୍ରକଳ୍ପ।

- କେନ୍ଦୁଝର ପୌରାଞ୍ଚଳରେ ଜଳକଷ୍ଟ
- ୧କୋଟି ୫ଲକ୍ଷ ଲିଟର ଜଳ ଆବଶ୍ୟକ, ମିଳୁଛି ୯୯ଲକ୍ଷ ଲିଟର
- ତଳମୁଣ୍ଡରେ ପହଞ୍ଚୁନି ପାଣି

କେନ୍ଦୁଝର ପୌରାଞ୍ଚଳରେ ବର୍ଦ୍ଧିତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପିଇବା ପାଣି ଯୋଗାଯାଇ ପାରୁ ନାହିଁ। ସହରବାସୀଙ୍କ ଲାଗି ଦୈନିକ ୧କୋଟି ୫ଲକ୍ଷ ଲିଟର ପାନୀୟ ଜଳ ଆବଶ୍ୟକ ଥିବା ବେଳେ ଏବେ ସମୁଦାୟ ୯୯ଲକ୍ଷ ଲିଟର ଯୋଗାଯାଉଛି। ଫଳରେ ପାଇପ ଜଳ ଲୋକଙ୍କ ଆବଶ୍ୟକତା ପୂରଣ କରିପାରୁନାହିଁ। ବର୍ତ୍ତମାନ ଖରାଦିନେ ସହର ତଳି ଅଞ୍ଚଳରେ ଜଳକଷ୍ଟର ସୀମା ରହୁ ନାହିଁ । ଏହାବାଦ ଜଳଯୋଗାଣ ବନ୍ଦ ହେଲେ ଟ୍ୟାଙ୍କର ଯୋଗେ ଜଳ ଯୋଗା ଯାଉଥିଲେ ବି ଦିନକୁ ଦିନ ସ୍ଥିତି ବିଗିଡିବାରେ ଲାଗିଛି। ଜଳ ଯୋଗାଣ ପରିମାଣ ବୃଦ୍ଧି ଲାଗି ପ୍ରକଳ୍ପ କ୍ଷମତାର ବିକାଶ ଦିଗରେ କୌଣସି ଯୋଜନାବଦ୍ଧ ପଦକ୍ଷେପ ନିଆଯାଉ ନ ଥିବାରୁ ସହରବାସୀ ଚିନ୍ତା ପ୍ରକଟ କରିଛନ୍ତି।

୨୦୧୧ ଜନଗଣନା ଅନୁସାରେ ସହରର ଲୋକସଂଖ୍ୟା ୬୬,୦୦୦ ଥିଲା। ଏହା ମଧରେ ଉକ୍ତ ସଂଖ୍ୟା ୮୦ ହଜାରକୁ ବୃଦ୍ଧି ପାଇଲାଣି। ପୌରାଞ୍ଚଳବାସୀଙ୍କୁ ଜଳ ଯୋଗାଣ ଲାଗି କେନ୍ଦୁଝର ସହରର ଉପକଣ୍ଠ କୁଡିଆଘାଟିଠାରେ ୪ଟି ବିଶୋଧନାଗାର ରହିଛି। ଏଥିରୁ ୨ଟି ୫୦ହଜାର ଗ୍ୟାଲନ୍ ଓ ଗୋଟିଏ ୧ଲକ୍ଷ ଗ୍ୟାଲନ୍ ବିଶିଷ୍ଟ ରିଜର୍ଭୟରରୁ ଦିନକୁ ୩ଥର ସହରକୁ ପିଇବା ପାଣି ଛଡା ଯାଉଛି। ଏହାବାଦ ବଡପଶିଠାରେ ଅନ୍ୟ ଏକ ବିଶୋଧନାଗାର ରହିଛି। ସ୍ଥାନୀୟ ବଡଘାଗରା ପ୍ରକଳ୍ପରୁ ପାଣି ଅଣାଯାଇ କୁଡିଆ ଘାଟିରେ ଥିବା ବିଶୋଧନାଗାର ଜରିଆରେ ଏବେ ଦିନକୁ ୬୬ଲକ୍ଷ ଲିଟର ଓ ବଡପଶି ବିଶୋଧନାଗାର ଜରିଆରେ କାନ୍‌ଝାରୀ ଡ୍ୟାମ୍‌ରୁ ଅଣାଯାଉଥିବା ୩୩ଲକ୍ଷ ଲିଟର ପାଣି ସହରକୁ ଯୋଗାଯାଉଛି। ଚାହିଦା ଅନୁଯାୟୀ ଜଳ ଯୋଗାଣ ହୋଇପାରୁ ନ ଥିବାରୁ ତଳମୁଣ୍ଡରେ ଏହା ଠିକ୍ ଭାବେ ପହଞ୍ଚି ପାରୁ ନ ଥିବା ଅଭିଯୋଗ ହେଉଛି। ସହରର ଜେଲ ରୋଡ, କଲେଜ ରୋଡ ଓ ମେଡିକାଲ ନିକଟରେ ୩ଟି ରିଜର୍ଭୟର ଥିବା ସତ୍ତ୍ୱେ ଖରାଦିନେ ଜଳ ଯୋଗାଣରେ ବିଭିନ୍ନ ଅବ୍ୟବସ୍ଥା ପରିଲକ୍ଷିତ ହେଉଥିବାରୁ ଲୋକେ ଜଳକଷ୍ଟ ଭୋଗୁଛନ୍ତି। ଏ ସମ୍ପର୍କରେ କେନ୍ଦୁଝର ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ଘାସିରାମ ମାଝିଙ୍କ ପଚାରିବାରୁ କହିଛନ୍ତି, ସହରର ବର୍ଦ୍ଧିତ ଜନସଂଖ୍ୟା ଦୃଷ୍ଟିରୁ ଏବେ ଦୈନିକ ୧କୋଟି ୫ଲକ୍ଷ ଲିଟର ପାନୀୟ ଜଳ ଯୋଗାଣର ଆବଶ୍ୟକତା ରହିଛି। ତଦନୁସାରେ କମ୍ ଜଳ ଯୋଗାଣ ହେଉଥିବାରୁ ସମସ୍ୟା ପ୍ରତିକାର ଲାଗି ବିଭାଗ ଯୋଜନାବଦ୍ଧ ପଦକ୍ଷେପ ନେବାକୁ ଲକ୍ଷ୍ୟ ରଖିଛି।